R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୦୩
ତିଥି : ତ୍ରୟୋଦଶୀ
୧୬ ଜାନୁଆରୀ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 103
16 January 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ସୁପ୍ରିମ୍‌କୋର୍ଟରେ ମମତାଙ୍କୁ ଝଟ୍‌କା

# ଇଡି ଅଧିକାରୀଙ୍କ ବିରୋଧରେ ଏତଲା ସ୍ଥଗିତ



- ଇଡି-ମମତା ସରକାର ମାମଲା
- ପ.ବଙ୍ଗ ସରକାରଙ୍କୁ ରିପୋର୍ଟ ତଲବ
- ଫେବୃଆରୀ ୩ରେ ପରବର୍ତ୍ତୀ ଶୁଣାଣି
- ଘଟଣାକୁ ଅରାଜକତା କହିଲେ ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୧୫ ।୧ : ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ପଶ୍ଚିମବଙ୍ଗ ସରକାର ଓ କୋଲକାତା ପୋଲିସକୁ ସୁପ୍ରିମ୍‌କୋର୍ଟରୁ ଝଟ୍‌କା ଲାଗିଛି । ସୁପ୍ରିମ୍‌କୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀଙ୍କ ବିରୋଧରେ ହୋଇଥିବା ଏତଲା ଉପରେ ସ୍ଥଗିତ ରଖିବା ସହ ଏ ସମ୍ପର୍କରେ ପଶ୍ଚିମବଙ୍ଗ ସରକାରଙ୍କୁ ଜବାବ ମାଗିଛନ୍ତି ।

ଜଷ୍ଟିସ୍ ପ୍ରଶାନ୍ତ ମିଶ୍ର ଓ ଜଷ୍ଟିସ୍ ବିପୁଲ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଇଡିର ଆବେଦନ ସମ୍ପର୍କରେ ଶୁଣାଣି କରୁଥିଲେ । ପଶ୍ଚିମବଙ୍ଗରେ ଆଇ-ପ୍ୟାକ୍ ଅଫିସ ଚଢ଼ାଉବେଳେ ମମତା ଓ ପୋଲିସ ପକ୍ଷରୁ ଯେଉଁ ବାଧା ଦିଆଗଲା ସେ ସମ୍ପର୍କରେ ଇଡି ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିଲା । ଦୁଇଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓ ବ୍ୟକ୍ତିଗତ ଓ ପ୍ରଶିକ୍ଷଣ ବିଭାଗ ସମେତ ତୃଣମୂଳକ କଂଗ୍ରେସ ସରକାରଙ୍କୁ ଡିଜିପି ରାଜୀବ କୁମାର ଓ କୋଲକାତା ପୋଲିସ କମିଶନର ମନୋଜ କୁମାର ବର୍ମାଙ୍କ ନିଲମ୍ବନ ଉପରେ ଆସିଥିବା ଆବେଦନ ସମ୍ପର୍କରେ ମତ ଲୋଡ଼ିଛନ୍ତି । ଏହାଛଡା ଏହି ଘଟଣାର ସିବିଆଇ ତଦନ୍ତ ନେଇ ମଧ୍ୟ ଉତ୍ତର ମାଗିଛନ୍ତି । ଇଡି ଓ ମମତା ବାନାର୍ଜୀ ସରକାରଙ୍କ ମଧ୍ୟରେ ଆଇ-ପ୍ୟାକ୍ ପରିସରରେ ଚଢ଼ାଉ ବେଳେ ମୁହାଁମୁହିଁ ସ୍ଥିତି ସୃଷ୍ଟି ହୋଇଥିଲା । ଆଇ-ପ୍ୟାକ୍ ତୃଣମୂଳ କଂଗ୍ରେସର ନିର୍ବାଚନ ପରିଚାଳନା କରିଥାଏ । ଏକ ଦୁର୍ନୀତି ମାମଲାରେ ଇଡି ଏହା ଉପରେ ଚଢ଼ାଉ କରିଥିଲା । ସୁପ୍ରିମ୍‌କୋର୍ଟ କହିଥିଲେ ଯେ ପ୍ରାଥମିକ ସ୍ତରରୁ ଏହା ଜଣାପଡୁଛି ଯେ କେନ୍ଦ୍ରୀୟ ଏଜେନ୍ସି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଆଣିଛନ୍ତି । ତଦନ୍ତ ସମୟରେ ରାଜ୍ୟ ସଂସ୍ଥା ଏଥିରେ ହସ୍ତକ୍ଷେପ କରିଛି । ଯାହା ଅରାଜକତାକୁ ଦର୍ଶାଉଛି । କେନ୍ଦ୍ରୀୟ ସଂସ୍ଥା ଯଦି କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ କାର୍ଯ୍ୟକରେ ତେବେ ଏହା ମଧ୍ୟ ଏକ ଗୁରୁତର ଅପରାଧ । କାରଣ ଜଣେ ଦଳୀୟ କାର୍ଯ୍ୟକୁ ସେମାନେ ବାଧା ଦେବାନେଇ ମଧ୍ୟ ପ୍ରଶ୍ନ ଉଠିପାରେ । ଫେବୃଆରୀ ୩ରେ ଏହି ମାମଲାର (୯ ପୃଷ୍ଠାରେ)

# ସୁନ୍ଦରଗଡ଼ରେ ଗୋଷ୍ଠୀ ସଂଘର୍ଷ : ୧୨ ଆହତ



ସୁନ୍ଦରଗଡ଼, ୧୫ ।୧ (ସବ୍ୟ): ସୁନ୍ଦରଗଡ଼ ସହରରେ ଦୁଇ ଗୋଷ୍ଠୀ ମଧ୍ୟରେ ହିଂସାତ୍ମକ ସଂଘର୍ଷ ଘଟିଛି । ସ୍ଥିତି ଅଣାୟତ୍ତ ହେବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁନ୍ଦରଗଡ଼ ସହରରେ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରିବା ସହ ସମଗ୍ର ସହରରେ ବିଏନଏସ ଧାରା ୧୬୩ (ପୂର୍ବରୁ ୧୪୪ ଧାରା) ଲାଗୁ କରିଛି । ଏହା ସହିତ ଶୁକ୍ରବାର ସୁନ୍ଦରଗଡ଼ ସହରର ସମସ୍ତ ସ୍କୁଲ କଲେଜକୁ ବନ୍ଦ ଘୋଷଣା କରିଛନ୍ତି ଜିଲ୍ଲାପାଳ ।

- ଇଣ୍ଟରନେଟ୍ ସେବା ବନ୍ଦ
- ସହରରେ ବିଏନ୍‌ଏସ୍ ୧୬୩ ଧାରା ଜାରି
- ୪ ପୁଲିସ କର୍ମଚାରୀଙ୍କ ସମେତ ୧୨ ଜଣ ଆହତ
- ଶୁକ୍ରବାର ସ୍କୁଲ କଲେଜ ବନ୍ଦ ଘୋଷଣା କଲେ ଜିଲ୍ଲାପାଳ

ସୂଚନା ଅନୁଯାୟୀ ଗୁରୁବାର ସକାଳ ପ୍ରାୟ ୧୧ଟା ସମୟରେ ସହରର ରେଜେଣ୍ଟ ମାର୍କେଟ ଅଞ୍ଚଳରେ କୌଣସି କାରଣକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା । ଏହି ସଂଘର୍ଷରେ ଉଭୟ ପକ୍ଷରୁ ପ୍ରବଳ ଟେକାପଥର ମାଡ଼ ହେବା ସହ କିଛି ବ୍ୟକ୍ତି ଖଣ୍ଡା ଓ ମାରଣାସ୍ତ୍ର ବ୍ୟବହାର କରିଥିବା ଅଭିଯୋଗ ହୋଇଛି । ହିଂସାରେ ୪ ଜଣ ପୁଲିସ କର୍ମଚାରୀଙ୍କ ସମେତ ପ୍ରାୟ ୧୨ ଜଣ ଆହତ ହୋଇଥିବା ବେଳେ ଆହତମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କରାଯାଉଛି । ସ୍ଥିତିକୁ ନଜରରେ ରଖି ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ, ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ୍ ସିଂଙ୍କ ସହ ବରିଷ୍ଠ (୯ ପୃଷ୍ଠାରେ)

# କେନ୍ଦୁଝର ବାଇପାସ ରୋଡର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ



କେନ୍ଦୁଝର, ୧୫।୧ (ସବ୍ୟ) : କେନ୍ଦୁଝର ଜିଲ୍ଲାବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପ ଲୋକାର୍ପିତ କରିଛନ୍ତି । ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପର୍ଯ୍ୟଟନ, କ୍ରୀଡା, ସଡକ ଓ ସେତୁ ନିର୍ମାଣ କ୍ଷେତ୍ରରେ ପ୍ରକଳ୍ପ ରହିଛି । ଏଥିମଧ୍ୟରୁ ୩ ଟି ସଡକ ନିର୍ମାଣ ପାଇଁ ଶିଳାନ୍ୟାସ ହୋଇଛି ।

କେନ୍ଦୁଝର ସହରରେ ଟ୍ରାଫିକ ସମସ୍ୟାକୁ ଏଡାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏହାର ପରିକଳ୍ପନା କରାଯାଇଛି । ସେଥିମଧ୍ୟରୁ କେନ୍ଦୁଝର ୪୩୮ କୋଟି ଟଙ୍କା ବ୍ୟୟ ଅଟକଳରେ ବାଇପାସ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି । ଏହି ପ୍ରକଳ୍ପ ପାଇଁ ୨୦୦ କୋଟି ଟଙ୍କା ଜମି ଅଧିଗ୍ରହଣ (୯ ପୃଷ୍ଠାରେ)

## ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ

# ପାନୀୟଜଳ ଯୋଗାଣ, ବଜେଟ୍ ଅର୍ଥ ବ୍ୟୟ ଉପରେ ଫୋକସ



- ଜିଲ୍ଲା ପରିଦର୍ଶନ ବେଳେ ସଚିବ କରିବେ ପାନୀୟ ଜଳ ପ୍ରକଳ୍ପ ସମୀକ୍ଷା
- ମୁଖ୍ୟମନ୍ତ୍ରୀଙ୍କ ୧୫ ସୂତ୍ରୀକୁ କାର୍ଯ୍ୟକାରୀ କରିବାକୁ ଗୁରୁତ୍ୱ
- ପ୍ରତି ମାସର ୧୬ରେ ଆଭାସୀରେ ଯୋଡ଼ି ହେବେ ଜିଲ୍ଲାପାଳ
- ଖର୍ଚ୍ଚ ସମୀକ୍ଷା ଓ ରାଜସ୍ୱ ସଂଗ୍ରହ ଲକ୍ଷ୍ୟ ହାସଲକୁ ଗୁରୁତ୍ୱ

ଭୁବନେଶ୍ୱର ୧୫ ।୧ (ସବ୍ୟ): ସଚିବମାନେ ଯେତେବେଳେ ଜିଲ୍ଲା ଗସ୍ତରେ ଯାଉଛନ୍ତି, ସେମାନେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଅନୁଧ୍ୟାନ କରନ୍ତୁ । ଏଥିସହ ଯେଉଁଠି ପାନୀୟ ଜଳ ପ୍ରକଳ୍ପ ନିର୍ମାଣାଧିନ ଅଛି, ସେସବୁକୁ ସ୍ଥିତି ସମୀକ୍ଷା କରନ୍ତୁ । ପ୍ରକଳ୍ପ ବିଳମ୍ବ ହେଉଥିଲେ, କେଉଁ କାରଣରୁ ବିଳମ୍ବ ହେଉଛି, ସେ ସଂପର୍କରେ ବୁଝି ସମାଧାନ ପାଇଁ ପରାମର୍ଶ ଦିଅନ୍ତୁ । ପାନୀୟ ଜଳ ଏକ ପ୍ରମୁଖ ଆବଶ୍ୟକତା ଏବଂ ବିଭିନ୍ନ ଜିଲ୍ଲାରେ ପାଇପ ଜଳ ଯୋଗାଣ ପ୍ରକଳ୍ପ ଶୀଘ୍ର ଶେଷ ହେଲେ ସଂପୃକ୍ତ ଗ୍ରାମବାସୀ ଉପକୃତ ହେବେ ବୋଲି (୯ ପୃଷ୍ଠାରେ)

## ପାକ୍ ମିଛ ପ୍ରଚାରର ଜବାବ ଦେଇଛୁ : ସେନା ମୁଖ୍ୟ

ନୂଆଦିଲ୍ଲୀ, ୧୫ ।୧ : କେବଳ ଯୁଦ୍ଧ କ୍ଷେତ୍ର ନୁହେଁ ଅପରେସନ୍ ସିନ୍ଦୂର ସମୟରେ ପାକିସ୍ତାନର ମିଛ ଅବତାରଣାକୁ ମଧ୍ୟ ଆମେ ଜବାବ ଦେଇଛୁ । ଆମର ପ୍ରଚାର ସତ୍ୟ ଉପରେ ଆଧାରିତ ଥିବାବେଳେ ପାକିସ୍ତାନ ମିଛ ପ୍ରଚାରରେ ବ୍ୟସ୍ତ ଥିଲା ବୋଲି ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି ।

ଜୟପୁର ଠାରେ ୭୮ତମ ସେନା ଦିବସରେ ଯୋଗଦେଇ ଜେନେରାଲ ଦ୍ୱିବେଦୀ କହିଥିଲେ ଯେ ସକରାତ୍ମକ ପ୍ରଚାର ମାଧ୍ୟମରେ ଆମେ ଅପରେସନ୍ ସିନ୍ଦୂରରେ ପାକିସ୍ତାନକୁ ଜବାବ ଦେଇଛୁ । ସେନାର ଏବେ ରୂପାନ୍ତିକରଣ ହୋଇଛି । ସେନା ଭବିଷ୍ୟତର ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛି । ଯୁଦ୍ଧ କ୍ଷମତା ବୃଦ୍ଧି ଲାଗି ଜ୍ଞାନକୌଶଳ ଓ ସ୍ୱଦେଶୀକରଣକୁ ଏକତ୍ରିତ କରୁଛି । ଗତ ଦଶନ୍ଧୀରେ ଯାହା ଥିଲା ଏବେ ଏହାର ରୂପାନ୍ତିକରଣ କରିଛନ୍ତି । ଆମେ ବର୍ତ୍ତମାନପାଇଁ ମଧ୍ୟ ଭବିଷ୍ୟତର ଯୁଦ୍ଧ ପାଇଁ (୯ ପୃଷ୍ଠାରେ)

## ଶୀତ ଆଉ ଦୁଇଦିନ : ୧୮ରୁ ପଶ୍ଚିମାଝଡ ବଢ଼ିବ

ଭୁବନେଶ୍ୱର, ୧୫ ।୧ (ସବ୍ୟ): ରାଜ୍ୟରେ ଏବେ ଜାଡ ଜାରି ରହିଛି । ଆସନ୍ତାକାଲି (ଶୁକ୍ରବାର) ୮ ଟି ଜିଲ୍ଲାକୁ ଶୀତ ଲହରୀ ଲାଗି ସତର୍କତା ଜାରି ହୋଇଛି । ୧୭ ତାରିଖରେ ବି ଶୀତ ଅନୁଭୂତ ହେବ । ୧୮ ତାରିଖଠୁ ପଶ୍ଚିମାଝଡ ପ୍ରଭାବରେ ଶୀତ ହ୍ରାସ ପାଇବ । ଏଭଳି ପୂର୍ବାନୁମାନ କରିଛନ୍ତି ପାଣିପାଗ ବିଜ୍ଞାନୀ ।

ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ କହିଛନ୍ତି, ଶୀତ ଆଉ ଦୁଇଦିନ । ଏହା ପରେ ଶୀତରେ ଲାଗିବ ବ୍ରେକ୍ । କାରଣ ପଶ୍ଚିମାଝଡ ପ୍ରଭାବରେ ଉତ୍ତର- ପଶ୍ଚିମ ଆଡୁ ଥଣ୍ଡା ଶୁଷ୍କ ପବନ ବହିବନାହିଁ । ସମୁଦ୍ର ଆଡୁ ବାୟୁ ଚଳାଚଳ ଯୋଗୁଁ ରାତିର ପାରଦ ବୃଦ୍ଧି ପାଇବ । ସାରା ରାଜ୍ୟରେ ଶୀତ ହ୍ରାସ ପାଇବାର ସମ୍ଭାବନା ଅଛି । ତେବେ କୁହୁଡିର ପ୍ରଭାବ ବଢିବ ।

ଗୁରୁବାର ଭୋରରୁ ଜି. ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୫.୨ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ରାଉରକେଲାରେ ୬.୬ ଡିଗ୍ରୀ, ଫୁଲବାଣୀରେ ୭.୩ ଡିଗ୍ରୀ, ସେମିଳିଗୁଡାରେ ୭.୭ ଡିଗ୍ରୀ, ଝାରସୁଗୁଡାରେ ୭.୮ ଡିଗ୍ରୀ, ଅନୁଗୁଳ ଓ ଢେଙ୍କାନାଳରେ ୮.୬ ଡିଗ୍ରୀ, କିରେଇରେ ୯.୩ ଡିଗ୍ରୀ, କେନ୍ଦୁଝରରେ ୯.୪ ଡିଗ୍ରୀ, ବଲାଙ୍ଗିରରେ ୧୦ ଡିଗ୍ରୀ, କଟକରେ ୧୦.୪ (୯ ପୃଷ୍ଠାରେ)

## ଇରାନରୁ ଆଜି ଆସିବେ ଭାରତୀୟ

ନୂଆଦିଲ୍ଲୀ, ୧୫ ।୧ : ଇରାନର ସ୍ଥିତି ଦିନକୁ ଦିନ ବିଗିଡି ଯାଉଥିବାରୁ ଭାରତ ସରକାରଙ୍କ ପକ୍ଷରୁ ସେଠାର ବିଭିନ୍ନ ଅଞ୍ଚଳରେ ରହୁଥିବା ଭାରତୀୟମାନଙ୍କୁ ଦେଶକୁ ଫେରାଇ ଆଣିବା ପାଇଁ ଚେଷ୍ଟା ଜାରି ରହିଛି । ଭାରତୀୟ ଦୂତାବାସ ପକ୍ଷରୁ ଏହି ଅଭିଯାନ ଆରମ୍ଭ ହୋଇଛି । ସେଠାରେ ଇଣ୍ଟରନେଟ୍ ସେବା ବନ୍ଦ ଥିବାରୁ ଲୋକମାନେ ସିଧାସଳଖ ଲୋକଙ୍କ ସହ ଅନ୍ୟ ଉପାୟରେ ଯୋଗାଯୋଗ କରାଯାଉଛି । କେତେକ ଅଞ୍ଚଳରେ ଫୋନ୍‌ଲାଇନ୍ କାର୍ଯ୍ୟ କରୁନାହିଁ ।

ସେଠାରେ ଥିବା ଭାରତୀୟମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ଆସନ୍ତାକାଲି ପ୍ରଥମ ବ୍ୟାଚ୍‌ରେ ଭାରତୀୟମାନେ ଆସିବେ ବୋଲି ସୂଚନା ମିଳିଛି । ବୈଦେଶିକ ମନ୍ତ୍ରଣାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଭାରତକୁ ଇରାନରେ (୯ ପୃଷ୍ଠାରେ)

## ବିଶୃଙ୍ଖଳିତ ନେତାଙ୍କ ବିରୋଧରେ କଠୋର ହେଲେ ନବୀନ

# ବିଜେଡିରୁ ବିଧାୟକ ସନାତନ, ଅରବିନ୍ଦ ନିଲମ୍ବିତ





ଭୁବନେଶ୍ୱର, ୧୫ ।୧ (ସବ୍ୟ) : ବିଜେଡିରେ ଶୃଙ୍ଖଳାକୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଗୁରୁତ୍ୱ ଦେଉଛନ୍ତି । ଦଳ ବିରୋଧୀ ଅଭିଯୋଗରେ ଦୁଇ ବିଧାୟକଙ୍କୁ ନିଲମ୍ବିତ କରାଯାଇଛି । ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ଚମ୍ପୁଆ ବିଧାୟକ ସନାତନ ମହାକୁଡଙ୍କୁ ଦଳର ସଭାପତି ନବୀନ ପଟ୍ଟନାୟକ ଆଜି ନିଲମ୍ବିତ କରିଛନ୍ତି । ଦଳ ବିରୋଧୀ କାର୍ଯ୍ୟ ପାଇଁ ଏହି ଦୁଇ ବିଧାୟକଙ୍କୁ ନିଲମ୍ବନ କରାଯାଇଥିବା ନେଇ ବିଜେଡି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ।

ନବୀନଙ୍କ ଏଭଳି ଅପ୍ରତ୍ୟାଶିତ କାର୍ଯ୍ୟାନୁଷ୍ଠାନକୁ ନେଇ ଏବେ ଦଳରେ ଏକ କମ୍ପନ ସୃଷ୍ଟି ହୋଇଛି । ୨୦୨୪ରେ ବିଜେଡି ଟିକେଟରେ ସନାତନ ମହାକୁଡ ଚମ୍ପୁଆ ଆସନରୁ ନିର୍ବାଚିତ ହୋଇଥିଲେ । ତେବେ ନିକଟରେ ଗତ ୧୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ ସମୟରେ ଏକ ସରକାରୀ କାର୍ଯ୍ୟ ସମୟରେ ସନାତନ ମହାକୁଡଙ୍କୁ ଦେଖିବାକୁ ମିଳିଥିଲା । ସେହି ସଭାରେ ଶ୍ରୀ ମହାକୁଡ ମୁଖ୍ୟମନ୍ତ୍ରୀଙ୍କର ପ୍ରଶଂସା କରିଥିଲେ । ଏପରିକି ଶ୍ରୀ ମହାକୁଡ କହିଥିଲେ ଯେ ବିଜେଡି ୨୪ ବର୍ଷ କ୍ଷମତାରେ ଥିଲେ ହେଁ କେନ୍ଦୁଝର ପ୍ରତି

**ନିଷ୍ପତ୍ତି ମୋତେ ଆଶ୍ଚର୍ଯ୍ୟ କରିଛି : ଅରବିନ୍ଦ**

**ଦଳ ବିରୋଧୀ କାର୍ଯ୍ୟ କରିନି : ସନାତନ**

ଅବହେଳା କରିଛି । ଆମକୁ ଅଣଦେଖା କରାଯାଇଥିଲା ବୋଲି ସେ କହିଥିଲେ । ସେହିଭଳି ବରିଷ୍ଠ ନେତା ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର ପାଟକୁରା ବିଧାନସଭା (୯ ପୃଷ୍ଠାରେ)

## ଭୁବନେଶ୍ୱର ବିମାନ ବନ୍ଦରରେ ବେଆଇନ୍ କାରବାର

# ଜବତ ହେଲାଣି ୧୧୦ କେଜି ସୁନା, ୭୨ କୋଟିର ମାରିଜୁଆନା

ଭୁବନେଶ୍ୱର, ୧୫ ।୧ (ସବ୍ୟ) : ଭୁବନେଶ୍ୱର ବିମାନ ବନ୍ଦର ଦେଇ ଶହ ଶହ କୋଟିର ଚୋରା ନିଶା ଓ ସୁନା, ରୂପା କାରବାର ହେଉଛି । ଆନ୍ତର୍ଜାତୀୟ ମାଫିଆମାନେ ଭୁବନେଶ୍ୱର ବିମାନବନ୍ଦରକୁ ଚୋରା କାରବାରର ପ୍ରବେଶପଥ ଭାବେ ଏହିସବୁ ଚାଲାଣ କରୁଛନ୍ତି । ଆକାଶ ପଥରେ ଆସିବା ପରେ ଓଡ଼ିଶାରୁ ଭାରତର ବିଭିନ୍ନ ରାଜ୍ୟକୁ ନିଶା ଓ ସୁନା, ରୂପା ସ୍ଥଳପଥରେ ବିତରଣ କରାଯାଉଛି । ଆନ୍ତର୍ଜାତୀୟ ମାଫିଆମାନେ ଚୋରା କାରବାର ପାଇଁ ଜାତୀୟସ୍ତରର ବିତରକଙ୍କୁ ନିଯୁକ୍ତ କରିଛନ୍ତି ।

ଗତ କେଉଁ ବର୍ଷ ମଧ୍ୟରେ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ଯାଞ୍ଚ ବେଳେ ୧୧୦କେଜିର ଉର୍ଦ୍ଧ୍ୱ ସୁନା ଜବତ ହେଲାଣି । ଯାହାର ମୂଲ୍ୟ ଦେଢଶହ କୋଟି ହେବ ବୋଲି ଆକଳନ କରାଯାଉଛି । କେବଳ ସୁନା ନୁହେଁ, ୫କୋଟିର ରୂପା ଓ ୮୦କୋଟି ମାରିଜୁଆନା ଜବତ ହେଲାଣି । ଏହା ସହିତ ପଶୁପକ୍ଷୀଙ୍କ ନଖ, ଛାଲ, ଶିଙ୍ଗ ଓଡିଶାରୁ ବିଦେଶକୁ ଚାଲାଣ ହେଉଛି । ଦୃଢ ଆଧୁନିକ ଯାଞ୍ଚ ପ୍ରକ୍ରିୟା ସତ୍ତ୍ୱେ ମାଫିଆମାନେ ଚକମା ଦେଇ ଖସିଯିବାରେ ସମର୍ଥ ହେଉଛନ୍ତି ।

ଚଳିତବର୍ଷ ଆରମ୍ଭରୁ ୮କୋଟିର ମାରିଜୁଆନା ଜବତ ହୋଇଛି । ସେହିପରି ୨୦୨୫ରେ ୭ଥରରେ ୭୨ କୋଟିର ମାରିଜୁଆନା ଜବତ ହୋଇଥିଲା । ୨୦୨୫ ଜାନୁଆରୀ ୭ ତାରିଖରେ ସୀମା ଶୁଳ୍କ ବିଭାଗ ପଶ୍ଚିମବଙ୍ଗର ଦୁଇ ମହିଳାଙ୍କ ଠାରୁ ୧୦କୋଟିର ମୂଲ୍ୟର ୯କେଜି ୫୨୪ଗ୍ରାମ୍ ମାରିଜୁଆନା ଜବତ କରିଥିଲା । ଏହି ଘଟଣାର ସପ୍ତାହ ପରେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ ଓ ସୀମାଶୁ ବିଭାଗ ଜଣେ କେରଳୀଙ୍କ ଠାରୁ ବିସ୍କୁଟ ପ୍ୟାକେଟ୍‌ରେ ଆଣୁଥିବା ୪କୋଟିର ମାରିଜୁଆନା ଜବତ କରିଥିଲେ । ଏହାପରେ ବ୍ୟାଙ୍କକ୍‌ରୁ ଆସିଥିବା ଜଣେ ଯୁବକଙ୍କ ଠାରୁ ୭କୋଟିର ମାରିଜୁଆନା ଜବତ କରାଯାଇଥିଲା । ସେହିବର୍ଷ ଅକ୍ଟୋବର ୪ ତାରିଖରେ ୩କୋଟି, ଅଗଷ୍ଟ ୨୩ରେ ୪କୋଟି, ଅଗଷ୍ଟ ୩ରେ ୮ କୋଟି, ଜୁଲାଇ ୨୯ତାରିଖରେ ସର୍ବାଧିକ ୩୦କୋଟିର ମାରିଜୁଆନା ଜବତ କରାଯାଇଥିଲା । ବିଦେଶୀ ଗଞ୍ଜେଇ ମାରିଜୁଆନାର ଚାହିଦା ଭାରତରେ ଅଧିକ (୯ ପୃଷ୍ଠାରେ)



# ସ୍ୱପ୍ନ ହେଲା ସତ

ଗତ ବର୍ଷ କୁମ୍ଭମେଳାରେ ଜଣେ ଯୁବତୀ ଖୁବ ଭାଇରାଲ ହୋଇଥିଲେ, ତାଙ୍କ ନାଁ ଥିଲା ମୋନାଲିସା । କୁମ୍ଭମେଳାରେ ରୁଦ୍ରାକ୍ଷ ମାଳି ବିକ୍ରି କରୁଥିବା ସମୟରେ ଏହି ମହିଳାଙ୍କ ଫଟୋ ସୋସିଆଲ ମିଡିଆରେ ଘୁରି ବୁଲିଥିଲା । ଏହାପରେ ସେ ସେଲିବ୍ରିଟି ପାଲଟିଯାଇଥିଲେ । ହେଲେ ଏହି ଭାଇରାଲ ଫଟୋ ତାଙ୍କର ଭାଗ୍ୟ ବଦଳାଇ ଦେଇଥିଲା । ବର୍ତ୍ତମାନ ସେ ଆଉ ରୁଦ୍ରାକ୍ଷ ବିକାଳି ନୁହେଁ ବରଂ ଅଭିନେତ୍ରୀ ପାଲଟି ଯାଇଛନ୍ତି । ଖୁବଶୀଘ୍ର ତାଙ୍କୁ ଦର୍ଶକ ପରଦାରେ ଦେଖିବାକୁ ପାଇବେ । ବର୍ତ୍ତମାନ ସେ ନିଜର ଫିଲ୍ମର ସୁଟିଂ ଜାରି ରଖିଛନ୍ତି । ତାଙ୍କୁ ଆଗକୁ ଫିଲ୍ମ ଦି ଡାଏରୀ ଅଫ ମଣିପୁରରେ ଦେଖିବାକୁ ମିଳିବ । ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ସନୋଜ ମିଶ୍ର ନେଇଥିବାବେଳେ ଫିଲ୍ମଟିର କାହାଣୀ ଏକ ସମ୍ବେଦନଶୀଳ ସାମାଜିକ ବିଷୟବସ୍ତୁକୁ ନେଇ ଗତିଶୀଳ। କାହାଣୀରେ ଜଣେ ଯୁବତୀର ସଂଘର୍ଷକୁ ନିର୍ଦ୍ଦେଶକ ଦର୍ଶାଇବାକୁ ଚାହିଁଛନ୍ତି । ଫିଲ୍ମଟି ୨୦୨୬ରେ ରିଲିଜ ହେବାପାଇଁ ଯୋଜନା ରହିଛି । ଏହାରି ଭିତରେ ମୋନାଲିସା ମନଖୋଲି ଗଣମାଧ୍ୟମରେ କଥା ହୋଇଛନ୍ତି । ସେ ଏବେ ମଧ୍ୟ ସେହି ମୋନାଲିସା ଅଛନ୍ତି ବଦଳି ନାହାନ୍ତି ବୋଲି ମତ ରଖିଛନ୍ତି ମୋନାଲିସା । ଏବେ ବି ତାଙ୍କର ସମ୍ପର୍କ ନିଜ ଗାଁ ଲୋକଙ୍କ ସହିତ ପୂର୍ବ ପରି ହିଁ ରହିଛି । ସେ ପରିଶ୍ରମ କରି ଅର୍ଥ ଉପାର୍ଜନ କରିବାକୁ ଚାହାଁନ୍ତି ଯାହାକୁ ବ୍ୟବହାର କରି ସେ ନିଜ ଗାଁରେ ଏକ ସ୍କୁଲର ନିର୍ମାଣ କରିବେ ବୋଲି କହିଛନ୍ତି । ଆଗକୁ ସେ ଖୁବ ପରିଶ୍ରମ କରି ସଫଳତାକୁ ହାସଲ କରିବେ ବୋଲି ମୋନାଲିସ ମତ ଦେଇଛନ୍ତି । ସୋସିଆଲ ମିଡିଆରେ ସମସ୍ତେ ତାଙ୍କର ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି । ବର୍ତ୍ତମାନ ଦେଖିବାକୁ ବାକି ରହିଲା ଲୋକମାନେ ତାଙ୍କର ଅଭିନୟକୁ ପସନ୍ଦ କରୁଛନ୍ତି କି ନାହିଁ ।

## ଆଜି ଜନ୍ମଦିନ
# ଚଳଚ୍ଚିତ୍ର ନିର୍ମାତା ବସନ୍ତ ନାୟକ

ଯେଉଁ ସମୟରେ ଓଡ଼ିଆ ଚଳଚ୍ଚିତ୍ର ନିଜ ଅସ୍ମିତା ଓ ଆତ୍ମବୋଧ ନେଇ ଗଢି ଉଠୁଥିଲା, ସେହି ସମୟରେ ବସନ୍ତ ନାୟକଙ୍କର ସକ୍ରିୟ ଭୂମିକା ଶିଳ୍ପକୁ ଏକ ନୂଆ ଦିଗ ଦେଇଥିଲା। ଚଳଚ୍ଚିତ୍ର ନିର୍ମାଣ ଓ ବିତରଣ ଏହି ଦୁଇଟି ମୁଖ୍ୟ କ୍ଷେତ୍ରରେ ସେ ଥିଲେ ଶୃଙ୍ଖଳିତ ଦିଗଦର୍ଶକ। ୧୬ ଜାନୁଆରୀ ୧୯୩୭ ମସିହାରେ କଟକରେ ଜନ୍ମଗ୍ରହଣ କରିଥିଲେ । ପରେ ମୁମ୍ବାଇରୁ ଇଞ୍ଜିନିୟରିଂ ଶିକ୍ଷା ସାରି ସେଠାରେ ଏକ ସଫଳ କ୍ୟାରିୟର ଆରମ୍ଭ କରିଥିଲେ । ହେଲେ ଚଳଚ୍ଚିତ୍ର ପ୍ରତି ଥିବା ଆକର୍ଷଣ ତାଙ୍କୁ ସିନେମା ଠାରୁ ଦୂରରେ ରଖି ପାରିନଥିଲା । ସତୁରି ଦଶକର ମଧ୍ୟ ଭାଗରେ ନିଜ ପ୍ରଯୋଜନା ସଂସ୍ଥା ବ୍ରଜରାଜ ମୁଭିଜ ନିର୍ମିତ ପ୍ରଥମ ଚଳଚ୍ଚିତ୍ର ନାଗଫାଶ ତାଙ୍କର ପ୍ରଥମ ଚଳଚ୍ଚିତ୍ର। ୧୯୭୫ ମସିହାର ସୁପରହିଟ ଚଳଚ୍ଚିତ୍ର ଯାଯାବର ବିତରଣ କ୍ଷେତ୍ରରେ ଥିଲା ବଡ ସଫଳତା। ଏହି ବ୍ୟାନରରେ ସେ ଅନେକ ସୁପରହିଟ ଫିଲ୍ମ ଯେପରି ଦଣ୍ଡା ବାଳୁଙ୍ଗା, ପକା କମ୍ବଳ ପୋତ ଛତା, ବାଦଶାହ, ଯଶୋଦା, ଲକ୍ଷେ ଶିବ ପୂଜି ପାଇଛି ପୁଅ, ଏ ଯୁଗର କୃଷ୍ଣ ସୁଦାମା, ଡନ୍, ବର୍ଷା ମାଇ ଡାର୍ଲିଂ, ଆଇ ଲଭ ୟୁ, ମୋ କୋଳ ତୋ ଝୁଲଣା ଆଦି ନିର୍ମାଣ କରିଛନ୍ତି । ଚଳଚ୍ଚିତ୍ର କାହାଣୀ ରଚନା, ପ୍ରଯୋଜନା ଓ ବିତରଣ ଏହି ତିନୋଟି କ୍ଷେତ୍ରକୁ ଏକ ସମନ୍ୱିତ, ବ୍ୟବସାୟିକ ଓ ପେଶାଦାର ଶୈଳୀରେ ଗଢିବାକୁ ବସନ୍ତ ନାୟକ ଏକ ନୂଆ ମାର୍ଗ ଦେଖାଇଥିଲେ ।



ବସନ୍ତ ନାୟକଙ୍କର ୨୭ ଜୁନ ୨୦୧୧ରେ ଦେହାନ୍ତ ହୋଇଥିଲା । ତାଙ୍କ ମୃତ୍ୟୁରେ ଓଡିଆ ଫିଲ୍ମ ଇଣ୍ଡଷ୍ଟ୍ରୀରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି ହୋଇଥିଲା ।

( ସୂର୍ଯ୍ୟ ଦେଓ, ସିନେସମୀକ୍ଷକ )

# କୁକୁରଙ୍କ ପାଇଁ ମନ୍ଦିର

କର୍ଣ୍ଣାଟକର ରାମନଗର ଜିଲ୍ଲାର ଏକ ମନ୍ଦିର ବର୍ତ୍ତମାନ ଖୁବ ଚର୍ଚ୍ଚାରେ ରହିଛି । ସ୍ଥାନୀୟ ଏକ ଗ୍ରାମରେ ଗୋଟିଏ ମନ୍ଦିର ରହିଛି ଯେଉଁଠାରେ ଭଗବାନଙ୍କ ବଦଳରେ କୁକୁରକୁ ପୂଜା କରାଯାଉଛି । ଏହା ପଛରେ ଗ୍ରାମବାସୀଙ୍କର ଏକ ବିଶ୍ୱାସ ରହିଛି । ଗ୍ରାମବାସୀଙ୍କ ବିଶ୍ୱାସ ଅନୁସାରେ ଏହି କୁକୁରମାନେ ତାଙ୍କ ଗାଁର ରକ୍ଷା କରିଥାଆନ୍ତି ତେଣୁ ଏମାନଙ୍କୁ ପୂଜା କରିବାର ଆବଶ୍ୟକତା ରହିଛି । ସ୍ଥାନୀୟ ଲୋକଙ୍କ ମତରେ ଅନେକ ବର୍ଷପୂର୍ବେ ଗ୍ରାମର ଏକ ବିଶ୍ୱସ୍ତ କୁକୁରର ମୃତ୍ୟୁ ହୋଇଯାଇଥିଲା । ଗାଁ ଲୋକ ଉକ୍ତ କୁକୁରର ମୃତ ଦେହକୁ ଗୋଟିଏ ସ୍ଥାନରେ ପୋତି ଏଠାରେ ଏକ ପଥର ରଖିଦେଇଥିଲେ । ଯାହାପରେ ସୁଖ ସମୃଦ୍ଧି ବଢିବାରେ ଲାଗିଥିଲା । ତେଣୁ ଲୋକଙ୍କ ବିଶ୍ୱାସ ଏହି କୁକୁର ଗାଁକୁ ରକ୍ଷା କରିବା ସହିତ ଗ୍ରାମବାସୀଙ୍କ ସୁଖ ସମୃଦ୍ଧି ବୃଦ୍ଧି କରୁଛି । ସେହିଭଳି କିଛି ଗାଁ ଲୋକଙ୍କୁ ସ୍ୱପ୍ନ ।ଦେଶ ହେବାପରେ ଏହିମନ୍ଦିରରେ କୁକୁରଙ୍କର ମୂର୍ତ୍ତି ସ୍ଥାପନା କରାଯାଇ ପୂଜା କରାଯାଉଛି । ବର୍ତ୍ତମାନ କେବଳ ଏହି ଗ୍ରାମବାସୀ ନୁହେଁ ଗାଁ ବାହାରୁ ମଧ୍ୟ ଅନେକ ଲୋକ ଏଠାକୁ ମନ୍ଦିରର ଦର୍ଶନ କରିବାକୁ ଆସୁଛନ୍ତି ।




## ସୋସିଆଲ କୋଟ୍ସ



ମୋର ଫେକ ଆକାଉଣ୍ଟ ତିଆରି କରାଯାଇଛି । ଯେଉଁ ନମ୍ବରଟି ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି ତାହା ମୁଁ ନୁହେଁ କି ତାହା ମୋ ନମ୍ବର ନୁହେଁ । ଦୟାକରି ଏହାକୁ ବିଶ୍ୱାସ କରନ୍ତୁ ନାହିଁ ।

**ଅମିଷା ପଟେଲ, ଅଭିନେତ୍ରୀ**



ମୋ ଜୀବନ ମୁଁ ବଞ୍ଚୁଛି । ଲୋକଙ୍କୁ କଥା ହେବା ପାଇଁ ଖାଲି ଟପିକ ଦରକାର ତାହା ଯାହା ହେଲେ ବି ଚଳିବ । ଅର୍ଜୁନ ମୋ ଜୀବନର ଜଣେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ।

**ମଲାଇକା ଅରୋରା, ଅଭିନେତ୍ରୀ**



ଭାବିଥିଲା ଏଆଇ ସାହାଯ୍ୟରେ ବାବାଙ୍କ ଉପରେ ଏକ ଗୀତ ପ୍ରସ୍ତୁତ କରିବି । ହେଲେ ବାବାଙ୍କ ଦୟାରୁ ଏକ ଫିଲ୍ମ ନିର୍ମାଣ କରିପାରିଛି । ଯାହା କିଛି ବି ହୋଇଛି ତାହା ବାବାଙ୍କ ଇଚ୍ଛାରେ ହୋଇଛି ।

**କହ୍ନେୟା ମିତଲ, ସିଙ୍ଗର**

## ଇତିହାସ

୧୮୯୬: ଏକ୍ସରେ ମେଶିନର ପ୍ରଥମ ପ୍ରଦର୍ଶନ ।
୧୯୧୯: "ବେଣ୍ଟଲେ ମୋଟର୍ସ ଲିମିଟେଡ୍'ର ସ୍ଥାପନା ।
୧୯୪୭: ପ୍ରସିଦ୍ଧ ଭାରତୀୟ ଗାୟକ ଓ ଅଭିନେତା କୁନ୍ଦନ ଲାଲ ସହଗଲଙ୍କ ଦେହାନ୍ତ।
୧୯୫୧: ନେଦରଲାଣ୍ଡ୍ସରେ ମିଛ ଧରିବା ମେଶିନର ପ୍ରଥମ ବ୍ୟବହାର।
୧୯୫୯: ଭାରତ ଛାଡ଼ିଲେ ମହାତ୍ମା ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ମିରା ବେନ ।
୧୯୭୨: ପୂର୍ବତନ ଭାରତୀୟ କ୍ରିକେଟର ବିନୋଦ କାମ୍ବଲିଙ୍କ ଜନ୍ମ ।
୧୯୭୮: ଭାରତର ସର୍ବଶ୍ରେଷ୍ଠ ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କ ମଧ୍ୟରୁ ଅନ୍ୟତମ ଅପର୍ଣ୍ଣା ପୋପଟ୍‌ଙ୍କ ଜନ୍ମ ।
୧୯୯୭: ମିସ୍ ଇଣ୍ଡିଆ ହେଲେ ନଫିସା ଜୋସେଫ୍ ।
୨୦୦୩: ପ୍ରସିଦ୍ଧ ହିନ୍ଦୀ କବି, ଲେଖକ ତଥା ବଲିଉଡ୍ ସେହନ୍‌ଶାହ ଅମିତାଭ ବଚ୍ଚନଙ୍କ ପିତା ହରିବଂଶ ରାୟ ବଚନଙ୍କ ପରଲୋକ ।
୨୦୦୭: ବିଶ୍ୱର ସବୁଠୁ ବୟସ୍କ ମହିଳା ଜୁଲି ୱିନ୍‌ଫ୍ରେଡ୍‌ଙ୍କ କାନାଡ଼ାରେ ନିଧନ ।
୨୦୨୦: ଭାରତୀୟ ତୀରନ୍ଦାଜ ସଂଘର ଅଧ୍ୟକ୍ଷ ହେଲେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଅର୍ଜୁନ ମୁଣ୍ଡା ।

## ଏକ ଟଙ୍କାରେ ବିଦେଶ ଯାତ୍ରା

ନିକଟରେ ଛୋଟପିଲାମାନେ ଏକ ଟଙ୍କାରେ ବିଦେଶ ଯାତ୍ରା କରିପାରିଛନ୍ତି । ସୂଚନା ଅନୁସାରେ ଇଣ୍ଡିଗୋ ଏୟାର ଲାଇନ ନୂଆବର୍ଷ ପାଇଁ ଏକ ନୂଆ ପ୍ରୋଜେକ୍ଟର ଲଞ୍ଚ କରିଥିଲା, ଯେଉଁଥିରେ ଏହି ସୁବିଧା ମିଳିଥିଲା। ମାତ୍ର ଏକ ଟଙ୍କା ଦେଇ ପିଲାମାନେ ଏଥିରେ ବିମାନ ଯାତ୍ରା କରିପାରିଥିଲେ । ଏହି ସୁବିଧା ଏୟାର ଲାଇନ ପକ୍ଷରୁ ୧୩ ଜାନୁଆରୀରୁ ୧୬ ଜାନୁଆରୀ ପର୍ଯ୍ୟନ୍ତ ଏହି ସୁବିଧା ପ୍ରଦାନ କରାଯାଇଥିଲା । ଏଥିରେ ଦୁଇ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଏହି ସୁବିଧା ପ୍ରଦାନ କରାଯାଇଛି । ବର୍ତ୍ତମାନ ସୋସିଆଲ ମିଡିଆରେ ଏହି ଯୋଜନାଟି ଭାଇରାଲ ହେବାରେ ଲାଗିଛି । ଲୋକମାନେ ଏହାକୁ ଆଗକୁ ଜାରି ରଖିବା ପାଇଁ ଏଆର ଲାଇନ୍ସକୁ ଅନୁରୋଧ କରୁଥିବା ଦେଖିବାକୁ ମିଳୁଛି ।




## ହାଃ ହାଃ



ନୂଆ ନୂଆ ବିବାହ...
ପତି ସକାଳୁ ଉଠି ପତ୍ନୀ ଉପରେ ପାଣି ଢାଳିଦେବା ପରେ..
ପତ୍ନୀ: ରାଗିଯାଇ, ପାଣି କାହିଁ ପକାଇଲ ?
ପତି: ବିବାହ ବେଳେ ତୁମ ବାପା କହିଥିଲେ, ମୋ ଝିଅ "ଫୁଲ କଢ଼ି',
ତାକୁ କେବେ ଝାଉଁଳିବାକୁ ଦେବନାହିଁ,
ଏଥିପାଇଁ...
ସେବେଠୁ ପତି ଗାଏବ...

ମାଘମାସ କୃଷ୍ଣପକ୍ଷ, ତ୍ରୟୋଦଶୀ
୧୬.୧.୨୦୨୬ ଶୁକ୍ରବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

ମେଷ- କର୍ମରେ ଆନନ୍ଦ, ଲୋକସମ୍ପର୍କ ବୃଦ୍ଧି, ପାରିବାରିକ ସହଯୋଗ, ବନ୍ଧୁକଷ୍ଟ, ଶତ୍ରୁ ସମସ୍ୟା, ବିଶିଷ୍ଟ ବ୍ୟକ୍ତିଙ୍କ ସିହାୟତା, ବାଣିଜ୍ୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ବିଦେଶ ଭ୍ରମଣ, ସନ୍ତାନଲାଭ, ଅଶ୍ୱିନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା- ୬, ଆରାଧନା- ଲକ୍ଷ୍ମୀନାରାୟଣ।

ବୃଷ- ଶରୀର ଅସୁସ୍ଥ, ବିଭିନ୍ନ କାର୍ଯ୍ୟରେ ସମସ୍ୟା, ଶତ୍ରୁ ସମସ୍ୟା, ଉତ୍ସବ ପ୍ରତି ବିମୁଖ, ଲୋକସମ୍ପର୍କ ହାନି, ବ୍ୟବସାୟରେ କଷ୍ଟ, ବନ୍ଧୁ ସହାୟତା, ବାକିଧନ ଫେରସ୍ତ, ନୂତନ କର୍ମ ପ୍ରତି ଆଗ୍ରହ, ପରିବାରରେ ଉତ୍ସବ, ବିଦ୍ୟାରେ ସଫଳତା, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଦାମି ସଂଖ୍ୟା- ୮, ଆରାଧନା- ମା ବଗଳାମୁଖୀ।

ମିଥୁନ- ଦ୍ରବ୍ୟଲାଭ, ବନ୍ଧୁସହଯୋଗ, ବ୍ୟବସାୟରେ ଉନ୍ନତି, କଳହ ସମାଧାନ, ଧନଖର୍ଚ୍ଚ, ଶତ୍ରୁ ପରାଜିତ, ନୂତନ କର୍ମ ପ୍ରତି ଆଗ୍ରହ, ସମ୍ମାନ ପ୍ରାପ୍ତି, ଶରୀର ସୁସ୍ଥ, ସନ୍ତାନ ସମସ୍ୟା, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା- ୧୨, ଆରାଧନା- ମହାଲକ୍ଷ୍ମୀ।

କର୍କଟ- ସୁସମ୍ବାଦ ପ୍ରାପ୍ତି, ଦ୍ରବ୍ୟ କ୍ରୟ,ଶତ୍ରୁ ସମସ୍ୟା ସମାଧାନ, ଉତ୍ସବପ୍ରତି ଆଗ୍ରହ, ଲୋକସମ୍ପର୍କ ବୃଦ୍ଧି, ଧନଲାଭ, ଅତିଥି ସତ୍କାର, ଶରୀର ସ୍ୱଳ୍ପ ଅସୁସ୍ଥ, ଭୂସମ୍ପତ୍ତି ଲାଭ,ସ୍ୱାଦିଷ୍ଟ ଭୋଜନ ବିଦ୍ୟାରେ ସଫଳତା, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା- ୧୦, ଆରାଧନା- ପ୍ରଭୁ ହନୁମାନ।

ସିଂହ-ବନ୍ଧୁ ସହଯୋଗ, କର୍ମକ୍ଷେତ୍ରେ ସଫଳତା, ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ଲାଭ, ସନ୍ତାନ ଖୁସି, ଅର୍ଥଲାଭ, ଗାଡ଼ିମୋଟର ଚାଳନାରେ ସାବଧାନ, ଶତ୍ରୁ ଦେଖାଦେବେ, ଗୃହେ କଳହ, ଲୋକସମ୍ପର୍କ ବୃଦ୍ଧି, କିଛି କିଣାକିଣି କରିପାରନ୍ତି, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା- ୭, ଆରାଧନା- ପ୍ରଭୁ ଶ୍ରୀମରା।

କନ୍ୟା- ଆୟ ଅପେକ୍ଷା ବ୍ୟୟ ଅଧିକ, ଶରୀର ଅସୁସ୍ଥ, ମୋକଦ୍ଦମାରେ କଷ୍ଟ, କାର୍ଯ୍ୟ ସଫଳ, ବ୍ୟବସାୟରେ ଶତ୍ରୁତା, ନିଜ ଲୋକଙ୍କ ବିରୋଧ, ପିଲାଙ୍କ ସମସ୍ୟା ଦେଖାଦେବ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା- ୪, ଆରାଧନା- ଲକ୍ଷ୍ମୀନୃସିଂହ।

ତୁଳା-ସ୍ୱାସ୍ଥ୍ୟରେ ଉନ୍ନତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ନୂତନ ବନ୍ଧୁଲାଭ, ଅର୍ଥସମସ୍ୟା ସମାଧାନ, ପୁରାତନ ବିବାଦ, ପିଲାଙ୍କ ସମସ୍ୟା, ନୂତନ ଦ୍ରବ୍ୟ ଲାଭ, କଚେରୀ ମାମଲାର ସମାଧାନ, ସ୍ୱାତି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା- ୭, ଆରାଧନା- ପିତାମାତାଙ୍କ ସେବା।

ବିଛା-ଅର୍ଥ ସମସ୍ୟା, ଅଣ୍ଟାଜନିତ ରୋଗ, ଗୃହେ ସହଯୋଗ, ଦାମ୍ପତ୍ୟ ଖୁସି, ପୁରୁଣା ମାମଲା ସମାଧାନ, ବନ୍ଧୁ ବିଦ୍ରୋହ , ଅଚାନକ ଖୁସି ଖବର, ନୂତନ ବନ୍ଧୁଲାଭ, ଆଶା ପୂର୍ତ୍ତିରେ ବିଳମ୍ବ, ସମସ୍ୟା ସମାଧାନ, ଗୁରୁଜନେ ଖୁସି, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା- ୪, ଆରାଧନା- ପ୍ରଭୁ ଜଗନ୍ନାଥ।

ଧନୁ-ଆଭୁଷଣ ପ୍ରାପ୍ତି, ବିବାଦ ସମାଧାନ, ଯାନବାହନ କ୍ରୟ, କିଛି କାର୍ଯ୍ୟରେ ବିଳମ୍ବ, ଶତ୍ରୁ କଷ୍ଟ, ବିଦେଶ ଗସ୍ତ, କର୍ମକ୍ଷେତ୍ରେ ଖୁସି, ଲୋକସମ୍ପର୍କ ବୃଦ୍ଧି, ଅର୍ଥଲାଭ, ସୁମିଷ୍ଟ ଭୋଜନ, ବିଦ୍ୟାରେ ସଫଳତା, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା- ୧୨, ଆରାଧନା-ବୟସ୍କ ଲୋକଙ୍କୁ ସାହାଯ୍ୟ କରନ୍ତୁ।

ମକର-ମନସ୍ତାପ, ଦୂରଯାତ୍ରାରେ ଅସଫଳ, ଶରୀର ପୀଡ଼ା, ଗୃହଶତ୍ରୁ ଖର୍ଚ୍ଚାନ୍ତ ଯୋଗ, ଉତ୍ସବ ପ୍ରତି ଆଗ୍ରହ, ଦେବଦର୍ଶନ, ବ୍ୟବସାୟରେ ସ୍ୱଳ୍ପ ଲାଭ, କଚେରୀ ମାମଲାରେ କଷ୍ଟ, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳତା, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଦାମି, ସଂଖ୍ୟା-୨, ଆରାଧନା- ମା ଦକ୍ଷିଣକାଳୀ।

କୁମ୍ଭ-ଯାତ୍ରାରେ ଖୁସି, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ ପାରିବାରିକ ଖୁସି, ମୋକଦ୍ଦମାରେ ବିଜୟ, ଆଶାପୂର୍ତ୍ତିରେ ବିଳମ୍ବ, ଦେବଦର୍ଶନ, ପିଲାଙ୍କ ଚିନ୍ତା, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା- ୮, ଆରାଧନା- ପ୍ରଭୁ ରାଧାବଲ୍ଲଭ।

ମୀନ-ଆୟ ବୃଦ୍ଧି, ଦ୍ରବ୍ୟପ୍ରାପ୍ତି, ସନ୍ତାନ ସୁଖ, ଦୂରଯାତ୍ରା ସମସ୍ୟା, ସମାଧାନ, ଶତ୍ରୁ ନାଶ, ଦାମ୍ପତ୍ୟ ଖୁସି, ସନ୍ତାନ ପ୍ରାପ୍ତି, ଅର୍ଥ ସମସ୍ୟା ସମାଧାନ, ବିଦ୍ୟାଲାଭ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୯, ଆରାଧନା - ମା ଭଗବତୀ।






# ୩୦ ଜିଲ୍ଲାରେ ରାଜ୍ୟ ପୋଲିସର ଅପରେସନ ଷ୍ଟ୍ରାଇକ୍

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ମକର ସଂକ୍ରାନ୍ତି ପର୍ବକୁ ଶାନ୍ତିଶୃଙ୍ଖଳା ଓ ସୁରକ୍ଷା ଓ ସୁସ୍ଥ ପରିବେଶରେ ପାଳନ ସୁନିଶ୍ଚିତ କରିବା ସହ ଅପରାଧ ଓ ଅପରାଧୀଙ୍କ ଉପରେ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଗତ ୧୪ ତାରିଖ ଦିନ ଓଡ଼ିଶା ପୋଲିସ ପକ୍ଷରୁ ସାରା ରାଜ୍ୟରେ ବ୍ୟାପକ ଭାବେ ଅପରେସନ ଷ୍ଟ୍ରାଇକ୍ ଅଭିଯାନ କରାଯାଇଥିଲା । ଏହି ଅଭିଯାନରେ ରାଜ୍ୟର ୩୪ଟି ପୋଲିସ ଜିଲ୍ଲା ସାମିଲ ହୋଇ ମଦ୍ୟପାନ କରି ଗାଡିଚାଳନା, ନିଶାଦ୍ରବ୍ୟ ଓ ବେଆଇନ ମାରଣାସ୍ତ୍ର ଚୋରାଚାଲାଣ, ଜୁଆଆଡ୍ଡା, ଲଘୁ ଖଣିଜ ଦ୍ରବ୍ୟ ଏବଂ ଗୋ-ଚାଲାଣ ଭଳି ଅପରାଧ ଉପରେ କଠୋର ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏହା ସହ ଜାମିନ ବିହୀନ ଅପରାଧରେ ଲିପ୍ତ ଥିବା ଅପରାଧୀଙ୍କୁ ଚିହ୍ନଟ କରି ଗିରଫ କରାଯାଇଛି । ଏହି ଅଭିଯାନ ସମୟରେ ସାରା ରାଜ୍ୟରେ ୩୭୭ଟି ଅବକାରୀ ମାମଲା ରୁଜୁ କରାଯାଇ ୩୫,୫୯୯ ଲିଟର ଦେଶୀମଦ, ୫୭୧,୨୭୨ ଲିଟର ବିଦେଶୀ ମଦ ୩୮ ବୋତଲ କପ୍ ସିରପ୍ ଜବତ କରାଯିବା ସହ ୨୨ଜଣଙ୍କୁ ଗିରଫ କରାଯାଇଛି ।

ସେହିପରି ଜୁଆଆଡ୍ଡାରେ ଚଢାଉ କରାଯାଇ ୧୨ଟି ମାମଲା ରୁଜୁ କରାଯିବା ସହ ୪ଜଣଙ୍କୁ ଗିରଫ କରାଯାଇଛି ଏବଂ ୧ଲକ୍ଷ ୮ ହଜାର ଟଙ୍କା ଜବତ ହୋଇଛି । ମଦ୍ୟପାନ କରି ଗାଡିଚାଳନା ଅଭିଯୋଗରେ ୨୭୨ଟି ମାମଲା ରୁଜୁ କରାଯାଇ ୧୧ଲକ୍ଷ ୮୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ନିଶାଦ୍ରବ୍ୟ ଚୋରାଚାଲାଣ ସମ୍ପର୍କରେ ୧୦ଟି ମାମଲା ରୁଜୁ କରାଯାଇ ୧୩ଜଣଙ୍କୁ ଗିରଫ କରାଯାଇଛି । ଏହି ଅଭିଯାନରେ ୧.୫୯କେଜି ଗଞ୍ଜେଇ, ୮୯.୦୧ଗ୍ରାମ୍ ବ୍ରାଉନସୁଗାର, ବନ୍ଧୁକ, ଅନ୍ୟ ମାରଣାସ୍ତ୍ର ଓ ଚାରିଚକିଆ ଯାନ ଜବତ କରାଯାଇଛି । ଏହି ସମୟ ମଧ୍ୟରେ ବେଆଇନ ବନ୍ଧୁକ ଚାଲାଣକୁ ନେଇ ୪ଟି ମାମଲା ରୁଜୁ କରାଯାଇ ୨ଟି ଦେଶୀ ବନ୍ଧୁକ ଓ ଗୋଟିଏ ପିସ୍ତଲ ଜବତ କରାଯିବା ସହ ୧୧ଜଣ ଅପରାଧୀଙ୍କୁ ଗିରଫ କରାଯାଇଛି ।

ସେହିପରି ଜାମିନ ବିହୀନ ଅପରାଧରେ ସାରା ରାଜ୍ୟରେ ୧୮୯ଜଣଙ୍କୁ ଗିରଫ କରାଯାଇଛି । ଏଥିମଧ୍ୟରେ ଗଞ୍ଜାମ ଜିଲ୍ଲା ପୋଲିସ ସର୍ବାଧିକ ୪୭ଜଣ ଏବଂ କଟକ ସହରାଞ୍ଚଳ ପୋଲିସ ୨୦ଜଣ ଅପରାଧୀଙ୍କୁ ଗିରଫ କରିଛି । ଲଘୁ ଖଣିଜ ଦ୍ରବ୍ୟ ଏବଂ ଗୋ-ଚାଲାଣ ରୋକିବା ଅଭିଯାନରେ ୨୩ ମାମଲା ରୁଜୁ କରାଯାଇ ୭ଜଣଙ୍କୁ ଗିରଫ କରାଯାଇଛି । ଏଥିରେ ୨୪ଟି ବାଲି ବୋଝେଇ ଗାଡି ଓ ୨ଟି ଗୋ-ଚାଲାଣ ଗାଡି ଜବତ ହୋଇଛି । ରାଜ୍ୟରେ ଦୁର୍ଦ୍ଦାନ୍ତ ଓ ଅଭ୍ୟାସଗତ ଅପରାଧୀଙ୍କୁ ଚିହ୍ନଟ କରି ଗିରଫ କରିବା, ବେଆଇନ ବନ୍ଧୁକ ଓ ମାରଣାସ୍ତ୍ର ଚୋରାଚାଲାଣ ରୋକିବା ଓ ଅସାମାଜିକ ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ପାଇଁ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି । ତାଙ୍କ ନିର୍ଦ୍ଦେଶ ଅନୁଯାୟୀ ଅତିରିକ୍ତ ମହାନିର୍ଦ୍ଦେଶକ (ଆଇନଶୃଙ୍ଖଳା) ସଞ୍ଜୟ କୁମାରଙ୍କ ତତ୍ତ୍ୱାବଧାନରେ ରାଜ୍ୟର ସମସ୍ତ ଜିଲ୍ଲାର ଏସ୍‌ପିମାନେ ଅପରେସନ ଷ୍ଟ୍ରାଇକ୍ ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇଥିଲେ ।

## ଜିଆରଏସ୍‌ଙ୍କୁ ପିଇଓ ପଦକୁ ପଦୋନ୍ନତି

# ପିଟିସନ୍‌କୁ ଖାରଜ କଲେ ହାଇକୋର୍ଟ

କଟକ,(ସବ୍ୟୁ) : ଗ୍ରାମ ରୋଜଗାର ସେବକମାନେ ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ପଦକୁ ଆଉ ପଦୋନ୍ନତି ପାଇପାରିବେ ନାହିଁ । ଏନେଇ ରାଜ୍ୟ ସରକାରଙ୍କ ୨୦୨୧ ରୁଲ୍‌କୁ ହାଇକୋର୍ଟ କାଏମ୍ ରଖିଥିଲାବେଳେ ଆବେଦନକାରୀଙ୍କ ପିଟିସନ୍‌କୁ ହାଇକୋର୍ଟ ଖାରଜ କରି ଦେଇଛନ୍ତି । ହାଇକୋର୍ଟଙ୍କ ଏହି ଆଦେଶ ଫଳରେ ଜିଆରଏସ୍‌ଙ୍କ ପିଇଓ ପଦକୁ ଦିଆଯାଉଥିବା ପଦୋନ୍ନତି ସବୁଦିନ ଲାଗି ବନ୍ଦ ହୋଇଯାଇଛି । ପ୍ରକାଶ କୁମାର ଛଟୋଇ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ୍ ଟଣ୍ଡନ ଏବଂ ଜଷ୍ଟିସ୍ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏହି ରାୟ ଦେଇଛନ୍ତି । ମାମଲାରୁ ଜଣାଯାଇଛି ଯେ, ୧୯୮୯ ମସିହା ବିଜ୍ଞପ୍ତି ଆଧାରରେ ପ୍ରତି ପଞ୍ଚାୟତରେ ଜଣେ ଜଣେ ସେକ୍ରେଟାରୀଙ୍କୁ ନିଯୁକ୍ତି ପାଇଁ ନିଷ୍ପତ୍ତି ହୋଇଥିଲା । ପରେ ୨୦୦୮ ରୁଲ୍‌ରେ ସଂଶୋଧନ ଅଣାଯାଇ ଜିଆରଏସ୍( ଗ୍ରାମ ରୋଜଗାର ସେବକ)ମାନଙ୍କୁ ଭିଲେଜ୍ ଲେବୁଲ୍ ୱର୍କର (ଭିଏଲଡବ୍ଲୁ) ଭାବେ ନିଯୁକ୍ତି ଦିଆଗଲା । ତେବେ ଭିଏଲ୍‌ଡବ୍ଲୁରେ ୩୦% ପଦ ଜିଆରଏସ୍‌ମାନଙ୍କ ପାଇଁ ରଖାଯାଇଥିଲା । ଜିଆରଏସ୍‌ର ଏକ ପଦୋନ୍ନତି ତାଲିକା ପ୍ରସ୍ତୁତ କରାଯାଇ ଭିଏଲଡବ୍ଲ ପଦକୁ ପଦୋନ୍ନତି ଦିଆଯାଉଥିଲା । ୨୦୨୧ରେ ଏକ ନୂଆ ନିୟମ ଅଣାଯାଇ ପଞ୍ଚାୟତରେ ସିଧାସଳଖ ପଞ୍ଚାୟତ ଏକ୍‌ଜିକ୍ୟୁଟିଭ୍ ଅଫିସର(ପିଇଓ) ମାନଙ୍କୁ ନିଯୁକ୍ତି ଦିଆଯିବ ବୋଲି କୁହାଗଲା । ଫଳରେ ପଦୋନ୍ନତି ତାଲିକାରେ ରହିଯାଇଥିବା ଜିଆରଏସ୍‌ମାନେ ପିଇଓ ପଦକୁ ପଦୋନ୍ନତି ପାଇନପାରି ହାଇକୋର୍ଟକୁ ଆସିଥିଲେ । ହାଇକୋର୍ଟ ଏହି ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି ଅବସରରେ କହିଛନ୍ତି ଯେ, ଜିଆରଏମାନଙ୍କ ପାଇଁ ଆକାଉଟାଣ୍ଟ ତଥା ଡାଟା ଏଣ୍ଟ୍ରି ଅପରେଟର ପଦରେ ୩୦% ସଂରକ୍ଷଣ ଦିଆଯାଉଛି । ତେଣୁ ସେମାନଙ୍କ ସ୍ୱାର୍ଥ କୌଣସି ଭାବେ ବାଧାପ୍ରାପ୍ତ ହେଉନାହିଁ । ଯେହେତୁ ରାଜ୍ୟ ସରକାର ପିଇଓ ନିଯୁକ୍ତି ପାଇଁ ସ୍ୱତନ୍ତ୍ର ଆଇନ ଆଣିଛନ୍ତି ତେଣୁ ଏଥିରେ ଅଦାଲତ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ରାୟରେ ଉଲ୍ଲେଖ କରିଛନ୍ତି ।

## ଯୁବକଙ୍କୁ ପଥରରେ ଛେଚି ହତ୍ୟା ଘଟଣା

# ହତ୍ୟାକାରୀ ଗିରଫ: ୪ହଜାର ଟଙ୍କା ପାଇଁ ହତ୍ୟା

କଟକ,(ସବ୍ୟୁ): ବାଦାମବାଡ଼ି ଥାନା ଅନ୍ତର୍ଗତ ଖାନନଗର ଦୁର୍ଗା ମଣ୍ଡପ ନିକଟସ୍ଥ ନଦୀ ଗଡ଼ାରୁ ପୁରୀଘାଟ ଥାନା ଅନ୍ତର୍ଗତ ହଜାରୀଲେନର ପପୁ ଓରଫ ପ୍ରକାଶ ଦାସ(୩୫)ଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର ହୋଇଥିବା ଘଟଣାର ଆଜି ପର୍ଦ୍ଦାଫାସ ହୋଇଛି । କମିଶନରେଟ୍ ପୁଲିସ ୫ଦିନର ତଦନ୍ତ ପରେ ଆଜି ହତ୍ୟାକାରୀକୁ କାବୁ କରି କୋର୍ଟ ଚାଲାଣ କରିଛି । ହତ୍ୟାକାରୀ ଜଣକ ହେଉଛି, ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ସାମଲ ସାହିର ଅଶୋକ ସାମଲ(୬୫) । ସେ ମୃତକଙ୍କ ସହିତ ମଦ୍ୟପାନ କରିଥିଲା । ଏହାପରେ ଟଙ୍କା ଚୋରିକୁ ନେଇ ଦୁହିଁଙ୍କ ଭିତରେ ଜୋରଦାର୍ ପାଟିତୁଣ୍ଡ ହୋଇଥିଲା । ରାଗରେ ଉତ୍‌କ୍ଷିପ୍ତ ହୋଇ ହତ୍ୟାକାରୀ ଅଶୋକ ନିଜ ବନ୍ଧୁ ପ୍ରକାଶଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଥିଲା । ଏହା ପରେ ଫେରାର୍ ହୋଇଯାଇଥିଲା । ପୁଲିସ ତଦନ୍ତ ଚଳାଇ ଶେଷରେ ଅଭିଯୁକ୍ତ ଅଶୋକକୁ ଗିରଫ କରିବାରେ ସଫଳ ହୋଇଛି । ତା'ର ଜାମିନ ନାମଞ୍ଜୁର ହେବାରୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି ।

ପୁଲିସ ସୂଚନା ଅନୁସାରେ, ହତ୍ୟାକାରୀକୁ ଗିରଫ କରିବା ପାଇଁ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କରାଯାଇଥିଲା । ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଥିଲା ଯେ, ଖାନନଗର ମଣିମନ୍ଦିର ପଟରୁ ସନ୍ଦେହଜନକ ଭାବେ ଗତ ୧୧ତାରିଖ ବିଳମ୍ବିତ ରାତିରେ ଆସୁଥିବା ବ୍ୟକ୍ତି ଏହି ଅପରାଧ ଘଟାଇଇ ଥାଇ ପାରେ । ସେ ହତ୍ୟା କରିବା ପରେ ସିଏନ୍‌ବିଟି ବସ୍‌ଷ୍ଟାଣ୍ଡ ଦିଗକୁ ପଳାଇଥିଲା । ସଂଗୃହିତ ସିସିଟିଭି ଫୁଟେଜ୍ ଆଧାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପ୍ରୋଫାଇଲ୍ ପ୍ରସ୍ତୁତ କରାଯାଇ ଏହି ଦିଗରେ ତଦନ୍ତ ଜୋର୍‌ଦାର କରାଯାଇଥିଲା ।

# ମିଶିଲାନି ଗାଡ଼ି ନମ୍ବର , ମାଲିକ ଗଣିବେ ମୋଟା ଫାଇନ୍

ବାରଙ୍ଗ ,(ସବ୍ୟୁ): ଗାଡ଼ି ନମ୍ବର ନ ମଶିବାରୁ ଦୁଇଟି ଘରୋଇ ବସ ମାଲିକ ଅସୁବିଧାରେ ପଡ଼ିଛନ୍ତି । ଗାଡ଼ି ଯାଞ୍ଚ ବେଳେ ଧରାପଡ଼ି ମୋଟା ଅଙ୍କର ଫାଇନ ପଡ଼ିଥିବା ଜଣାପଡିଛି । ଗୁରୁବାର ରାତିରେ କଟକ ପରିବହନ ବିଭାଗ ତରଫରୁ ଏମଭିଆଇ ରଞ୍ଜନ କୁମାର ଡୋରାଙ୍କ ନେତୃତ୍ୱରେ ଏକ ଟିମ ଆସୁଥିବା ଗାଡ଼ି ଗୁଡ଼ିକୁ ଅଟକାଇ କାଗଜପତ୍ର ଯାଞ୍ଚ କରୁଥିଲେ । ଏହି ସମୟରେ ବାରଙ୍ଗ ପୁରୀ କେନାଲ ବନ୍ଧରେ ଆସୁଥିବା ୪ଟି ବସକୁ ରୋକିଥିଲେ । ଆଳୁ ଖୋଲୁ ଖୋଲୁ ମହାଦେବ ବାହାରିବା ପରି ଗୋଟିଏ ମାଲିକର ଗାଡ଼ିର କାଗଜ ପତ୍ର ଠିକଠାକ ନଥିଲା । ଗାଡ଼ି ଓଆର ୦୫ ଏସି୫୨୩୭ ନମ୍ବର ଟି ସଠିକ ଥିବା ବେଳେ ଉକ୍ତ ଗାଡ଼ିର ମାଲିକ ଅମୂଲ୍ୟ ବେହେରା ସେହି ଗାଡ଼ିରେ ଓଡ଼ି ୧୧ୟୁ୧୯୧୭ ଏକ ଫେକ ନମ୍ବର ପ୍ଲେଟ ଲଗାଇ ଗାଡ଼ି ଚଲାଉଥିଲେ । ଯାହା ଯାଞ୍ଚ ସମୟରେ ଜଣାପଡ଼ିଥିଲା । ଉକ୍ତ ଗାଡିକୁ ଜବତ କରିବା ସହିତ ୫ଲକ୍ଷ୧୦ ହଜାର ଟଙ୍କା ଜୋରିମାନା ପଡ଼ିଛି । ସେହିପରି ଓଆର ୦୨ବିଜେ ୦୧୪୨ ନମ୍ବର ଗାଡିକୁ ୨ ଲକ୍ଷ୍ୟ ୩୪ ହଜାର ୫୮୦ ଟଙ୍କା ଫାଇନ ପଡ଼ିବା ସହିତ ଗାଡିକୁ ସିଜ କରାଯାଇଛି । ଏହି ଦୁଇଟି ଗାଡିକୁ ସିଜ କରାଯାଇଥିବା ବେଳେ ଓଡି ୦୫ ସିବି ୬୬୦୬ ନମ୍ବର ଗାଡିକୁ ୧୦ ହଜାର ୫ ସହ ଟଙ୍କା ଫାଇନ ପଡ଼ିଥିବା ବେଳେ ଓଡି ୦୫ଜି ୬୯୭୪ ଗାଡିକୁ ୪ ଲକ୍ଷ ୮୦ ହଜାର ୭୭ ଟଙ୍କା ଫାଇନ ପଡ଼ିଛି । ଏବଂ ଏହି ଦୁଇଟି ଗାଡିକୁ ଛଡାଯାଇଛି । ତେବେ ଏହି ୪ ଟି ଗାଡ଼ି ବାଙ୍କିରୁ ଧଉଳି ,ନନ୍ଦନକାନନ ବୁଲାବୁଲି କରିବା ପରେ ବାଙ୍କୀ ଫେରୁଥିଲେ । ଗୋଟିଏ ଗାଡ଼ିରେ ସ୍କୁଲ ପିଲାମାନେ ରହିଥିବା ଦେଖି ଏମଭିଆଇ ରଞ୍ଜନ ଡୋରା ପିଲାମାନଙ୍କୁ ଅନ୍ୟ ଦୁଇଟି ଗାଡ଼ି ଯୋଗାଡ କରି ବାଙ୍କୀ ପଠାଇବା ସହ ଗାଡିକୁ ଜବତ କରିଥିଲେ ।

# ବନ୍ଧୁକ ଦେଖାଇ ଲୁଟ, ପୋଲିସ ପଞ୍ଝାରେ ଲୁଟେରା

କଟକ,(ସବ୍ୟୁ): ମୁଣ୍ଡରେ ବନ୍ଧୁକ ରଖି ଜଣେ ବ୍ୟବସାୟୀଙ୍କୁ ଲୁଟ ହୋଇଛି । ଗୁରୁବାର ସକାଳୁ ଜାଉଁଳିଆପଟି ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଘଟିଛି । ପୁରୀଘାଟ ପୋଲିସ ମଧ ଘଟଣାକୁ ଗୁରୁତ୍ୱର ସହ ନେଇ ମାତ୍ର କିଛି ଘଣ୍ଟା ଭିତରେ ଲୁଟେରାକୁ ଗିରଫ କରିବାରେ ସଫଳ ହୋଇଛି । ଅଭିଯୁକ୍ତ ହେଉଛି ଖାନନଗର ନୂଆସାହିରେ ରହୁଥିବା ଜଗତସିଂହପୁର ତିର୍ତ୍ତୋଲ ଅଞ୍ଚଳର ତୁଷାର ମହାନ୍ତି(୩୦) । ତା' ପାଖରୁ ୩ ହଜାର ଟଙ୍କା, ୨ଟି ମୋବାଇଲ, ଗୋଟିଏ ସ୍କୁଟି ଜବତ ହୋଇଛି । ପୁରୀଘାଟ ଥାନା ଅନ୍ତର୍ଗତ ଭଗତପୁରର ବାସିନ୍ଦା ଉପେନ୍ଦ୍ର ମହାରଣାଙ୍କ ଜାଉଁଳିଆପଟିରେ ଏକ ପିତଳ ବାସନକୁସନ ଦୋକାନ ରହିଛି । ପୂର୍ବଭଳି ଗୁରୁବାର ସକାଳ ୮ଟାରେ ଉପେନ୍ଦ୍ର ଦୋକାନ ଖୋଲିଥିଲେ । ଏହାପରେ ସେ ଦୋକାନ ଭିତରେ ସଫାସୁତରା କରିବା ସହ ଜିନିଷପତ୍ର କାଢି ବାହାରେ ସଜାଇ ରଖୁଥିଲେ । ଏତିକିବେଳେ ହଠାତ ଜଣେ ଯୁବକ ଏକ ସ୍କୁଟିରେ ଆସି ଦୋକାନରେ ପହଞ୍ଚି ଥିଲା । କେହି କିଛି ବୁଝିବା ଆଗରୁ ଏକ ବନ୍ଧୁକ କାଢି ଦୋକାନୀ ଉପେନ୍ଦ୍ରଙ୍କ ମୁଣ୍ଡରେ ଲଗାଇଦେଲା । ଆଉ ପାଖରେ ରଖିଥିବା ସବୁତକ ଟଙ୍କା ମାଗିଥିଲା । ଯେହେତୁ ଆଖପାଖରେ ଅନ୍ୟ କୌଣସି ଦୋକାନ ଖୋଲିନଥିଲା କି ଚଳପ୍ରଚଳ ନଥିବାରୁ ଉପେନ୍ଦ୍ର ଭୟଭୀତ ହୋଇପଡିଥିଲେ । ଅନ୍ୟ ଉପାୟ ନପାଇ ପାଖରେ ରଖିଥିବା ୫ ହଜାର ଟଙ୍କା କାଢି ଦୁର୍ବୃତ୍ତ ହାତକୁ ବଢାଇଦେଲେ । ଏହାପରେ ଦୁର୍ବୃତ୍ତ ଜଣକ ତତକ୍ଷଣାତ ସେଠାରୁ ଚମ୍ପଟ ମାରିଥିଲା । ଏହାପରେ ଉପେନ୍ଦ୍ର ତୁରନ୍ତ ପୁରୀଘାଟ ଥାନାକୁ ଫୋନ କରି ଘଟଣା ସମ୍ପର୍କରେ ଜଣାଇଲେ ।

## ରାଜ୍ୟ ସରକାରଙ୍କ ଅପିଲ ଖାରଜ

# କାଜୁଆଲ କର୍ମଚାରୀଙ୍କୁ ପେନସନ ଦିଅ : ହାଇକୋର୍ଟ

କଟକ, (ସବ୍ୟୁ) : ୱାର୍କଚାର୍ଜଡ ଓ କାଜୁଆଲ ଭାବେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିବା କର୍ମଚାରୀଙ୍କୁ ପେନସନ ଦେବାକୁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଅପରପକ୍ଷେ ପେନସନ ନ ଦେବା ପାଇଁ ସରକାରଙ୍କ ରିଟ୍ ଆବେଦନକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି । ପ୍ରତିପକ୍ଷ ଆବେଦନ କାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ରଙ୍କ ବଳିଷ୍ଠ ଯୁକ୍ତିକୁ ବିଚାରକୁ ନେଇ ପୂର୍ବରୁ ଜଣାକିଆ ବିଚାରପତି ଙ୍କ ଆଦେଶକୁ କାଏମ ରଖି ଜଷ୍ଟିସ ଦୀକ୍ଷିତ କୃଷ୍ଣ ଶ୍ରୀପଦ ଓ ଜଷ୍ଟିସ ଚିତ୍ତ ରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି । ସମାନ ପରିସ୍ଥିତିରେ ଥିବା ଅନ୍ୟ କର୍ମଚାରୀଙ୍କୁ ପୂର୍ବରୁ ପେନସନ ପ୍ରଦାନ କରାଯାଇଥିବା ବେଳେ ଏହି ଆବେଦନକାରୀଙ୍କୁ ବଞ୍ଚିତ କରିବା ସମ୍ବିଧାନ ବିରୋଧୀ ବୋଲି ଖଣ୍ଡପୀଠ ରାୟରେ କହିଛନ୍ତି । ଏକ ମାମଲାରେ ଜଣିକିଆ ବିଚାରପତି ସରକାରଙ୍କୁ ଆବେଦନକାରୀଙ୍କ ପେନସନ ସୁବିଧା ପ୍ରଦାନ ପାଇଁ ତାଙ୍କ ଆବେଦନକୁ ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଦେଶକୁ ଚାଲେଞ୍ଜ କରି ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ହାଇକୋର୍ଟରେ ରିଟ୍ ଅପିଲ ଦାୟର କରାଯାଇଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତି ରଖାଯାଇଥିଲା ଯେ ଓଡ଼ିଶା ସିଭିଲ ସର୍ଭିସେସ (ପେନସନ) ନିୟମ ୧୯୯୨ ଅନୁଯାୟୀ କାଜୁଆଲ ବା ୱାର୍କଚାର୍ଜଡ କର୍ମଚାରୀମାନେ ପେନସନ ପାଇବାକୁ ଯୋଗ୍ୟ ନୁହନ୍ତି । ତେବେ ଅଦାଲତ ଏହି ଯୁକ୍ତିକୁ ଗ୍ରହଣ କରିନାହାନ୍ତି । ପେନସନ ରୁ ବଞ୍ଚିତ ପ୍ରତିପକ୍ଷ ଅଶୋକ କୁମାର ପଟ୍ଟନାୟକ ଓ ଅନ୍ୟମାନଙ୍କ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଥିଲା ।

# ଦିଲ୍ଲୀ ଗସ୍ତରେ ବାଚସ୍ପତି

ଭୁବନେଶ୍ୱର (ସବ୍ୟୁ): ନୂଆଦିଲ୍ଲୀର ସମ୍ବିଧାନ ସଦନ ଠାରେ କମନୱେଲଥ ଦେଶର ବାଚସ୍ପତି ଓ ପ୍ରିଜାଇଡିଂ ଅଧିକାରୀଙ୍କ ୨୮ ତମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ଏହି ସମ୍ମିଳନୀକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ବୋଧିତ କରିଥିବା ବେଳେ ଲୋକସଭାର ବାଚସ୍ପତି ଶ୍ରୀ ଓମ ବିର୍ଲା ଅଧକ୍ଷତା କରିଥିଲେ । ରାଜ୍ୟସଭାର ଉପାଧକ୍ଷ ହରିବଂଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏଥିରେ ୭୮ଦେଶ, ସମସ୍ତ ରାଜ୍ୟର ବାଚସ୍ପତି, କେନ୍ଦ୍ର ମନ୍ତ୍ରୀ ଓ ସାଂସଦ ଯୋଗଦେଇଥିଲେ । ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଏହି ସମ୍ମିଳନୀରେ ଯୋଗଦେଇ ରାଜ୍ୟରେ ବିଧାନସଭା ଓ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ କି ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ ସେ ସମ୍ପର୍କରେ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ଏ ବିଷୟରେ ମଧ ଉପସ୍ଥିତ ପ୍ରତିନିଧିମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଏହି ସମ୍ମିଳନୀରେ ବାଚସ୍ପତିଙ୍କ ସହ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ଯୋଗଦେଇଛନ୍ତି ।

# କୁରୁକୁରି ନେଲା କୋମଳମତି ବାଳକର ଜୀବନ

ନିରାକାରପୁର,(ସବ୍ୟୁ): ବଜାରରେ ବିକ୍ରି ହେଉଥିବା କୁରୁକୁରି ଖାଇ ଜଣେ କୋମଳମତି ବାଳକର ଜୀବନ ଚାଲିଯାଇଥିବା ଜଣାପଡିଛି । ଖୋର୍ଦ୍ଧା ଜିଲା ହଜ ଗ୍ରାମପଞ୍ଚାୟତ ତଥା ଜଙ୍କିଆ ଥାନା ସିକୋଫାଣ୍ଡି ଅନ୍ତର୍ଗତ ନିଧିପୁର ଗ୍ରାମରେ ଏହି ଘଟଣା ଘଟିଛି । ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାଳବାଟିକାରେ ପାଠପଢୁଥିବା ନିଧିପୁର ଗ୍ରାମରି ଅଭୟ ପାଇକରାୟଙ୍କ ଏକମାତ୍ର ପୁଅ ତାପସ ପାଇକରାୟ(୬) ବଜାରରେ ବିକ୍ରି ହେଉଥିବା କୁରୁକୁରି ଖାଇ ମୃତ୍ୟୁ ବରଣକରିଥିବା ପରିବାର ଲୋକଙ୍କ ଅଭିଯୋଗରୁ ଜଣାପଡିଛି । କୋମଳମତି ପିଲାଙ୍କୁ ଅଧିକ ଆକୃଷ୍ଟ କରିବ ସେଥି ନିମନ୍ତେ କମ୍ପାନୀ କୁରୁକୁରି ପ୍ୟାକେଟରେବିଭିନ୍ନ ପ୍ରକାରର ଛୋଟଛୋଟ ଖେଳଣା ଭର୍ତିକରି ବଜାରକୁ ଛାଡୁଛି ସେହିପରି ଏକକୁରୁକୁରି ପ୍ୟାକେଟରୁସବୁ କୁରୁକୁରି ଖାଇ ସାରିବାପରେ ତା ଭିତରେଥିବା ଛୋଟ ବେଲୁନକୁ ତାପସ ପାଟିରେ ଫୁଙ୍କିବା ବେଳେ ବେଲୁଟି ହଠାତ୍ ଫାଟିଯାଇ ନାକ ଭିତରେ ପଶି ମୁଣ୍ଡକୁ ପଳାଇ ଯାଇଥିଲା । ଫଳରେ ବିକଳରେ ଛଟଛଟ ହେଉଥିବା ତାପସକୁ ପରିବାର ଲୋକେ ଚିକିତ୍ସା ନିମନ୍ତେ ବୋତଳମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଡାକ୍ତର ବହୁତ ଚେଷ୍ଟା କରିଥିଲେ ମଧ ତା ମୁଣ୍ଡରୁ ବେଲୁନକୁ ବାହାର କରି ପାରିନଥିଲେ । ସେଠାରୁ ତାକୁ ଖୋର୍ଦ୍ଧାଜିଲା ମୂଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ଡାକ୍ତର ସେଠାରେ ତାକୁ ମୃତ ଘୋଷଣା କରିଥିଲେ । ଗରିବ ତାପସ ପରିବାରକୁ ସରକାରୀ ସାହାଯ୍ୟ ସହଯୋଗ ପାଇଁ ପରିବାର ତରଫରୁ ଦାବି କରାଯାଉଛି ।

## ମିଶନ ଶକ୍ତି ଏବଂ ପର୍ଯ୍ୟଟନ ଓ ଆତିଥେୟତା ଦକ୍ଷତା ପରିଷଦ ମଧ୍ୟରେ ବୁଝାମଣାପତ୍ର

# ମହିଳା ସଶକ୍ତୀକରଣ କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ : ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ସବ୍ୟୁ): ସ୍ଥାନୀୟ ମିଶନ ଶକ୍ତି ଭବନଠାରେ ମିଶନ ଶକ୍ତି ବିଭାଗ ଏବଂ ପର୍ଯ୍ୟଟନ ଓ ଆତିଥେୟତା ଦକ୍ଷତା ପରିଷଦ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ମିଶନ ଶକ୍ତି ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ ଏବଂ ପର୍ଯ୍ୟଟନ ଓ ଆତିଥେୟତା ଦକ୍ଷତା ପରିଷଦର ସିଇଓ ରାଜନ ବାହାଦୁର ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ । ପର୍ଯ୍ୟଟନ ଓ ଆତିଥେୟତା କ୍ଷେତ୍ରରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ପ୍ରବେଶକୁ ପ୍ରଶଂସା କରିବା ସହ ଏହି ଅଭିଯାନ ରାଜ୍ୟରେ ଅଧିକରୁ ଅଧିକ 'ଲକ୍ଷପତି ଦିଦି' ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଥିଲେ । ମହିଳାମାନଙ୍କ ଦକ୍ଷତା ବିକାଶ ଏବଂ ଉଦ୍ୟୋଗୀତା ମାଧ୍ୟମରେ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ କ୍ଷେତ୍ରରେ ଏହା ଏକ ମାଇଲଖୁଣ୍ଟ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତିର ଆୟୁକ୍ତ ତଥା ଶାସନ ସଚିବ ଗିରିଶ ଏସ ଏନ ସ୍ୱାଗତ ଅଭିଭାଷଣ ରଖିବା ସହ ବୁଝାମଣାପତ୍ରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଏହି ବୁଝାମଣାପତ୍ର ଅନୁସାରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ଟେଣ୍ଟ ଭଡା ଓ କ୍ୟାଟରିଂ ପରିଚାଳନା ସେବା କ୍ଷେତ୍ରରେ ଉଦ୍ୟୋଗୀତା ପାଇଁ ପ୍ରଶିକ୍ଷିତ କରାଯିବ । ବ୍ୟବସାୟ ୟୁନିଟ୍‌ର ସ୍ଥାୟୀ ପରିଚାଳନା, ବୃତ୍ତିଗତ ଦକ୍ଷତା ବୃଦ୍ଧି, ଏଫ୍‌ଏସ୍‌ଏସ୍‌ଏଆଇ ପ୍ରମାଣପତ୍ର ପ୍ରଦାନ, ଡିପିଆର୍ ପ୍ରସ୍ତୁତି, ଉପକରଣ କ୍ରୟ, ବ୍ୟବସାୟରେ ଅଭିବୃଦ୍ଧି ଆଦି ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । ଏକ ହଜାର ସ୍ୱୟଂସହାୟକ ଗୋଷ୍ଠୀର ୪,୦୦୦ ମହିଳା ସଦସ୍ୟା ଖାଦ୍ୟ ଯୋଗାଣ, ଇଭେଣ୍ଟ ପରିଚାଳନା, ଟେଣ୍ଟ ଓ କ୍ୟାଟରିଂ ସେବା ଉପରେ ପ୍ରଶିକ୍ଷିତ ହେବେ । ଏହି ଯୋଜନା ପାଇଁ ୯.୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

## ବିମାନ ଚଳାଚଳ ସୁରକ୍ଷା

# ଫେବୃଆରୀ ୧ରୁ ଆମିଷ ବର୍ଜ୍ୟ ଲାଗି ନିୟମ କଡ଼ାକଡ଼ି

ଭୁବନେଶ୍ୱର(ସବ୍ୟୁ): ଜନସ୍ୱାସ୍ଥ୍ୟ, ପରିବେଶ ପରିମଳ ଓ ବିମାନ ଚଳାଚଳ ଆଦି ସୁରକ୍ଷାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆମିଷ ବଜାର ଏବଂ ଆମିଷ ବାଣିଜ୍ୟିକ ପ୍ରତିଷ୍ଠାନରେ ଆମିଷ ଯଥା ମାଛ, ମାଂସ ଓ କୁକୁଡା ବର୍ଜ୍ୟବସ୍ତୁର ଅନୁପଯୁକ୍ତ ପରିବହନ, ପରିଚାଳନା ଓ ନିଷ୍କାସନ ପାଇଁ ଦୁର୍ଗନ୍ଧ ଓ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି କରୁଛି । ଏହା ଦ୍ୱାରା ପକ୍ଷୀମାନଙ୍କର ସମାବେଶ ମଧ ହେଉଛି । ଫଳରେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ବିମାନ ଚଳାଚଳ ସମୟରେ ପକ୍ଷୀ ଆଘାତ ଲାଗି ଗୁରୁତର ବିପଦ ସୃଷ୍ଟି କରୁଛି । ବିଏମ୍‌ସି ପରିସୀମା ମଧ୍ୟରେ ଥିବା ସମସ୍ତ ମାଛ, ମାଂସ ଏବଂ କୁକୁଡା ଦୋକାନୀ, ବିକ୍ରେତା, କଂସାଇଖାନା ନିର୍ଦ୍ଦେଶବଳୀକୁ କଡାକଡି ପାଳନ କରିବାକୁ କୁହାଯାଇଛି । ସମସ୍ତ ବର୍ଜ୍ୟ କେବଳ ବିଏମ୍‌ସି ସଫେଇ ଗାଡିକୁ ହସ୍ତାନ୍ତର କରାଯିବ । ଯାହାଦ୍ୱାରା ଏହାକୁ ବିଜ୍ଞାନସମ୍ମତ ସଂଗ୍ରହ ଓ ନିଷ୍କାସନ କରାଯାଇପାରିବ । ନିର୍ଦ୍ଧାରିତ ସମୟସୀମା ବାହାରେ ବର୍ଜ୍ୟବସ୍ତୁ ସଂଗ୍ରହ କରିବା କିମ୍ବା ଖୋଲା ବର୍ଜ୍ୟବସ୍ତୁ ରଖିବା ସଂପୂର୍ଣ୍ଣ ନିଷେଧ ।

ସମସ୍ତ ପ୍ରତିଷ୍ଠାନ ଫେବୃଆରୀ ୧ତାରିଖ ସୁଦ୍ଧା ଉପରୋକ୍ତ ନିର୍ଦ୍ଦେଶାବଳୀ କଡାକଡି ଅନୁପାଳନ କରିବାକୁ କୁହାଯାଇଛି । ଏହାକୁ ଅମାନ୍ୟ କଲେ କଠିନ ବର୍ଜ୍ୟ ପରିଚାଳନା ନିୟମ, ୨୦୧୬ ପୌରପାଳିକା ଅଧିନିୟମ ଏବଂ ପ୍ରଯୁଜ୍ୟ ସୁରକ୍ଷିତ ବିମାନ ଚଳାଚଳ ନିୟମ ଅନୁଯାୟୀ ସଂପୃକ୍ତ ଉଲ୍ଲଘନକାରୀଙ୍କ ବିରୋଧରେ ବିବିଧ ପଦକ୍ଷେପ ଯେପରି ବାଣିଜ୍ୟ ଲାଇସେନ୍ସ ରଦ୍ଦ କରିବା, ଦୋକାନ ବନ୍ଦ କରିବା ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଇତ୍ୟାଦି କରାଯିବ । ଏପରି ପରିବେଶରେ ପରିମଳ କର୍ମଚାରୀଙ୍କ ନିରାପତ୍ତା ଏବଂ ସ୍ୱାସ୍ଥ୍ୟକର କାର୍ଯ୍ୟ କରିବା ମଧ କ୍ଷତିକାରକ । ବିମାନ ବନ୍ଦର ଆଖପାଖରେ ପକ୍ଷୀମାନଙ୍କୁ ଆକର୍ଷିତ କରୁଥିବା ଜୈବିକ ବର୍ଜ୍ୟବସ୍ତୁର ଅନୁପଯୁକ୍ତ ନିଷ୍କାସନକୁ କଡାକଡି ଭାବେ ବାରଣ କରାଯାଇଛି । ବିମାନବନ୍ଦର ପରିବେଶ ପରିଚାଳନା କମିଟି(ଏଇଏମସି) ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ ଭୁବନେଶ୍ୱର ବିମାନ ବନ୍ଦରରେ ବିମାନ ଚଳାଚଳ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଭୁବନେଶ୍ୱର ସହରାଞ୍ଚଳରେ ବର୍ଜ୍ୟ ପରିଚାଳନା ଅଭ୍ୟାସ କଡାକଡି ପାଳନ ମାଧ୍ୟମରେ ପକ୍ଷୀ ଆକର୍ଷଣ ହ୍ରାସ କରିବା ଆବଶ୍ୟକ ।

### ବାହାରେ ମାଛ, ମାଂସ ବର୍ଜ୍ୟ ପକାଇଲେ କାର୍ଯ୍ୟାନୁଷ୍ଠାନ

ଉପରୋକ୍ତ ଦୋକାନଗୁଡିକରୁ ବାହାରୁ ଥିବା ସମସ୍ତ ଆମିଷ ବର୍ଜ୍ୟ କେବଳ ସର୍ବନିମ୍ନ ୧୨୦ ମାଇକ୍ରୋନ ମୋଟା ଜୈବ ବିଘଟନଯୋଗ୍ୟ ଆବର୍ଜନା ବ୍ୟାଗରେ ସଂରକ୍ଷଣ କରାଯିବ । କେବଳ ବଡ ଓ ମଧ୍ୟମ ଧରଣର ବ୍ୟାଗ୍ ବ୍ୟବହାର କରିବେ । ବର୍ଜ୍ୟବସ୍ତୁ ସଂରକ୍ଷଣ କିମ୍ବା ନିଷ୍କାସନ ପାଇଁ ପତଳା ପ୍ଲାଷ୍ଟିକ୍ କ୍ୟାରିବ୍ୟାଗ କିମ୍ବା ଜୈବ ବିଘଟନ ଅଯୋଗ୍ୟ ବ୍ୟାଗ୍ ବ୍ୟବହାର ସଂପୂର୍ଣ୍ଣ ଭାବେ ନିଷେଧ କରାଯାଇଛି । ବର୍ଜ୍ୟଗୁଡିକୁ ଖୋଲା ପାତ୍ର, ବାସ୍କେଟ କିମ୍ବା ଅନାବୃତ ପାତ୍ରରେ କୌଣସି ପରିସ୍ଥିତିରେ ବି ରଖାଯିବ ନାହିଁ । ଏଥିପାଇଁ କୌଣସି ପ୍ରକାରେ ଲିକେଜ୍ ହେଉନଥିବା ପାତ୍ରରେ ରଖିବେ । କୌଣସିମତେ ରାସ୍ତା, ଡ୍ରେନ, ଖୋଲା ସ୍ଥାନ କିମ୍ବା ସର୍ବସାଧାରଣ ସ୍ଥାନରେ ଆବର୍ଜନା ପକାଇବା ପାଇଁ ଅନୁମତି ଦିଆଯିବ ନାହିଁ । ରାସ୍ତା, ନାଳ, ଖୋଲାସ୍ଥାନ, ଜଳାଶୟ କିମ୍ବା ପଡିଆ ଜମିରେ ମାଛ, ମାଂସ ଏବଂ କୁକୁଡା ବର୍ଜ୍ୟବସ୍ତୁ ନିଷ୍କାସନକୁ ସଂପୂର୍ଣ୍ଣ ଭାବେ ନିଷେଧ କରାଯାଇଛି । ବିଏମ୍‌ସିର ଜୋନାଲ ଡେପୁଟି କମିଶନର, ସ୍ୱାସ୍ଥ୍ୟ ଅଧିକାରୀ, ସାନିଟାରୀ ଇନ୍ସପେକଫର ଏବଂ ପ୍ରବର୍ତ୍ତନ ଟିମ୍‌ୟୁନିଟ୍-୧ ଓୟୁନିଟ୍-୪ ଏବଂ ଅନ୍ୟାନ୍ୟ ସଂପୃକ୍ତ ବଜାର ଅଞ୍ଚଳଗୁଡିକରେ ବିଶେଷ ଧ୍ୟାନ ଦେଇ କଠୋର ତଦାରଖ, ବ୍ୟାପକ ପ୍ରଚାର ଏବଂ ଏହି ଆଦେଶର ଉପଯୁକ୍ତ କାର୍ଯ୍ୟାକାରିତାକୁ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ଡକାୟତି ଉଦ୍ୟମ ପଣ୍ଡ : ଖସିଗଲେ ଡକାୟତ, ଛାଡ଼ିଦେଲେ ସରଞ୍ଜାମ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ସହର ରେ ବେଶ୍ କିଛି ଦିନ ଧରି ଡକାୟତି କରିବା ଲାଗି ଏକ ଗ୍ୟାଙ୍ଗ ବିଭିନ୍ନ ସ୍ଥାନ ରେ ଉଦ୍ୟମ କରୁଛନ୍ତି। ସେମାନଙ୍କ ସଂଖ୍ୟା ୫ରୁ ଉର୍ଦ୍ଧ ବୋଲି ଜଣାପଡିଛି। ସେମାନେ ହିନ୍ଦୀ ଭାଷାରେ କଥାବାର୍ତା ହେଉଥିବାରୁ ବିହାରୀ କି ବଙ୍ଗାଳୀ ଅପରାଧୀ ବୋଲି ଅନୁମାନ କରାଯାଉଛି। ସେମାନଙ୍କ ଟାର୍ଗେଟ ରେ ତାଲା ପଡ଼ିଥିବା ଘର କିମ୍ବା ହତା ଭିତରେ ରହୁଥିବା ଗାଡ଼ି ଏବଂ ବାଇକ୍ ଉପରେ। ଗତକାଲି ରାତି ରେ ଆଦର୍ଶ ଥାନା ଅନ୍ତର୍ଗତ ମଙ୍ଗଳା ନଗର ରେ ଏହି ଭଳି ଏକ ଗ୍ୟାଙ୍ଗ ଡକାୟତି କରିବାକୁ ଯୋଜନା କରିଘର କବାଟ ଏବଂ ତାଲା ଭାଙ୍ଗିବା ସରଞ୍ଜାମ ଧରି ପଶିବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ପାଟି ଶୁଣି ଦୌଡିବା ସମୟ ରେ ହିନ୍ଦୀ ଭାଷା ରେ ଧମକ ଦେଇ ଚାଲିଯାଇଥିଲେ। ସେମାନଙ୍କ ଚପଲ, ସରଞ୍ଜାମ ତଳେ ପଡ଼ି ଯାଇଥିଲା। ଲୋକମାନେ ରାତିରେ ପୋଲିସ ପିସିଆର କୁ ଫୋନ କରିଥିଲେ ସୁଦ୍ଧା ସହଯୋଗ ପାଇନଥିଲେ। କିଛି ଦିନ ତଳେ ମଙ୍ଗଳା ନଗର ଲେନ ୫ ରେ ଜଣଙ୍କ ଘରେ ଗ୍ରିଲ୍ ତାଡି ଡକାୟତି କରିବାକୁ ଉଦ୍ୟମ କରିଥିଲେ।ସକାଳୁ ସକାଳୁ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ ନାୟକ ଙ୍କ ନିର୍ଦ୍ଦେଶ ରେ ଏକ ଟିମ୍ ଆସି ତଦନ୍ତ କରି ଡକାୟତ ମାନେ ଛାଡ଼ି ଯାଇଥିବା ଚପଲ, ସରଞ୍ଜାମ ସବୁ ଜବତ କରି ନେଇଛନ୍ତି। ବିଭିନ୍ନ ଫେରି କରିବାକୁ ଆସୁଥିବା ଅଜଣା ଲୋକ ମାନେ ଦିନରେ ଟାର୍ଗେଟ କରି ରାତିରେ ଡକାୟତ କରିବାକୁ ଉଦ୍ୟମ କରୁଛନ୍ତି। ପୋଲିସ ପେଟ୍ରୋଲିଂ ପାଇଁ ଜନସାଧାରଣ ଦାବି କରିଛନ୍ତି।

### ଅଭିନବ ଭାରତୀୟ ଚଳଚ୍ଚିତ୍ରର ଜନକ ପ୍ରମୋଦ ପତିଙ୍କ ୯୪ ତମ ଜୟନ୍ତୀ

## ବରିଷ୍ଠ ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଣବ ଦାସଙ୍କୁ ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନ

ଭୁବନେଶ୍ୱର (ସବ୍ୟୁ): ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ,ଓଡ଼ିଶା ସରକାରଙ୍କ ସୌଜନ୍ୟରୁ ପ୍ରମୋଦ ପତି ଟ୍ରଷ୍ଟ ଦ୍ୱାରା ଅଭିନବ ଭାରତୀୟ ଚଳଚ୍ଚିତ୍ରର ଜନକ ପ୍ରମୋଦ ପତିଙ୍କ ୯୪ ତମ ଜୟନ୍ତୀ ଭୁବନେଶ୍ୱରର ବୁଦ୍ଧ ମନ୍ଦିରଠାରେ ଆୟୋଜିତ ହୋଇଯାଇଛି।ଏହି ଅବସରରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ବରିଷ୍ଠ ଭାସ୍କର୍ଯ୍ୟ ଶିଳ୍ପୀ ଅଦ୍ୱୈତ ଚରଣ ଗଡ଼ନାୟକ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିବା ସହିତ ଓଡ଼ିଶାର ବରପୁତ୍ର ପ୍ରମୋଦ ପତିଙ୍କ ଭାରତୀୟ ଚଳଚ୍ଚିତ୍ର ଜଗତ ପ୍ରତି ଅବଦାନ ଓ ଦୃଷ୍ଟିକୋଣ ସମ୍ପର୍କରେ ଅଭିମତ ପ୍ରକାଶ କରିଥିଲେ।ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଚଳଚିତ୍ର ନିର୍ମାତା ତଥା ବିଜୁ ପଟ୍ଟନାୟକ ଚଳଚ୍ଚିତ୍ର ଓ ଟିଭି ପ୍ରତିଷ୍ଠାନର ଅଧ୍ୟକ୍ଷ ହିମାଂଶୁ ଖଟୁଆ ପ୍ରମୋଦ ପତିଙ୍କ ଅଭିନବ ଚଳଚ୍ଚିତ୍ର ଗୁଡିକ ଉପରେ ଆଲୋକପାତ କରିବା ସହିତ ତାଙ୍କ ଜୀବନ ଓ ଦର୍ଶନ ସମ୍ପର୍କରେ କହିଥିଲେ।ସମ୍ମାନିତ ଅତିଥି ଭାବେ ,ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାସ, ଇଣ୍ଟାକ,ଓଡ଼ିଶାର ସଂଯୋଜକ ଅନିଲ କୁମାର ଧୀର ,ବରିଷ୍ଠ ଚଳଚ୍ଚିତ୍ର ନିର୍ମାତା ଓ ନିର୍ଦ୍ଦେଶକ ଘନଶ୍ୟାମ ମହାପାତ୍ର ପ୍ରମୁଖ ଶ୍ରୀ ପତିଙ୍କ ଚଳଚ୍ଚିତ୍ର ନିର୍ମାଣ ଶୈଳୀ ଓ ଚିତ୍ର ଉତ୍ତୋଳନ ବିଷୟରେ ଦୃଷ୍ଟିପାତ କରିଥିଲେ। ଚଳଚ୍ଚିତ୍ର ସେନସର ବୋର୍ଡର ପୂର୍ବତନ ନିର୍ଦ୍ଦେଶକ ଗୋପାଳ କୃଷ୍ଣ ମହାପାତ୍ର ସମାରୋହରେ ଅଧକ୍ଷତା କରିଥିଲେ। ଜୟନ୍ତୀ ଅବସରରେ ଓଡ଼ିଆ ଚଳଚ୍ଚିତ୍ର ଜଗତ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ଚଳଚିତ୍ର ନିର୍ଦ୍ଦେଶକ ଓ ସଂଳାପ ଲେଖକ ପ୍ରଣବ ଦାସଙ୍କୁ ଚଳିତ ବର୍ଷ ପ୍ରମୋଦ ପତି ଚଳଚ୍ଚିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଣବ ଓଡ଼ିଆ ଚଳଚ୍ଚିତ୍ର ଶେଷ ପ୍ରତୀକ୍ଷା,ହାକିମ ବାବୁ ଓ ଅଗ୍ନି ସଂକେତ ପାଇଁ ରାଜ୍ୟ ପୁରସ୍କାର ପାଇବା ସହ ଜାତୀୟ ଚଳଚ୍ଚିତ୍ର ପୁରସ୍କାର କମିଟିର ବିଚାରକ ଭାବେ ରହି ଓଡ଼ିଶାର ଗୌରବ ବୃଦ୍ଧି କରିବା ସହିତ ଓଡ଼ିଶାର ଚଳଚ୍ଚିତ୍ର ଓ ନାଟକ ପାଇଁ କାମକରି ଆସୁଛନ୍ତି। ଟ୍ରଷ୍ଟ ଅଧକ୍ଷ ଶ୍ୟାମସୁନ୍ଦର ମହାପାତ୍ର ଓ ସମ୍ପାଦକ ଗୋଲକ ବିହାରୀ ସିଂହ ଅନୁଷ୍ଠାନ ସମ୍ପର୍କରେ ଆଲୋକପାତ କରିବା ସହ ଉପାଧକ୍ଷ ସୁବାସ ରଥ ଅତିଥି ପରିଚୟ ପ୍ରଦାନ, ବରିଷ୍ଠ ସଦସ୍ୟ ଡ. ପଞ୍ଚାନନ ସାମଲ ଆନୁଷ୍ଠାନିକ ଧନ୍ୟବାଦ୍ ଅର୍ପଣ କରିଥିଲେ ଏବଂ ଅଭିଷେକ ମହାପାତ୍ର ପ୍ରମୋଦ ପତିଙ୍କ ସମ୍ପର୍କରେ ସଂକ୍ଷିପ୍ତ ବିବରଣୀ ପାଠ କରିଥିଲେ। ଯୁଗ୍ମ ସମ୍ପାଦକ ଲଳିତ କୁମାର ସାହୁ ,ସୁନିଲ କୁମାର ଡାକୁଆ ଏବଂ ଅନ୍ୟତମ ଉପାଧକ୍ଷ ବଦ୍ରି ପ୍ରସାଦ ଷଡ଼ଙ୍ଗୀ ମଞ୍ଚ ସଞ୍ଚାଳନ କରିଥିଲେ।



## ପାହାଡ ବିସ୍ଫୋରଣ ବନ୍ଦ ଦାବିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗ୍ରାମବାସୀଙ୍କ ପ୍ରତିବାଦ

ଖୋର୍ଦ୍ଧା. (ସବ୍ୟୁ): ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ବ୍ରହ୍ମପୁରା ମୌଜା ରେ ଚାଲିଥିବା ଖଣି ବ୍ଲାଷ୍ଟିଂ କୁ ବିରୋଧ କରି ଆଜି ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ କରିଛନ୍ତି। ଏନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ବ୍ରହ୍ମପୁରା ମୌଜା ର ପ୍ଲଟ ନଂ-୦୨ ଓ ଖାତା ନଂ- ୩୨୯ ଟି ବ୍ରହ୍ମପୁରା ଗାଁ ନିକଟରେ ରହିଛି। ଗାଁ ନିକଟରେ ଖଣିରେ ବସ୍ଫୋରଣ କରାଗଲେ ଗାଁ ର ଘର ଗୁଡିକରେ ଫାଟ ସୃଷ୍ଟି ହେଉଛି।ଏଥିସହିତ ନିକଟରେ ଥିବା ଚାଷଜମି ଓ ଜଙ୍ଗଲ ନଷ୍ଟ ହେବା ସହ ଜନଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଗତ ୫ ତାରିଖରେ ଏନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ। କିଛିଦିନର ନୀରବତା ପରେ ପୁଣି ଉକ୍ତ ଖଣି ରେ ବିସ୍ଫୋରଣ କରିବାକୁ ପ୍ରସ୍ତୁତି କରାଯାଉଛି। ଜାଣିବା ପରେ ଗ୍ରାମବାସୀ ପ୍ରତିବାଦ କରିବାରେ ସେମାନଙ୍କୁ ଖଣି କର୍ତ୍ତୃପକ୍ଷ ବିଭିନ୍ନ ପ୍ରକାର ଧମକ ଦେଉଥିବା ଅଭିଯୋଗ କରିଛନ୍ତି। ତେବେ ଗ୍ରାମବାସୀ ଏନେଇ ଆଜି ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରାଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଶ୍ରୀ ବେଉରା ଏହାର ତଦନ୍ତ ଦାୟିତ୍ୱ ଖଣି ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।



### 'ଟାଇମ୍ସ ବିଜିନେସ୍ ଆୱାର୍ଡ-ଓଡ଼ିଶା' କାର୍ଯ୍ୟକ୍ରମ

## ନୂଆ ଆର୍ଥିକ ଅଧ୍ୟାୟ ତିଆରି କରିବ ଓଡ଼ିଶା : ଧର୍ମେନ୍ଦ୍ର

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଅପାର ସମ୍ଭାବନା ଯଥା ପ୍ରାକୃତିକ ସମ୍ପଦ, ପ୍ରତିଭାବାନ ଯୁବଶକ୍ତି, ସୁଦୀର୍ଘ ବେଳାଭୂମିର ବନ୍ଦର ଏବଂ ନୂତନ ଯୁଗର ବୈଷୟିକ ଜ୍ଞାନକୌଶଳକୁ ପାଥେୟ କରି ଏକ ସମୃଦ୍ଧ ଅର୍ଥନୈତିକ ଅଧ୍ୟାୟ ସୃଷ୍ଟି କରିବା ଆଜି ସମୟର ଆହ୍ୱାନ । ଓଡ଼ିଶାକୁ କେବଳ କଞ୍ଚାମାଲ ଯୋଗାଣକାରୀ ରାଜ୍ୟ ଭାବେ ନୁହେଁ, ବରଂ ଏକ 'ଜ୍ଞାନ-ଆଧାରିତ ଅର୍ଥନୀତି' ଓ 'ମ୍ୟାନୁଫ୍ୟାକ୍ଚରିଂ ହବ୍' ଭାବେ ଗଢ଼ି ତୋଳିବା ପାଇଁ ଆଗେଇ ଆସିବାକୁ ଉଦ୍ୟୋଗୀ ସମାଜକୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଭୁବନେଶ୍ୱର ଠାରେ ଆୟୋଜିତ 'ଟାଇମ୍ସ ବିଜନେସ୍ ଆୱାର୍ଡ-ଓଡ଼ିଶା' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି, ରାଜ୍ୟର ଅପାର ସମ୍ଭାବନାର ସଠିକ୍ ଉପଯୋଗ ହିଁ ଓଡ଼ିଶାକୁ ଆଗାମୀ ଦିନରେ ଏକ ସମୃଦ୍ଧଶାଳୀ ଅର୍ଥନୈତିକ ଶକ୍ତି ଭାବେ ଉଭା କରିବ । ବିଜ୍ଞାନ ଓ ବୈଷୟିକ କୌଶଳର ପ୍ରୟୋଗ ମାଧ୍ୟମରେ ସ୍ଥାନୀୟ ସମ୍ବଳକୁ ରୋଜଗାରକ୍ଷମ କରିବା ଏବଂ ବିଶ୍ୱସ୍ତରୀୟ ବଜାର ସହ ଯୋଡ଼ିବା ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା ।

ନୂତନ ଯୁଗର ଅର୍ଥନୀତିରେ ଓଡ଼ିଶାର ଅପାର ସମ୍ଭାବନା ରହିଥିବା ଦର୍ଶାଇ ସେ କହିଛନ୍ତି ଯେ, ରାଜ୍ୟ ଏବେ କେବଳ ଲୁହାପଥରରୁ ଷ୍ଟିଲ୍ ତିଆରି କରିବାରେ ସୀମିତ ନରହି 'ସ୍ପେଶାଲିଟି ଷ୍ଟିଲ୍' ଓ ଉଚ୍ଚମାନର ମ୍ୟାନୁଫ୍ୟାକ୍ଚରିଂ ଦିଗରେ ଆଗେଇବା ଆବଶ୍ୟକ । ବିଶେଷ କରି କ୍ରିଟିକାଲ ମିନେରାଲ୍ସ, ସେମିକଣ୍ଡକ୍ଟର, ଶକ୍ତି, ଏଗ୍ରିଟେକ୍, ଏଡୁଟେକ୍, ପ୍ରତିରକ୍ଷା ବୈଷୟିକ ଜ୍ଞାନକୌଶଳ ଏବଂ ଫିନଟେକ୍ କ୍ଷେତ୍ରରେ ଓଡ଼ିଶା ନୂଆ ଇତିହାସ ରଚିବାକୁ ଯାଉଛି । କୋରାପୁଟରେ ବକ୍ସାଇଟ୍ ବର୍ଜ୍ୟବସ୍ତୁରୁ 'ଗ୍ୟାଲିୟମ' ପ୍ରସ୍ତୁତ କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି, ଯାହା ସେମିକଣ୍ଡକ୍ଟର ଦୁନିଆରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅପରପକ୍ଷରେ ପ୍ରଧାନମନ୍ତ୍ରୀଙ୍କ 'ପୂର୍ବୋଦୟ' ପରିକଳ୍ପନାରେ ଓଡ଼ିଶା କେନ୍ଦ୍ରବିନ୍ଦୁରେ ରହିଛି । ରାଜ୍ୟର ବନ୍ଦର, ପ୍ରାକୃତିକ ସମ୍ପଦ ଏବଂ ବୈଷୟିକ ଜ୍ଞାନକୌଶଳର ସଠିକ୍ ସମନ୍ୱୟରକ୍ଷା କରି ଓଡ଼ିଶାକୁ ଏକ 'ଜ୍ଞାନ ଆଧାରିତ ଅର୍ଥନୀତି' ଏବଂ ବିଶ୍ୱସ୍ତରୀୟ 'ମ୍ୟାନୁଫ୍ୟାକ୍ଚରିଂ ହବ୍' ଭାବେ ଗଢ଼ିବାକୁ ସେ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱର ଓ ସମ୍ବଲପୁର ଭଳି ଶିକ୍ଷାନୁଷ୍ଠାନର ପ୍ରତିଭାମାନଙ୍କୁ ନେଇ ଆମେ ଏକ ବଡ଼ ଇକୋସିଷ୍ଟମ ତିଆରି କରୁଛୁ ।

ଓଡ଼ିଶା କେବଳ କଞ୍ଚାମାଲ ଯୋଗାଣକାରୀ ନହୋଇ ମୂଲ୍ୟଯୁକ୍ତ ଉତ୍ପାଦନ ଓ ନିଯୁକ୍ତି ସୃଷ୍ଟି ଉପରେ ଗୁରୁତ୍ୱ ଦେବା ଉଚିତ୍ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଆମର ଯୁବଶକ୍ତି ହେଉଛି ଆମର ବଡ଼ ପୁଞ୍ଜି । ସେମାନଙ୍କ ପାଖରେ ନୂତନ ଚିନ୍ତାଧାରା, ଶକ୍ତି ଏବଂ ଆଗ୍ରହ ରହିଛି । ସେମାନଙ୍କୁ ନୂତନ ଯୁଗର ଦକ୍ଷତା ସହ ଗଢ଼ି ତୋଳିଲେ, ଆମେ ୨୦୩୬ ସୁଦ୍ଧା "ବିକଶିତ ଓଡ଼ିଶା" ର ସ୍ୱପ୍ନ ସାକାର କରିପାରିବା । ସମସ୍ତ ଉଦ୍ୟୋଗୀମାନଙ୍କୁ ଆଗାମୀ ୧୦ ବର୍ଷର ଲକ୍ଷ୍ୟକୁ ଆଖି ଆଗରେ ରଖି କେବଳ ବ୍ୟବସାୟ ନୁହେଁ, ବରଂ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଉପରେ ଗୁରୁତ୍ୱ ଦେବାକୁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି । 'ଟାଇମ୍ସ ବିଜନେସ୍ ଆୱାର୍ଡ-ଓଡ଼ିଶା' କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଉଦ୍ୟୋଗୀଙ୍କୁ ସମ୍ମାନିତ କରିଛନ୍ତି ।



## ବସନ୍ତ ନାୟକଙ୍କ ଜୟନ୍ତୀ ଉତ୍ସବ ଆଜି

ଭୁବନେଶ୍ୱର (ସବ୍ୟୁ): ବିଶିଷ୍ଟ ପ୍ରଯୋଜକ ତଥା ସ୍ୱପ୍ନର ସୌଦାଗର ବସନ୍ତ ନାୟକଙ୍କର ୯୦ତମ ଜୟନ୍ତୀ ୧୬ତାରିଖ ଦିନ ପାଳିତ ହେବ। ଭୁବନେଶ୍ୱର ଜୟଦେବଭବନ ଠାରେ ସନ୍ଧ୍ୟା ୬ଟା ୩୦ମିନିଟ୍‌ରେ ଆରମ୍ଭ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ହେବ ତାଙ୍କ ଚଳଚ୍ଚିତ୍ର ଗୀତ ଆଧାରିତ ସଙ୍ଗୀତ ସନ୍ଧ୍ୟା। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ବସନ୍ତ ନାୟକ ଫାଉଣ୍ଡେସନ ପକ୍ଷରୁ ସଞ୍ଜୟ ନାୟକ ନବେଦନ କରିଛନ୍ତି।

## ପେଣ୍ଠକଟା ନୂଆସାହିରେ ପବିତ୍ର ପୋଙ୍ଗଲ ଉତ୍ସବ ପାଳିତ

ପୁରୀ, (ସବ୍ୟୁ): ସ୍ଥାନୀୟ ପେଣ୍ଠକଟାରେ ରହୁ ଥିବା ତେଲୁଗୁ ସମ୍ପ୍ରଦାୟ ପକ୍ଷରୁ ପବିତ୍ର ପୋଙ୍ଗଲ ଉତ୍ସବ ପାରମ୍ପରିକ ରୀତିନୀତି ଓ ଉତ୍ସାହ-ଉଲ୍ଲାସ ସହ ତିନିଦିନ ଧରି ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ,ମହିଳା ମୋର୍ଚ୍ଚାର ସଭାନେତ୍ରୀ ଅନିତା ପଟ୍ଟନାୟକ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଥିଲେ।ପୁରୀରେ ପୋଙ୍ଗଲ ଉତ୍ସବ ପାରମ୍ପରିକ ଭାବେ ତିନିଦିନ ଧରି ପାଳନ ହୋଇଚି। ମକର ସଂକ୍ରାନ୍ତି ପୂର୍ବଦିନ 'ଭୋଗୀ' ଭାବେ ପାଳିତ ହୋଇ ଭୋଗୀ ଜଳା ପର୍ବ ଅନୁଷ୍ଠିତ ହୋଇଥିଲା। ମକର ସଂକ୍ରାନ୍ତି ଦିନ ନୂଆ ଚାଉଳରେ ଖିରି ପ୍ରସ୍ତୁତ କରାଯାଇ ଦେବୀ-ଦେବତାଙ୍କୁ ଭୋଗ ଲଗାଯାଇଛି। ପୂର୍ବ ପୁରୁଷମାନଙ୍କୁ ନୂତନ ବସ୍ତ୍ର ଅର୍ପଣ କରାଯାଇ ପରିବାରର ସମସ୍ତ ସଦସ୍ୟ ନୂଆ ବସ୍ତ୍ର ପରିଧାନ କରି ପର୍ବ ପାଳନ କରିଥାନ୍ତି।ଉତ୍ସବର ଶେଷ ଦିନ 'କନମୁ' ଭାବେ ପାଳିତ ହୋଇ ସେହି ଦିନ ପରିବାର ଓ ସାହି ପଡୋଶୀ ମାନେ ଆମିଷ ଭୋଜନ କରିଥାନ୍ତି।ଏହି ଅବସରରେ କମିଟିର ସଦସ୍ୟ ମାନଙ୍କୁ ନେଇ ରଙ୍ଗୋଲି,ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଯାଇଛି।

## ପରିବାର ସହ ଶ୍ରୀଜୀଉଙ୍କୁ ଦର୍ଶନ କଲେ ଅଭିନେତ୍ରୀ ଶିଳ୍ପା ସେଠୀ

ପୁରୀ, (ସବ୍ୟୁ): ଗୁରୁବାର ଦିନ ପରିବାର ସହ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଠି। ସୁରକ୍ଷା ମଧ୍ୟରେ ଶିଳ୍ପା ଓ ତାଙ୍କ ପରିବାର ଆସି ସିଂହଦ୍ୱାର ସମ୍ମୁଖରେ ପହଞ୍ଚି ଥିଲେ। ସେଠାରେ ପହଞ୍ଚିବା ପରେ ତାଙ୍କ କୌଳିକ ପଣ୍ଡାଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ସେ ତାଙ୍କ ମା ସୁନନ୍ଦା ସେଟ୍ଠି, ପରିବାରର ଅନ୍ୟ ସଦସ୍ୟ ଆକାଂକ୍ଷା ଅଗ୍ରୱାଲ ,ରବି କୁମାର ଓ ଅନ୍ୟ ମାନଙ୍କ ସହ ଶ୍ରୀମନ୍ଦିର ସିଂହଦ୍‌ବାର ଦେଇ ପ୍ରବେଶ କରି ବାଇଶି ପାହାଚ ଦେଇ ଯାଇଥିଲେ। ସେ ରତ୍ନସିଂହାସନ ସ୍ଥିତ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏଥିସହ ମା ବିମଳା ,ମା ମହାଲକ୍ଷ୍ମୀ ଓ ଅନ୍ୟ ପାର୍ଶ୍ୱ ଦେବା ଦେବୀଙ୍କୁ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ସେ ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଶ୍ରୀମନ୍ଦିର ଭିତରେ ବିତାଇଥିଲେ।ତାଙ୍କ କୌଳିକ ପଣ୍ଡା ସକାଳ ଧୂପରେ ବାହାରିଥିବା ମହାପ୍ରଭୁଙ୍କ ଖେଚୁଡ଼ି ଭୋଗ ଦେଇଥିଲେ। ଶିଳ୍ପାଙ୍କ ମା ପୂର୍ବରୁ ପୁରୀ ଆସି ରତ୍ନସିଂହାସନ ପାଖକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ମହାପ୍ରଭୁଙ୍କ ଡାକରା ପାଇଁ ଆଜି ପୁରୀ ଆସି ଦର୍ଶନ କରିବାର ସୌଭାଗ୍ୟ ମିଳିଲା।ଦର୍ଶନ କରି ସେ ଆଜି ବେଶ୍ ,ଖୁସି ଓ ଆନନ୍ଦିତ। ଜୟ ଜଗନ୍ନାଥ ଧ୍ୱନି ଦେଇ ସେ କହିଥିଲେ ଚାରି ଧାମ ଯାତ୍ରା ମଧ୍ୟରୁ ଏହା ଶ୍ରେଷ୍ଠ ଧାମ ବୋଲି ଦର୍ଶନ ପରେ ପ୍ରତିକ୍ରିୟା ଦେଇ ବଲିଉଡ୍ ଅଭିନେତ୍ରୀ ଶିଳ୍ପା ଏହା କହିଛନ୍ତି ।ଏଠାକାର ପ୍ରଶାସନ ମଧ ବେଶ୍ ସହଯୋଗ କରିଛି।ତେବେ ତାଙ୍କର ଆଗାମୀ ଚଳଚ୍ଚିତ୍ର ଦି ଡେଭିଲ୍ ନେଇ ସେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି ।ଶିଳ୍ପା ଙ୍କୁ ଦେଖିବା ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ପାଖରେ ଲୋକଙ୍କ ବେଶ୍ ଭିଡ ଲାଗିଥିଲା।



## ୧୭ ରୁ ୨୩ ବିଡିଏ ପଡ଼ିଆରେ ପଲ୍ଲୀଶ୍ରୀ ମେଳା

ଖୋର୍ଦ୍ଧା, (ସବ୍ୟୁ) : ଜିଲ୍ଲା ପ୍ରଶାସନ ଓ ଓର୍ମାସ ପକ୍ଷରୁ ଚଳିତ ମାସ ୧୭ ରୁ ୨୩ ତାରିଖ ପର୍ଯ୍ୟନ୍ତ ୨୦୨୫-୨୬ ବର୍ଷର ସପ୍ତ ଦିବସୀୟ ପଲ୍ଲୀଶ୍ରୀ ମେଳା ଜିଲ୍ଲା ସଦର ମହକୁମା ସ୍ଥ ଟିଏଲସି ରୋଡ଼ ବିଡିଏ ପଡ଼ିଆରେ ଅନୁଷ୍ଠିତ ହେବ। ଓଡ଼ିଶା ସରକାର ଓ ଭାରତ ସରକାରଙ୍କ ଭିଜନ, ବିକଶିତ ଓଡ଼ିଶା-୨୦୩୬ ଏବଂ ଏହା ବିକଶିତ ଭାରତ-୨୦୪୭ କୁ ସାକାର କରିବା ନିମନ୍ତେ ସ୍ୱଦେଶୀ ଜ୍ଞାନ କୌଶଳ ଓ ଆତ୍ମ ନିର୍ଭର ଭାରତ ଭିତିଭୂମିକୁ ସୁଦୃଢ଼ କରିବା ଏବଂ ମହିଳା ସଶକ୍ତିକରଣ କୁ ପ୍ରୋତ୍ସାହନ ଦେବା ନିମନ୍ତେ ସୁଭଦ୍ରା ଶକ୍ତି ମେଳା ମଧ୍ୟ ଅନୁଷ୍ଠିତ ହେବ। ସରକାରଙ୍କ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆସିଥିବା ସ୍ୱଦେଶୀ ଜ୍ଞାନ କୌଶଳ ଏବଂ ଆତ୍ମ ନିର୍ଭର ଭାରତ ଅଭିଯାନକୁ ସଫଳ କରିବା ଦିଗରେ ଆଂଚଳିକ ଜ୍ଞାନ କୌଶଳ କୁ ବିଶ୍ୱସ୍ତରୀୟ କରିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ମେଳାରେ ୧୦୦ ବର୍ଗ ଫୁଟ ପ୍ରତ୍ୟେକ ଷ୍ଟଲ ର ପରିଧି ରେ ୨୧୦ ଗୋଟି ଷ୍ଟଲ ନିର୍ମାଣ ହେବାପାଇଁ ସ୍ଥିର କରାଯାଇଛି। ସେହିପରି ମେଳାର ନିରାପତା ସୁରକ୍ଷା ବ୍ୟବସ୍ଥା, ବିଜୁଳି ଆଲୋକ ଯୋଗାଣ, ପାନୀୟ ଜଳ ଯୋଗାଣ, ଅଗ୍ନିଶମ ସେବା, କ୍ଲୋଜ ସର୍କିଟ କ୍ୟାମେରା ଲଗାଇବା, ପରିଷ୍କାର ପରିଛନ୍ନ ଓ ପରିମଳ ବ୍ୟବସ୍ଥା, ଭ୍ରାମ୍ୟମାଣ ଏଟିଏମ ବ୍ୟବସ୍ଥା, ପ୍ରାଥମିକ ଚିକିତ୍ସା ଓ ଆମ୍ବୁଲାନ୍ସ ସେବା, ଷ୍ଟଲ ଗୁଡ଼ିକୁ ବୀମା ଭୁକ୍ତ କରିବା ଏବଂ ପ୍ରତ୍ୟେକ ସନ୍ଧ୍ୟାରେ ଆକର୍ଷଣୀୟ ଚିତାକର୍ଷକ ପାରମ୍ପାରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

### ସୁବର୍ଣ୍ଣପୁର ହୋମଗାର୍ଡ ନିଯୁକ୍ତି ମାମଲା

## ରାୟ ଉପରେ ନିଯୁକ୍ତିର ଫଳାଫଳ ନିର୍ଭର କରିବ

କଟକ,(ସବ୍ୟୁ) : ସୁବର୍ଣ୍ଣପୁର ଜିଲ୍ଲାରେ ହୋମ୍‌ଗାର୍ଡ଼ ନିଯୁକ୍ତିରେ ଅନିୟମିତତାକୁ ନେଇ ରୁଜୁ ମାମଲାରେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନୋଟିସ୍ ଜାରି କରିଛନ୍ତି। ଏଥିସହ ମାମଲାର ରାୟ ଉପରେ ଏହି ନିଯୁକ୍ତିର ଫଳାଫଳ ନିର୍ଭର କରିବ ବୋଲି ହାଇକୋର୍ଟ ଅନ୍ତରୀଣ ଆଦେଶରେ ସ୍ପଷ୍ଟ କରିଛନ୍ତି। ଆକାଶ ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏହି ଆଦେଶ ଦେଇଛନ୍ତି। ଆବେଦନକାରୀମାନେ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ସୁବର୍ଣ୍ଣପୁର ଜିଲ୍ଲାରେ ୯୨ଟି ହୋମ୍‌ଗାର୍ଡ଼ ପଦରେ ନିଯୁକ୍ତି ପାଇଁ ୨୦୨୫ ମେ' ୧୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥୁଲା। ନିୟମ ରହିଥିଲା ସମ୍ପୃକ୍ତ ଥାନା ଅଧୀନରେ ଆସୁଥିବା ଯୁବକମାନେ ସେହି ଥାନା ପାଇଁ ଆବେଦନ କରିପାରିବେ। ଏଥିପାଇଁ ଏକ ଚୟନ କମିଟି ମଧ୍ଯ ଗଢ଼ାଗଲା। ପ୍ରାର୍ଥୀମାନେ ଲିଖିତ ପରୀକ୍ଷା ଦେବାପରେ ଶାରିରୀକ ପରୀକ୍ଷା ଅନୁଷ୍ଠିତ ହେଲା ।

### ନିମାପଡାରେ ଜିଲ୍ଲା ସ୍ତରୀୟ ଧାନ ମଣ୍ଡି ଉଦ୍‌ଘାଟିତ

## ଇନ୍‌ପୁଟ ସବ୍‌ସିଡ କୃଷକମାନଙ୍କୁ ଧାନ ଚାଷ ପ୍ରତି ଆଗ୍ରହୀ କରୁଛି: ଉପ ମୁଖ୍ୟମନ୍ତ୍ରୀ

ପୁରୀ/ନିମାପଡ଼ା, (ସବ୍ୟୁ): ଗୁରୁବାର ଠାରୁ ପୁରୀ ଜିଲ୍ଲାରେ ୨୦୨୫-୨୬ ମସିହା ଖରିଫ ଋତୁ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିମାପଡା ନିୟନ୍ତ୍ରିତ ବଜାର କମିଟି ପରିସରରେ ଧାନ ମଣ୍ଡିରେ ଧାନ କ୍ରୟର ଶୁଭ ଉଦଘାଟନ ହୋଇଛି। ଏହି ଜିଲ୍ଲାସ୍ତରୀୟ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗ ଦେଇ ଆମ ସରକାର କୃଷି ଓ କୃଷକଙ୍କ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ରହିଛି।ଆମ ପ୍ରତିଶ୍ରୁତି ମୁତାବକ ଅତିରିକ୍ତ ସହାୟତା ସହ କ୍ୟୁଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କିଣା ଯାଇଥିଲା। ଏଥିପାଇଁ ଚାଷ ପ୍ରତି ବିମୁଖ ହେଉଥିବା କୃଷକ ମାନେ ପୁଣି ଚାଷ ପ୍ରତି ଆଗ୍ରହ ଦେଖେଇଲେଣି। ଗତବର୍ଷ ଅପେକ୍ଷା ଚଳିତ ବର୍ଷ ୧୦ ହଜାରରୁ ଅଧିକ କୃଷକ ପଞ୍ଜୀକରଣ କରିବା ତାହାର ବଡ ଉଦାହରଣ ବୋଲି ସେ କହିଥିଲେ। ନିଜ ଉତ୍ପାଦିତ ଫସଲର ସ୍ୱାଦ ନିଆରା।ତେଣୁ ଆବଶ୍ୟକତା ଅନୁସାରେ ନିଜ ପରିବାର ପାଇଁ ପ୍ରଥମେ ଉତ୍ପାଦିତ ଧାନକୁ ରଖି ବଳକା ଧାନକୁ ବିକ୍ରି ପାଇଁ ଆଣିବାକୁ ଉପ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଉପ ମୁଖ୍ୟମନ୍ତ୍ରୀ ନଡ଼ିଆ ଭାଙ୍ଗି ମଣ୍ଡି ଉଦଘାଟନ କରିଥିଲେ। ଚଳିତ ବର୍ଷ ଜିଲ୍ଲାରେ ମୋଟ ୫୯,୯୯୮ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି ଯାହା ଗତବର୍ଷ ଅପେକ୍ଷା ୧୦୬୧୯ ଅଧିକ। ପ୍ରଥମ ପର୍ଯ୍ୟାୟରେ ବର୍ତ୍ତମାନ ସୁଦ୍ଧା ୫୦,୫୫୨ ଟୋକେନ୍ ବଣ୍ଟନ କରାଯାଇଛି।ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୧୨,୦୪,୦୦୦ କ୍ୟୁଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି।ଧାନର ସର୍ବନିମ୍ନ ସହାୟତା ରାଶି ଇନପୁଟ ସବସିଡ ସହିତ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଚାଷୀଙ୍କୁ ଦିଆଯିବ। ପ୍ରାରମ୍ଭରେ ଡିଆରସିଏସ ସରୋଜିନୀ ଜେନା ସମସ୍ତଙ୍କୁ ସ୍ୱାଗତ କରିବା ସହ ଚଳିତ ବର୍ଷ ଧାନ ସଂଗ୍ରହ ସମ୍ପର୍କରେ ବିବିଧ ସୂଚନା ପ୍ରଦାନ କରିଥିଲେ।ମୁଖ୍ୟ ଯୋଗାଣ ଅଧିକାରୀ ସଞ୍ଜୀବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଛାତ୍ରୀଙ୍କୁ ଅସଦାଚରଣ କରି ଶିକ୍ଷକ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଗୁରୁଜଙ୍ଗସ୍ଥିତ ନବୋଦୟ ବିଦ୍ୟାଳୟ ରେ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଗଣିତ ଶିକ୍ଷକ ଢେଙ୍କାନାଳ କାମାକ୍ଷାନଗର ଚିରିଡାମାଳି ର ଅମରେନ୍ଦ୍ର ସାହୁ (୫୫) ଗିରଫ ହୋଇଛନ୍ତି। ଗତକାଲି ସନ୍ଧ୍ୟା ରେ ବିଦ୍ୟାଳୟ ପରିସରରେ ସାଇକେଲ ରେ ବୁଲୁଥିବା ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଗଣିତ ଶିକ୍ଷକ ଅମରେନ୍ଦ୍ର ଅସଦାଚରଣ କରିଥିଲେ। ଏନେଇ ଛାତ୍ରୀଜଣକ ଘରକୁ ଯିବା ପରେ ପରିବାର ଆଗରେ ଘଟଣା ସମ୍ପର୍କରେ କହିଥିଲେ। ଏନେଇ ଛାତ୍ରୀଙ୍କ ବାପା ଆଜି ସନ୍ଧ୍ୟାରେ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଉପରେ ପୁଲିସ ଏକ ମାମଲା ରୁଜୁ କରି ଗଣିତ ଶିକ୍ଷକଙ୍କୁ ଗିରଫ କରିଛି।

## ତୃତୀୟ ପର୍ଯ୍ୟାୟରେ ଆଉ ୧୦ ବିଧାୟକଙ୍କ ସହ ନବୀନଙ୍କ ଆଲୋଚନା



ଭୁବନେଶ୍ୱର, (ସବ୍ୟୁ): ଗୁରୁବାର ସନ୍ଧ୍ୟାରେ ନବୀନ ନିବାସ ରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ତୃତୀୟ ପର୍ଯ୍ୟାୟରେ ବିଜୁ ଜନତା ଦଳ ର ୧୦ ଜଣ ବିଧାୟକ ମାନଙ୍କୁ ଭେଟି ସେମାନଙ୍କ ନିର୍ବାଚନ ମଣ୍ଡଳୀ ର ସମସ୍ୟା ଓ ଦଳୀୟ ସଂଗଠନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଦଳୀୟ କାର୍ଯ୍ୟକ୍ରମ କୁ ଗାଁ ଗାଁ ରେ ବ୍ୟାପକ କରିବା ସହ ସରକାରଙ୍କ ଜନ ବିରୋଧୀ କାର୍ଯ୍ୟ ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ପାଇଁ ଶ୍ରୀ ପଟ୍ଟନାୟକ ପରାମର୍ଶ ଦେଇଥଲେ। ସେମାନଙ୍କ ନିର୍ବାଚନ ମଣ୍ଡଳୀ ର ବିକାଶ କାମ ବିଷୟ ରେ ବିଶେଷ କରି ଚାଷୀ ଙ୍କ ସମସ୍ୟା,ଧାନ କିଣା ସ୍ଥିତି ସମ୍ପର୍କରେ ମଧ୍ୟ ସେ ପଚାରି ବୁଝି ଥିଲେ.। ବିଜୁ ଜନତା ଦଳ ର ଆଦର୍ଶ ରେ ଲୋକଙ୍କ ସେବା ଜାରି ରଖିବା ପାଇଁ ଶ୍ରୀ ପଟ୍ଟନାୟକ ଏହି ଅବସରରେ ବିଧାୟକ ମାନଙ୍କୁ ପରାମର୍ଶ ଦେଇଥିଲେ। ଆଜିର ବୈଠକ ରେ ବିଧାୟିକା ବର୍ଷା ସିଂହ ବରିହା ,ବିଧାୟକ ସର୍ବଶ୍ରୀ ମନୋହର ରନ୍ଧାରୀ, ଧ୍ରୁବଚରଣ ସାହୁ, ରମେଶ ଚନ୍ଦ୍ର ବେହେରା, ଗଣେଶ୍ୱର ବେହେରା, ପ୍ରଶାନ୍ତ କୁମାର ବେହେରା,ନଳିନୀକାନ୍ତ ପ୍ରଧାନ, ଦିବ୍ୟଶଙ୍କର ମିଶ୍ର, ପ୍ରଦୀପ କୁମାର ଦିଶାରୀ,ଓ ଅଭିମନ୍ୟୁ ସେଠୀ ପ୍ରମୁଖ ଯୋଗ ଦେଇ ଆଲୋଚନା ରେ ଭାଗ ନେଇଥିଲେ।

## ଶ୍ରୀ ଶ୍ରୀ ବଟ ମହାପୁରୁଷଙ୍କ ବାର୍ଷିକ ଉତ୍ସବ



କଟକ, (ସ୍ୱପ୍ର) : କେନ୍ଦ୍ରାପଡା ଜିଲ୍ଲା ନୀଳକଣ୍ଠପୁର ପଞ୍ଚାୟତ ଅନ୍ତର୍ଗତ ନୂଆପାଟଣା ଗ୍ରାମରେ

## ଅଷ୍ଟମପ୍ରହର ନାମଯଜ୍ଞରେ ମନ ଓ ସମାଜ ଶାନ୍ତ ହୁଏ : ସମାଜସେବୀ ରଞ୍ଜନ ବେହେରା

ତିନିଦିନ ଧରି ଶ୍ରୀଶ୍ରୀ ବଟ ମହାପୁରୁଷଙ୍କ ବାର୍ଷିକ ଉତ୍ସବ ଓ ଅଷ୍ଟମ ପ୍ରହର ନାମଯଜ୍ଞ ପାରମ୍ପରିକ ରିତୀନିତୀ ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି । କଳସ ଶୋଭାଯାତ୍ରା, ଶୁଭାଧିବାସ, ନାମଯଜ୍ଞ ସହିତ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନର ଆୟୋଜନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଯୁବସମାଜସେବୀ ତଥା ଶିକ୍ଷାବିତ ରଞ୍ଜନ ବେହେରା ଅତିଥିଭାବେ ଯୋଗଦେଇ ବଟ ମହାପୁରୁଷଙ୍କ ଆଶୀର୍ବାଦ ଲାଭ କରିବା ସହିତ ଗ୍ରାମବାସୀଙ୍କ ରହିଥିବା ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କ ଉପରେ ଆଲୋଚନା କରିଥିଲେ । ଅଷ୍ଟମ ପ୍ରହର ନାମଯଜ୍ଞ ଦ୍ୱାରା ମନ ଓ ସମାଜ ଉଭୟ ଶାନ୍ତମୟ ହୋଇଥାଏ ବୋଲି ମୁଖ୍ୟ ଅତିଥି ଶ୍ରୀ ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଗୌତମ ପରିଡା, ଅନନ୍ତ ନନ୍ଦ, ଶାରଙ୍ଗପାଣୀ ଷଡ଼ଙ୍ଗୀ, ନୀଳମଣୀ ନନ୍ଦ, ସଞ୍ଜୟ କୁମାର ନନ୍ଦ, ଜଗନ୍ନାଥ ନନ୍ଦ, ରଘୁନାଥ ନନ୍ଦ, ସମୀର କବି, ହୃଷିକେଶ ପରିଡା, ମାନସ ପଟ୍ଟନାୟକ, ବାସୁଦେବ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## ପବିତ୍ରନଗର ଶିଶୁମନ୍ଦିରର ତ୍ରୟୋଦଶ ବାର୍ଷିକ ଉତ୍ସବ

କଣିହାଁ,(ସବ୍ୟୁ): କଣିହାଁ ବ୍ଲକ ପରାବିଲ ସ୍ଥିତ ପବିତ୍ରନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତ୍ରୟୋଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପାଲଲହଡା ବିଧାୟକ ଅଶୋକ ମହାନ୍ତି ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବରେ ଆରଏସଏସ ପୂର୍ବ କାର୍ଯ୍ୟବାହ ପ୍ରଭାସ କୁମାର ଧଳ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ କବିତା ରାଣୀ ପ୍ରଧାନ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟ ସଭାପତି ସୁଧାକର ସାହୁ ଅଧ୍ୟକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ ବେହେରା ଅତିଥି ପରିଚୟ କରିଥିବା ବେଳେ ସମ୍ପାଦକ ସନ୍ତୋଷ କୁମାର ପ୍ରଧାନ ବିବରଣୀ ପାଠ କରିଥିଲେ। ବରିଷ୍ଠ ଗୁରୁମା ସସ୍ମିତା ବେହେରା ମଞ୍ଚ ସଞ୍ଚାଳନ କରିଥିଲେ। ଶିଶୁ ତଥା ଛାତ୍ରୀଛାତ୍ର ମାନଙ୍କ ଦ୍ୱାରା ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ନବ ନିର୍ମିତ ଶ୍ରେଣୀଗୃହକୁ ବିଧାୟକ ଉଦଘାଟନ କରିଥିଲେ। ଏହି ଅବସରରେ କିଛି କୃତି ଛାତ୍ରୀଛାତ୍ର ମାନଙ୍କୁ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ନେଇ ପୁରସ୍କାର ପ୍ରଦାନ କରାଯାଇଥିଲା। ବହୁ ସଂଖ୍ୟାରେ ନିମନ୍ତ୍ରିତ ଅତିଥି, ଅଭିଭାବକ, ଅଭିଭାବିକା, ଶିକ୍ଷାବିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ଶୁଭେଚ୍ଛୁ, ମାତୃଭାରତୀ, ଅଭିଭାବକ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ଛାତ୍ରୀଙ୍କୁ ବଳାତ୍କାର, ଯୁବକ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜନୈକା ଛାତ୍ରୀଙ୍କୁ ଅପହରଣ କରି ବଳାତ୍କାର କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ହେଲେ ବଡବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗରର ଶିବ ପ୍ରଧାନ(୨୪) । ପୋଲିସ ପିଡ଼ିତା ନାବାଳିକା ଛାତ୍ରୀଙ୍କୁ ବ୍ରହ୍ମପୁରରୁ ଉଦ୍ଧାର କରିଛି । ସେହିପରି ତାଙ୍କୁ ଅପହରଣ କରି ବଳାତ୍କାର କରିଥିବା ଶିବ ପ୍ରଧାନଙ୍କୁ କାବୁ କରିଛି । ଗୁରୁବାର ଉଭୟ ପିଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମଇନା କରିଛି । ପିଡ଼ିତାଙ୍କ ବୟାନ ଆଧାରେ ଶିବଙ୍କୁ ପୋଲିସ ମାମଲା ନଂ ୧୭/୨୬ ରେ ଗିରଫ କରି କୋର୍ଟ ଚାଲାଣ କରିଛି । ଅନ୍ୟପଟେ ପିଡ଼ିତାଙ୍କୁ ସିଡବ୍ଲ୍ୟୁସରେ ହାଜର ପରେ ଗୋଶାଣିନୂଆଗାଁ ସ୍ଥିତ ଉତ୍କଳ ବାଳାଶ୍ରମରେ ରଖାଯାଇଛି । କୋର୍ଟରେ ଶୁକ୍ରବାର ପିଡ଼ିତାଙ୍କ ବୟାନ ରେକର୍ଡ କରାଯିବ । ଗତ ୧୨ ତାରିଖ ଜଣେ ଛାତ୍ରୀ କଲେଜ ଯାଇଥିଲେ । ଅପରାହ୍ନରେ ସେ ଘରକୁ ଫେରି ନଥିଲେ । ଚିନ୍ତାରେ ଥିବା ପରିବାର ଲୋକ ଝିଅକୁ ଅପହରଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରିଥିଲା । ମୋବାଇଲ ଟ୍ରାକିଂ କରି ପିଡ଼ିତାଙ୍କୁ ଏକ ଘରୁ ଉଦ୍ଧାର କରିଥିଲା । ସେହିପରି କଲେଜରୁ ଛତ୍ରୀଙ୍କୁ ଅପହରଣ କରିନେଇଥିବା ଯୁବକଙ୍କୁ ସେଠାରୁ କାବୁ କରିଥିଲା । ଅଭିଯୁକ୍ତ ଜଣଙ୍କ ଛାତ୍ରୀଙ୍କୁ ନେଇ ଏକ ଘରେ ରଖି ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିଲେ ବୋଲି ପିଡ଼ିତା ଥାନାରେ ଅଭିଯୋଗ କରିଥିଲେ ।

# ସୁପରଭାଇଜରଙ୍କୁ ଖଣ୍ଡାଚୋଟ, ଗୁରୁତରଙ୍କୁ ବିଶାଖାପାଟଣା ସ୍ଥାନାନ୍ତର

ବ୍ରହ୍ମପୁର, (ସବ୍ୟୁ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ନୂଆ ବସଷ୍ଟାଣ୍ଡ କାଳୀମନ୍ଦିର ନିକଟରେ ଗୁରୁବାର ସକାଳେ ଜଣେ ବିଇଏମସି ସୁପରଭାଇଜରଙ୍କୁ ଖଣ୍ଡା ଚୋଟ ପଡିଛି । ଦୁର୍ବୃତ୍ତମାନେ ସଂଘବଦ୍ଧ ଭାବେ ତାଙ୍କୁ ଖଣ୍ଡାରେ ହାଣିଛନ୍ତି । ଗୁରୁତର ଯୁବକ ଜଣଙ୍କ ବଡବଜାର ଥାନା ଅନ୍ତର୍ଗତ ଧାନମେରା ସାହିର ଅମିତ ମୁଖୀ (୩୮) । ଗୁରୁତର ଅବସ୍ଥାରେ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି । ଖବର ପାଇ ବ୍ରହ୍ମପୁର ଏସପି ଡା.ସରର୍ଣା ବିବେକ ଏମ. ସେଠାରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଛନ୍ତି । ଅପରାଧୀ ମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି । ପ୍ରାଥମିକ ତଦନ୍ତରୁ ପୂର୍ବଶତ୍ରୁତାରୁ ଅମିତଙ୍କୁ ତାଙ୍କ ବିରୋଧୀ ଗୋଷ୍ଠିର ଯୁବକ ମାନେ ଏଭଳି ଭାବେ ହାଣି ହତ୍ୟା ଉଦ୍ୟମ କରିଥିବା ପୋଲିସ ସନ୍ଦେହ କରୁଛି । ଆହତଙ୍କ ସ୍ତ୍ରୀ ତୁଳସୀ ମୁଖୀଙ୍କ ଅଭିଯୋଗକ୍ରମେ ପୋଲିସ ୨୨/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ପୋଲିସ ଅପରାଧୀଙ୍କୁ ଧରିବା ପାଇଁ ଅଂଚଳରେ ଲାଗିଥିବା ସିସିଟିଭି ଜରିଆରେ ତଦନ୍ତ ଜାରି ରଖିଛି । ପ୍ରକାଶ ଯେ, ଅମିତ ମୁଖୀ ବ୍ରହ୍ମପୁର ମହାନଗର ନିଗମର ଅଳିଆ ଆବର୍ଜନା ଉଠାଇବା କାମ ପାଇଁ ସୁପରଭାଇଜର ଭାବେ କାମ କରନ୍ତି । ସେ ଗୁରୁବାର ସକାଳେ ନୂଆ ବସଷ୍ଟାଣ୍ଡ ନିକଟରେ ଜମା ହୋଇଥିବା ଆବର୍ଜନା ସେଠାରୁ ହଟାଇବା ପାଇଁ ତଦାରଖ କରୁଥିଲେ । କିଛି କର୍ମଚାରୀ ସେହି କାମରେ ନିୟୋଜିତ ହୋଇଥିଲେ । ହଟାତ ଦୁଇଟି ବାଇକରେ ୬ଜଣ ଯୁବକ ସେଠାରେ ପହଞ୍ଚି ଅମିତଙ୍କୁ ସଂଘବଦ୍ଧ ଭାବେ ଘାତକ ଆକ୍ରମଣ କରିଥିଲେ । ତାଙ୍କ ଗୋଡ, ପେଟ ଓ ଦୁଇ ହାତର କଟିରେ ୮ରୁ ୧୦ ଖଣ୍ଡା ଚୋଟ ପଡିଥିଲା । ଏହାଦେଖି ସେଠାରେ କାମ କରୁଥିବା ଲୋକାମାନେ ଜୀବନ ବିକଳରେ ସେଠାରୁ ଦୌଡ଼ି ପଳାଇଥିଲେ । ସେ ତଳେ ପଡି ଛଟପଟ ହେଉଥିବା ବେଳେ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ଚିକିତ୍ସା ପାଇଁ ପଠାଇ ଥିଲେ ।

## "ଶ୍ରୀରାମଙ୍କ ସ୍ୱର୍ଣ୍ଣ ଧନୁ ଯାତ୍ରାକୁ ବାରିପଦାରେ ସ୍ୱାଗତ ସମ୍ବର୍ଦ୍ଧନା

ବାରିପଦା, (ସବ୍ୟୁ) : ଓଡ଼ିଶାରୁ ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି ମନ୍ଦିରକୁ ପ୍ରେରିତ ହେବାକୁ ଥିବା "ଶ୍ରୀରାମଙ୍କ ସ୍ୱର୍ଣ୍ଣ ଧନୁ ବାରିପଦାରେ ପହଞ୍ଚିବାରେ ତାକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି ।



ରାଉରକେଲାରୁ ବାହାରି ପୁରୀ ପର୍ଯ୍ୟନ୍ତ ଯିବାକୁ ଥିବା ଏହି "ଶ୍ରୀରାମ ଧନୁ ବହନକାରୀ ସୁସଜ୍ଜିତ ରଥକୁ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ମୁର୍ଗାବାଡିଠାରେ ସ୍ୱାଗତ କରାଯିବା ପରେ ଏହାକୁ ସହର ପରିକ୍ରମା କରାଯାଇଥିଲା । ସାମାଜିକ ଗଣମାଧ୍ୟମରେ ହିନ୍ଦୁତ୍ୱବାଦୀ ନେତା ଭାବେ ଖ୍ୟାତି ଅର୍ଜନ କରିଥିବା ପ୍ରକାଶ ନାୟକ ରଥ ସହ ଆସିଥିବା ବେଳେ ଏହାକୁ କବିବିଷ୍ଣୁ ଶତପଥୀ, ପ୍ରଶାନ୍ତ ଆଚାର୍ଯ୍ୟ, ଲକ୍ଷ୍ମୀଧର ହାବଡା, ସୌମ୍ୟ ରଞ୍ଜନ ମିଶ୍ର, ଅମିତ ନାୟକ ଓ ବିଶ୍ୱଜିତ ରଣା ପ୍ରମୁଖଙ୍କ ନେତୃତ୍ୱରେ ଏକ ବଡ଼ ଧରଣର ବାଇକ ଶୋଭାଯାତ୍ରାରେ ପାଛୋଟି ନିଆଯାଇ ବାରିପଦା ନଗର ସାରା ପରିକ୍ରମା କରାଯାଇଥିଲା । "ଶ୍ରୀରାମ ସ୍ୱର୍ଣ୍ଣ ଧନୁ ରଥ ଯାତ୍ରା ବାରିପଦାରେ ଶୀତ ସନ୍ଧ୍ୟାରେ ବିଳମ୍ବରେ ପହଂଚିବା ସତ୍ତ୍ୱେ ବି ଶୋଭାବତୀ ଓତା, ସୁମନ ସିଂ, ହେମଲତା ଦାସ, ଶ୍ରଦ୍ଧାଞ୍ଜଳି ପଣ୍ଡା, ସୁମିତ୍ରା କୁଅଁରବାବୁ ଓ ଦୀପାଳି ନାଏକ ପ୍ରମୁଖଙ୍କ ସମେତ ବହୁସଂଖ୍ୟକ ମହିଳା ଧୈର୍ଯ୍ୟର ସହ ଅପେକ୍ଷା କରି ଉପସ୍ଥିତ ରହି ଏହାକୁ ସ୍ୱାଗତ କରିବା ଘଟଣା ବେଶ ଲକ୍ଷଣୀୟ ହୋଇଥିଲା ।

## ମୁଦୁଲୀପଲ୍ଲୀ ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ମୁଦୁଲୀପଲ୍ଲୀ ପୋଖରୀରୁ ଗୁରୁବାର ସକାଳେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତ ଯୁବକ ଜଣକ ହେଲେ ସେହି ଗ୍ରାମର ରଞ୍ଜନ ପାତ୍ର । ପୋଲିସ ଏବଂ ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ମୃତଶରୀରକୁ ପୋଖରୀରୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇ ଦେଇଛି । ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ଯୁବକ ଜଣଙ୍କ କେଉଁଭଳି ପରିସ୍ଥିତିରେ ମୃତ୍ୟୁ ହୋଇଛି ଏହାକୁ ନେଇ ଭଞ୍ଜନଗର ପୁଲିସ ତଦନ୍ତ ଜାରି ରହି ଥିବା ଥାନା ଅଧୀକାରୀ ଜୀବନନନ୍ଦ ଜେନା ସୁଚନା ଦେଇଛନ୍ତି ।

# ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ମକର ମହୋତ୍ସବ ଉଦ୍‌ଘାଟିତ




ବାରିପଦା, (ସବ୍ୟୁ) : ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୱାର୍ଡ ନଂ ୧୫ ସ୍ଥିତ ପୂର୍ଣ୍ଣଚନ୍ଦ୍ରପୁର ଠାରେ ତ୍ରିରଙ୍ଗା କ୍ଲବର ବାର୍ଷିକ ଉତ୍ସବ ଅବସରରେ ୬ଦିନିଆ ମକର ମହୋତ୍ସବ-୨୦୨୬ ଉଦ୍‌ଘାଟିତ ହୋଇଯାଇଛି । ଅତିଥି ଭାବେ କ୍ରୀଡା ସଙ୍ଗଠକ ତଥା ସମାଜସେବୀ ଗିରିଶ ଚନ୍ଦ୍ର ଦାସ, ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମଣିୟମ ମହାନ୍ତି, ସମାଜସେବୀ କାଶୀନାଥ ରଣା, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ସ୍ଥାନୀୟ କାଉନସିଲର ନିରୁପମା ମହାନ୍ତି ଓ ପ୍ରଣବ ମହାନ୍ତ ପ୍ରମୁଖ ଯୋଗଦେଇ ଏହି ମହୋତ୍ସବର ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସଭାପତି ଆଲୋକ କୁମାର ମହାନ୍ତି, ଉପସଭାପତି ରବୀନ୍ଦ୍ର କୁମାର ମହାନ୍ତି, ସମ୍ପାଦକ ବିଶ୍ୱରଂଜନ ବାଗ, ବରିଷ୍ଠ ସଦସ୍ୟ ସରୋଜ କୁମାର ମହାପାତ୍ର (ଲିଟନ), ନବ କିଶୋର ଗିରି, ମଳୟ ଦତ୍ତ, ଶିବଶଙ୍କର ବାଗ, ଶଶାଙ୍କ ତେଲେଙ୍ଗା, କାହ୍ନା ବାଗ, ଉମେଶ ମହାରଣା ଓ ଶେକ ଅଜିଜ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାମଦେବୀ ଲାଲପାଟ ସାଲପାଟ ମନ୍ଦିର ନିକଟରୁ ଏକ ମଶାଲ ରାଲି ବାହାରି ସହର ପରିକ୍ରମା କରିଥିଲା । ଏହି ମହୋତ୍ସବରେ ୧୫ରୁ ୧୭ତାରିଖ ମଧ୍ୟରେ ଖେଳାକୁଦ, ବ୍ୟାଡ଼ମିଣ୍ଟନ, କ୍ୟାରମ, ଭଲିବଲ ଓ କବାଡି ପ୍ରତିଯୋଗିତା ଏବଂ ୧୮ ରୁ ୨୦ ତାରିଖ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ପୁରସ୍କାର ବିତରଣ କରାଯାଇଥାଏ ବୋଲି ସଭାପତି ଆଲୋକ କୁମାର ମହାନ୍ତି ଜଣାଇଛନ୍ତି । ଦୀର୍ଘ ବର୍ଷଧରି ନିଆରା ଢଙ୍ଗରେ ଏହି ମହୋତ୍ସବ ବାରିପଦା ସହରରେ ଅନୁଷ୍ଠିତ ହୋଇଆସୁଅଛି । ଖେଳକୁଦ ପ୍ରତିଯୋଗିତାରେ ସ୍ଥାନୀୟ ତଥା ଆଖପାଖ ଅଂଚଳର ଛୋଟଛୋଟ ପିଲାଙ୍କ ଠାରୁ ବୟସ୍କ ପର୍ଯ୍ୟନ୍ତ ଅଂଶଗ୍ରହଣ କରୁଥିବାବେଳେ କ୍ୟାରମ, ବ୍ୟାଡ଼ମିଣ୍ଟନ, ଭଲିବଲ ଖେଳରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ଖେଳାଳି ଅଂଶ ଗ୍ରହଣ କରିଥାନ୍ତି ।

# ପୋଲିସ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବୁଗୁଡ଼ା, (ସବ୍ୟୁ): ଜାତୀୟ ସଡକ ସୁରକ୍ଷା ମାସ ପାଳନ ଅବସରରେ ଗୁରୁବାର ଦିନ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ବୁଗୁଡା ସହରର ମଦନ ମୋହନ ଛକ, ନୂଆଁ ବସଷ୍ଟାଣ୍ଡ ଛକ, ବଡଶଙ୍ଖ ଛକ ଏବଂ ବାଲିପଦର ଗାଁ ଛକରେ ହେଲମେଟ୍ ଯାଞ୍ଚ ସହ ଯେଉଁମାନେ ହେଲମେଟ୍ ପିନ୍ଧି ନଥିଲେ ସେମାନଙ୍କୁ ମାଗଣାରେ ହେଲମେଟ୍ ପ୍ରଦାନ ସାଙ୍ଗକୁ ହେଲମେଟ୍ ପିନ୍ଧିଥିବା ସଚେତନ ଗାଡି ଚାଳକଙ୍କୁ ଗୋଲାପ ଫୁଲ ପ୍ରଦାନ ପୂର୍ବକ ସମ୍ମାନିତ କରିଥିଲେ । ଏଥି ସହ ଗାଡି ଚାଳନା ସମୟରେ ହେଲମେଟ୍ ପରିଧାନ କରିବା ଏବଂ ମଦ୍ୟପାନ ନକରିବା ପାଇଁ ନିବେଦନ କରିବା ସହ ଟ୍ରାଫିକ ନିୟମ ପାଳନ ପାଇଁ ଜନ ସଚେତନତା କରାଯାଇଥିଲା । ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଏଏସଆଇ ରାଜକୁମାର ମହାପାତ୍ର ଓ ବାପୁଜୀ ଖଣ୍ଡଗିରିଙ୍କ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀମାନେ ଯୋଗ ଦେଇ ଜନସଚେତନା ସୃଷ୍ଟି କରିଥିଲେ ।

# ଆଲୋକ ସାସମଲ ଟାଟା ଷ୍ଟିଲ ଫାଉଣ୍ଡେସନର 'ଚେଞ୍ଜମେକର୍ ଆୱାର୍ଡ଼'ରେ ସମ୍ମାନୀତ

ବ୍ରହ୍ମପୁର, (ସବ୍ୟୁ): ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଝାଡ଼ଖଣ୍ଡର ଜାମସେଦପୁର ଠାରେ ଆୟୋଜିତ ଯୁବ ସମାରୋହ ' ଧ୍ୱନି 'ରେ ପ୍ରଶଂସା ସାଉଣ୍ଟିଛନ୍ତି ରଙ୍ଗେଇଲୁଣ୍ଡା ବ୍ଲକ ଫୁଲଟା ଗାଁର ଆଲୋକ ସାସମଲ । ପରିବେଶ ସଂରକ୍ଷଣ, ବୃକ୍ଷରୋପଣ ଓ ଦୀର୍ଘସ୍ଥାୟୀ ଜୀବନଶୈଳୀ ଉପରେ ସଚେତନତା ସୃଷ୍ଟି କରି ସେ ଚେଞ୍ଜମେକର ଆୱାର୍ଡ଼ରେ ପୁରସ୍କୃତ ହୋଇଛନ୍ତି । ଚଳିତମାସ ୧୧ ରୁ ୧୨ ତାରିଖ ପର୍ଯ୍ୟନ୍ତ ଦୁଇଦିନ ବ୍ୟାପୀ ଚାଲିଥିବା ' ଧ୍ୱନି ' ସମାରୋହରେ ତାଙ୍କୁ ଦିଆଯାଇଛି ଏହି ପୁରସ୍କାର । ଆଞ୍ଚଳିକ ସ୍ତରରେ ଥିବା ବିକାଶ ମୂଳକ ଆହ୍ୱାନର ସାମନା କରିବା ତଥା ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ଓ ନୂତନ ସୁଯୋଗ ସୃଷ୍ଟି କ୍ଷେତ୍ରରେ ଯୁବକଯୁବତୀ ମାନଙ୍କ ଭୂମିକାକୁ ଆହୁରି ସୁଦୃଢ଼ କରିବା ସହ ଏଥିପାଇଁ ସେମାନଙ୍କୁ ସଶକ୍ତ କରିବା ହେଉଛି ଧ୍ୱନି ସମାରୋହର ଲକ୍ଷ୍ୟ । ୨୦୧୭ ମସିହାରୁ ଆରମ୍ଭ କରାଯାଇଥିବା ଏହି ଅନନ୍ୟ କାର୍ଯ୍ୟକ୍ରମରେ ଏଯାବତ ୧୫୦୦ରୁ ଉର୍ଦ୍ଧ୍ୱ ଯୁବକଯୁବତୀ ସାମିଲ ହୋଇ ସାମାଜିକ ପରିବର୍ତ୍ତନର ସୂତ୍ରଧର ସାଜି ପାରିଛନ୍ତି । ସୁସ୍ଥ ଜୀବନଶୈଳୀ ଉପରେ ସଚେତନତା ସୃଷ୍ଟି କରି ସୁସ୍ଥ ସମାଜ ଗଠନ ପାଇଁ ତୃଣମୂଳ ସ୍ତରରେ ଉଦ୍ୟମ




ଜାରି ରଖିଛନ୍ତି ୧୯ ବର୍ଷୀୟ ଆଲୋକ । ପରିବାରର ଆର୍ଥିକ ଅବସ୍ଥା ଏତେଟା ସ୍ୱଚ୍ଛଳ ନଥିଲେ ବି, ସମାଜ ପାଇଁ କିଛି କରିବା ଲକ୍ଷ୍ୟରେ ନିଜର ଦୃଢ଼ମନ ନେଇ ଆଗେଇ ଚାଲିଛନ୍ତି ଯୁକ୍ତ ଦୁଇ ପଢୁଥିବା ଏହି ଯୁବକ । ସ୍ଥାନୀୟ ପିଲାମାନଙ୍କୁ ଟ୍ୟୁସନ ପଢ଼ାଇବା ସହ କିଶୋରାବସ୍ଥାରେ ସନ୍ତୁଳିତ ଖାଦ୍ୟ ଗ୍ରହଣ ଓ ସୁସ୍ଥ ଅଭ୍ୟାସ ଆପଣାଇବା ପାଇଁ ସ୍ଥାନୀୟ ଅଞ୍ଚଳରେ ସଚେତନତା ସୃଷ୍ଟି କରି ଆସୁଛନ୍ତି ଆଲୋକ । ୨୦୨୩ ମସିହାରେ ଟାଟା ଷ୍ଟିଲ ଫାଉଣ୍ଡେସନର ରିସ୍ତା ପ୍ରକଳ୍ପ ଅନ୍ତର୍ଗତ ସାଥି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବା ପରେ ଲିଙ୍ଗଗତ ସମାନତା, ବାଲ୍ୟ ବିବାହ ବିରୋଧ ଓ ଋତୁସ୍ରାବ ସ୍ୱଚ୍ଛତା ଆଦି ବିଷୟରେ ନିଜ ଅଞ୍ଚଳରେ ସଚେତନତାର ବାର୍ତ୍ତା ବାଣ୍ଟି ଉଦାହରଣ ପାଲଟିଛନ୍ତି ସେ । ଏହି ସବୁ କ୍ଷେତ୍ରରେ ନିଜର ନିରନ୍ତର ଉଦ୍ୟମ ପାଇଁ ସେ ଟାଟା ଷ୍ଟିଲ ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭ ରାୟଙ୍କ ଠାରୁ ଗ୍ରହଣ କରିଛନ୍ତି ଚେଞ୍ଜ୍ ମେକର ଆୱାଡ଼ । ଚଳିତ ବର୍ଷର ଧ୍ୱନି ସମାରୋହରେ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ରରୁ ଅନେକ ଯୁବକ ଯୁବତୀ ସାମିଲ ହୋଇଥିବା ବେଳେ ଓଡ଼ିଶାର ଗୋପାଳପୁର, କଳିଙ୍ଗନଗର, ମେରାମଣ୍ଡଳୀ, ସୁକିନ୍ଦା ଆଦି ଅଞ୍ଚଳରୁ ୧୪୦ରୁ ଉର୍ଦ୍ଧ୍ୱ ଯୁବକଯୁବତୀ ଅଂଶ ଗ୍ରହଣ କରିଥିଲେ ।

# ବିଭିନ୍ନ ଦାବୀନେଇ ଆରଟିଓଙ୍କୁ ଭେଟିଲେ ଘରୋଇ ବସ୍ ମାଲିକ ସଂଘ

ଛତ୍ରପୁର, (ସବ୍ୟୁ): ଆମେ କେମିତି ବଞ୍ଚିବୁ... ଆମେ କେମିତି ଇନସୁରାନ୍ସ, ପରମିଟ ଓ ଫାଇନାନ୍ସ ବାନ୍ଧିବୁ । ଆମକୁ ହଇରାଣ କରାଯାଉଛି । ଆମକୁ ଚଳିବାକୁ ଦିଅନ୍ତୁ । ଏପରି ହୋହାଲ୍ଲା କରି ଗଂଜାମ ଜିଲ୍ଲା ଘରୋଇ ବସର ବହୁ ମାଲିକ ମାନେ ଆଜି ଗଞ୍ଜାମ ଆରଟିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଆରଟିଓ ଇଂ ଦେବାଶିଷ ସ୍ୱାଇଁଙ୍କୁ ଭେଟି ଘରୋଇ ବସ ଚଳାଚଳର ସୁବ୍ୟବସ୍ଥା କରିବା ସମେତ ଅନ୍ୟାନ୍ୟ ଦାବୀ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏହାସହ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲାରେ ୩୦ରୁ ୪୦ ବର୍ଷ ଧରି ସମସ୍ତ ରୁଟ୍‌ରେ ଘରୋଇ ବସ୍ ସେବା ଯୋଗାଇ ଦେଇ ଆସୁଛୁ । ବିଗତ କିଛି ଦିନ ହେଲା ସରକାରଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀ ବସ୍ ସେବା ଏବଂ ଆମ ବସ୍ ବେନିୟମ ଭାବେ ଚଳାଚଳ କରୁଥିବାରୁ ସମସ୍ତ ଘରୋଇ ବସ୍ ମାଲିକ ଆର୍ଥିକ ଓ ମାନସିକ ସ୍ତରରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛୁ । ବର୍ତ୍ତମାନ ଦେଖାଯାଉଛି ଯେ ସମସ୍ତ ରୁଟ୍ ଯଥା ବ୍ରହ୍ମପୁର, ଗୋପାଳପୁର, ଛତ୍ରପୁର, ପୁରୁଷୋତମପୁର, ଟିକିଟି, ପାତ୍ରପୁର, ଦିଗପହଣ୍ଡି, ହିଂଜିଳିକାଟୁ, ଶେରଗଡ଼, ଖଲିକୋଟ, ପୋଲସରା, କୋଦଳା ଇତ୍ୟାଦି ରୁଟ୍ ରେ ସେମାନଙ୍କୁ ମିଳିଥିବା ପରମିଟ୍ ରୁଟ୍‌ରେ ମୁଖ୍ୟମନ୍ତ୍ରୀ ବସ୍ ସେବା ଏବଂ ଆମ ବସ୍ ବେନିୟମ ଭାବେ ଚଳାଚଳ କରୁଛନ୍ତି । ଯାହାଦ୍ୱାରା ସେମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ସରକାର ତାଙ୍କର ପେଟ ପାଟଣା ଚଳିବା ନିମନ୍ତେ ଜିଲ୍ଲାରେ ଘରୋଇ ବସ ଚଳାଚଳର ସୁବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି । ମୁଖ୍ୟମନ୍ତ୍ରୀ ବସ ସେବା ଓ ଆମ ବସ ବେନିୟମ ଚଳାଚଳକୁ ତୁରନ୍ତ ବନ୍ଦ କରାଯାଉ । ଏହାର ତଦନ୍ତ କରି ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଘରୋଇ ବସ ମାଲିକ ମାନେ ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ସମସ୍ତ ଘରୋଇ ବସକୁ ବନ୍ଦ କରି ଗାଡ଼ି ମାଲିକ ଓ ଗାଡ଼ି କର୍ମଚାରୀ ମାନେ ଜିଲ୍ଲାପାଳ ଓ ଆରଟିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

## ବାଇକ୍ ଜବତ, ଜଣେ ଗିରଫ

ଠାକୁରଗଡ, (ସବ୍ୟୁ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ପୋଲିସ ବୁଧବାର ଦିନ ହଣ୍ଡପା ଅଞ୍ଚଳରେ ଗାଡି ମଟର ଯାଞ୍ଚ କରିଛି । ଉଭୟ ପାଶ୍ୱର୍ରୁ ଆସୁଥିବା ସମସ୍ତ ବାଇକ ଗୁଡିକକୁ ଅଟକାଇ ଯାଞ୍ଚ କରାଯାଇଥିଲା । ଏହି ସମୟରେ ମଦ୍ୟପାନ କରି ବାଇକ ଚଳଉଥିବା ଅଭିଯୋଗରେ ବନ୍ତଳା ଥାନା ତାଳଗଡ ଗ୍ରାମର ଅରୁଣ ଦେହୁରିଙ୍କୁ ଗିରଫ କରାଯାଇଛି । ଏଥିସହ ତାଙ୍କ ବାଇକକୁ ଜବତ କରିଛି । ଏନେଇ ହଣ୍ଡପା ପୋଲିସ ଏକ ମାମଲା ରୁଜୁ କରିଛି ।

# ବାରିପଦା ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ କ୍ରୀଡ଼ା ଉତ୍ସବ

ବାରିପଦା, (ସବ୍ୟୁ) : ସରକାରୀ ପ୍ରାଥମିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନ, ବାରିପଦା ପକ୍ଷରୁ ଆୟୋଜିତ ୨୦୨୫-୨୬ ବର୍ଷର ସପ୍ତାହବ୍ୟାପୀ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଆଡ଼ମ୍ବର ପୂର୍ଣ୍ଣ ପରିବେଶରେ ଉଦଯାପିତ ହୋଇଯାଇଛି । ଗତ ୮ ଜାନୁଆରୀରୁ ଆରମ୍ଭ ହୋଇଥିବା ଏହି କ୍ରୀଡ଼ା ମହୋତ୍ସବରେ ଶିକ୍ଷାର୍ଥୀ-ଶିକ୍ଷକ ଓ କର୍ମଚାରୀମାନେ ବହୁ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ କ୍ୟାରମ୍, ଚେସ୍ ଏବଂ ବ୍ୟାଡମିଣ୍ଟନ ପରି ଇନଡୋର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଜାନୁଆରୀ ୧୦ ତାରିଖରେ ଆୟୋଜିତ ପ୍ରଥମ ଇଟିଇଆଇ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଇଟିଇଆଇ




ଟାଇଗର୍ସ' ଦଳ ଚାମ୍ପିଅନ୍ ହୋଇଥିଲେ । ୧୨ଜାନୁଆରୀ ମୁଖ୍ୟ କ୍ରୀଡ଼ା ଦିବସରେ ଆନ୍ତର୍ଜାତୀୟ ରଗ୍‌ବୀ ଖେଳାଳି ପାର୍ବତୀ ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସେ ନିଜ ବକ୍ତବ୍ୟରେ ଜୀବନରେ କ୍ରୀଡ଼ାର ଆବଶ୍ୟକତା ଓ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ । ବାରିପଦା ପୌରପାଳିକାର ୩ ନମ୍ବର ୱାର୍ଡ କାଉନସିଲର ରାଜ୍ ଗୁପ୍ତା ମୁଖ୍ୟବକ୍ତା ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ୧୦୦, ୨୦୦ ଓ ୪୦୦ ମିଟର ଦୌଡ଼ ସମେତ ଲଙ୍ଗ୍ ଜମ୍ପ, ହାଇ ଜମ୍ପ, ସଟ୍‌ପୁଟ୍, ଡିସ୍କସ୍ ଥ୍ରୋ ଏବଂ ଜାଭେଲିନ ଥ୍ରୋ ପରି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ କରି ବର୍ଷେଣ୍ୟ ଜେନା (ଛାତ୍ର) ଏବଂ ଦୁଲି ମୁର୍ମୁ (ଛାତ୍ରୀ) ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍ ବା ଚାମ୍ପିଅନ୍' ବିବେଚିତ ହୋଇଥିଲେ । ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଓଡ଼ିଶା ଭଲିବଲ୍ ଆସୋସିଏସନର ଉପସଭାପତି ମନୋରଞ୍ଜନ ଜିଉ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ ରଥୀନ୍ଦ୍ରନାଥ ଘୋଷଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମଗ୍ର କାର୍ଯ୍ୟକ୍ରମକୁ ଶାରୀରିକ ଶିକ୍ଷା ପ୍ରଶିକ୍ଷିକା ଚାନ୍ଦିନୀ ଖାତୁନ ସଫଳତାର ସହ ପରିଚାଳନା କରିଥିଲେ ।

## ଅପରିଚିତ ବ୍ୟକ୍ତିଙ୍କୁ ରକ୍ତ ଦାନ କଲେ ନର୍ସିଂ ଛାତ୍ର

ଭଞ୍ଜନଗର, (ସବ୍ୟୁ) : ଦିନକୁ ଦିନ ରକ୍ତ ସଙ୍କଟ ସାରା ରାଜ୍ୟରେ ଦେଖାଯାଉଛି । ରକ୍ତାଭାବରୁ ରୋଗୀ ମୃତ୍ୟୁ ମଧ୍ୟ ଦେଖାଯାଉଛି । କିନ୍ତୁ ଆଜିର ଡିଜିଟାଲ ଯୁଗର ଯୁବ ପୀଢ଼ି ରକ୍ତଦାନ କରି ସମସ୍ତଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିବା ସହ ଅନ୍ୟର ଜୀବନ ମଧ୍ୟ ବଞ୍ଚାଇବାର ଦେଖାଯାଉଛି । ଆଜି ଭଂଜନଗର ଉପଖଣ୍ଡ ଚିକିତ୍ସାଳୟରେ ଦୁଇ ଜଣ ପ୍ରଶିକ୍ଷଣ ଛାତ୍ର ସ୍ୱେଚ୍ଛାକୃତ ଭାବେ ରକ୍ତ ଦେଇ ଜଣେ ଅଜଣା ଲୋକର ଜୀବନ ବଞ୍ଚାଇଛନ୍ତି । ସେମାନେ ହେଲେ ଭଞ୍ଜ କଲେଜ ଅଫ ନର୍ସିଂର ବିଏସସି ତୃତୀୟ ବର୍ଷ ଛାତ୍ର ଆଦିତ୍ୟ ନାରାୟଣ ପାତ୍ର ଏବଂ ଅଭିନାଶ ପଟ୍ଟନାୟକ । ରୋଗୀ ଜଣଙ୍କ ରକ୍ତ ପାଉନଥିବା ବେଳେ ଡାକ୍ତର ଦିଲ୍ଲୀପ କୁମାର ସାହୁ ଏବଂ ଏଆରଟି କାଉନସିଲର ନାରାୟଣ ବେହେରାଙ୍କ ଉପସ୍ଥିତିରେ ଦୁଇ ଜଣ ଛାତ୍ରଙ୍କ ସ୍ୱେଚ୍ଛାକୃତ ରକ୍ତ ଦାନ ସାଧାରଣ ମହଲରେ ପ୍ରଶଂସାର ବିଷୟ ପାଲଟିଛି ।

## ସନ୍ଥସାଧକଙ୍କୁ ସମ୍ବର୍ଦ୍ଧନା

# ରାଜ୍ୟସ୍ତରୀୟ ଓଳାଶୁଣୀ ଗୁମ୍ଫା ମହୋତ୍ସବ ଉଦ୍‌ଘାଟିତ

## ଓଳାଶୁଣୀ ହେଉଛି ଦିବ୍ୟ ଅନୁଭବର ପୁଣ୍ୟପୀଠ

ବାଲିଚନ୍ଦ୍ରପୁର, (ସବ୍ୟୁ): ସାଧୁସନ୍ଥମାନଙ୍କ ବିଚାର ଓ ଚିନ୍ତନ ସମାଜ ପାଇଁ ଉତ୍ତମ ମାର୍ଗଦର୍ଶନ କରିଥାଏ । ସେମାନଙ୍କର ପୂଜନ, ବାଣୀଶ୍ରବଣ ଏବଂ ନିର୍ଦ୍ଦେଶିତ ଆଧ୍ୟାତ୍ମିକ ମାର୍ଗର ଅନୁସରଣ ଦ୍ୱାରା ମାନବୀୟ ବ୍ୟକ୍ତିସତ୍ତାର ଉତ୍ତରଣ ଘଟିଥାଏ ବୋଲି କହିଛନ୍ତି ବରେଣ୍ୟ ସାଧକ ପୁରୀ ନେବଳ ଦାସ ମଠର ମହନ୍ତ ଡକ୍ଟର ରାମଚରଣ ଦାସ ମହାରାଜ । ଓଁକାର କ୍ଷେତ୍ର ଓଳାଶୁଣୀ ବଡ଼ଦାଣ୍ଡରେ ମାଘକୃଷ୍ଣ ଷଟ୍‌ତିଳା ଏକାଦଶୀ ତିଥିରେ ଅଷ୍ଟାଦଶ ଶତାବ୍ଦୀର ସନ୍ଥ ଅରକ୍ଷିତ ଦାସଙ୍କ ୧୮୯ ତମ ମହାସମାଧି ବ୍ରହ୍ମଲୀନ ଦିବସରେ ଆୟୋଜିତ ହୋଇଥିଲା ରାଜ୍ୟସ୍ତରୀୟ ଓଳାଶୁଣୀ ଗୁମ୍ଫା ମହୋତ୍ସବ ସମାରୋହ । ଓଳାଶୁଣୀ ଗୁମ୍ଫା ଉନ୍ନୟନ ନ୍ୟାସ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀମନ୍ଦିରର ପୂର୍ବତନ ମୁଖ୍ୟ ପ୍ରଶାସକ ତଥା ପ୍ରାକ୍ତନ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଗଂଜନ କୁମାର ଦାସ ଯାଜପୁରର ଐତିହ୍ୟ ଓ ସଂସ୍କୃତି ସଂପନ୍ନ ଭୂମିର ଏକ ଗୌରବମୟ ପରମ୍ପରା ଅଛି ଏବଂ ସନ୍ଥଭୂମି ଓଳାଶୁଣୀ କ୍ଷେତ୍ର ସର୍ବଧର୍ମ ସମନ୍ୱୟ, ସଂହତି ଓ ଦିବ୍ୟ ଅନୁଭବର ଏକ ପବିତ୍ରସ୍ଥଳୀ ବୋଲି କହିଥିଲେ । ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ତାମିଲନାଡୁ ତିରୁବନ୍ନାମଲାଇ ସ୍ଥିତ ବୈଦିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରିହର କାନୁନ୍‌ଗୋ କହିଥିଲେ ଯେ, ସନ୍ଥ ଅରକ୍ଷିତ ଦାସ ଓ ମା ଓଳାଶୁଣୀଙ୍କ ପବିତ୍ରପୀଠ ସାରା ଓଡ଼ିଶାକୁ ଧାର୍ମିକ ସମନ୍ୱୟର ଏକ ଦିବ୍ୟ ବାର୍ତ୍ତା ଦେଉଛି । ଏହି ଶୁଭାବସରରେ ନ୍ୟାସ ପକ୍ଷରୁ ମହନ୍ତ ଡକ୍ଟର




ରାମଚରଣ ଦାସଙ୍କୁ ମା ଓଳାଶୁଣୀ ସମ୍ମାନ ଏବଂ ବିଶିଷ୍ଟ କଥାବାଚକ ପଣ୍ଡିତ ମହେଶ କୁମାର ସାହୁଙ୍କୁ ସନ୍ଥ' ଅରକ୍ଷିତ ଦାସ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଓଳାଶୁଣୀ ନ୍ୟାସର ସଭାପତି ଶରତ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱ ଏବଂ ମ୍ୟାନେଜିଂ ଟ୍ରଷ୍ଟି ତଥା ସଂସ୍କୃତି ଗବେଷକ ଶୁଭେନ୍ଦୁ କୁମାର ଭୂୟାଁ ସଂଚାଳନରେ ଆୟୋଜିତ ସମାରୋହରେ ଟ୍ରଷ୍ଟି ତଥା ବରିଷ୍ଠ ସାମ୍ବାଦିକ ବିରୂପାକ୍ଷ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ । ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ, ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ବାଚସ୍ପତି ସୁରମା ପାଢ଼ୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ କୁମାର ପାଢ଼ୀ ପଠାଇଥିବା ଆଧ୍ୟାତ୍ମିକ ବାର୍ତ୍ତାଗୁଡ଼ିକୁ ନ୍ୟାସର ସଦସ୍ୟ ମନ୍ମଥକେଶରୀ ସାହେବ, ଶ୍ରୀକାନ୍ତ ସାମଲ, ଜଗନ୍ନାଥ ପାଢ଼ୀ, ଦେବଦତ୍ତ ସାମଲ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନ୍ୟାସର ଉପଦେଷ୍ଟା ବଟକୃଷ୍ଣ ସାମଲ, ପ୍ରଫେସର ରବୀନ୍ଦ୍ର ନାଥ ସାମଲ ଓ ଦାମୋଦର ସ୍ୱାଇଁ ପ୍ରମୁଖ ସନ୍ଥସାଧକ ଅରକ୍ଷିତ ଦାସଙ୍କ ସ୍ମୃତି ପ୍ରତି ଭକ୍ତିସୁମନ ଅର୍ପଣ କରିଥିଲେ । ପ୍ରାରମ୍ଭରେ ଶ୍ରୀକ୍ଷେତ୍ରରୁ ଆସିଥିବା ମହାପ୍ରଭୁଙ୍କ ଆଜ୍ଞାମାଳ ଓ ମା ଓଳାଶୁଣୀଙ୍କ ଆଜ୍ଞାମାଳକୁ ନାମ ସଂକୀର୍ତ୍ତନ ଶୋଭାଯାତ୍ରାରେ ସନ୍ଥ' ଅରକ୍ଷିତଙ୍କ ସମାଧି ଦର୍ଶନ ସହିତ ମହୋତ୍ସବ ନିକଟକୁ ଅଣାଯାଇଥିଲା । ସମାରୋହରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ସାଧୁସନ୍ଥ, ମହନ୍ତ, ଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ ।

# କଳିଙ୍ଗନଗର ଟାଟା ଷ୍ଟିଲ, ପୋଲିସର ମିଳିତ ସଡ଼କ ସୁରକ୍ଷା ସଚେତନତା




ବ୍ୟାସନଗର, (ଜିପ୍ର) : ୩୭ତମ ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ, ସୁରକ୍ଷିତ ଏବଂ ଦାୟିତ୍ୱସମ୍ପନ୍ନ ସଡ଼କ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ଦୋହରାଇ, ଟାଟା ଷ୍ଟିଲ କଳିଙ୍ଗନଗରର (ଟିଏସକେ) ସୁରକ୍ଷା ବିଭାଗ, କଳିଙ୍ଗନଗର ପୋଲିସ ସହଯୋଗରେ କଳିଙ୍ଗନଗରଠାରେ ଏକ ଦୁଇ ଦିନିଆ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ ହୋଇଯାଇଛି।

ଗୁରୁବାର ଦିନ ଡୁବୁରିସ୍ଥିତ ଟାଟା ଷ୍ଟିଲ କଳିଙ୍ଗନଗରର ମୁଖ୍ୟ ଗେଟ ନଂ- ୧ ନିକଟରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ ଏବଂ କଳିଙ୍ଗନଗର ଥାନା ଆଇଆଇସି ପ୍ରକାଶ କୁମାର ସାହୁଙ୍କ ଉପସ୍ଥିତିରେ ଏହି ଅଭିଯାନ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ଏହି ଅବସରରେ ଟାଟା ଷ୍ଟିଲ କଳିଙ୍ଗନଗର ଏବଂ ଟାଟା ଷ୍ଟିଲ ମେରାମଣ୍ଡଳୀର ମୁଖ୍ୟ ସୁରକ୍ଷା ଅଧିକାରୀ ପ୍ରକାଶ ସଞ୍ଜୟ ଏବଂ ଟାଟା ଷ୍ଟିଲ କଳିଙ୍ଗନଗରର ମୁଖ୍ୟ ସୁରକ୍ଷା (ଅପରେସନ୍ସ) ରବି ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।ଚଳିତ ବର୍ଷର ବିଷୟବସ୍ତୁ ଏକ ରାସ୍ତା, ଏକ ପରିବାର ସମସ୍ତଙ୍କ ପ୍ରତି ସମ୍ମାନ ଉପରେ ଆଧାରିତ ଏହି ଅଭିଯାନର ଲକ୍ଷ୍ୟ ହେଉଛି ସମସ୍ତ ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷା ନିଶ୍ଚିତ କରିବାରେ ବ୍ୟକ୍ତିଗତ ଉତ୍ତରଦାୟିତ୍ୱ ଏବଂ ଅଂଶୀଦାର ଦାୟିତ୍ୱକୁ ଗୁରୁତ୍ୱ ଦେବା। ଏହି ଅଭିଯାନ ସମୟରେ ଚାଳକମାନଙ୍କୁ ସିଟ ବେଲ୍ଟ ପିନ୍ଧିବାର ଗୁରୁତ୍ୱ ବିଷୟରେ ଅବଗତ କରାଯାଇଥିବାବେଳେ ଦୁଇଚକିଆ ଯାନ ଚାଳକ ଏବଂ ପଛରେ ବସୁଥିବା ବ୍ୟକ୍ତିଙ୍କୁ ସୁରକ୍ଷା ପାଇଁ ସବୁବେଳେ ହେଲମେଟ ପିନ୍ଧିବାକୁ ଉତ୍ସାହିତ କରାଯାଇଥିଲା।ଏହି ଅବସରରେ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ସତର୍କତା ସୂଚନା ଥିବା ଲିଫଲେଟ ମଧ୍ୟ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଅଂଶବିଶେଷ ଭାବେ, ସଡ଼କ ସୁରକ୍ଷା ନିୟମ ପାଳନ କରିବାର ଗୁରୁତ୍ୱ ବିଷୟରେ ଶିକ୍ଷା ଦେବା ଉଦ୍ଦେଶ୍ୟରେ ସୁରକ୍ଷା ଏବଂ ଲଜିଷ୍ଟିକ ବିଭାଗ ପକ୍ଷରୁ ଦୁଇଟି ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।

ମାସବ୍ୟାପୀ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ କଳିଙ୍ଗନଗର ବିଶେଷ କରି ଗତି ସୀମା ମାନିବା, ସିଟ ବେଲ୍ଟ (ଆଗ ଏବଂ ପଛ) ବ୍ୟବହାର, ଗାଡ଼ି ଚଳାଇବା ସମୟରେ ମୋବାଇଲ ବ୍ୟବହାର ନକରିବା, ଗାଡ଼ି ମଧ୍ୟରେ ସୁରକ୍ଷିତ ଦୂରତା ବଜାୟ ରଖିବା, ଲେନ ଶୃଙ୍ଖଳା ଅନୁସରଣ କରିବା, ଗାଡ଼ିର ସଠିକ ରକ୍ଷଣାବେକ୍ଷଣ ଏବଂ ଜରୁରୀକାଳୀନ ଯାନକୁ ବାଟ ଛାଡ଼ିବା ଭଳି ପ୍ରମୁଖ ଦିଗଗୁଡ଼ିକ ଉପରେ ସଚେତନତା ବୃଦ୍ଧି ଉପରେ ଧ୍ୟାନ ଦିଆଯିବ ।

# ପୋଲିସକୁ ମାଡ଼ମାରି ଯୁବକ କୋର୍ଟ ଚାଲାଣ



ରଘୁନାଥପୁର, (ସବ୍ୟୁ): ରଘୁନାଥପୁର ଥାନାର ଜଣେ କାର୍ଯ୍ୟରତ ପୋଲିସ କନେଷ୍ଟବଲଙ୍କୁ ଜନୈକ ଯୁବକ ମାଡମାରି କୋର୍ଟ ଚାଲାଣ ହୋଇଥିବା ଜଣାଯାଇଛି । ଗୁରୁବାର ପୂର୍ବାହ୍ନରେ ରଘୁନାଥପୁର ଥାନା କନଷ୍ଟେବଲ ଦିଲୀପ ମଲ୍ଲିକ ରଘୁନାଥପୁର ବଜାରରୁ ସଉଦା କିଣୁଥିବା ବେଳେ ରଘୁନାଥପୁର ଗ୍ରାମର ଜିସାନ ସିହ୍ନା ବେପରୁଆ ଭାବେ ଗାଡି ଚାଳନା କରି ତାଙ୍କ ପାଖଦେଇ ବାଇକ ଘଷି ନେଇଥିଲେ । ଦିଲୀପ ଏଭଳି ବାଇକ ଚଳାଇବା ନେଇ ବିରୋଧ କରିବାରୁ ଜିସାନ ଦାଦାଗିରି ଦେଖାଇଥିଲେ । ଏହାପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଏହି ସମୟରେ ଜିସାନ ଧରିଥିବା ଗାଡିଚାବିରେ ଦିଲୀପଙ୍କ ମୁହଁ ଓ ମୁଣ୍ଡକୁ ମାଡ ମାରିଥିଲେ । ସ୍ଥାନୀୟ ଲୋକେ ବିରୋଧ କରିବାରୁ ଯିସାନ ସେଠାରୁ ଚାଲିଯାଇ ପୁଣି ଆସି ଦିଲୀପଙ୍କ ଉପରେ ଆକ୍ରମଣ କରିଥିଲେ ।

ଖବରପାଇ ଏସଆଇ ଯୋଗେଶ୍ୱର ବେହେରା ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଦିଲୀପଙ୍କୁ ଉଦ୍ଧାର କରିବା ସହ ତାଙ୍କୁ ସ୍ଥାନୀୟ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ । ଦିଲୀପଙ୍କ କାନମୁଣ୍ଡା ଓ ବେକରେ ଗଭୀର ଆଘାତ ଲାଗିଥିଲା ।ଦିଲୀପଙ୍କ ମୁଣ୍ଡ ଫୁଲି ରହିଥିବା ବେଳେ ଅଧିକ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ରେଫର କରିଥିବା ଏସଆଇ ବେହେରା ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ଦିଲ୍ଲିପ ଥାନାରେ ଏତଲା ଦେବା ପରେ ଥାନା ପୋଲିସ ୧୨/୨୦୨୬ରେ ଏକ ମାମଲା ରୁଜୁ କରି ଜିସନଙ୍କୁ ଗିରଫ କରି ରଘୁନାଥପୁର ଗ୍ରାମ୍ୟ ନ୍ୟାୟାଳୟରେ ହାଜର କରାଇଥିଲେ । ଏହି ଘଟଣାରେ ରଘୁନାଥପୁର ବଜାର କମିଟି ପକ୍ଷରୁ ଅଭିଯୁକ୍ତକୁ କଠୋର ଦଣ୍ଡରେ ଦଣ୍ଡିତ କରିବା ପାଇଁ ଦାବୀ ହେଉଛି । ଏହାଛଡା ପୋଲିସ ଯେଉଁଠି ସୁରକ୍ଷିତ ନୁହନ୍ତି ସେଠି ସାଧାରଣଜନତା ସୁରକ୍ଷିତ ରହିବେ କିପରି ବୋଲି ମତ ପ୍ରକାଶ ପାଇଛି ।

# ଡାକ୍ତର ସଂଗ୍ରାମ ମହାନ୍ତି ସମ୍ବର୍ଦ୍ଧିତ



ନାଉଗାଁ , (ସବ୍ୟୁ): ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁନାମଧନ୍ୟ ପ୍ରତିଷ୍ଠିତ ଜନପ୍ରିୟ ଡ଼ାକ୍ତର ସଂଗ୍ରାମ କେଶରୀ ମହାନ୍ତି ନିଜର କାର୍ଯ୍ୟଦକ୍ଷତା ଓ ସମାଜ ସେବା ଅଧ୍ୟାତ୍ମିକ ବ୍ୟକ୍ତି ପାଇଁ ନାଉଗାଁ ଅଞ୍ଚଳରେ ଘରେ ଘରେ ପରିଚିତ। ଡାକ୍ତର ମହାନ୍ତିଙ୍କୁ ତାଙ୍କର ଅବଦାନ ପାଇଁ ଫକୀର ମୋହନ ସେନାପତି ସ୍ମୃତି ପାଠାଗାର ,କଣ୍ଟୁଣିଆ ପକ୍ଷରୁ ମକର ଉତ୍ସବ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା।

ଉକ୍ତ ଉତ୍ସବକୁ ଜଗତସିଂହପୁର ସାଂସଦ ଡ଼.ବିଭୁ ପ୍ରସାଦ ତରାଇ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ଜିଲ୍ଲାପାଳ ଜେ. ସୋନାଲ, ମୂଖ୍ୟ ବକ୍ତା ଭବେ ବାବା ସତ୍ୟାନନ୍ଦ ଦାସ, ଅନ୍ୟତମ ଅତିଥି ଭାବେ ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ ପ୍ରମୁଖ ବିଶିଷ୍ଟ ଅତିଥି ମାନଙ୍କ ଉପସ୍ଥିତିରେ ଡାକ୍ତର ମହାନ୍ତିଙ୍କୁ ଜିଲ୍ଲାପାଳ ଜେ. ସୋନାଲ ସମ୍ବର୍ଦ୍ଧିତ କରିବା ସହିତ ଉପଢୋକନ ମାନପତ୍ର ପ୍ରଦାନ କରିଥିଲେ। ଏହି ଉତ୍ସବକୁ ସମ୍ପାଦକ ହିମାଂଶୁ ମହାନ୍ତି, ତ୍ରିଲୋଚନ ପାଢ଼ୀ ସମେତ କର୍ମକର୍ତ୍ତା ମନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପାଠାଗାରର ଆବାହକ ପ୍ରତାପ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ଚୋରା ମଦ ଜବତ : ୭ କୋର୍ଟ ଚାଲାଣ

କେନ୍ଦ୍ରାପଡା, (ସବ୍ୟୁ): କେନ୍ଦ୍ରାପଡ଼ାର ମାର୍ଶାଘାଇ, ପାଟକୁରା, ପଟ୍ଟାମୁଣ୍ଡେଇ ଟାଉନ ଓ ପଟ୍ଟାମୁଣ୍ଡେଇ ରୁରାଲ ଥାନା ଅଧିନିସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ଚଢାଉ କରାଯାଇ ଶାନମୂଳବସନ୍ତ ଗ୍ରାମର ଚନ୍ଦ୍ରଶେଖର ସେଠୀଙ୍କ ଠାରୁ ୧୫ ଲିଟର ଦେଶୀ ମଦ, ଲୋକନାଥପୁର ଗ୍ରାମର ରାଜେନ୍ଦ୍ର ମଳିକଙ୍କ ଠାରୁ ୨୧ ଲିଟର ବିଦେଶୀ ମଦ, ସିଂହନାଥପୁର ଗ୍ରାମର ଦିପୁ ନାୟକଙ୍କ ଠାରୁ ୨୪ ଲିଟର ଦେଶୀ ମଦ, ଟିଖିରୀ ଗ୍ରାମର କଙ୍କଳି ବେହେରାଙ୍କ ଠାରୁ ୯୧୫ ଲିଟରଦେଶୀ ରନ୍ଧା ଗୁଡ ପୋଚ, ନାଳଦିଅପାଳଦ ଗ୍ରାମର ଅରୁଣ କୁମାର ବେହେରାଙ୍କ ଠାରୁ ୧୪ ବିଦେଶୀ ମଦ, ସିନ୍ଧା ଗ୍ରାମର ରଞ୍ଜନ ନାୟକଙ୍କ ଠାରୁ ୧୯ ଲିଟର ବିଦେଶୀ ମଦ, ବନ୍ଧକଟା ଗ୍ରାମର ଗଣେଶ ବେହେରାଙ୍କ ଠାରୁ ୨୨ ଲିଟର ଦେଶୀ ମଦ କରାଯାଇ ଏମାନଙ୍କୁ ଗିରଫ କରାଯାଇଅଛି । ଏମାନଙ୍କ ପାଖରୁ ସମୁଦାୟ ୧୦୩୦ ଲିଟର ଦେଶୀ, ବିଦେଶୀ ଓ ଦେଶୀ ରନ୍ଧାଗୁଡ ପୋଚା ମଦ ଜବତ କରାଯାଇ ୦୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଅଛି । ଏହି ଚଢ଼ାଉରେ ଅବକାରୀ ଉପନିରିକ୍ଷକ ଛାୟାକାନ୍ତ ନାୟକ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ମିସ ରତ୍ନପ୍ରଭା ସ୍ୱାଇଁ, ସହକାରୀ ଉପନିରିକ୍ଷକ ସୁନୀଲ କୁମାର ମିଶ୍ର, ପ୍ରଦୀପ କୁମାର ମଳିକ ଓ ଅନ୍ୟ କର୍ମଚାରି ସାମିଲ ଥିଲେ ।

# କାର୍ଯ୍ୟ ଅନୁଧ୍ୟାନ ବେଳେ କନିଷ୍ଠଯନ୍ତ୍ରୀକୁ ଘେରିଲେ ଗ୍ରାମବାସୀ

କୁଆଁପାଳ, (ସବ୍ୟୁ): ସାଲେପୁର ଉପଖଣ୍ଡ କାର୍ଯାଳୟ ଅଧିନ ନିଶ୍ଚିନ୍ତକୋଇଲି ଲଳିତଗିରି ପୂର୍ତରାସ୍ତାର ମାହାଙ୍ଗା ବ୍ଲକ ଗୋତରା ନୀଳମାଧବ ମନ୍ଦିର ଠାରୁ ଉମର ରଥ ଦାଣ୍ଡ ସହିତ ବେହେରା ସାହି ପର୍ଯ୍ୟନ୍ତ ପ୍ରାୟ ୧୨ ଶହ ୫୦ ମିଟର ରାସ୍ତା କାର୍ଯଯ ପାଇଁ ୨୫ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ତେବେ ଆଜି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁରେଶ ନାୟକ ଏବଂ ଜଣେ କର୍ମଚାରୀଙ୍କୁ ନେଇ ରାସ୍ତା କାର୍ଯ୍ୟ ମାପ ନେବାକୁ ଆସିଥିବାବେଳେ ସ୍ଥାନୀୟ ଲୋକେ ବିଲ କରିବାକୁ ସନ୍ଦେହ କରି ଯନ୍ତ୍ରୀଙ୍କୁ ଅଟକ ରଖିଥିଲେ । ରାସ୍ତା କାର୍ଯ୍ୟ ନିମ୍ନମାନର ହେବା ସତ୍ତ୍ୱେ ଏହି ମାପ କାହିଁକି ଓ କାହା ସ୍ୱାର୍ଥରେ କରାଯାଇ ବିଲ ପାଇଁ ମସୁଧା କରାଯାଉଥିଲା ,ତାକୁ ନେଇ ନାନା ପ୍ରଶ୍ନ ଯନ୍ତ୍ରୀଙ୍କୁ ପଚାରିଥିଲେ ।

ସଂପୃକ୍ତ ଯନ୍ତ୍ରୀ ସଠିକ୍ ଉତର ନ ଦେଇ କଥାକୁ ଏଡାଇ ଦେଇ ଏହି ରାସ୍ତା କାର୍ଯ୍ୟ ମୋ ସମୟରେ ଏଷ୍ଟିମେଟ ହୋଇନାହିଁ । ବର୍ତମାନ ମୁଁ ଏଠାରେ ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଛି ବୋଲି କହିବା ପରେ ଅଂଚଳବାସୀଙ୍କ ଦାବୀ ଅନୁଯାୟୀ ଉଚ୍ଚପଦସ୍ଥ ଅଧିକାରୀ ଆସିଲେ ଆପଣଙ୍କୁ ଛଡା ଯିବ ବୋଲି ଜିଦ ଧରିଥିଲେ ।

ଖବର ପାଇ ଭଦ୍ରେଶ୍ୱର ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଲୋକଙ୍କୁ ବୁଝା ସୁଝା କରିଥିଲେ । ଏହା ପରେ କନିଷ୍ଠଯନ୍ତ୍ରୀ ଶ୍ରୀ ନାୟକ ଏକ କାଗଜରେ ଏହି ରାସ୍ତାଟି ପୁର୍ନବାର କରାଯିବ ବୋଲି ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଅବଗତ କରାଇବା ଲିଖିତ ପ୍ରତିଶ୍ରୁତି ଦେବା ପରେ ସ୍ଥାନୀୟ ଲୋକେ ଛାଡି ଥିଲେ ।

## ପେଟ୍ରୋଲପମ୍ପ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଧର୍ମଶାଳା,(ସବ୍ୟୁ): ଧର୍ମଶାଳା ଥାନା ନାକପୋଲ ବଜାରସ୍ଥିତ ଜଗନ୍ନାଥ କିଶାନ ସେବାକେନ୍ଦ୍ର ପେଟ୍ରୋଲ ପମ୍ପର ଜଣେ କର୍ମଚରୀଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ଜଣକ ଏହି ଥାନା ବାରବାଟୀ ପଞ୍ଚାୟତ ବଡଫୁଲାଡି ଗ୍ରାମର ଜୟରାମ ସାହୁଙ୍କ ପୁଅ ଅଭୟ ସାହୁ (୨୪) ବୋଲି ଜଣପଡିଛି । ଅଭୟ କିଛି ଦିନ ହେଲା ନାକପୋଲସ୍ଥିତ ଜଗନ୍ନାଥ କିଶାନ ସେବା ପେଟ୍ରୋଲ ପମ୍ପରେ କର୍ମଚାରୀ ଭାବେ ରହି ଗାଡିରେ ତେଲ ଦେଉଥିଲେ । ତେବେ ଆଜି ମଧ୍ୟାହ୍ନରେ ସେ ଖାଇ ରୁମରେ ରେଷ୍ଟ ନେବାକୁ ଯାଇ ଆଉ ଫେରିନଥିଲେ । ସାଥୀ କର୍ମଚାରୀମାନେ ତାଙ୍କୁ ଖୋଜାଖୋଜି କରିବା ପରେ ଅଭୟ ବେକରେ ରଶି ଲଗାଇ ଓହଳିପଡିଥିବା ଦେଖିଥିଲେ । ଏନେଇ କର୍ମଚାରୀମାନେ ମାଲିକଙ୍କୁ ଜଣାଇବା ପରେ ମାଲିକ ମୃତକର ପରିବାର ଓ ପୁଲିସକୁ ଖବର ଦେଇଥିଲେ । ଧର୍ମଶାଳା ପୁଲିସ ସେଠାରେ ପହଁଚି ମୃତକର ପରିବାରଙ୍କ ଉପସ୍ଥିତିରେ ରଶି କାଟି ମୃତଦେହକୁ ଉଦ୍ଧାର କରିବା ସହ ବ୍ୟବଚ୍ଛେଦ ଲାଗି ଧର୍ମଶାଳା ମେଡିକାଲକୁ ପଠାଇଥିଲେ । ଏନେଇ ଧର୍ମଶାଳା ଥାନା ପୁଲିସ ୨/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ବୋଲି ଥାନା ଅଧିକାରୀ ରମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ଓଚିନ୍ଦାର ଗଣପର୍ବ ହରିହାଟ ମହୋତ୍ସବ ଆରମ୍ଭ

ପାଣିକୋଇଲି, (ସବ୍ୟୁ): କୋରାଇ ବ୍ଲକ ଅର୍ନ୍ତଗତ ପଥରପଦା ପଂଚାୟତ ଓଚିନ୍ଦା ଗ୍ରାମର ଗଣପର୍ବ ହରିହାଟ ମେଳା ଓ ମହୋତ୍ସବ ଆରମ୍ଭ ହୋଇଛି । ଚଳିତ ବର୍ଷ ଧୂମଧାମରେ ହରିହାଟ ପର୍ବ ପାଳନ କରାଯାଉଛି । ନାମଯଜ୍ଞ, ଗୀତା ଓ ଭାଗବତ ପାଠ ସହ ଯଜ୍ଞ ଆରମ୍ଭ ହୋଇଛି । ଯଜ୍ଞ ଯୋଗୁ ସମ୍ପୂର୍ଣ୍ଣ ଗ୍ରାମକୁ ଆମିଷ ନିଷେଧ କରାଯାଇଛି । ଭକ୍ତ ଓ ଦର୍ଶକଙ୍କ ଭିଡ ଜମିବା ସହ ଶ୍ରଦ୍ଧାଳୁ ମାନେ ଯଜ୍ଞକୁଣ୍ଡରେ ନଡିଆ, ଘିଅ, ଅରୁଆ ଚାଉଳ, ଧୂପ, ଉଖୁଡା,ଫୁଲ ପକାଉଛନ୍ତି । ନିଜର ମାନସିକ ପୂରଣ ସହ ନୂତନ ମାନସିକ ଭକ୍ତମାନେ କରୁଥିବା ଦେଖାଯାଉଛି । ବନ୍ଧୁ ବାନ୍ଧବ ବା ରାଜ୍ୟ ବାହାରେ କାମ ଓ ଚାକିରି କରିଥିବା ସମସ୍ତେ ଗ୍ରାମକୁ ଗଣପର୍ବ ପାଇଁ ଫେରିଛନ୍ତି । ମୀନାବଜାର ସହ ବିଭିନ୍ନ ଦୋଳିର ମଜା ନେଉଛନ୍ତି କୁନି କୁନି ପିଲାମାନେ । ଏହି ଅବସରରେ ମହୋତ୍ସବ କରାଯିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ । ଏହି ମେଳା ଏକ ସପ୍ତାହ ବ୍ୟାପି ଚାଲିବ । ଗ୍ରାମ୍ୟ ମୁରବୀ ରଘୁନାଥ ପାଢୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜକ ପରମାନନ୍ଦ ଶତପଥି, ରାଧାକାନ୍ତ ଶତପଥି, ପ୍ରଫୁଲ୍ଲ ପାଢୀ, କୃଷ୍ଣ ଚନ୍ଦ୍ର ପାଢୀ ପ୍ରମୁଖ ଯଜ୍ଞ ଭାର ତୁଲାଉଛନ୍ତି । ଗୋପିନାଥ ନାଟ୍ୟ ପରିଷଦ ପକ୍ଷରୁ ୩ ଦିନ ମୁକ୍ତାକାଶ ନାଟକ ପରିବେଷଣ ସହ ୩ଦିନ ଯାତ୍ରା ଅନୁଷ୍ଠିତ ହେବ । ସର୍ବୋପରି ଆଜି ଠାରୁ ଗାଁ ଗଣପର୍ବ ଅବସରରେ ଉତ୍ସବ ମୁଖର ହୋଇଛି । ଗ୍ରାମର ଆବାଳ ବୃଦ୍ଧ ବନିତା ଏହି କାର୍ଯଯକ୍ରମରେ ସହଯୋଗ ଓ ଯୋଗ ଦେବା ସହ ସନ୍ଧ୍ୟାରେ ମହିଳାଙ୍କ ଭିଡ ପରିଲିକ୍ଷିତ ହୋଇଛି । ରଙ୍ଗୀନମାଳାରେ ସୁସଜ୍ଜିତ କରାଯାଇଛି ସମଗ୍ର ଅଂଚଳ । କମିଟି ପକ୍ଷରୁ ସମସ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ଚଳିତ ବର୍ଷ ଗ୍ରାମରେ ନୂତନ ଗୋପିନାଥ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ରଖାଯାଇଛି । ୨୦ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ ଏହି କାର୍ଯଯକ୍ରମ ଚାଲୁ ରହିବ ।

## ଭାଟପଡା ଧାନମଣ୍ଡି ଉଦ୍‌ଘାଟିତ

ରାଜନଗର ,(ସବ୍ୟୁ): ରାଜନଗର ବ୍ଲକ ଭାଟପଡା ପ୍ରାଥମିକ କୃଷି ସେବା ସମବାୟ ସମିତିର ଧାନମଣ୍ଡି ଆଜି ଉଦ୍ଘାଟିତ ହୋଇଛି ।ପ୍ରାଥମିକ କୃଷି ସେବା ସମବାୟ ସମିତିର ସଭାପତି କଳ୍ପତରୁ ଜେନା ଧାନମଣ୍ଡିକୁ ଉଦ୍ଘାଟନ କରିଛନ୍ତି । କାର୍ଯ୍ୟକ୍ରମରେ ସମ୍ପାଦକ ନୀଳମଣି ପ୍ରଧାନ , ସମାଜସେବୀ ଧର୍ମେନ୍ଦ୍ର କୁଣ୍ଡ , ଧର୍ମାନନ୍ଦ ପରିଡା , କ୍ଷୀରୋଦ କୁମାର ରାଉତ , ଅକ୍ଷୟ କୁମାର ସାଇଁ , ରାଜକିଶୋର ରାଉତ , ମାଧବାନନ୍ଦ ମଲ୍ଲିକ , ଲକ୍ଷ୍ମୀପ୍ରିୟା ପ୍ରଧାନ , ଅମିୟ କୁମାର ମହାନ୍ତି , ସୁଧୀର କୁମାର ନାଥ ପ୍ରମୁଖ ଯୋଗ ଦେଇଥିଲେ ଚାଷୀ ରଞ୍ଜିତ କୁମାର ବାରିକ , ଭରତ ମଲ୍ଲିକ , ପ୍ରମୋଦ କୁମାର ମଲ୍ଲିକ , ବିଶନାଥ ରାଉତରାୟ , ରବୀନ୍ଦ୍ର ସାଇଁ , ମନୋଜ କୁମାର ମହାନ୍ତି , ସେବା ସମବାୟ ସମିତିର ଆଶିଷ କୁମାର ସାଇଁ , ପ୍ରିୟ ରଞ୍ଜନ ରାଉତ , ଅଚ୍ୟୁତାନନ୍ଦ ସାଇଁ , ସୁଶାନ୍ତ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଖଣ୍ଡିତର ପ୍ରିମିୟର ଲିଗ୍
## ରୁଥଲେସ ହାର୍ଡ ହିଟର ଚାମ୍ପିଅନ

କୁଆଖିଆ ,(ସବ୍ୟୁ): ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ହାଇସ୍କୁଲ ପଡିଆରେ ଖଣ୍ଡିତର କେ ପି ଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି । ଉଦଯାପନୀ ଉତ୍ସବରେ ଜେ କେ ସଭାପତି ତଥା ଦାନଗଦି ବି ଡି ଓ ପ୍ରଦୀପ କୁମାର ସେଠି ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗ ଦେଇବିଜେତା ଦଳକୁ ଟ୍ରଫି ପ୍ରଦାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ , ବି ଜେ ପି ମଣ୍ଡଳ ସଭାପତି ତୀର୍ଥରାଜ ପଣ୍ଡା, ଅଧ୍ୟା ପକ ସମରେନ୍ଦ୍ର ଦାଶ, ଯୋଗ ଦେଇଥିଲେ । ଫାଇନାଲ ଖେଳ ରୁଥଲେସ୍ସ ହାର୍ଡ ହିଟର ସହ ବାଲୁଙ୍କେଶ୍ୱର ବୁଲସ ମଧ୍ୟରେ ହୋଇଥିଲା । ରୁଥଲେସହାର୍ଡ ହିଟର ଚାମ୍ପିୟନ ହୋଇ ୨୧ ହଜାର ପାଇଥିବା ବେଳେ ବାଲୁଙ୍କେଶ୍ୱର ବୁଲସ ରନ ର୍ସ ଅଫ ହୋଇ ୧୧ ହଜାର ସହ ଟ୍ରଫୟ ଗ୍ରହଣ କରିଥିଲେ । କେ ପି ଏଲ ର ଅଭିନ ସାହୁ ଅତିଥି ପରିଚୟ ଓ ବିପ୍ର ପ୍ରତାପ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

# ଓଳାଶୁଣୀ ମେଳା ପଡ଼ିଆ ଲୋକାରଣ୍ୟ



ବାଲିଚନ୍ଦ୍ରପୁର, (ସବ୍ୟୁ): ମାଘକୃଷ୍ଣ ଏକାଦଶୀ ତିଥିରୁ ଆରମ୍ଭ ହୋଇଥିବା ଓଡ଼ିଶା ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫାମେଳା ଗୁରୁବାର ଦିନି ଦ୍ୱିତୀୟ ଦିନରେ ପହଞ୍ଚିଛି । ଦ୍ୱିତୀୟ ଦିନ ଗୁରୁବାର ଥିବାରୁ ମେଳା ପରିସରରେ ୬୦ ହଜାର ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଆସିଥିଲେ । ଏହି ମେଳାରେ ସାଧାରଣ ଲୋକଙ୍କର ନୀତି ଦିନିଆ ଜୀବନରେ ବ୍ୟବହୃତ ହେଉଥିବା ଜିନିଷ ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟାରେ ମେଳା ପରିସରରେ ଅସ୍ଥାୟୀ ଦୋକାନ ଖୋଲାଅଛି । ମେଳା ପଡ଼ିଆ ଅପେକ୍ଷା ପାହାଡ଼ର ଶୀର୍ଷଦେଶ ସମାଧିପୀଠ ଠାରେ ଅଧିକ ଜନସମାଗମ ଦେଖିବାକୁ ମିଳିଥିଲା । ସମାଧିପୀଠ ପରିସରରେ ଶତାଧିକ ସାଧୁ ଦଳ ଦଳ ହୋଇ ଭଜନ କ୍ରୀର୍ତନ କରୁଥିବା ଦେଖିବାକୁ ମିଳିଛି । ସେମାନଙ୍କ ପାଇଁ ମଠ ପକ୍ଷରୁ ଖାଦ୍ୟ ପେୟର ବ୍ୟବସ୍ଥା କରାଯାଇଅଛି । ଶ୍ରଦ୍ଧାଳୁ ମାନେ ବହୁ ସଂଖ୍ୟାରେ ସନ୍ଥ ଅରକ୍ଷିତ ଦାସଙ୍କ ଭଜନ କ୍ରୀର୍ତନ ଦେଖୁଥିବା ଦେଖିବାକୁ ମିଳିଛି ।

ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ପାହାଡ଼ର ପାଦଦେଶ ତଥା ମନ୍ଦିର ପ୍ରବେଶ ପଥରେ ପ୍ରେସ୍ କ୍ଲବ ବାଲିଚନ୍ଦ୍ରପୁର ଆନୁକୂଲ୍ୟରେ ଏକ ଗଣମାଧ୍ୟମ ପ୍ରକୋଷ୍ଠ ଏକାଦଶୀ ତିଥିରେ ଉଦାଘାଟିତ ହୋଇଯାଇଛି । ବିଶିଷ୍ଟ ସମାଜସେବୀ ଦିଲ୍ଲିପ କୁମାର ସାମଲ ଏହି ପ୍ରକୋଷ୍ଠକୁ ଉଦଘାଟନ କରିବା ସହ ପ୍ରେସ୍ କ୍ଲବ ବାଲିଚନ୍ଦ୍ରପୁରର ସାମ୍ବାଦିକ ମାନଙ୍କୁ ଭୁୟସି ପ୍ରଶଂସା କରିଥିଲେ । ସମ୍ମାନିତ ଅତିଥି ଭାବେ ପୋଲିସ ଅଧିକାରୀ ସ୍ୱେସାଲ ବ୍ରାଞ୍ଚ ସନ୍ତୋଷ କୁମାର ବେହେରା ଯୋଗଦେଇ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଉତ୍ସାହିତ କରିବା ସହ ମେଳାର ଟିକିନିକି ଖବର ପରିବେଶଣ ଦ୍ୱାରା ରାଜ୍ୟ ତଥା ରାଜ୍ୟ ବାହାରେ ଗୁମ୍ଫାଯାତ୍ରାର ପ୍ରଚାର ପ୍ରସାର ହୋଇପାରୁଛି ବୋଲି କହିଥିଲେ । ଜିଲ୍ଲା ତଥା ଜିଲ୍ଲା ବାହାରୁ ଆସୁଥିବା ଗଣମାଧ୍ୟମ ପ୍ରତିନିଧି ମାନେ ଏହି ପ୍ରକୋଷ୍ଠରେ ବିଶ୍ରାମ ନେବା ସହ ଟିକିନିକି ଖବର ସଂଗ୍ରହ କରିବା ସହ ନିଜ ନିଜର ଖବର କାଗଜରେ ପ୍ରକାଶ କରିଥାନ୍ତି । ଏହି ଉତ୍ସବରେ ପ୍ରେସ୍କ୍ଲବର ବରିଷ୍ଠ ଉପଦେଷ୍ଟା ଅମରେନ୍ଦ୍ର ସିଂହ, ଅଜୟ ପ୍ରତାପ ସିଂହ, ସଭାପତି ପ୍ରକାଶ ଚନ୍ଦ୍ର ସାମଲ, ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ପ୍ରମୁଖ ଅନେକ ଗଣମାଧ୍ୟମ ପ୍ରତିନିଧି ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ । ଏଥି ଓଳାଶୁଣୀ ଗୁମ୍ଫା ଯାତ୍ରାରେ ଏକ ଆଶୁ ଚିକିତ୍ସା ଶିବିର ପ୍ରାକ୍ତନ ସରପଞ୍ଚ ଜିତେନ୍ଦ୍ର ଶତପଥିଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଶୁକଦେବ ସାମଲ ଯୋଗଦେଇଥିଲେ । ଏହି ସେବା ଚିକିତ୍ସା ଶିବିର ଦ୍ୱାରା ମେଳା ପରିସରକୁ ଆସୁଥିବା ହଜାର ହଜାର ଶ୍ରଦ୍ଧାଳୁ ସ୍ୱାସ୍ଥ୍ୟ ଗତ ସମସ୍ୟା ନେଇ ଏଠାରୁ ଔଷଧ ବିନା ମୂଲ୍ୟରେ ଗ୍ରହଣ କରି ଉପକୃତ ହୋଇଥାନ୍ତି ।

# ଇନଫୋସିସ ଏବଂ ଏଡବ୍ଲୁଏସ ମଧ୍ୟରେ ସହଭାଗିତା

ଭୁବନେଶ୍ୱର, (ସବ୍ୟୁ) : ପରବର୍ତ୍ତୀ ପିଢ଼ି ଡିଜିଟାଲ ସେବା ଏବଂ ପରାମର୍ଶ କ୍ଷେତ୍ରରେ ବିଶ୍ୱସ୍ତରୀୟ ନେତା ଇନଫୋସିସ (ଏନଏସଇ, ବିଏସଇ, ଏନୱାଇଏସଇ, ଆଇଏନଏଫୱାଇ), ଆମାଜନ ୱେବ ସର୍ଭିସେସ (ଏଡବ୍ଲୁଏସ) ସହିତ ଏହାର ରଣନୈତିକ ସହଯୋଗୀତା ଘୋଷଣା କରିଛି । ଏହି ପଦକ୍ଷେପ ଜେନେରେଟିଭ ଏଆଇ (ଜେନ ଏଆଇ) ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଏଆଇ-ପ୍ରଥମ ସେବା, ସମାଧାନ ଏବଂ ପ୍ଲାଟଫର୍ମର ଏକ ସେଟ, ଇନଫୋସିସ ଟୋପାଜ ଏବଂ ଏଡବ୍ଲୁଏସର ଜେନେରେଟିଭ ଏଆଇ-ପାୱାରଡ ଆସିଷ୍ଟାଂଟ ଆମାଜନ କ୍ୟୁ ଡେଭଲପରଙ୍କୁ ମିଶ୍ରଣ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରୁଛି । ଯାହା ଦ୍ୱାରା ଇନଫୋସିସ୍ର ଆଭ୍ୟନ୍ତରୀଣ କାର୍ଯ୍ୟକୁ ବୃଦ୍ଧି କରାଯାଇପାରିବ ଏବଂ ଉତ୍ପାଦନ, ଟେଲିକମ, ଆର୍ଥିକ ସେବା ଏବଂ ଗ୍ରାହକ ସାମଗ୍ରୀ ଭଳି କ୍ଷେତ୍ରରୁ ଗ୍ରାହକମାନଙ୍କ ପାଇଁ ନବସୃଜନକୁ ଆଗେଇ ନିଆଯିବ ।

ସଫ୍ଟୱେର୍ ବିକାଶ, ମାନବ ସମ୍ବଳ, ନିଯୁକ୍ତି, ବିକ୍ରୟ ଏବଂ ବିକ୍ରେତା ପରିଚାଳନା ଭଳି ପ୍ରମୁଖ କାର୍ଯ୍ୟରୁ ଏଆଇ-ଚାଳିତ ରୂପାନ୍ତରଣକୁ ଚଳାଇବା ପାଇଁ ଇନଫୋସିସ, ଇନଫୋସିସ ଟୋପାଜ ର ଶକ୍ତିକୁ ବ୍ୟବହାର କରୁଛି । ଏଡବ୍ଲୁଏସ ସହିତ ଏହାର ସହଯୋଗ ମାଧ୍ୟମରେ, ଇନଫୋସିସ ଜଟିଳ କାର୍ଯ୍ୟଗୁ ସୁଗମ କରିବା, ପ୍ରୋଜେକ୍ଟ ସମୟସୀମାକୁ ତ୍ୱରାନ୍ୱିତ କରିବା ଏବଂ ଉତ୍ପାଦକତାକୁ ଚଳାଇବା ସମୟରେ କର୍ମଚାରୀଙ୍କ ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଉନ୍ନତ ଏଆଇ କ୍ଷମତାଗୁ ଏକୀକୃତ କରୁଛି । ଇନଫୋସିସ ବିଭିନ୍ନ ଶିଳ୍ପରେ ଅତ୍ୟାଧୁନିକ ସମାଧାନ ପ୍ରଦାନ କରିବା ପାଇଁ ଏଡବ୍ଲୁଏସ ଜେନେରେଟିଭ ଏଆଇ ସେବାଗୁ ମଧ୍ୟ ବ୍ୟବହାର କରୁଛି । ଏଥିରେ ଇନଫୋସିସ ଟୋପାଜ ଏବଂ ଆମାଜନ ବେଡରକ ଦ୍ୱାରା ପରିଚାଳିତ କ୍ରୀଡା ଏବଂ ମନୋରଞ୍ଜନ ପାଇଁ ଉନ୍ନତ ଶେଷ-ଉପଭୋକ୍ତା ଏନଗେଜମେଂଟ କ୍ଷମତା ଅନ୍ତର୍ଭୁକ୍ତ, ଯାହା ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ପ୍ରଶଂସକଙ୍କ ପାଇଁ ଏନଗେଜମେଂଟ ବୃଦ୍ଧି କରିବା ପାଇଁ ଗତିଶୀଳ, ବାସ୍ତବ-ସମୟ ବ୍ୟକ୍ତିଗତ ଅଭିଜ୍ଞତାକୁ ସକ୍ଷମ କରିଥାଏ ।

ଏସମ୍ପର୍କରେ ଆମାଜନ ୱେବ ସର୍ଭିସେସ (ଏଡବ୍ଲୁଏସ) ଭାରତ ଏବଂ ଦକ୍ଷିଣ ଏସିଆର ସଭାପତି ସନ୍ଦୀପ ଦତା କହିଛନ୍ତି, ଆମାଜନ କ୍ୟୁ ଏବଂ ଇନଫୋସିସ ଟୋପାଜର ମିଳିତ ଶକ୍ତି ସଂଗଠନଗୁ ନବସୃଜନ, କାର୍ଯ୍ୟକ୍ଷମତା ହାସଲ ଏବଂ ସେମାନଙ୍କ ଗ୍ରାହକମାନଙ୍କ ପାଇଁ ଭିନ୍ନ ମୂଲ୍ୟ ଅନଲକ କରିବାରେ ସାହାଯ୍ୟ କରିବ । ସେହିଭଳି ଇନଫୋସିସର ଏଆଇ ଏବଂ ଇଣ୍ଡଷ୍ଟ୍ରି ଭର୍ଟିକାଲ୍ସର ଗ୍ଲୋବାଲ ସର୍ଭିସେସ ମୁଖ୍ୟ, କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ ବାଲକୃଷ୍ଣ ଡି. ଆର. (ବାଲି) କହିଛନ୍ତି, ଆମାଜନ କ୍ୟୁ ଡେଭେଲପରକୁ ଇନଫୋସିସ ଟୋପାଜ ସହିତ ଏକୀକୃତ କରି, ଆମେ କେବଳ ଆମର ଆଭ୍ୟନ୍ତରୀଣ କାର୍ଯ୍ୟଗୁ ପରିବର୍ତ୍ତନ କରୁନାହୁଁ, ବରଂ ଆମର ଗ୍ରାହକମାନଙ୍କୁ ଏଚଆର, ନିଯୁକ୍ତି ଏବଂ ବିକ୍ରେତା ପରିଚାଳନା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁ ପୁନଃକଳ୍ପନା କରିବାକୁ ମଧ୍ୟ ସକ୍ଷମ କରୁଛୁ । ଏକାଠି, ଆମେ ଏକ ଏଆଇ-ପ୍ରଥମ ଇକୋସିଷ୍ଟମ ନିର୍ମାଣ କରୁଛୁ ଯାହା ଉଦ୍ୟୋଗଗୁ ସେମାନଙ୍କର ପରବର୍ତୀ ବ୍ୟବସାୟିକ ପରିବର୍ତ୍ତନକୁ ସଠିକତା ସହିତ ନେଭିଗେଟ କରିବାକୁ ସଶକ୍ତ କରିଥାଏ ।

# ମହିଳାଙ୍କୁ ଅସଦାଚରଣ ଉଦ୍ୟମ : ଯୁବକ କୋର୍ଟ ଚାଲାଣ

ମହାହାକାଳପଡା ,(ସବ୍ୟୁ): ମହାକାଳପଡ଼ା ଥାନାଞ୍ଚଳ ଜଅଁରା ଗାଁର ଶରତ ସେଠୀଙ୍କ ପୁଅ ଅଶୋକ ସେଠୀ (୪୫) ପଡୋଶୀ ମହିଳାଙ୍କୁ ଅସଦାଚରଣ ଉଦ୍ୟମ କରିବା ଓ ଫଟୋ ଭାଇରାଲ ନେଇ ଜେଲ ଯାଇଥିବା ଜଣାପଡିଛି । ଅଭିଯୁକ୍ତ ଅଶୋକ ସମ୍ପୃକ୍ତ ପଡୋଶୀ ମହିଳାଙ୍କ ଉପରେ ସଦା ସର୍ବଦା ଲୋଲୁପ ଦୃଷ୍ଟି ରଖିଥିଲେ । ମହିଳା ଙ୍କ ସହିତ ଛୋଟ ଝିଅ ଓ ଶାଶୁ ଘରେ ରହୁଥିବା ବେଳେ ସ୍ୱାମୀ ବାହାରେ ରହି କାର୍ଯ୍ୟ କରନ୍ତି । ପଡୋଶୀ ଭାବେ ତାଙ୍କ ଘରକୁ ଅବାଧରେ ଯିବା ଆସିବା ଥିବାରୁ ସ୍ୱାମୀଙ୍କ ଅନୁପସ୍ଥିତି ହେତୁ ମହିଳା ଙ୍କ ସହିତ ଅନୈତିକ ସମ୍ପର୍କ ରଖିବାକୁ ସୁଯୋଗ ଖୋଜୁଥିଲେ ଯୁବକ । ଦୁଇ ବର୍ଷ ତଳେ ସ୍ୱାମୀ ଓ ଶାଶୁ କେହି ଘରେ ନଥିବା ସମୟରେ ଯୁବକ ଘର ଭିତରକୁ ପଶିଯାଇ ଜୋର ଜବରଦସ୍ତ ମହିଳା ଙ୍କ ସହିତ ଶାରୀରିକ ସମ୍ପର୍କ ରଖିବାକୁ ଉଦ୍ୟମ କରିଥିଲେ ।

ମହିଳା ଙ୍କ ଇଚ୍ଛା ବିରୁଦ୍ଧରେ ଯୁବକ ଅନୈତିକ କାର୍ଯ୍ୟ କରିବା କୁ ଘରକୁ ପଶି ଆସିଥିଲେବି ମହିଳା ନିଜର ଇଜ୍ଜତ ଜଗି କାହା ଆଗରେ ପ୍ରକାଶ କରିନଥିଲେ । ସେହିଦିନ ଠାରୁ ମହିଳା ଅଶୋକ ଙ୍କୁ ଘର ମନା କରିଥିଲେ ଓ ପଡୋଶୀ ହିସାବରେ ବି କଥାବାର୍ତ୍ତା ହେଉ ନଥିଲା । ରାଗିଯାଇ ଯୁବକ ମହିଳାଙ୍କ ଆପତ୍ତିଜନକ ଫଟୋ ଉଠାଇବା ଏବଂ ଭାୟାବହ ପରିଣାମ ଘଟାଇବି ଏବଂ ଜୀବନ ବରବାଦ କରିଦେବେ ବୋଲି ପରୋକ୍ଷ ଧମକ ଦେଇଆସୁଥିଲେ । ମଙ୍ଗଳବାର ସନ୍ଧ୍ୟାରେ ମହିଳା ନଦୀ ଆଡକୁ ଯିବାର ଦେଖି ଯୁବକ ତାଙ୍କ ପଛେ ପଛେ ଯାଇ ହଠାତ ଆଲିଙ୍ଗନ କରିବା ସହିତ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଥିଲା । ଏହି ଘଟଣା ନେଇ ଭୟଭୀତ ହୋଇ ମହିଳା ଚିତ୍କାର କରିବାରୁ ଯୁବକ ଜାଗା ଛାଡି ଚାଲିଯାଇଥିଲା ।ମହିଳା ଘରକୁ ଫେରି ସ୍ୱାମୀ ଓ ଶାଶୁଙ୍କୁ ଘଟଣା ବିଷୟରେ ଜଣାଇବା ସହିତ ଯୁବକ ମୋର ସମସ୍ତ ଫଟୋ ଭାଇରାଲ କରିଦେବ ବୋଲି ଧମକ ଦେଇଥିବା କଥା କହିଥିଲେ । ମହିଳା ଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ କେଶ ନଂ ୨୬/୨୬ ଯୋଗେ ମାମଲା ରୁଜୁ କରି ଯୁବକଙ୍କୁ କୋର୍ଟ ଫରୱାର୍ଡ଼ କରିଥିବାର ଜଣାପଡିଛି ।

# ଜଗତସିଂହପୁର ପୁସ୍ତକମେଳା ଉଦ୍‌ଘାଟିତ



ଜଗତସିଂହପୁର, (ସବ୍ୟୁ): ଜଗତସିଂହପୁର ସାଂସ୍କୃତିକ ପରିଷଦ ଆନୁକୁଲ୍ୟରେ ୨୭ତମ ଜଗତସିଂହପୁର ପୁସ୍ତକମେଳା -୨୦୨୬ ବିଶିଷ୍ଟ ସାହିତ୍ୟିକ ତଥା ଔପନ୍ୟାସିକ ଭାଗିରଥି ଦାସଙ୍କ କରକମଳରେ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି । ଜଗତସିଂହପୁର ସାଂସ୍କୃତିକ ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ.ସୋନାଲ୍ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ସଭାରେ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ କହିଥିଲେ ପୁସ୍ତକର ମହକ ସବୁବେଳେ ରହିଛି, ଯାହାକି ଆଉ କେଉଁଥିରେ ନଥାଏ । ବହିର ଏକ ସ୍ୱତନ୍ତ୍ର ବାସ୍ନା ଥାଏ । ଜଗତସିଂହପୁର ମାଟିରେ ସାରସ୍ୱତ ସାଧକ ମାନଙ୍କର ଅଭାବ ନାହିଁ ।ଆମେ ସମସ୍ତେ ସେହି ମାନଙ୍କ ପଦାଙ୍କ ଅନୁସରଣ କରିବା ଉଚିତ୍ । ଖୁବ୍ ଶୀଘ୍ର ଜଗତସିଂହପୁର ସଦରମହକୁମାରେ ମାଟିର ଆଦିକବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତୀ ସ୍ଥାପନା କରାଯିବା ପାଇଁ ସମସ୍ତ ପ୍ରସ୍ତୁତି ସରିଛି ବୋଲି ବିଧାୟକ ଏହି ଅବସରରେ ପ୍ରକାଶ କରିଥିଲେ ।

ଅନ୍ୟତମ ସମ୍ମାନନୀୟ ଅତିଥି ବାଲିକୁଦା-ଏରସମା ବିଧାୟକ ଶାରଦା ପ୍ରସନ୍ନ ଜେନା ଅଭିଭାବକମାନେ ପିଲାମାନଙ୍କୁ କେବଳ ପାଠ୍ୟପୁସ୍ତକ ଉପରେ ଅତ୍ୟଧିକ ଧ୍ୟାନ ନ ଦେଇ ସମୟ ସମୟରେ କିଛି ମହାପୁରୁଷଙ୍କ ଜୀବନୀ ତଥା ସମାଜରେ ସଂସ୍କାର ଆଣିପାରୁଥିବା ଭଳି ପୁସ୍ତକ ପଢିବା ପାଇଁ ଉତ୍ସାହିତ କରିବା ଉଚିତ୍ ବୋଲି କହିଥିଲେ । ଜଗତସିଂହପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକର ଗୁରୁତ୍ୱ ବିଷୟରେ ଆଲୋଚନା କରିବା ସହିତ ପୁସ୍ତକ ଆମକୁ ଏହିଭଳି ମଞ୍ଚରେ ଛିଡା କରାଇବାରେ ସହାୟକ ହୋଇଛି ବୋଲି କହିଥିଲେ । ଜଗତସିଂହପୁର ପୌର ପରିଷଦର ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକର ଚାହିଦା ପୂର୍ବ ପରି ଏବେ ବି ରହିଛି ।ତେଣୁ ପୁସ୍ତକମେଳା ଆଜି ସଫଳ ହୋଇଛି । ଏହି ସମାରୋହରେ ପୁସ୍ତକ ହିଁ ମଣିଷ ଜୀବନକୁ ଶୃଙ୍ଖଳିତ କରିଥାଏ । ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ.ସୋନାଲ୍ ଅଧ୍ୟକ୍ଷତା କରି କହିଥିଲେ କେବଳ ଆମ ଭାରତୀୟ ସଂସ୍କୃତିରେ କେବଳ ମୋକ୍ଷର ମାର୍ଗ ରହିଛି ଯାହାକି ଅନ୍ୟ କୌଣସି ପାଶ୍ଚାତ୍ୟ ସଂସ୍କୃତିରେ ଦେଖିବାକୁ ମିଳେନାହିଁ । ଅନୁଷ୍ଠିତ ଉତ୍ସବର ପ୍ରାରମ୍ଭରେ ଡଃ ବିରଞ୍ଚି ନାରାୟଣ ରଥ ବେଦ ପାଠ କରିଥିଲେ । ପରିଷଦର ସଂପାଦକ ଶାରଦା ପ୍ରସାଦ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁଗ୍ମ ସଂପାଦକ ନରେଶ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।ଆଜିର ଆସର ବିଶିଷ୍ଟ ରାଜନୀତିଜ୍ଞ ତଥା ଜଗତସିଂହପୁରର ପୂର୍ବତନ ବିଧାୟକ କୃଷ୍ଣ ଚନ୍ଦ୍ର ମଲ୍ଲିକ ଙ୍କ ଉଦ୍ଦେଶ୍ୟରେ ଆସର ଉତ୍ସର୍ଗ ହୋଇଥିଲା।ସନ୍ଧ୍ୟା ଆସର ପରିଶେଷରେ ମା ଶାରଳା ଘଟ ନୃତ୍ୟ, କନକପୁର ଓ ଜୟ ସୀତାରାମ ଭଜନ ସଂଧ୍ୟା, ଫୁଲହାରର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।ପରିଷଦର ଉପାଧ୍ୟକ୍ଷ ବିଜୟ କୁମାର ରାଉତ ମଞ୍ଚ ସଂଚାଳନ କରିଥିଲେ ।ଏହି ଅବସରରେ ପରିଷଦର କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀଙ୍କ ଦ୍ୱାରା ଅନୁବାଦିତ ଶରତ ଚନ୍ଦ୍ରଙ୍କ 'ପରିଣୀତା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ । ପ୍ରତ୍ୟୁଷରେ ଜଗତସିଂହପୁରର ଅଧିଷ୍ଠାତ୍ରୀ ଦେବୀ ମା ଶାରଳାଙ୍କ ନିକଟରୁ ଶାରଳା ଜେଯାତି ଅଣାଯାଇ ପୁରୋହିତପୁର ଛକ ନିକଟରୁ ଏକ ଭବ୍ୟ ଶୋଭାଯାତ୍ରାରେ ଆଣି ମଞ୍ଚରେ ସ୍ଥାପନ କରାଯାଇଥିଲା । ଏହି ଜ୍ୟୋତି ଶୋଭାଯାତ୍ରାରେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ,ପରିଷଦର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଜେ.ସୋନାଲ୍, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ୍ ରାଉତ, ଅତିରିକ୍ତ ଜିଲ୍ଲାପାଳ ଜେଯାତିଶଙ୍କର ରାୟ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ସାଂସ୍କୃତିକ ପରିଷଦ କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀ , ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଟୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ସମାଜସେବୀ ନଟବର ବାରିକ, ମହେନ୍ଦ୍ର କୁମାର ଆଚାର୍ଯ୍ୟ, ଅଧ୍ୟାପକ ପ୍ରଦୀପ କୁମାର ଶତପଥୀ, ଶିକ୍ଷାବିତ ନିକୁଞ୍ଜ କିଶୋର ବେହେରା, ପ୍ରଜ୍ଞା ପାରମିତା ଚୌଧୁରୀ,ସତ୍ୟବ୍ରତ ବିଶ୍ୱାଳ, ମନୋଜ କୁମାର ମହାପାତ୍ର, ସୁଷମା ପ୍ରଧାନ, ପ୍ରଦୀପ ମିତ୍ର, ପ୍ରଭାତ କୁମାର ଦାଶ, କୃଷ୍ଣଚନ୍ଦ୍ର ପ୍ରଧାନ, ଅଭିନାସ ସ୍ୱାଇଁ, ପ୍ରିୟବ୍ରତ ଦାଶ ପ୍ରମୁଖ ଯୋଗଦାନ କରିଥିଲେ ।

# ମଙ୍ଗଳାଯୋଡି ଇକୋ ଟୁରିଜିମ ସ୍ଥଳ ପରିଦର୍ଶନ କଲେ ରାଜ୍ୟପାଳ

ଟାଙ୍ଗୀ,(ସବ୍ୟୁ): ରାଜ୍ୟପାଳ ଡକଫର ହରି ବାବୁ କମ୍ପମପାଟି ଓ ସ୍ତ୍ରୀ ଡ. ଜୟଶ୍ରୀ କମ୍ପମପାଟିଙ୍କ ସହିତ ଗୁରୁବାର ଦିନ ଖୋର୍ଦ୍ଧା ଜିଲ୍ଲାର ମଙ୍ଗଳାଯୋଡି ଆର୍ଦ୍ରଭୂମି ପରିଦର୍ଶନ କରିଛନ୍ତି । ଟାଙ୍ଗୀ ଥାନା ଅଧିନସ୍ଥ ମଙ୍ଗଳାଯୋଡି ରେ ପହଞ୍ଚିବା ପରେ ରାଜ୍ୟପାଳଙ୍କୁ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ସମେତ ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ । ଚିଲିକା ହ୍ରଦ କୂଳରେ ଅବସ୍ଥିତ ମଙ୍ଗଳାଯୋଡିର ଇକୋ-ପର୍ଯ୍ୟଟନ ସ୍ଥଳ ଏହାର ମନୋରମ ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସମୃଦ୍ଧ ଜୈବ ବିବିଧତା ପାଇଁ ପ୍ରସିଦ୍ଧ । ବିଶେଷକରି ଏହାର ବିଶାଳ ଆର୍ଦ୍ରଭୂମି ଯାହା ବିଶ୍ୱର ସାଇବେରିଆ,କାଜାକିସ୍ଥାନ,ଇରାକ ,ୟୁଗୋସ୍ଲୋଭିଆ,ମଙ୍ଗୋଲିଆ ଭଳି ଦୂରଦୂରାନ୍ତରୁ ପ୍ରତିବର୍ଷ ଆସୁଥିବା ଲକ୍ଷ ଲକ୍ଷ ବିଦେଶାଗତ ପକ୍ଷୀଙ୍କ ବିହାରସ୍ଥଳ ହୋଇଥାଏ । ଏହାକୁ ଉପଭୋଗ କରିବା ସମୟରେ ରାଜ୍ୟପାଳ ବିଦେଶୀ ପକ୍ଷୀମାନଙ୍କୁ ଦେଖିବା ଏବଂ ଗୋଷ୍ଠୀ ପରିଚାଳିତ ଇକୋ-ପର୍ଯ୍ୟଟନ କାର୍ଯ୍ୟକଳାପ ବିଷୟରେ ଅଭିଜ୍ଞତା ହାସଲ କରିବା ପାଇଁ ଆର୍ଦ୍ରଭୂମି ମଧ୍ୟରେ ଡଙ୍ଗାରେ ଯାତ୍ରା କରିଥିଲେ । ରାଜ୍ୟପାଳ ସ୍ଥାନୀୟ ବାସିନ୍ଦା ଏବଂ ସଂରକ୍ଷଣ ତଥା ପରିବେଶ-ପର୍ଯ୍ୟଟନ କାର୍ଯ୍ୟକଳାପରେ ସକ୍ରିୟ ଭାବରେ ଜଡିତ ଗୋଷ୍ଠୀର ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ । ଆର୍ଦ୍ରଭୂମି ଇକୋସିଷ୍ଟମକୁ ସୁରକ୍ଷା ଦେବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ପଚାରି ବୁଝିଥିଲେ । ପରିବେଶ-ପର୍ଯ୍ୟଟନ ମାଧ୍ୟମରେ ସ୍ଥାୟୀ ଜୀବିକା ସୃଷ୍ଟି କରିବା ସହିତ ଜୈବ ବିବିଧତାକୁ ସଂରକ୍ଷଣ କରିବାରେ ଗ୍ରାମବାସୀଙ୍କ ସାମୂହିକ ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ନିଜର ଅଭିଜ୍ଞତା ବାଣ୍ଟି ରାଜ୍ୟପାଳ କହିଥିଲେଯେ, ମଙ୍ଗଳାଯୋଡିର ଶାନ୍ତ ସୌନ୍ଦର୍ଯ୍ୟ ଏବଂ ପକ୍ଷୀମାନଙ୍କର ପ୍ରାକୃତିକ ବାସସ୍ଥାନରେ ପ୍ରବାସୀ ପକ୍ଷୀଙ୍କ ଦୃଶ୍ୟ ପ୍ରକୃତରେ ପ୍ରେରଣାଦାୟକ ବୋଲି ହୃଦୟଙ୍ଗମ କରି ପରିବେଶ-ପର୍ଯ୍ୟଟନ ମାଧ୍ୟମରେ ସ୍ଥାନୀୟ ସମ୍ପ୍ରଦାୟ କିପରି ପ୍ରକୃତିର ରକ୍ଷକ ହୋଇଛନ୍ତି ତାହା ଦେଖିବା ଉତ୍ସାହଜନକ ବୋଲି ରାଜ୍ୟପାଳ ମତବ୍ୟକ୍ତ କରିଥିଲେ । ମଙ୍ଗଳାଯୋଡି ସ୍ଥାନୀୟ ଲୋକଙ୍କ ସାମାଜିକ ଓ ଆର୍ଥିକ ସ୍ଥିତିକୁ ଉନ୍ନତ କରିବା ସହିତ ଗୋଷ୍ଠୀ ଅଂଶଗ୍ରହଣ କିପରି ସଫଳତାର ସହିତ ପ୍ରକୃତିକୁ ସୁରକ୍ଷା ଦେଇପାରେ ତାହାର ଏକ ଉଜ୍ଜ୍ୱଳ ଉଦାହରଣ ଭାବରେ ଠିଆ ହୋଇଛି । ରାଜ୍ୟର ଅନ୍ୟ ପରିବେଶଗତ ଭାବରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ଏହିପରି ଗୋଷ୍ଠୀ ପରିଚାଳିତ ସଂରକ୍ଷଣ ମଡେଲଗୁଡ଼ିକୁ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ । ଗୁରୁବାରି ଅପରାହ୍ନ ସାଢେ ୩ ଟା ରେ ରାଜ୍ୟପାଳ ଏଠାରେ ପହଞ୍ଚିବା ପରେ ବିହଙ୍ଗ ବିହାର ମଙ୍ଗଳାଯୋଡି ରେ ତିନି ଘଣ୍ଟା ଅବସ୍ଥାନ କରିବା ପରେ ସନ୍ଧ୍ୟା ୬ ଟା ଫେରିଥିବା ଜଣାପଡିଛି। ଜିଲ୍ଲା ପ୍ରଶାସନ ତରଫରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା ।

## କେଲୁଣୀ ମୁହାଁଣରେ ବନ ବିଭାଗର ପ୍ଲାଷ୍ଟିକ ମୁକ୍ତ ଅଭିଯାନ

ଅସ୍ତରଙ୍ଗ,(ସବ୍ୟୁ): ପୁରୀ ବନ୍ୟପ୍ରାଣୀ ବନ ଖଣ୍ଡ ଅଧୀନ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ତରଫରୁ ବୁଧବାର ଦିନ ସମୁଦ୍ର ତଟ ସହ କେଲୁଣୀ ମନ୍ଦିର ପରିସରରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଆରମ୍ଭ କରା ଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ଅସ୍ତରଙ୍ଗ ରେଞ୍ଜର ମୋନାଲିସା ମହାପାତ୍ର ଶୁଭାରମ୍ଭ କରିଥିଲେ । କେଉଟଜଙ୍ଗା ମହିଳା ସଂଘ, ସମେତ ସମୁଦ୍ର ତଟ ଦେଶରେ ଥିବା ଗ୍ରାମ ଗୁଡିକର ଜନ ସାଧାରଣ, ଫରେଷ୍ଟର କାଳି ଚରଣ ମହାନ୍ତି, କୈଳାସ ନାୟକ, ଟିକିନା ପ୍ରଧାନ ଙ୍କ ସମେତ ବନରକ୍ଷୀ ଓ ବନ ବିଭାଗ ଫ୍ଲାଇଙ୍ଗ ସ୍କ୍ୱାଡ଼ ପ୍ରଭୃତି ସାମିଲ ରହି, ଜରି, ପ୍ଲାଷ୍ଟିକ, ଛିଣ୍ଡା ଜାଲ, ସମେତ ଅଳିଆ ଆବର୍ଜନା ଆଦି ଗୋଟାଯାଇ ଡଷ୍ଟବିନ ରେ ଅନ୍ୟତ୍ର ସ୍ଥାନାନ୍ତରିତ ପାଇଁ ରଖାଯାଇ ଥିଲା ।

# ବିଜିପୃଷ୍ଟି ଅଳଙ୍କାର ଦୋକାନ ମାଲିକଙ୍କ ଘରୁ ଲୁଟ

ଖଣ୍ଡପଡ଼ା,(ସବ୍ୟୁ):-ଣ୍ଡପଡା ବ୍ଲକ ଅନ୍ତର୍ଗତ ଖଳିସାହି ନେଳିଆ ପୋଖରୀଛକ ସ୍ଥିତ ବିଜିପୃଷ୍ଟି ଅଳଙ୍କାର ଓ ଲୁଗାଦୋକାନ ମାଲିକଙ୍କ ଘରୁ ବୁଧବାର ବିଳମ୍ବିତ ରାତିରେ ମାରଣାସ୍ତ୍ର ଦେଖାଇ ସୁନା,ରୂପା ଓ ଲକ୍ଷାଧିକ ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶିବିଜିପୃଷ୍ଟି ଅଳଙ୍କାର ଦୋକାନର ମାଲିକ ବିଜୟ କୁମାର ପୃଷ୍ଟି ବୁଧବାର ରାତି ୧୧ଟା ସମୟରେ ଭୁବନେଶରରୁ ଫେରି ଖିଆପିଆ କରି ସପରିବାର ଶୋଇଥିବା ବେଳେ ରାତି ପ୍ରାୟ ସାଢ଼େ ଗୋଟାଏ ପରେ ପାଞ୍ଚଜଣ କଳାମୁଖା ପିନ୍ଧିଥିବା ଦୁର୍ବୃତ୍ତ ଘର ପଛ ପଟେ ଥିବା ତିନୋଟି ଲୁହା କବାଟକୁ ଗ୍ୟାସ କଟରରେ କାଟି ଘରେପଶି ଖଣ୍ଡା,ଭୁଜାଲି,ଟାଙ୍ଗିଆ ଆଦି ମାରଣାସ୍ତ୍ର ଦେଖାଇ ବ୍ୟବହୃତ ତିନିଶହ ଗ୍ରାମ ଓଜନର ସ୍ୱର୍ଣ୍ଣ ଅଳଙ୍କାର,ଦୁଇ କେଜି ରୂପା ଅଳଂକାର ଓ ଦେଢ଼ ଲକ୍ଷରୁ ଉର୍ଦ୍ଧ ଟଙ୍କା ଲୁଟିନେଇ ଘରର ପଛପଟ ଦରଜାଦେଇ ପଳାଇ ଯାଇଥିଲେ । ପରେ ଶ୍ରୀପୃଷ୍ଟି ଘଟଣା ସଂପର୍କରେ ଅନ୍ୟମାନଙ୍କୁ ଖବର ଦେଇଥିଲେ ।ଖବରପାଇ ଖଣ୍ଡପଡ଼ାର ନୂତନ ଥାନାଧିକାରୀ କୃତିବାସ ହରିଚନ୍ଦନ ସଦଳବଳେ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ମଦନମୋହନ ପ୍ରଧାନ ସେଠାରେ ଉପସ୍ଥିତ ରହି ତଦନ୍ତ ଆରମ୍ଭ କରିଥିବା ସହ ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁରର ସହାୟତା ନିଆଯାଇଥିବା ଦେଖାଯାଇଛି । ଚୋରୀ ହୋଇଥିବା ଅଳଙ୍କାରର ମୂଲ୍ୟ ଚାଳିଶ ଲକ୍ଷରୁ ଉର୍ଦ୍ଧ ଟଙ୍କା ହୋଇଥିବା ସମୟରେ ଏହି ବଡ଼ ଧରଣର ଚୋରୀ ଘଟଣାରେ



ନିକଟସ୍ଥ ଗ୍ରାମର ନିଶାଖୋର ଯୁବକଙ୍କ ସଂପୃକ୍ତିଥିବା ସନ୍ଦେହ କରାଯାଉଛି । ପୋଲିସ ପକ୍ଷରୁ ପେଟ୍ରୋଲିଂ ବ୍ୟବସ୍ଥା କଡାକଡି କରାଯିବା ପାଇଁ ଅଞ୍ଚଳବାସୀ ଦାବି କରିଥିବା ବେଳେ ନୂତନ ଭାବେ କାର୍ଯ୍ୟରେ ଯୋଗଦାନ କରିଥିବା ଥାନାଧିକାରୀଙ୍କ ପାଇଁ ଏହି ଘଟଣା ଏକ ଚ୍ୟାଲେଞ୍ଜ ହୋଇଥିବା ଜଣାଯାଇଛି ।

# ସରସ୍ୱତୀ ଶିକ୍ଷା ମନ୍ଦିର ବାର୍ଷିକ କ୍ରୀଡା



ବାଲିଅନ୍ତା , (ସବ୍ୟୁ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ନହରକଣ୍ଠା ସରସ୍ୱତୀ ଶିକ୍ଷା ମନ୍ଦିରର ୨୧ ତମ ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ପ୍ରତିଷ୍ଠାତା ସୁରେନ୍ଦ୍ର କୁମାର ଖୁଣ୍ଟିଅ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସଭାକାର୍ଯ୍ୟରେ ମୁଖ୍ୟ ଅତିଥି ଭାବରେ ଓଡିଶା କ୍ରିକେଟର ପୂର୍ବତନ ରଣଜି ଟ୍ରଫି ଖେଳାଳି ଆଲୋକ ଚନ୍ଦ୍ର ସାହୁ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କର ଶାରୀରିକ ଓ ମାନସିକ ବିକାଶ ନିମନ୍ତେ କ୍ରୀଡାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପର୍ଣ୍ଣ ବୋଲି ମତ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ମଙ୍ଗୁଳି ଚରଣ ମହାନ୍ତି, ପୂର୍ବତନ ଓ ସି ଏ କ୍ରିକେଟ ଅମ୍ପାୟାର ଶରତ ଚନ୍ଦ୍ର ସାହୁ, ଡମ୍ବରୁ ଧର ଜେନା, ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ, ପ୍ରଧାନ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର କ୍ରୀଡା ଶିକ୍ଷକ ବିଶ୍ୱଭୂଷଣ ବାରିକ ପ୍ରାମୁଖ ଯୋଗ ଦେଇ ଦେଇଥିଲେ । କ୍ରୀଡା କାର୍ଯ୍ୟକ୍ରମରେ ପ୍ରଥମ କ୍ଲାସ ଠାରୁ ୧୦ ମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ୧୦୦ ମିଟର ଦୌଡ଼, ଲମ୍ବ ଡିଆଁ, ସଟ ଫୁଟ, ବେଙ୍ଗ ଡିଆଁ ଇତ୍ୟାଦି କ୍ରୀଡା ପ୍ରତିଯୋଗୀତା ହୋଇଥିଲା । କ୍ରୀଡା କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟଳୟ ତରଫରୁ ପୁରସ୍କୃତ କରାଯାଇଥିଲା ।

# କାଳିଜାଇଙ୍କ ପୀଠରେ ମକର ମେଳା, ୩୦ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁଙ୍କ ସମାଗମ

ବାଲୁଗାଁ ,(ସବ୍ୟୁ): ଚିଲିକାର ଅଧିଷ୍ଠାତ୍ରୀ ଦେବୀ ମା କାଳିଜାଇଙ୍କ ପୀଠରେ ବୁଧବାର ମକରମେଳା ମହା ଆଡମ୍ବରରେ ପାଳିତ ହୋଇଯାଇଛି ।ଏହି ମେଳାରେ ୩୦ ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଜଣାପଡିଛି । ଏହି ପର୍ବର ମୁଖ୍ୟ ପୁରୋଧା ତଥା ପାରିକୁଦ ଯୁବରାଜ ସନ୍ତୋଷ କୁମାର ମର୍ଦରାଜ ମାନସିଂହ ପରମ୍ପରା ଅନୁଯାୟୀ ଏକ ସୁସଜ୍ଜିତ ବୋଇତରେ ପାରିକୁଦ ରାଜପ୍ରସାଦରୁ ବାହାରି ମା'ଙ୍କ ପୀଠରେ ପହଞ୍ଚିଥିଲେ । ସେବାୟତ ମାନେ ଘଣ୍ଟଘଣ୍ଟା, ଢୋଲ, ଭେରୀ, ତୁରୀ, ମହୁରୀ ଓ କାହାଳୀ ଆଦି ବଜାଇ ତାଙ୍କୁ ମନ୍ଦିର ମଧ୍ୟକୁ ପାଛୋଟି ନେଇଥିଲେ ।ଏହା ପରେ ମା' ଙ୍କ ପୀଠରେ ଯୁବରାଜ ଛେରା ପହଁରା କରିବା ସହ ମା 'ଙ୍କୁ ପୂଜାର୍ଚ୍ଚନା ଓ ମକର ଭୋଗ ଲାଗି କରିଥିଲେ । ଏହି ଅବସରରେ ଉପସ୍ଥିତ ଶତାଧିକ ମତ୍ସ୍ୟଜୀବୀ ମା 'ଙ୍କ ଆଶୀର୍ବାଦ କାମନା କରି ନିଜ ନିଜ ଡଙ୍ଗାରେ ବିଜୟ ବାନା



ଉଡାଇଥିଲେ । ଦିନ ତମାମ ପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା । ପୀଠରେ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।ଅନ୍ୟ ପଟେ ଦିନ ତମାମ ବାଲୁଗାଁ ଚିଲିକା କୁଳ ସ୍ଥିତ କାଳିଜାଇ ବୋଟ ଆସୋସିଏସନ, ସରକାରୀ ଲଞ୍ଚ, ବଡକୁଲ ସ୍ଥିତ ମା କାଳିଜାଇ ଡ଼ଙ୍ଗା ମାଲିକ ସଂଘ ଏବଂ ଓ ଟି ଡ଼ି ସି ପକ୍ଷରୁ ଯାତ୍ରୀ ପରିବହନ ନିମନ୍ତେ ଆବଶ୍ୟକ ସଂଖ୍ୟକ ଡ଼ଙ୍ଗା ଓ ବୋଟର ବ୍ୟବସ୍ଥା କରାଯାଇଥିଲା । ଚିଲିକାରେ କୌଣସି ଅଘଟଣକୁ ଏଡାଇବା ପାଇଁ ଓଡ୍ରାଫ ଟିମ , ସ୍କୁବା ଡ଼ାଇଭର, ଅଗ୍ନିଶମ କର୍ମଚାରୀ ଏବଂ ନୌ ସେନା ବିଭାଗ ପଇଁତରା ମାରିବା ସହ ନଜର ରଖିଥିଲେ । ବାଲୁଗାଁ ଥାନା ଆଇଆଇସି ଜୟ ପ୍ରକାଶ ପରିଡାଙ୍କ ତତ୍ୱାବଧାନରେ ବାଲୁଗାଁ ଚିଲିକା କୁଳ ଏବଂ ବଡକୁଳ ପାନ୍ଥନିବାସ ଠାରେ ବ୍ୟାପକ ପୋଲିସ ମୁତୟନ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଭିଡକୁ ନିୟନ୍ତ୍ରଣ କରିଥିଲେ । ସେହିପରି ବାଲୁଗାଁ ନିକଟ ମା ମେଘାମ୍ବରୀ ପୀଠ, ମା ନାରାୟଣୀ , ମାଳ ତାରିଣୀ , ମା ବିରଜାଇ, ମା ଖିଲାମୁଣ୍ଡା ଓ ମହାବୀରଙ୍କ ପୀଠରେ ମକର ମେଳା ମହା ଆଡମ୍ବରରେ ପାଳିତ ହୋଇଛି । ସମସ୍ତ ପୀଠ ମାନଙ୍କରେ ଶାନ୍ତି ଶୃଙ୍ଖଳା ନିମନ୍ତେ ବ୍ୟାପକ ପୋଲିସ ମୁତୟନ ରହିଥିଲେ ।

# ରଣପୁରର ୫ଖେଳାଳି ଉତ୍କଳ ବିଶ୍ୱବିଦ୍ୟାଳୟ ଦଳରେ ସାମିଲ

ର ଣ ପୁ ର , ( ସ ବୁ ୍ୟ ) : ରାଉରକେଲା ଠାରେ ଚାଲିଥିବା ଇଷ୍ଟ ଜୋନ ବିଶ୍ୱବିଦ୍ୟାଳୟ ସ୍ତରୀୟ ହକି ପ୍ରତିଯୋଗିତାରେ ଉତ୍କଳବିଶ୍ୱବିଦ୍ୟାଳୟ ଦଳରେ ରଣପୁରର ପାଞ୍ଚ ଜଣ ଖେଳାଳି ମ ନୋ ନୀ ତ ହୋ ଇ ଥି ବା ଜ ଣା ପ ଡି ଛି । ପ ଞ୍ଚି ମା ଅ ଞ୍ଚ ଳ ହକି ପ୍ରତିଯୋଗିତା ପାଇଁ ସୁନ୍ଦରଗଡ଼ ବି ଶ୍ୱ ବି ଦ୍ୟା ଳ ୟ ତରଫରୁ ଉଭୟ



ପୁରୁଷ ଓ ମହିଳା ହକି ପ୍ରତିଯୋଗିତା ରାଉଲକେଲା ମାଣିପାଲ କଲେଜ ଆୟୋଜିତ ହେଉଥିବା ବେଳେ ଏଥିରେ ଭାଗ ନେଇ ରଣପୁର ଅଞ୍ଚଳର ପାଞ୍ଚ ଜଣ ଖେଳାଳି ଉତ୍କଳ ବିଶ୍ୱବିଦ୍ୟାଳୟ ଟିମ ରେ ଖେଳିବା ପାଇଁ ମନୋନୀତ ହୋଇ ନିଜର ସ୍ଥାନ ପକ୍କା କରିଛନ୍ତ ।ମନୋନୀତ ଖେଳାଳି ମାନେ ହେଲେ ହାପି ମାଝୀ, ସିବୁନି ବାରିକ, ବାଦଲ ପଟ୍ଟଶାଣି, ଜ୍ଞାନଜିତ ବେହେରା, ହାପି ମାଝୀ, ଝୁମର କୁମର ସାହୁ ଆମେ ଆଗାମୀ ଦିନରେ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ଉଭୟ ରାଜ୍ୟ ଓ ଜାତୀୟ ସ୍ଥରରେ ଜୋନ ସ୍ତରୀୟ ହକି ଖେଳିବେ ।

# ଯୁବମହୋତ୍ସବରେ ମନ ମୋହିଲା ନାଟକ ' ଆହେ ନୀଳ ଶଇଳ'

ଦଶପଲ୍ଲା,(ସବ୍ୟୁ): ଦଶପଲ୍ଲାର ସର୍ବ ପୁରାତନ ପାଠାଗାର ବିବେକାନନ୍ଦ ପଠନ କେନ୍ଦ୍ର ଓ ସୀତାରାମଯୁଥ କ୍ଲବ ପକ୍ଷରୁ ବିଶ୍ୱ ବିଜୟୀ ସ୍ୱାମୀ ବିବେକା ନନ୍ଦଙ୍କ ଜୟନ୍ତୀ ତଥା ଜାତୀୟ ଯୁବ ଦିବସ ସମାରୋହ ଉଦଯାପିତ ହୋଇ ଯାଇଛି । ଉଦଯାପନୀ ଉତ୍ସବରେ ବିବେକାନନ୍ଦ ପଠନ କେନ୍ଦ୍ର ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ଶତ୍ରୁଘନ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଡ଼ ବିଶ୍ୱନାଥ ସ୍ୱାଇଁ ମୁଖ୍ୟବକ୍ତା, ଭାରତୀୟ ଅନୁବାଦ ସାହିତ୍ୟ ସମ୍ପାଦକ ତଥା ନାଟ୍ୟକାର ଶରତ ଚନ୍ଦ୍ର ଆଚାର୍ଯ୍ୟ ସମ୍ମାନିତ ଅତିଥି,ଓ ସ୍ୱତନ୍ତ୍ର ଅତିଥିଭାବେ ନିର୍ଦ୍ଦେଶକ ତଥା ଚଳଚିତ୍ର ଅଭିନେତା ଅଶ୍ରୁମୋଚନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହି ସଭାରେ ସଂଗୀତଜ୍ଞ ଶରତ ଚନ୍ଦ୍ର ସାହୁଙ୍କୁ ଲୋକକଳା ସମ୍ମାନ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ର ଓ ବିରଞ୍ଚି ନାରାୟଣ ରଥଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ଲେଖକ ହାଡ଼ିବନ୍ଧୁ ମହାଖୁଡ଼ ମଞ୍ଚ ପରିଚାଳନା କରିଥିଲେ । ଏ ଅବସରରେ ବାର୍ଷିକ ମୁଖପତ୍ର କୁଞ୍ଜବନ ଧାରା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏହି ଉଦଯାପନି ଉତ୍ସବ ରେ ପଠନ କେନ୍ଦ୍ର ର ସଭାପତି ବିନୋଦ ବିହାରୀ ମିଶ୍ର ମଞ୍ଚଆସିନ ଥିବା ବେଳେ ସମସ୍ତ ସଦଶ୍ୟ ଉପସ୍ଥିତ ଥିଲେ । ଶେଷରେ ରାଜ୍ୟ ସରକାର ଓ ନୟାଗଡ଼ ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ସୀତାରାମଯୁଥ କ୍ଲବ ପକ୍ଷରୁ ତିନିଦିନ ଧରି ଚାଲିଥିବା ଯୁବ ମହୋତ୍ସବ ମହକ ଉଦଯାପିତ ହୋଇଯାଇଛି । ଉଦଯାପନି ଉତ୍ସବ ରେ ମୁଖ୍ୟ ଅତିଥିଭାବେ ପଣି ଓ ଭାବେ ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗ ଦେଇଥିବା ବେଳେ ଗୁରୁଶ୍ରୀ ଗୁରୁପ୍ରସାଦ ବେହେରା ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଏନ ଏ ସି ଅଧ୍ୟକ୍ଷା ଇଂ ପୁନମ ପ୍ରିୟଦର୍ଶିନୀ,ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ , ନୂଆଗାଓଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ସମାଜସେବୀ ବଂଶୀଧର ନାହାକ ପ୍ରମୁଖ ଯୋଗ ଦେଇଥିଲେ । ଏ ଅବସରରେ ସଙ୍ଗୀତଜ୍ଞ ଶରତ ଚନ୍ଦ୍ର ସାହୁ ଙ୍କୁ ଜୀବନ ବ୍ୟାପି ସଙ୍ଗୀତ ସାଧନା ପାଇଁ ଚଳିତ ବର୍ଷ ର ମହକ ସମ୍ମାନ ରେ ସମ୍ମାନିତ କରାଯାଇଥିଲା । ଶେଷରେ କ୍ଲବ ର କଳାକାର ମାନଙ୍କ ଦ୍ୱାରା ନାଟକ ଆହେନିଳ ଶଇଳ ନାଟକ ମଞ୍ଚସ୍ଥ ଭୋଇଥିବା ବେଳେ ଏହାକୁ ଦେଖିବାକୁ ବହୁ ଜନଗହଳି ହୋଇଥିଲା । କାର୍ଯ୍ୟକ୍ରମରେ କ୍ଲବ ର ସଭାପତି ଶ୍ରୀକାନ୍ତ ସାହୁ, ସମ୍ପାଦକ ଚନ୍ଦନ ସାହୁ, ଓ ସହସମ୍ପଦକ କୃଷ୍ଣ ଚନ୍ଦ୍ର ସାହୁ ମଞ୍ଚଆସିନ ଥିବା ବେଳେ ଉପଦେଷ୍ଟା ପଞ୍ଚାନନ ବେହେରା ସଂଯୋଜନା କରିଥିଲେ ।

# ଅଳକୁଣ୍ଡ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ତାଲା ପକାଇ ପୁଣି ଧାରଣା

ନିମାପଡା,(ସବ୍ୟୁ): ନିମାପଡା ବ୍ଲକ ଛଣିଜଙ୍ଗ ପଞ୍ଚାୟତ ଅନ୍ତର୍ଗତ ଅଳକୁଣ୍ଡ ଠାରେ ଥିବା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଗତ କିଛି ମାସ ହେବ ଲାଗିରହିଥିବା ବିବାଦ ଯୋଗୁଁ ପିଲାଙ୍କ ପାଠପଢା ବାଧାପ୍ରାପ୍ତ ହୋଇଛି। ଦାବୀ ପୁରଣ ପାଇଁ ଅଭିଯୋଗ କରି ନିରାଶ ହେବା ପରେ ତାଲା ପକାଇ ଧାରଣା ଦେବା ସତ୍ତ୍ୱେ ଜିଲ୍ଲା ପ୍ରଶାସନ,ଶିକ୍ଷା ବିଭାଗର ଚେତା ପଶୁନି ବୋଲି ଧାରଣାକାରୀ ମାନେ ପ୍ରକାଶ କରିଛନ୍ତି। ବିଦ୍ୟାଳୟର ପରିଚାଳନା କମିଟୀ ସଦସ୍ୟ,ଅଭିଭାବକ ଓ ଗ୍ରାମବାସୀ ବିଭିନ୍ନ ଦାବୀ ନେଇ ବିଦ୍ୟାଳୟ ଫାଟକରେ ପୁଣି ତାଲା ପକାଇ ଆଜି ଠାରୁ ଧାରଣାରେ ବସିଛନ୍ତି। ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମିନର୍ଭା ପ୍ରଧାନଙ୍କ ମନମୁଖୀ କାର୍ଯ୍ୟ କରିବା ସାଙ୍ଗକୁ ବିଦ୍ୟାଳୟର ସହଶିକ୍ଷୟତ୍ରୀ,କର୍ମଚାରୀ,ଅଭିଭାବକ,ଛାତ୍ରଛାତ୍ରୀ ମାନଙ୍କୁ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରି ଆସୁଥିବା ବେଳେ ବିଦ୍ୟାଳୟରେ ପ୍ରମୁଖ ବିଷୟ ଇଂରାଜୀ,ଗଣିତ ଓ ବିଜ୍ଞାନ ପାଠ ପଢାଇବା ପାଇଁ ଶିକ୍ଷକ ନଥିବାରୁ ପିଲା ମାନଙ୍କ ପାଠ ପଢା ବହୁ ପଛରେ ପଡିଛି। ଏସଂପର୍କରେ ଜିଲ୍ଲା ଶିକ୍ଷାଧିକାରୀ, ଉପମୁଖ୍ୟମନ୍ତ୍ରୀ, ଜିଲ୍ଲାପାଳ,ବିଇଓ,ବିଡିଓଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯିବା ସେ%୦ ଏହାର କୋଣସି ସୁଫଳ ନ ମିଳିବାରୁ



ଅଭିଭାବକ,ପରିଚାଳନା କମିଟୀ ସଦସ୍ୟ ଓ ସ୍ଥାନୀୟ ଗ୍ରାମବାସୀ ମାନେ ଗତ ଡିସେମ୍ବର ମାସ ୧୭ ତାରିଖରେ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଡିଇଓଙ୍କ ନିର୍ଦ୍ଦେଶକ୍ରମେ ଏବିଇଓ ପହଂଚି ଧାରଣାକାରୀଙ୍କୁ ସମସ୍ୟାର ସମାଧାନ ପାଇଁ ପ୍ରତିଶୃତୀ ଦେବା ପରେ ଧାରଣାରୁ ସେମାନେ ଉଠିଥିଲେ। ତେବେ ଡିଇଓ ଦେଇଥିବା ପ୍ରତିଶୃତୀ ପୁରଣ ନ କରିବାରୁ ଗୁରୁବାର ଦିନ ପୁଣି ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦିଆଯାଇଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଏଠାରୁ ଅନ୍ୟତ୍ର ବଦଳୀ କରିବା ସାଙ୍ଗକୁ ଖାଲିପଡିଥିବା ୩ଟି ଶିକ୍ଷକ ପଦବୀ ପୁରଣ ପାଇଁ ଧାରଣାକାରୀମାନେ ଦାବି କରିଛନ୍ତି। ଦାବୀ ପୁରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରିରହିବା ସଙ୍ଗେ ଆସନ୍ତା ସୋମବାର ଦିନ ଚାରିଛକ-ଗୋପ ମୁଖ୍ୟରାସ୍ତାକୁ ଅବରୋଧ କରାଯିବ ବୋଲି କୁହାଯାଇଛି ।। ଶୁକ୍ରବାର ଠାରୁ ମାଟ୍ରିକ ପିଲାଙ୍କ ପ୍ରି-ବୋର୍ଡ ପରୀକ୍ଷା ଆରମ୍ଭ ହେଉଥିବାରୁ ଅଳକୁଣ୍ଡ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ପରୀକ୍ଷାରୁ ବଂଚିତ ହେବାର ସମ୍ଭାବନା ଦେଖାଦେଇଛି।

# ମା ମଙ୍ଗଳାଙ୍କ ମନ୍ଦିରରେ ମକରବେଢ଼ା

କାକଟପୁର,(ସବ୍ୟୁ): କାକଟପୁର ର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ପୀଠରେ ମକରସଂକ୍ରାନ୍ତି ଉପଲକ୍ଷେ ମକରବେଢ଼ା ନୀତି ମହାସମାରୋହ ରେ ପାଳିତ ହୋଇଯାଇଛି । ବୁଧବାର ଅପରାହ୍ନରେ ମନ୍ଦିର ପହୁଡ଼ ଖୋଲିବା ପରେ,ପୂଜାପଣ୍ଡା ସେବକ ଶରତ କୁମାର ଦୀକ୍ଷିତ ମା'ଙ୍କ ନିକଟରେ ଲାଗିହୋଇଥିବା ତିନି ଗୋଟି ମକର ଚୁଲକୁ ପର୍ଯ୍ୟାୟ କ୍ରମେ ତିନିଥର ଧରି ଘଣ୍ଟ, ଘଣ୍ଟା, ଛତ୍ରୀ, ଆଲଟ, ଚାମର ଧରି ଶୋଭାଯାତ୍ରାରେ ମନ୍ଦିର ପରିକ୍ରମା କରିବାପରେ ମକର ଚାଉଳ ଧୂପନୀତି ଅନୁଷ୍ଠିତ ହୋଇଥିଲା । ସେବାୟତମାନେ ନୂଆ ଅରୁଆଚାଉଳ, ଛେନା, କଦଳୀ, ଅଦା, ଗୁଡ଼, ଚିନି, ଫଳମୂଳ, ଆଦି ଦ୍ରବ୍ୟ ପକାଇ ମକର ଚାଉଳ ପ୍ରସ୍ତୁତ କରି ମା ଙ୍କୁ ନୈବେଦ୍ୟ ଅର୍ପଣ କରିଥିଲେ । ମନ୍ଦିର ପ୍ରଶାସନ ତରଫରୁ ମଧ୍ୟ ମକର ଚାଉଳ ପ୍ରସ୍ତୁତ କରାଯାଇ ଭକ୍ତମାନଙ୍କୁ ବଣ୍ଟନ କରାଯାଇଥିଲା । ମା ଙ୍କ ଏହି ପ୍ରସାଦ ପାଇବାପାଇଁ ବହୁ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ସେହିପରି ମାଧବାନନ୍ଦ, ମା ନାରାୟଣୀ ଙ୍କ ପୀଠ ରେ ମକର ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା ।


# ଶ୍ରେୟା ସଂହିତା କୁଣ୍ଡୁ ହେଲେ ମିସ ଟାଲେଣ୍ଟେଡ'




ଗୋପ, (ସବ୍ୟୁ):ଲିକାମାନଙ୍କ ପାଇଁ ଆୟୋଜିତ ଭାରତର ସବୁଠୁ ବୃହି ଆକର୍ଷଣୀୟ ସୁନ୍ଦରୀ ପ୍ରତିଯୋଗିତା "ଜୁନିଅର ମିସ ଇଣ୍ଡିଆ' ରାଜସ୍ଥାନର ଜୟପୁର ସ୍ଥିତ "ହୋଟେଲ କ୍ଲାର୍କ ଆମେର'ରେ ଜାନୁଆରୀ ୬ରୁ ୮ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଜୁନିଅର ମିସ ଇଣ୍ଡିଆ' ପ୍ରତିଯୋଗିତାରେ ଗୋପ ବ୍ଲକ ଗଡରୁପାସ ଗାଁର ଭାଣିଜୀ ଦେଶର ବିଭିନ୍ନ ପ୍ରତିଯୋଗୀ ମାନଙ୍କୁ ପଛରେ ପକାଇ ଜୁନିଅର ମିସ ଇଣ୍ଡିଆ' ମିସ ଟାଲେଣ୍ଟେଡ ବିଜେତା ହୋଇ ଓଡିଶା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି ।ଦେଶର ବିଭିନ୍ନ ରାଜ୍ୟରୁ ଆଞ୍ଚଳିକ ଅଡିସନ ମାଧ୍ୟମରେ ବାଛାଯାଇଥିବା ପ୍ରତିଯୋଗୀମାନେ ଏଠାରେ ସଓ୍ୱଙ୍କୁ ପ୍ରତିଷ୍ଠା କରିଥିଲେ । ୬ ଓ ୭ ତାରିଖରେ ଗ୍ରୁମିଙ୍ଗ ଓ ପ୍ରଶିକ୍ଷଣ ସତ୍ସଙ୍ଗ ହୋଇଥିଲା, ଯେତେବେଳେ ୮ ତାରିଖରେ ପଶ୍ଚିମୀ ପୋଷାକ ଓ ଗାଉନ ରାଉଣ୍ଡ ଉପସ୍ଥାପିତ ହୋଇଥିଲା ।ଓଡିଶାର ପ୍ରତିନିଧି ଶ୍ରେୟା ସଂହିତା କୁଣ୍ଡୁ, ବାପା ଡ଼. ସନ୍ଦୀପ କୁଣ୍ଡୁ ଓ ମାଆ ପ୍ରିୟଙ୍କାଙ୍କ ନିର୍ଦ୍ଦେଶନାରେ, ୧୫ ବର୍ଷ ବୟସରେ ୧୫/୧୬ବର୍ଷ ବର୍ଗର ପ୍ରତିଯୋଗୀମାନଙ୍କୁ ପଛକୁ ପକାଇ ସମସ୍ତ ରାଉଣ୍ଡରେ ଅସାଧାରଣ ପ୍ରତିଭା ପ୍ରଦର୍ଶନ କରିଥିଲେ । କଲଚର ରାଉଣ୍ଡରେ ଶ୍ରେୟା ସଂହିତା କୁଣ୍ଡୁ, କୋରାପୁଟର କୋଟପାଡ଼ ସାଢ଼ି ଏବଂ ଡୋଙ୍ଗ୍ରିଆ ଶାଲ ପରିଧାନ କରି ସାଉରା କଳାର ପ୍ରପ ସହିତ ଆଦିବାସୀ ଗହଣା ସହ ସୁସଜ୍ଜିତ ହୋଇ, ଓଡିଶାର ଗର୍ବଜନକ ଜନଜାତୀୟ ସଂସ୍କୃତିକୁ ମଞ୍ଚରେ ଉପସ୍ଥାପନ କରିଥିଲେ । ଏହି ଉପସ୍ଥାପନ ସେହି ରାଉଣ୍ଡରେ ପ୍ରଥମ ସ୍ଥାନ ନିଶ୍ଚିତ କରିଥିଲା ।କାର୍ଯ୍ୟକ୍ରମର ଶେଷ ଦିନରେ, ସମଗ୍ର ପ୍ରଦର୍ଶନର ଆଧାରରେ ଜୁନିଅର ମିସ ଇଣ୍ଡିଆ ସିଜନ ୪, ୨୦୨୬, ତାଙ୍କୁ ୧୫୧୬ ବର୍ଷ ବର୍ଗରେ "ମିସ ଟାଲେଣ୍ଟେଡ' ଖିତାବ ସହ ସମ୍ମାନିତ କରିଛି ।ଓଡିଶା ସରକାରର ବୟନ ଓ ହସ୍ତତନ୍ତ୍ର ବିଭାଗ ପକ୍ଷରୁ "ଉତ୍କଳିକା' ତାଙ୍କୁ ହସ୍ତତନ୍ତ୍ର ଉତ୍ପାଦ ଉପହାର ଦେଇ ସମର୍ଥନ ଜଣାଇଥିଲା ।

# ପୂର୍ବ ସରକାର ମଞ୍ଜୁର କରିଥିବା ପ୍ରକଳ୍ପକୁ ନେଇ ରଙ୍ଗମରା କାର୍ଯ୍ୟ କରୁଛି ବିଜେପି

କଣାସ,(ସବ୍ୟୁ): ପୁରୀ ଜିଲ୍ଲା କଣାସ ବ୍ଲକରେ ଆସନ୍ତା କାଲି ଦୟା ଓ ଲୁଣା ନଦୀ ଶଯ୍ୟା ଖନନର ଭିତ୍ତି ପ୍ରସ୍ତର ସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ତା ପୂର୍ବରୁ ବିଜେଡି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କଣାସ ବ୍ଲକ ଜଂକିଆ ମେଳନ ପଡ଼ିଆରେ ବିଜେଡି ଜିଲ୍ଲା ସଭାପତି ଓ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଜିଲ୍ଲାସଭାପତି ଶ୍ରୀ ସାମନ୍ତରାୟ କହିଛନ୍ତି କଣାସ ବ୍ଲକରେ ମକରା,ଦୟା ଲୁଣା ଓ ରାଜୁଆ ନଦୀର ବିଜେଡି ସମୟରେ ପ୍ରାୟ ଖନନ କାର୍ଯ୍ୟ ସାରିଥିଲା ।ଲୁଣା ନଦୀରେ ଡେଲାଙ୍ଗ ଠାରୁ ରୁଢୁପୁର ପର୍ଯ୍ୟନ୍ତ ନଦୀ ଖନନ କାର୍ଯ୍ୟ ସାରିଥିବା ବେଳେ ରୁଢୁପୁର ଠାରୁ ଚିଲିକା ପର୍ଯ୍ୟନ୍ତ ପ୍ରାୟ ୩୯ କୋଟି ୯୬ ଲକ୍ଷ ଟଙ୍କା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଳ ସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେବା ପରେ ଟଙ୍କା ମଞ୍ଜୁର କରାଯାଇଥିଲା । ଦୟା ନଦୀରେ ଚିଲିକା ଠାରୁ ଗଡିଶାଗୋଦା ଓ ଗଡିସା ଗୋଦାରୁ ବୋତଲମା ପର୍ଯ୍ୟନ୍ତ ଖନନ କାର୍ଯ୍ୟ ସାରିଥିଲା ।ଯାହା ବାକି ରହିଥିଲା ତାହା ପୂର୍ବ ସରକାରରେ ନଦୀ ଖନନ ପାଇଁ ଟଙ୍କା ମଞ୍ଜୁର କରାଯାଇଥିଲା ।ହେଲେ ବିଜେପି ୧୯ ମାସ ମଧ୍ୟରେ କୌଣସି ସ୍ଥାନରେ ଝୁଡ଼ିଏ ମାଟି ପକାଇ ନଥିବା ବେଳେ ପୂର୍ବ ସରକାର ମଞ୍ଜୁର କରିଥିବା ପ୍ରକଳ୍ପକୁ ନେଇ ରଙ୍ଗମରା କାର୍ଯ୍ୟ କରୁଛି ଓ କଣାସ ସତ୍ୟବାଦୀ ଜନସାଧାରଣଙ୍କୁ ଭୁଆଁ ବୁଲାଉ ଥିବା ଶ୍ରୀ ସାମନ୍ତରାୟ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ଆଣିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ଅନୀମାନଙ୍କ ମଧ୍ୟରେ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନିଲ ପଣ୍ଡା,କଣାସ ବ୍ଲକ ବିଜେଡି ସଭାପତି ସୁରେଶ ସାହୁ,ସରପଞ୍ଚ ପ୍ରତାପ ପରିଡ଼ା,ଧନେଶ୍ୱର ଲେଙ୍କା,ଈଶ୍ୱର ହରିଚନ୍ଦନ,ବିଭୂତି ବେବର୍ତ୍ତା,ମହେଶ୍ୱର ସେଠୀ,ଅନ୍ତର୍ଯ୍ୟାମୀ ଜେନା,ଶରତ




ଜୟସିଂହ ,ରାଜେଶ ହରିଚନ୍ଦନ, ସରପଞ୍ଚ ପ୍ରତିନିଧି ଧଜାବର ନାୟକ, ବାବୁ ପରିଡ଼ା,ଗୁଣନିଧି ପାତ୍ର,ରବି ରାଉତରାୟ,ପୂର୍ବତନ ସରପଞ୍ଚ ମାଧବ ବଳବନ୍ତରାୟ,ନନ୍ଦ ମାନସିଂହ,ତରଣିସେନ ମଙ୍ଗରାଜ,ପ୍ରତାପ ଜେନା,ଅରୁଣ ପ୍ରଧାନ,ସଞ୍ଜୟ କୁମାର ଚୁଆଳସିଂହ,ଭାସ୍କର ପାଲଟାସିଂହ ପ୍ରମୁଖ ଉପସ୍ଥିତ ଥିବାବେଳେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଲିଙ୍ଗରାଜ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମା ବାଲୁଙ୍କେଇ ପୀଠରେ ଅଷ୍ଟ ପ୍ରହରୀ ନାମଯଜ୍ଞ

ଫୁଲନଖରା , (ସବ୍ୟୁ): :କଟକ ସଦର ଥାନା ଅନ୍ତର୍ଗତ ଅରଡିଆପଦା ଗ୍ରାମସ୍ଥିତ ମା ବାଲୁଙ୍କେଇ ପୀଠସ୍ଥଳୀରେ ଅଷ୍ଟ ପ୍ରହରୀ ନାମଯଜ୍ଞ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ସମଗ୍ର ଗ୍ରାମ ଓ ଆଖପାଖ ଅଞ୍ଚଳ ହରିନାମ ସଙ୍କୀର୍ତ୍ତନରେ ଗୁଞ୍ଜି ଉଠିଥିବା ବେଳେ ଭକ୍ତମାନଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଓ ଆନନ୍ଦ ଦେଖିବାକୁ ମିଳିଥିଲା ।ଲିଙ୍ଗରାଜ ମହାନ୍ତି, ଭାସ୍କର ପାତ୍ର, ପ୍ରଭାକର ପାତ୍ର, ଯତୀନ୍ଦ୍ର ଦାସ ଓ ଭାସ୍କର ପାତ୍ରଙ୍କ ତ%୦ାବଧାନରେ ଅନୁଷ୍ଠିତ ଏହି ନାମଯଜ୍ଞକୁ ସଫଳ ଭାବେ ପରିଚାଳନା କରିଥିଲେ ରାଜ କିଶୋର ନାଥ, ଦେବଦତ୍ତ ମହାନ୍ତି, ନିରଞ୍ଜନ ମହାନ୍ତି, ଅଜିତ କୁମାର ଦାସ, ସୁଜିତ କୁମାର ଦାସ, ଜଗନ୍ନାଥ ପାତ୍ର, ମନୋଜ ନାଥ, ସରାଜ ପରି ଓ ସତ୍ୟ ରଞ୍ଜନ ମହାନ୍ତି ପ୍ରମୁଖ ।ନାମଯଜ୍ଞ ଅବସରରେ ସମଗ୍ର ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ଓ ଆତ୍ମୀୟତା ଏହାକୁ ଏକ ଭକ୍ତିମୟ ମହୋତ୍ସବର ରୂପ ଦେଇଥିଲା । ଏହି ଅବସରରେ ଗ୍ରାମ ମୁରବୀ ଲଳିତ କୁମାର ଦାଶ, ଅଜୟ କୁମାର ବେଉରା, ଶୈଳଜାନନ୍ଦ ସାହୁ, ବରଦା ପ୍ରସାଦ ବେଉରା, ମଙ୍ଗଳା ପ୍ରସାଦ ମହାନ୍ତି, ଧୀରେନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ରହି ମା ବାଲୁଙ୍କେଇଙ୍କ କୃପା ଲାଭ କରିଥିଲେ । ଅଷ୍ଟ ପ୍ରହରୀ ନାମଯଜ୍ଞ ମାଧ୍ୟମରେ ଅଞ୍ଚଳରେ ଶାନ୍ତି , ସମୃଦ୍ଧି ଓ ସମବେଶର ବାର୍ତ୍ତା ପ୍ରସାରିତ ହୋଇଥିବା ବେଳେ ଧାର୍ମିକ ଏକତାର ଉଦାହରଣ ସୃଷ୍ଟି ହୋଇଛି ।

## ଏଆଇ ସ୍ମାର୍ଟଫୋନ ପକ୍ଷରୁ

# କନେକ୍ଟେଡ ପୀଢ଼ି ପାଇଁ ନୋଭାୱାଚ ସ୍ମାର୍ଟୱାଚ ସିରିଜର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଏଆଇ ପକ୍ଷରୁ ନୋଭାୱାଚକୁ ଉନ୍ମୋଚନ କରାଯାଇଛି ଯାହା ସୁରକ୍ଷା, ଦୈନନ୍ଦିନ ସ୍ୱାସ୍ଥ୍ୟ ଏବଂ ବ୍ୟକ୍ତିଗତ ଷ୍ଟାଇଲ କ୍ଷେତ୍ରରେ ବ୍ରାଣ୍ଡ୍ର ସଂଯୁକ୍ତ ଡିଭାଇସ ପୋର୍ଟଫୋଲିଓକୁ ବିସ୍ତାର କରୁଛି । ୨୦୨୬ର ପ୍ରଥମ ତ୍ରୟମାସରେ ଉପଲବ୍ଧ ହେବାକୁ ଥିବା ନୋଭାୱାଚ ଏଆଇର ଏହି ବିଶ୍ୱାସକୁ ପ୍ରତିଫଳିତ କରୁଛି ଯେ ପରିଧାନ ପ୍ରଯୁକ୍ତି ବ୍ୟବହାରିକ ଉପଯୋଗିତା ସହିତ ଫ୍ୟାଶନ-ଫରୱାର୍ଡ ଡିଜାଇନ ସହ ସଂଯୋଗ ହେବା ଉଚିତ ।

ଏଆଇ ନୋଭାୱାଚ ଉତ୍ପାଦରେ ଆକଫିଭ, ୱେରବଡ୍ସ, କିଡ୍ସ ଜିଓ ଫେନ୍ସିଂ ୱାଚ ଏବଂ ଶିଳ୍ପରେ ପ୍ରଥମ ଥର ପାଇଁ ଘୂର୍ଣ୍ଣାୟମାନ କ୍ୟାମେରା ଏଲଟିଇ ୱାଚ ଅନ୍ତର୍ଭୁକ୍ତ ଯାହା ପ୍ରତ୍ୟେକ ନିର୍ଦ୍ଦିଷ୍ଟ ବ୍ୟବହାର କ୍ଷେତ୍ରକୁ ଧ୍ୟାନରେ ରଖି ଡିଜାଇନ୍ କରାଯାଇଛି । ଏହି ଶ୍ରେଣୀଟି ଦୈନନ୍ଦିନ ସ୍ୱାସ୍ଥ୍ୟ ଟ୍ରାକିଂ, ପାରିବାରିକ ସୁରକ୍ଷା ଏବଂ ଷ୍ଟାଇଲ ନେତୃତ୍ୱାଧୀନ ବ୍ୟକ୍ତିଗତ ଅଭିବ୍ୟକ୍ତିକୁ ପ୍ରତିଫଳିତ କରୁଛି ଯାହା ବିଭିନ୍ନ ଜୀବନଶୈଳୀ ଏବଂ ବୟସ ଗୋଷ୍ଠୀରେ ସ୍ୱାଭାବିକ ଭାବରେ ଖାପ ଖାଇପାରୁଥିବା ୱେରେବଲ୍ସ ଉପରେ ଏଆଇର ଧ୍ୟାନକୁ ପ୍ରତିଫଳିତ କରୁଛି । ୱେରବଡ୍ସ ଏକ ଫ୍ଲାଗସିପ ଏକ ପ୍ରକାରର ପ୍ରଥମ ସ୍ମାର୍ଟୱାଚ ଯାହା ଏକ ସ୍ମାର୍ଟୱାଚ ସହିତ ବିଲ୍ଟ-ଇନ୍ ବ୍ଲୁଟୁଥ୍ ଇୟାରଫୋନ୍ ସଂଯୋଗ କରେ ଯାହା ଅଡିଓ ଏବଂ ସମୟ ଜ୍ଞାନକୁ ଗୋଟିଏ ୱେରେବଲରେ ଆଣିଛି



।ସାରା ଦିନ ପିନ୍ଧିବା ପାଇଁ ଡିଜାଇନ୍ କରାଯାଇଥିବା ଏହା ଫ୍ୟାଶନ-ଫରୱାର୍ଡ ଡିଜାଇନ୍ ସହିତ ଦୈନନ୍ଦିନ ସୁବିଧା ସଂଯୋଗ କରି ଏକାଧିକ ଡିଭାଇସ୍ ପିନ୍ଧିବାର କରିବାର ଆବଶ୍ୟକତାକୁ ଦୂର କରୁଛି ।

**(ଶ୍ରୀମଭଗବଦ୍ ଗୀତା ୨/୧୬)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ ।**
**ଉଭୟୋରପି ଦୃଷ୍ଟୋଽନ୍ତସ୍ତ୍ୱନୟୋସ୍ତତ୍ତ୍ୱଦର୍ଶିଭିଃ ॥ ୧୬ ॥**

(ତତ୍ତ୍ୱବିଚାରତଃ ସର୍ବଂ ସୋଢୁଂ ଶକ୍ୟଂ ତତ୍ରାହ)– ଅସତୋ (ଅନାତ୍ମଧର୍ମତ୍ୱାତ୍ ଅବିଦ୍ୟମାନସ୍ୟ ଶୀତୋଷ୍ଣାଦେଃ) (ଆତ୍ମନି) ଭାବଃ (ସତ୍ତା) ନ ବିଦ୍ୟତେ, (ତଥା) ସତଃ (ସତ୍‌ସ୍ୱଭାବସ୍ୟ ଆତ୍ମନଃ) ଅଭାବଃ (ନାଶଃ) ନ ବିଦ୍ୟତେ, ତତ୍ତ୍ୱଦର୍ଶିଭିଃ (ଜ୍ଞାନିଭିଃ) ତୁ ଅନୟୋଃ ଉଭୟୋଃ ଅପି (ସଦସତୋଃ) ଅନ୍ତଃ (ନିର୍ଣ୍ଣୟଃ) ଦୃଷ୍ଟଃ ( ପ୍ରତ୍ୟକ୍ଷୀକୃତଃ) ॥ ୧୬ ॥

# ସରକାରୀ କାର୍ଯ୍ୟରେ ଓଡ଼ିଆ ବ୍ୟବହାର ଲାଗି ଗୁରୁତ୍ୱାରୋପ

ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର କରାଯିବାକୁ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅନୁରୋଧ କରିଛନ୍ତି । ସେ କହିଛନ୍ତି ଯେ ସରକାରୀ ଭାଷା ଓଡ଼ିଆରୁ ଆରମ୍ଭ କରାଯାଉ, ଯଦି କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ସମୟକ୍ରମେ ତାହାର ସଂଶୋଧନ ମଧ୍ୟ କରାଯିବ ବୋଲି ମନ୍ତ୍ରୀ ମହୋଦୟ ଆହ୍ୱାନ ଦେଇଛନ୍ତି । ଏ କଥାକୁ ଓଡ଼ିଆମାନେ ମାନି ନେବା ଆବଶ୍ୟକ । ୧୦୫ ବର୍ଷ ତଳେ ୧୯୨୧ରେ ଯେତେବେଳେ ଗାନ୍ଧିଜୀ ପ୍ରଥମେ ଓଡ଼ିଶା ଗସ୍ତରେ ଆସିଥିଲେ, ସେତେବେଳେ କଟକର କାଠଯୋଡ଼ି ନଦୀ ଶଯ୍ୟା ଉପରେ ସେ ଓଡ଼ିଆମାନଙ୍କୁ ଉଦ୍‌ବୋଧନ ଦେଇଥିବା ବେଳେ, ଓଡ଼ିଆମାନେ ଇଂରାଜୀ ଭାଷା ଅପେକ୍ଷା ମାତୃଭାଷା ଉପରେ ଅଧିକ ନିର୍ଭରଶୀଳ ହେବାକୁ ଆହ୍ୱାନ ଦେଇଥିଲେ । ଏହାର ପ୍ରାୟ ଶହେ ବର୍ଷ ପରେ ଆମ ଶିକ୍ଷା ନୀତି, ୨୦୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ମାତୃଭାଷା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଫଳରେ ତାଙ୍କ ନିର୍ଦ୍ଦେଶରେ ଡାକ୍ତରୀ, ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ବୈଷୟିକ ବିଷୟ ସବୁ ଯାହା ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ଅନ୍ତର୍ଭୁକ୍ତ, ସେ ସବୁ ଓଡ଼ିଆ କରାଗଲା । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିପାଇଁ ଉଦ୍ୟମ ମଧ୍ୟ କରିଥିଲେ । ମାତୃଭାଷା ଓଡ଼ିଆରେ ବୈଷୟିକ ବିଷୟଗୁଡ଼ିକରେ ପୁସ୍ତକ ରଚନା କରାଯିବା ଏକ ଦୁରୂହ ବିଷୟ । ଏହା କିନ୍ତୁ ସମ୍ଭବ ହୋଇପାରିଛି ।

ଓଡ଼ିଆ ମାଧ୍ୟମରେ ଶିକ୍ଷାଦାନ କରା ଯାଉଥିବା ଅନେକ ସ୍କୁଲର ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଲାଭ କରି ଆଇ.ଏ.ଏସ୍, ଆଇ.ପି.ଏସ୍ ପ୍ରଭୃତି ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି । କାର୍ଯ୍ୟକ୍ଷେତ୍ରରେ ସେମାନେ ସଫଳତା ହାସଲ ମଧ୍ୟ କରିଛନ୍ତି । ଇଂରାଜୀ ଭାଷାକୁ ସମ୍ପୂର୍ଣ୍ଣ ରୂପେ ପରିହାର କରାଯାଇ ନପାରେ । ସମଗ୍ର ବିଶ୍ୱରେ ଇଂରାଜୀ ଏବେ ଗୋଟିଏ ସଂଯୋଗକାରୀ ଭାଷା (Link Language) ଭାବେ ବ୍ୟବହାର କରାଯାଉଛି । ଭାରତ ବା ଓଡ଼ିଶା ମଧ୍ୟ ଇଂରାଜୀ ଭାଷାର ବ୍ୟବହାର ଅନୁରୂପ ଭାବେ କରିପାରିବେ । ରାଜ୍ୟର ସାଧାରଣ ପ୍ରଶାସନ ବିଭାଗ ଯାହା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧୀନରେ ରହିଛି, ସେହି ବିଭାଗର ସମସ୍ତ ବିଭାଗୀୟ ମୁଖ୍ୟ ଦପ୍ତରକୁ ପ୍ରକୃତପକ୍ଷେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ କରାଯିବାକୁ ନିର୍ଦ୍ଦେଶନାମା ଜାରି କରିଛି । ଅବଶ୍ୟ କମ୍ପ୍ୟୁଟର ଓ ମୋବାଇଲରେ ଅନେକ ଇଂରାଜୀ ଭାଷାର କାର୍ଯ୍ୟକ୍ରମକୁ ଆମକୁ ବ୍ୟବହାର କରିବାକୁ ପଡ଼ିବ । ତଥାପି ଚିଠି ଓ ଅନ୍ୟାନ୍ୟ ଫାଇଲ କାର୍ଯ୍ୟସବୁ ମଧ୍ୟ ଓଡ଼ିଆ ଭାଷାରେ ଏବେ ସୁବିଧାରେ କମ୍ପ୍ୟୁଟର ବା ମୋବାଇଲ ଯୋଗେ କରାଯାଇ ପାରୁଛି ।

ଅତୀତରେ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବାବେଳେ ଓଡ଼ିଆ ସରକାରୀ ଭାଷା କରିବାକୁ ଆଇନ କରିଥିଲେ, ମାତ୍ର ନିୟମାବଳି ସେତେବେଳେ ପ୍ରସ୍ତୁତ କରାଯାଇ ପାରି ନଥିଲା । ସରକାରୀ କାର୍ଯ୍ୟ ଓଡ଼ିଆରେ କରିବାକୁ ଆମମାନଙ୍କର ମାନସିକତା ନଥିବାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବକୃଷ୍ଣଙ୍କର ଉଦ୍ୟମ ସଫଳ ହୋଇ ପାରି ନଥିଲା । ଏହା ପରେ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ତତ୍କାଳୀନ ସଂସ୍କୃତି ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ମହାପାତ୍ର ସେତେବେଳେ ମଧ୍ୟ ଉଦ୍ୟମ କରିଥିଲେ ଏବଂ ସୁନ୍ଦର ଓଡ଼ିଆ ଭାଷାରେ ଫାଇଲମାନଙ୍କରେ ନୋଟ୍ ଦେଇ ପାରୁଥିଲେ । ମାତ୍ର ତତ୍କାଳୀନ ମୁଖ୍ୟମନ୍ତ୍ରୀ ବା ମନ୍ତ୍ରୀ ଙ୍କର ଉଦ୍ଦେଶ୍ୟ ମଧ୍ୟ ସଫଳ ହୋଇ ନଥିଲା । ଏହା ପରେ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ନିଜେ ଫାଇଲମାନଙ୍କରେ ଓଡ଼ିଆ ଭାଷାରେ ନୋଟିଙ୍ଗ ଦେଇ କିଛିଟା କାର୍ଯ୍ୟକୁ ଆଗେଇ ନେଇଥିଲେ ମଧ୍ୟ ତାଙ୍କ ସରକାର ସଫଳ ହୋଇ ପାରି ନଥିଲା । ଏହା ପରେ ନବୀନ ପଟ୍ଟନାୟକଙ୍କ ସରକାର, ଓଡ଼ିଆ ସରକାରୀ ଭାଷା ହେବାକୁ ଯେଉଁ ଆଇନ ନବକୃଷ୍ଣ ଚୌଧୁରୀଙ୍କ ଅମଳରେ ହୋଇଥିଲା, ତାହାର ନିୟମାବଳି କରିଥିଲେ । ତଥାପି ଓଡ଼ିଆରେ ସରକାରୀ କାର୍ଯ୍ୟ ମଧ୍ୟ ସହଜରେ ହୋଇ ପାରି ନଥିଲା । ଓଡ଼ିଆ ଭାଷା ପ୍ରତିଷ୍ଠାନକୁ ମଧ୍ୟ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର କରାଯିବା କ୍ଷେତ୍ରରେ ସାହାଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇ ଥିଲା । ମାତ୍ର ଅନେକ ଅଣ ଓଡ଼ିଆ ଅଫିସର ଓ ଓଡ଼ିଆ ଭାଷା ଦଲାଲମାନଙ୍କ ଭୂମିକା ଯୋଗୁଁ ସରକାରୀ କଳରେ ଓଡ଼ିଆ ଭାଷାର ସଫଳ ପୟୋଗ ହୋଇ ପାରିଲା ନାହିଁ । ଏବେ ବି ନିଷ୍କ୍ରିୟ ଅବସ୍ଥାରେ ଥିବା ଓଡ଼ିଆ ଭାଷା ପ୍ରତିଷ୍ଠାନକୁ ସକ୍ରିୟ କରାଯିବାକୁ ଉଦ୍ୟମ ଆରମ୍ଭ ହେଉ । ଅନେକ ଉପାଦେୟ ଓଡ଼ିଆ ପୁସ୍ତକର ପୁନଃ ମୁଦ୍ରଣ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପଦକ୍ଷେପ ନେଲେ, ଲୋକମାନେ ଓଡ଼ିଆ ଭାଷା ପ୍ରତି ମଧ୍ୟ ଆଗ୍ରହ ପ୍ରକାଶ କରିବେ । ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏବେ 'କୋଣାର୍କ' ମୁଖପତ୍ର ପ୍ରକାଶ ପାଉଛି କି ନାହିଁ କେଜାଣି ? ପିଲାମାନଙ୍କ ପାଇଁ ଏକାଡେମୀ ପକ୍ଷରୁ 'ଶିଶୁ ଲେଖା' ପତ୍ରିକା ପ୍ରକାଶିତ ହେଉଛି ନା ନାହିଁ ତାହା ମଧ୍ୟ ଜଣା ପଡୁ ନାହିଁ । ଏ ସବୁ ବିଷୟରେ ରାଜ୍ୟ ସରକାର ଧ୍ୟାନ ଦିଅନ୍ତୁ ।

**ସଙ୍କଳ୍ପ**


**ନିଜ ସୁଖ ପାଇଁ, ଜାତ ନୁହେଁ ହିନ୍ଦୁ,ବିଶ୍ୱହିତେ ହିନ୍ଦୁ,ପ୍ରତି ରକ୍ତବିନ୍ଦୁ ।**

**ଗୋପବନ୍ଧୁ ଦାସ**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ନବସୃଜନ ଏବଂ ଦେଶର ପ୍ରଗତିକୁ ଇନ୍ଧନ ଯୋଗାଉଛି ଷ୍ଟାର୍ଟଅପ୍



**ଶ୍ରୀ ପୀୟୂଷ ଗୋୟଲ**
**କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ**

ଷ୍ଟାର୍ଟ ଅପ୍ ଇଣ୍ଡିଆ ଉପକ୍ରମ ସାରା ଦେଶରେ ଏକ ସମାବେଶୀ ଏବଂ ନବାଚାର ବାତାବରଣର ବିକାଶ ଘଟାଇଛି ଯାହା ଯୁବଗୋଷ୍ଠୀଙ୍କ ଉଦ୍ୟମିତା ଶକ୍ତିକୁ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବାରେ ସହାୟକ ହେବା ସହିତ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିଛି । ଏହା ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ ୨୦୪୭' ମିଶନର ଲକ୍ଷ୍ୟ ହାସଲ କରିବା ସକାଶେ ପଥ ପରିଷ୍କାର କରିଛି । ଭାରତ ବର୍ତ୍ତମାନ ବିଶ୍ୱର ସର୍ବାଧିକ ଷ୍ଟାର୍ଟ ଅପ୍ ଇକୋସିଷ୍ଟମର ଅଧିକାରୀ ହେବାର ସୌଭାଗ୍ୟ ଲାଭ କରିଛି । ଅଧୁନା, ଉଦ୍ୟମିତା ଜାତୀୟ ସ୍ତରରେ ଏକ ଆନ୍ଦୋଳନର ଆକାର ଧାରଣ କରିଛି, ଯାହାକି ଭାରତର ଆର୍ଥିକ ଦୃଶ୍ୟପଟ୍ଟର ରୂପ ପରିବର୍ତ୍ତନ କରିବା ସହିତ ବିକାଶ ଏବଂ କର୍ମନିଯୁକ୍ତି ସୁଯୋଗର ନୂତନ ଇଞ୍ଜିନ୍ ପାଲଟିଛି । ଏଭଳି ଉଲ୍ଲେଖନୀୟ ପରିବର୍ତ୍ତନ ଯେ ରାତାରାତି ସମ୍ଭବପର ହୋଇଛି, ତାହା ଆଦୌ ନୁହେଁ । ଯେତେବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୫ ମସିହାର ସ୍ୱାଧୀନତା ଦିବସ ପାଳନ ଅବସରରେ ଲାଲକିଲ୍ଲାର ମଞ୍ଚ ଉପରୁ ଷ୍ଟାର୍ଟ ଅପ୍ ଇଣ୍ଡିଆ ଉପକ୍ରମର ଘୋଷଣା କରିଥିଲେ, ସେ ଦେଶର ଉଦ୍ୟମିତା ନିମନ୍ତେ ଏକ ସ୍ପଷ୍ଟ ତଥା ମହତ୍ତ୍ୱାକାଂକ୍ଷୀ ପରିକଳ୍ପନାର ରେଖାଚିତ୍ର ଅଙ୍କନ କରିଥିଲେ । ଦେଶର ପ୍ରତି ଜିଲ୍ଲା ଓ ପ୍ରତ୍ୟେକ ବ୍ଲକରେ ରୂପାନ୍ୱିତ ହେଉ ତାହା ଥିଲା ତାଙ୍କର ସ୍ୱପ୍ନ ଏବଂ ଆକାଂକ୍ଷା । ୨୦୧୬ ମସିହା ଜାନୁଆରୀ ୧୬ ତାରିଖ ଦିନ ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଦୀପ୍ତି) ପକ୍ଷରୁ ଏହାର ଶୁଭାରମ୍ଭ ହେବା ପରଠାରୁ ଅଦ୍ୟାବଧି ଷ୍ଟାର୍ଟ ଅପ୍ ଇଣ୍ଡିଆ ଦୀର୍ଘ ପଥ ଅତିକ୍ରମ କରିଛି । ଷ୍ଟାର୍ଟ ଅପ୍ ସଂସ୍ଥାମାନେ ଦେଶର ଅର୍ଥ ବ୍ୟବସ୍ଥାର ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ସେହି ଦିନଠାରୁ ଶକ୍ତି ଯୋଗାଇ ଆସୁଛନ୍ତି । ସୂଚନା ଏବଂ ପ୍ରଯୁକ୍ତି (ଆଇ.ଟି.) ସେବା, ସ୍ୱାସ୍ଥ୍ୟ ସେବା ଏବଂ ଜୀବ ବିଜ୍ଞାନ, ଶିକ୍ଷା, କୃଷି ଏବଂ ନିର୍ମାଣ ଆଦି କ୍ଷେତ୍ର ଷ୍ଟାର୍ଟଅପମାନଙ୍କ ପାଇଁ ସବୁଠାରୁ ପ୍ରକୃଷ୍ଟ କ୍ଷେତ୍ର ଭାବରେ ପ୍ରମାଣିତ ହୋଇଛି ।

ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ଜଳବାୟୁ ପ୍ରଯୁକ୍ତି ଏବଂ ସଂସାଧନ ସମେତ ଅନ୍ୟାନ୍ୟ ପ୍ରାୟ ୫୦ରୁ ଅଧିକ ଅନ୍ୟାନ୍ୟ କ୍ଷେତ୍ର ଏଭଳି ନୂତନ ଉପକ୍ରମର ସ୍ଥଳୀ ଭାବରେ ମୁଣ୍ଡ ଟେକିଛି । ଏହା ମୋଟାମୋଟି ଭାବେ ବିଭିନ୍ନ କ୍ଷେତ୍ରରେ, ବିଶେଷ କରି ଯେଉଁସବୁ କ୍ଷେତ୍ର ଜାତୀୟ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଏବଂ ବିଶେଷ ମହତ୍ତ୍ୱ ରଖେ, ସେମାନଙ୍କ ନିମନ୍ତେ ନବାଚାର ଏବଂ ସହନଶୀଳତା ଯୋଗାଇବାରେ ସହାୟକ ହେଉଛି ।

ନବାଚାର ଏବଂ କୃତ୍ରିମ ପ୍ରଜ୍ଞା (ଏଆଇ) : ବିଗତ ଏକ ଦଶନ୍ଧି ମଧ୍ୟରେ ଯେଉଁ ବ୍ୟାପକ ପରିବର୍ତ୍ତନ ଘଟିଛି ସେଥିରେ ନବାଚାର ଏବଂ ଗଭୀର ପ୍ରଯୁକ୍ତିଗତ ଭାବନା ନିହିତ ରହିଥିବା ଜଳଜଳ ହୋଇ ସମସ୍ତଙ୍କୁ ଦୃଶ୍ୟମାନ ହେଉଛି । ବୈଶ୍ୱିକ ନବାଚାର ସୂଚୀରେ ଭାରତର ସ୍ଥିତି ୨୦୧୫ ମସିହାରେ ୮୧ଶ ସ୍ଥାନରେ ଥିବାବେଳେ ଗତବର୍ଷ ତାହା ୩୮ଶ ସ୍ଥାନକୁ ଉନ୍ନୀତ ହୋଇପାରିଛି ଏବଂ ସରକାରଙ୍କ ଡିପ୍ ଟେକ୍ ଉପକ୍ରମକୁ ପର୍ଯ୍ୟାପ୍ତ ସମର୍ଥନ ଆଗାମୀ ଦିନରେ ଏହାକୁ ଆହୁରି ଆଗକୁ ନେଇଯିବା ସୁନିଶ୍ଚିତ । ଦେଶରେ ବର୍ତ୍ତମାନ କୃତ୍ରିମ ପ୍ରଜ୍ଞା କ୍ଷେତ୍ରରେ ଷ୍ଟାର୍ଟଅପମାନଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି, ଯାହାକି ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଇଣ୍ଡିଆ ଉପକ୍ରମର ଭିତ୍ତିଭୂମି ଉପରେ ଗଢି ଉଠିଛି ।

ଭାରତକୁ ଏକ ଡିପ୍ ଟେପ୍ ରାଷ୍ଟ୍ର ଭାବରେ ଗଢି ତୋଳିବା ସକାଶେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ପରିକଳ୍ପନାର ଫଳଶ୍ରୁତି ସ୍ୱରୂପ ଅନୁସନ୍ଧାନ ଜାତୀୟ ଗବେଷଣା ନ୍ୟାସ ସ୍ଥାପନ ପାଇଁ ପଥ ପରିଷ୍କାର କରିଛି । ଭାରତ ଏଆଇ ମିଶନ ଏବଂ ଗବେଷଣା ବିକାଶ ତଥା ନବାଚାର ଯୋଜନା ଭଳି କାର୍ଯ୍ୟକ୍ରମର ଶୁଭାରମ୍ଭ ମଧ୍ୟ ଏଥିରେ ସହାୟକ ହୋଇଛି । ଭାରତର ଷ୍ଟାର୍ଟଅପଗୁଡ଼ିକ ବିଭିନ୍ନ କ୍ଷେତ୍ର, ଯଥା, ଏରୋନଟିକ୍ସ, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା, ରୋବୋଟିକ୍ସ, ସବୁଜ ପ୍ରଯୁକ୍ତି, ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ ଏବଂ ସେମିକଣ୍ଡକ୍ଟର ଭଳି କ୍ଷେତ୍ରରେ ନବାଚାରର ବାତାବରଣକୁ ବ୍ୟାପକ କରିବାରେ ଲାଗିଛି । ଦେଶରେ ବୌଦ୍ଧିକ ସମ୍ପତ୍ତିର ବାତାବରଣ ସୃଷ୍ଟିରେ ଘଟିଥିବା ବ୍ୟାପକ ବୃଦ୍ଧି ଏଭଳି ଧାରାକୁ ଅଧିକ ଶକ୍ତି ଯୋଗାଇଛି । ଭାରତୀୟ ଷ୍ଟାର୍ଟ ଅପମାନେ ୧୬,୪୦୦ ନୂଆ ପାଟେଣ୍ଟ ନିମନ୍ତେ ଆବେଦନ କରିଛନ୍ତି, ଯାହାକି ସେମାନଙ୍କ ନବାଚାରର ମୌଳିକତା ଉପରେ ଦୃଢ ଭାବରେ ଆଲୋକପାତ କରୁଛି ଏବଂ ଦୀର୍ଘସୂତ୍ରୀ ମୂଲ୍ୟ ସୃଷ୍ଟି ଏବଂ ବୈଶ୍ୱିକ ପ୍ରତିଯୋଗୀ ବାତାବରଣକୁ ଅଧିକ ମଜଭୁତ କରୁଛି ।

ପାନ୍ ଇଣ୍ଡିଆ ବିକାଶଧାରା: ଭାରତ ସାରା ଏଭଳି ଉଦ୍ୟମିତା ପ୍ରତି ମିଳିଥିବା ସମର୍ଥନ ସମାନ ଭାବରେ ଏହାର ମହତ୍ତ୍ୱକୁ ପ୍ରତିପାଦନ କରେ । ୨୦୧୬ ମସିହାରେ ଦେଶର ମାତ୍ର ଚାରିଗୋଟି ରାଜ୍ୟଙ୍କ ନିକଟରେ ଷ୍ଟାର୍ଟ ଅପ୍ ନୀତି ଥିବାବେଳେ, ଆଜି ଦେଶର ୩୦ ଗୋଟି ରାଜ୍ୟ ଏବଂ କେନ୍ଦ୍ରଶାସିତ କ୍ଷେତ୍ରଙ୍କ ନିକଟରେ ଉତ୍ସର୍ଗୀକୃତ ଷ୍ଟାର୍ଟ ଅପର ମଜଭୁତ ଢାଞ୍ଚା ରହିଛି । ବର୍ତ୍ତମାନ ଭାରତର ପ୍ରତି ରାଜ୍ୟ ଏବଂ କେନ୍ଦ୍ରଶାସିତ କ୍ଷେତ୍ରଙ୍କ ନିକଟରେ ଦୀପ୍ତି- ସ୍ୱୀକୃତିପ୍ରାପ୍ତ ଷ୍ଟାର୍ଟ ଅପମାନ ରହିଛି, ଯାହାକି ଆନୁଷ୍ଠାନିକ ସମର୍ଥନର ଗଭୀରତା ଏବଂ ତୃଣମୂଳ ସ୍ତରର ଅଂଶଗ୍ରହଣକୁ ସୂଚୀତ କରେ । ବର୍ତ୍ତମାନ ସୁଦ୍ଧା ଦେଶର ପ୍ରାୟ ୨,୦୦,୦୦୦ରୁ ଅଧିକ ଷ୍ଟାର୍ଟ ଅପଙ୍କୁ ଆନୁଷ୍ଠାନିକ ସ୍ୱୀକୃତି ମିଳି ସାରିଛି ଯାହାକି ଏକ ଦଶନ୍ଧିର ନିରବଚ୍ଛିନ୍ନ , ନୀତି ନିର୍ଦ୍ଧାରିତ ଇକୋସିଷ୍ଟମର ବିକାଶ ଧାରାକୁ ପ୍ରତିନିଧିତ୍ୱ କରେ । କେବଳ ୨୦୨୫ ମସିହାରେ, ୪୯,୪୦୦ରୁ ଅଧିକ ଷ୍ଟାର୍ଟ ଅପଙ୍କୁ ମଂଜୁରୀ ମିଳିଛି, ଯାହାକି ଷ୍ଟାର୍ଟ ଅପ୍ ଇଣ୍ଡିଆ କାର୍ଯ୍ୟକ୍ରମ ଆରମ୍ଭ ହେବା ଦିନଠାରୁ ଗୋଟିଏ ବର୍ଷରେ ସର୍ବାଧିକ ।

ସମାଯୋଜନକୁ ଏହି ଯାତ୍ରାର ମୂଳ ଆଧାର ଭାବରେ ଗ୍ରହଣ କରାଯାଇଛି । ମହିଳା ନେତୃତ୍ୱାଧୀନ ଉଦ୍ୟୋମିତା ଏଥିରେ ଏକ ପ୍ରମୁଖ ସାମର୍ଥ୍ୟ ଭାବରେ ମୁଣ୍ଡ ଟେକିଛି, ଯେଉଁଥିରେ ୪୫ ପ୍ରତିଶତରୁ ଅଧିକ ଷ୍ଟାର୍ଷ୍ଟ ଅପଙ୍କୁ ସ୍ୱୀକୃତି ପ୍ରଦାନ କରାଯାଇଛି ଯେଉଁ ସଂସ୍ଥାରେ ଅନ୍ତତଃ ପକ୍ଷେ ଜଣେ ଲେଖାଏଁ ନିର୍ଦ୍ଦେଶକ ଥିବେ । ଅଧିକନ୍ତୁ, ଅଧାରୁ ଅଧିକ ସଂଖ୍ୟକ ଷ୍ଟାର୍ଟ ଅପ୍ ସଂସ୍ଥା ଅଣ ମେଟ୍ରୋ ସହରରେ ରହିଛନ୍ତି ଯାହାକି ଦେଶର ଟାୟାର ୨ ଏବଂ ଟାୟାର ୩ ବର୍ଗର ସହରମାନଙ୍କରେ ନବାଚାର ଏବଂ କର୍ମନିଯୁକ୍ତି ପ୍ରଦାନର ଇଞ୍ଜିନରେ ପରିଣତ ହୋଇଛନ୍ତି ।

ସ୍ଥାନୀୟ ଠାରୁ ବୈଶ୍ୱିକ : ଭାରତୀୟ ଷ୍ଟାର୍ଟ ଅପ୍ ସଂସ୍ଥାମାନେ ଯେତେବେଳେ ଆଗକୁ ବି ନୂଆ ନୂଆ ଶୀର୍ଷ ହାସଲ କରିଚାଲିଛନ୍ତି, ସମଗ୍ର ବିଶ୍ୱ ସେମାନଙ୍କ ପାଇଁ ବଜାର ସୁବିଧା ଯୋଗାଇବାରେ ଲାଗିଛି । ବୈଶ୍ୱିକ ମହତ୍ତ୍ୱାକାଂକ୍ଷାକୁ ସମର୍ଥନ ଜଣାଇବା ସକାଶେ, ଷ୍ଟାର୍ଟ ଅପ୍ ଇଣ୍ଡିଆ ଏକ ମଜଭୁତ ଅନ୍ତରାଷ୍ଟ୍ରୀୟ ସହଭାଗୀତାର ତନ୍ତ୍ର ସ୍ଥାପନ କରିଛି । ସେମାନଙ୍କ ବଜାର ପ୍ରବେଶ, ସହଯୋଗିତା ବୃଦ୍ଧି ଏବଂ ବିଶ୍ୱର ପ୍ରମୁଖ ଅର୍ଥନୀତିରେ ସମ୍ପ୍ରସାରଣ ସକାଶେ ଅଧୁନା ଏକୋଇଶଟି ଅନ୍ତରାଷ୍ଟ୍ରୀୟ ସେତୁ ଏବଂ ଦୁଇଗୋଟି ରଣନୀତିକ ସହଭାଗୀତା ଗଠନ କରାଯାଇଛି । ଏହିସବୁ ବିକଶିତ ରାଷ୍ଟ୍ରମାନଙ୍କ ମଧ୍ୟରେ ବ୍ରିଟେନ୍, ଜାପାନ, ଦକ୍ଷିଣ କୋରିଆ, ସ୍ୱୀଡେନ ଏବଂ ଇସ୍ରାଏଲ ସାମିଲ । ଏଭଳି ଉପକ୍ରମରୁ ଏବେ ସୁଦ୍ଧା ୮୫୦ରୁ ଅଧିକ ଷ୍ଟାର୍ଟଅପ୍ ଫାଇଦା ହାସଲ କରିଛନ୍ତି । ନିକଟରେ ମୋର ସ୍ୱୀଡେନ୍, ସୁଇଜରଲାଣ୍ଡ, ନ୍ୟୁଜିଲାଣ୍ଡ ଏବଂ ଇସ୍ରାଏଲ ଗସ୍ତ କାଳରେ, ଷ୍ଟାର୍ଟ ଅପ୍ ସଂସ୍ଥାମାନେ ଭାରତର ବାଣିଜ୍ୟ ପ୍ରତିନିଧି ମଣ୍ଡଳର ଏକ ପ୍ରମୁଖ ଅଂଶ ଭାବରେ ସାମିଲ ହୋଇଥିଲେ । ସେମାନଙ୍କର ଏଭଳି ଯାତ୍ରା ଏବଂ ବ୍ୟାବସାୟିକ ଆଲୋଚନା ଭାରତୀୟ ନବାଚାରକୁ ବୈଶ୍ୱିକ ସ୍ତରରେ ଏକ ମଞ୍ଚ ପ୍ରଦାନ କରିବା ସକାଶେ ବାସ୍ତବ ଅବସର ଯୋଗାଇଥିଲା । ଏହା ବ୍ୟତୀତ ଆମର ଉଦ୍ୟୋଗୀମାନଙ୍କୁ ସେମାନଙ୍କ ନବାଚାର ଏବଂ ବ୍ୟାବସାୟିକ ଢାଞ୍ଚାକୁ ବିକଶିତ ଅର୍ଥନୀତିଙ୍କ ସମ୍ମୁଖରେ ପରିଚିତ କରାଇ ପାରିଥିଲା ।

ସଂସ୍କାର, ବଜାର ପ୍ରବେଶ : ଇଜ୍ ଅଫ୍ ଡୁଇଂ ବିଜିନେସକୁ ଉନ୍ନତ କରିବା ହିଁ ଏଭଳି ବିକାଶକୁ ସାକାର କରିବାର ମୂଳରେ ରହିଛି । ଯୋଗ୍ୟ ଷ୍ଟାର୍ଟ ଅପମାନେ ବର୍ତ୍ତମାନ ସେମାନଙ୍କ ସଂସ୍ଥା ଆରମ୍ଭ ହେବାର ଏକ ଦଶନ୍ଧି ଭିତରେ ତିନି ବର୍ଷ ସକାଶେ ଟ୍ୟାକ୍ସ ଛାଡ଼ (ଟ୍ରକ୍ସ ହଲିଡେ') ସୁଯୋଗ ହାସଲ କରିପାରିବେ । ଏଥି ନିମନ୍ତେ ୪,୧୦୦ରୁ ଅଧିକ ଷ୍ଟାର୍ଟ ଅପକୁ ସେମାନଙ୍କର ଯୋଗ୍ୟତା ପ୍ରମାଣପତ୍ର ଏବେସୁଦ୍ଧା ପ୍ରଦାନ କରାଯାଇ ସାରିଛି । ବର୍ତ୍ତମାନ ଷାଠିଏରୁ ଅଧିକ ନିୟାମକ ସଂସ୍କାରକୁ ପ୍ରମାଣନ ବୋଝରୁ ମୁକ୍ତ କରାଯାଇଛି, ଯାହା ଫଳରେ ପୁଂଜି ବୃଦ୍ଧିକୁ ସୁଯୋଗ ମିଳିଛି ଏବଂ ଘରୋଇ ଆନୁଷ୍ଠାନିକ ପୁଂଜି ନିବେଶ ଅଧିକ ସୁଦୃ ହୋଇପାରିଛି । ଏଞ୍ଜେଲ ଟିକସ ବ୍ୟବସ୍ଥାର ଉଚ୍ଛେଦ ଏବଂ ଦୀର୍ଘ କାଳୀନ ପୁଞ୍ଜି ପ୍ରବାହକୁ ବିକଳ୍ପ ନିବେଶ ପାଣ୍ଠି ପାଇଁ ଉନ୍ମୁକ୍ତ କରିବା ଫଳରେ ଷ୍ଟାର୍ଟ ଅପ୍ ଫଣ୍ଡିଂ ବାତାବରଣ ଆହୁରି ମଜଭୁତ ହୋଇଛି । ବଜାର ପ୍ରବେଶକୁ ସଦାବେଳେ ଅଗ୍ରାଧିକାର ପ୍ରଦାନ କରାଯାଇ ଆସୁଛି । ଇ ଗଭର୍ଣ୍ଣାନ୍ସ ମାର୍କେଟପ୍ଲେସ୍ ମାଧ୍ୟମରେ, ପ୍ରାୟ ୩୫,୭୦୦ରୁ ଅଧିକ ଷ୍ଟାର୍ଟ ଅପକୁ ଏଥିରେ ସାମିଲ କରାଯାଇଛି ଏବଂ ସେମାନେ ବର୍ତ୍ତମାନ ସୁଦ୍ଧା ୫୧,୨୦୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ପ୍ରାୟ ପାଞ୍ଚ ଲକ୍ଷରୁ ଅଧିକ ଅର୍ଡର ହାସଲ କରିଛନ୍ତି । ଏହିସବୁ ପ୍ରୟାସକୁ ଅଧିକ ଶକ୍ତି ଯୋଗାଇଛି ସୁଦୃଢ ଆର୍ଥିକ ସମର୍ଥନ ।ଛ ଷ୍ଟାର୍ଟ ଅପ୍ ଯୋଜନା ପାଇ ଗଠିତ ଫଣ୍ଡ୍ ଅଫ୍ ଫଣ୍ଡସ୍ ଅଧୀନରେ ବିକଳ୍ପ ନିବେଶ ପାଣ୍ଠି (ଏ.ଆଇ.ଏଫ.) ଦ୍ୱାରା ଏଥିରେ ପ୍ରାୟ ୨୫,୫୦୦ କୋଟିରୁ ଅଧିକ ଟଙ୍କା ଯୋଗାଇ ଦିଆଯାଇଛି । ଏଥିରୁ ପ୍ରାୟ ୧,୩୦୦ରୁ ଅଧିକ ଉଦ୍ୟୋଗ ଉପକୃତ ହୋଇପାରିଛନ୍ତି । ଏହାତିରିକ୍ତ, ଷ୍ଟାର୍ଟ ଅପମାନଙ୍କ ନିମନ୍ତେ ଋଣ ଗ୍ୟାରେଣ୍ଟି ଯୋଜନା ଅଧୀନରେ ୮୦୦ କୋଟିରୁ ଅଧିକ ଟଙ୍କା ମୂଲ୍ୟର ବନ୍ଧକ-ମୁକ୍ତ ଋଣ ମଧ୍ୟ ପ୍ରଦାନ କରାଯାଇଛି । ୯୪୫ କୋଟି ଟଙ୍କା ବ୍ୟୟବରାଦ ସହିତ ଗଠିତ ଷ୍ଟାର୍ଟଅପ୍ ଇଣ୍ଡିଆ ସିଡ୍ ଫଣ୍ଡ୍ ସ୍କିମ୍ ଷ୍ଟାର୍ଟଅପମାନଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଉଛି ଯାହା ପରିକଳ୍ପନା ପ୍ରମାଣନ, ପ୍ରୋଟୋଟାଇକ୍ ବିକାର, ଉତ୍ପାଦ ପରୀକ୍ଷଣ, ବଜାର ପ୍ରବେଶ ଏବଂ ବ୍ୟବସାୟିକରଣ ନିମନ୍ତେ ଉର୍ଦ୍ଦିଷ୍ଟ ।

ସାଂସ୍କୃତିକ ପରିବର୍ତ୍ତନ: ଭାରତୀୟ ଷ୍ଟାର୍ଟ ଅପ୍ ବ୍ୟବସ୍ଥା ଦେଶର ସାଂସ୍କୃତିକ ବାତାବରଣରେ ଉଲ୍ଲେଖନୀୟ ପରିବର୍ତ୍ତନର ସୂତ୍ରପାତ ଘଟାଇଛି । ପୂର୍ବରୁ ଯେଉଁଠାରେ କେତେଗୋଟି କ୍ଷେତ୍ର, ଯଥା – ସରକାରୀ ସେବା, ଇଞ୍ଜିନିୟରିଂ ଏବଂ ଔଷଧ ପ୍ରସ୍ତୁତି ଭଳି କ୍ଷେତ୍ରରେ ପିଲାମାନେ ଚାକିରି କରିବା ସକାଶେ ଉତ୍ସାହିତ ହେଉଥିଲେ, ଆଜି ଅନେକ ଭାରତୀୟ ଯୁବକ ଯୁବତୀ କର୍ମନିଯୁକ୍ତି ସୃଜକ ହେବାକୁ ଆଗ୍ରହୀ ହେଉଛନ୍ତି । ସେମାନେ ଆଉ ଚାକିରି ପଛରେ ଦୌଡୁ ନାହାନ୍ତି । ସେମାନଙ୍କର ପରିବାରମାନେ ମଧ୍ୟ ସେମାନଙ୍କର ଏଭଳି ଉଚ୍ଚାକାଂକ୍ଷାକୁ ସମ୍ମାନ ପ୍ରଦାନ କରିବା ସହିତ ଏଭଳି ପ୍ରୟାସକୁ ପ୍ରୋତ୍ସାହନ ଯୋଗାଉଛନ୍ତି ।

ଭାରତର ଷ୍ଟାର୍ଟଅପ୍ ଯାତ୍ରା ପରିଶେଷରେ ଆମର ଯୁବ ଉଦ୍ୟୋଗୀମାନଙ୍କ ଆତ୍ମ ବିଶ୍ୱାସର କାହାଣୀ ବଖାଣେ, ନୀତି ପରିଚାଳିତ ବିକାଶର ଗାଥା ଗାନ କରେ ଏବଂ ସମଗ୍ର ବିଶ୍ୱ ସକାଶେ ନବାଚାରର କ୍ଷମତା ଧାରଣ କରେ । ଆମେ ଯେତେବେଳେ ଆମର ଅଭିଯାନରେ ଆତ୍ମବିଶ୍ୱାସର ସହିତ ଆଗକୁ ଅଗ୍ରସର ହେଉଛୁ ଏବଂ ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବାର ଆକାଂକ୍ଷା ରଖୁଛୁ, ଷ୍ଟାର୍ଟଅପ ମାନେ ଏକ ସମୃଦ୍ଧ, ସମାବେଶୀ ଏବଂ ବୈଶ୍ୱିକ ପ୍ରତିଯୋଗିତାର କେନ୍ଦ୍ରବିନ୍ଦୁ ହୋଇ ରହିବେ ।

* * *

# ମାଞ୍ଜା ସୂତା ଆଣୁଛି ବିପଦ

**ପ୍ରେମାନନ୍ଦ ପାଣିଗ୍ରାହୀ**

ଉଡି...ଉଡି...ଉଡି...ଉଡି..ଯାଆରେ ଉଡି..ଏ ମୋର ଗୁଡି...ଖାଆନା ଖାଆନା ତୁ କାନି...ଏ ମୋର ଲଚକମାଣି..। ଏହି ଲୋକପ୍ରିୟ ଗୀତର ଧ୍ୱନ୍ କାନରେ ବାଜିବା ମାତ୍ରେ ମନେପଡନ୍ତି ଗାୟକ ଅକ୍ଷୟ ମହାନ୍ତି ଓରଫ ଖୋକା ଭାଇ । କଟକିଆଙ୍କ ଗୁଡି ଉଡା ସଉକକୁ ଦେଖି ୧୯୬୮ ମସିହାରେ 'କିଏ କାହାର' ଚଳଚ୍ଚିତ୍ର ପାଇଁ ରସରାଜ ନାରାୟଣ ପ୍ରସାଦ ସିଂହଙ୍କ ଲିଖିତ ଏହି ଗୀତର ମାଦକତା ଓଡ଼ିଶାର ସାଧାରଣ ଜନଜୀବନକୁ ଏବେବି ଉଦ୍‌ବେଳିତ କରି ରଖିଛି । ଖୋଲା ପଡିଆ ହେଉ କି ନଦୀପଠା ଗୁଡି ଉଡାଇବା ସମୟରେ ଉଡାଳିର କଣ୍ଠରୁ ଭାସି ଆସେ ଏହି ମନଛୁଆଁ ଗୀତ । କଟକର ଗୁଡିଉଡା ପରମ୍ପରାକୁ ଋଦ୍ଧିମନ୍ତ କରିବାରେ ଏହି ଗୀତର ଅବଦାନ ଅନସ୍ୱୀକାର୍ଯ୍ୟ । କଟକ ମାଟିର ମିଠା ମିଠା ବାସ୍ନା ବାରି ହୋଇପଡେ ଏ ଗୀତରେ । ଲଟେଇ, ମାଞ୍ଜା, ସୁରକି, ପଟାଦାର, କାନି, ଲଚକମଣି ଆଦି କଟକିଆ ଶବ୍ଦରେ ସମୃଦ୍ଧ ଏ ଗୀତଗୁଡିକୁ ଲୋକପ୍ରିୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଭାଇଚାରାର ସହର କଟକରେ ଗୁଡି ଉଡା ଏକ ଭିନ୍ନ ଅନୁଭୂତି ଦେଇଥାଏ । କଟକୀ ଗୁଡିର ସ୍ୱତନ୍ତ୍ରତା ରହିଛି । ଏଠାରେ ଭିନ୍ନ ଭିନ୍ନ କିସମ ଗୁଡି ଆକାଶରେ ଦେଖିବାକୁ ମିଳେ ।

ଆମ ସଂସ୍କୃତି ଓ ପରମ୍ପରା ସହ ଗୁଡି ଅଙ୍ଗାଙ୍ଗୀ ଭାବେ ଜଡିତ । ପିଲାଙ୍କ ଠାରୁ ପୌଢ ପର୍ଯ୍ୟନ୍ତ ଗୁଡି ଉଡା ପ୍ରତି ସମସ୍ତଙ୍କର ରହିଥାଏ ଦୁର୍ବଳତା । ଦେଶର ପ୍ରତ୍ୟେକ ଭାଗରେ ଗୁଡି ଉଡାଯାଏ । ମକର ସଂକ୍ରାନ୍ତି ଠାରୁ ସାରା ଦେଶରେ ଗୁଡି ଉଡା ଆରମ୍ଭ ହୋଇଯାଇଛି । ନଦୀ ପଠା,ଖୋଲା ପଡିଆରେ ରଙ୍ଗବେରଙ୍ଗ ଗୁଡିର ପସରା ଯେମିତି ମେଘକୁ ଡାକିଁ ଦେଉଛି । ନୀଳ ଆକାଶରେ ଯେତେବେଳେ ନାଲି, ନୀଳ, ହଳଦୀ, କଳା, ସବୁଜ ଆଦି ସପ୍ତରଙ୍ଗର ତଥା ବିଭିନ୍ନ ଆକାର ଓ ପ୍ରକାରର ଗୁଡି ଉଡୁଥାନ୍ତି, ସେତେବେଳେ ମନେହୁଏ ସତେ ଯେପରି ରଙ୍ଗବେରଙ୍ଗର ଚଢେଇଗୁଡିକ ଡେଣା ଝାଡି ମନ ଆନନ୍ଦରେ ଆକାଶରେ ଉଡି ବୁଲୁଛନ୍ତି । ନଦୀପଠାରେ ଭଅଁରାଗୁଡି ଉଡା ସାଙ୍ଗକୁ ପରସ୍ପର ମଧ୍ୟରେ ପ୍ରତିଯୋଗିତା ଓ ଗୋଟିଏ ଗୁଡି ଅନ୍ୟ ଏକ ଗୁଡିକୁ କାଟିବା ବେଳର ଉତ୍କଣ୍ଠା ଗୁଡି ଉଡାଇବା ଲୋକର ଆନନ୍ଦ ସାଙ୍ଗକୁ ଦେଖଣାହାରୀଙ୍କର ଉତ୍କଣ୍ଠା ଭାରି ଉପଭୋଗ୍ୟ । ପରୀ ରାଇଜକୁ ପକ୍ଷୀରାଜ ଘୋଡାରେ ଚଢି ଯିବା ପରି ଗୁଡି ମଣିଷର ମନକୁ ଆକାଶର ନୀଳିମାରେ ସ୍ପର୍ଶ କରାଏ ।

କେତେକ କହନ୍ତି ଗୁଡି ହେଉଛି ଅଦମ୍ୟ ଉତ୍ସାହ, ଦିଗନ୍ତ ବିସ୍ତାରୀ କଳ୍ପନା ଓ ଅସୁମାରୀ ଆଶାର ସମାହାର । ଜୀବନର ବିଫଳତା ଗୁଡି ମାଧ୍ୟମରେ ଆକାଶକୁ ଚାଲିଯାଏ ଆଉ ନୂଆ କରି ବଞ୍ଚିବାର ରାହା ଶିଖାଏ । କେତେକ କହନ୍ତି ଗୁଡି ସମ୍ପର୍କର ଏକ ସେତୁ । ମାଟି ସହ ଆକାଶକୁ ଯୋଡିବାର ଗୁଡି ଏକ ସୂତ୍ର । । ଗୁଡି, ନଟେଇ, ସୂତା ମାଞ୍ଜାର ରୂପଭେକରେ ଆଧୁନିକତା ଆସିଥିଲେ ବି ଗୁଡି ଉଡାଇବା ନିଶାରେ ମଳିନତା ଆସିନି ଏଯାଏ । କେତେକ ସ୍ଥାନରେ ଗୁଡି ଉଡାକୁ ନେଇ ଆୟୋଜିତ ହୋଇଥାଏ ଉତ୍ସବ । ତେବେ ଏହି ଗୁଡି ଉଡା କେବଳ ସଉକ୍ ନୁହେଁ ପ୍ରତିଯୋଗୀତାର ରୂପ ବି ନେଲାଣି । ପ୍ରାଚୀନ ଭାରତୀୟ ସାହିତ୍ୟ ଏବଂ ଧାର୍ମିକ ଗ୍ରନ୍ଥଗୁଡିକରେ ଗୁଡି ସମ୍ପର୍କରେ ବର୍ଣ୍ଣନା ରହିଛି । ତ୍ରେତୟା ଯୁଗରେ ଭଗବାନ ଶ୍ରୀରାମ ମକର ସଂକ୍ରାନ୍ତି ଦିନ ନିଜ ଭାଇ ଓ ହନୁମାନଙ୍କ ସହ ଗୁଡି ଉଡାଇଥିଲେ । ସେବେ ଠାରୁ ଏହା ସାରା ବିଶ୍ୱରେ ଏକ ପରମ୍ପରା ପାଲଟିଛି । ଐତିହାସିକମାନଙ୍କ ମତରେ ପକ୍ଷୀର ଉଡିବା ଶୈଳୀ ଦେଖି ଗୁଡି ତିଆରି ହୋଇଥିଲା । ଗୁଡିକୁ ଦେଖି ଉଡାଜାହାଜର ପରିକଳ୍ପନା କରାଯାଇଥିଲା । କେବଳ ହିନ୍ଦୁ ପରମ୍ପରା ନୁହେଁ ମୋଗଲ ବାଦଶାହମାନେ ଗୁଡି ଉଡାଇବାରେ ଖୁବ୍ ରୁଚି ରଖୁଥିଲେ । **ଗୁଡିର ଉଦ୍ଭାବନ ପ୍ରଥମେ ଚୀନରେ ହୋଇଥିବା କୁହାଯାଏ । ପ୍ରାଚୀନ ଗୁଡି ପାଇଁ ଖୁବ୍ ପତଳା ଜରି କିମ୍ବା କାଗଜ ବ୍ୟବହାର କରାଯାଏ । ପୂର୍ବେ ରେଶମୀ କନାରେ ଗୁଡି ପ୍ରସ୍ତୁତ ହେଉଥିଲା । ଏବେ ଏହା ପେଟି କମାଣିରେ ତିଆରି ହେଉଛି । ଗୁଡିର ଓଜନ ପଚାଶରୁ ଶହେ ଗ୍ରାମ ଭିତରେ ହେଲେ ଏହା ଭଲ ଉଡିଥାଏ । ଗୁଡି ତିଆରି ପାଇଁ ଦରକାର ହୁଏ ଦୁଇଖଣ୍ଡି ବାଉଁଶ କାଠି,କାଗଜ,ସୂତା ଆଉ ନଟେଇ । ବାଉଁଶ କାଠିକୁ କମାଣି କୁହାଯାଏ । ସେଥିରୁ ଗୋଟିଏ ସିଧା କମାଣି ଅନ୍ୟଟି ବକ୍ର କମାଣି । ବକ୍ର କମାଣିର ଦୁଇ ଅଗ୍ର ଭାଗକୁ ମୋଟା ସୂତାରେ ପେଟି ବନ୍ଧାଯାଏ । ପେଟି ସୂତା ଓ ବକ୍ର କମାଣିର ଠିକ ମଧ୍ୟ ଭାଗରେ ସିଧା କମାଣିକୁ ବାନ୍ଧି ଦିଆଯାଏ ।** ସିଧା କମାଣିର ଉପର ଅଗ୍ରଭାଗ ଓ ବକ୍ର କମାଣିର ଛେଦ ଭାଗରେ ସୂତା ବନ୍ଧାଯାଏ । ଏହାର ଗୋଟିଏ ପାର୍ଶ୍ୱରେ ଅଠା ଦ୍ୱାରା କାଗଜ ଲଗାଇ ଦିଆଯାଏ । ସିଧା କମାଣିର ତଳ ପାଶ୍ୱରେ କାଗଜ ଦ୍ୱାରା ଲାଞ୍ଜ କରି ଝୁଲାଇ ଦିଆଯାଏ ।

ନିର୍ମାଣ ଶୈଳୀ ଉପରେ ଗୁଡିର ଶକ୍ତି ନିହିତ ହୋଇଥାଏ । ଆଗରୁ କାଠ ନଟେଇ ବ୍ୟବହାର ହେଉଥିବା ବେଳେ ଏବେ ପ୍ଲାଏଉଡରେ ନଟେଇ ତିଆରି ହେଉଛି । ଗୁଡିକୁ ଉଡାଇବା ପାଇଁ ସୂତା ଦରକାର ହୁଏ ଯାହାକୁ କି ମାଞ୍ଜା ସୂତା କୁହାଯାଏ । ଗୁଡି ଉଡା ମାଞ୍ଜା ସୂତାରେ ନହେଲେ ଏହା ମଜା ଲାଗେ ନାହିଁ । ଗୁଡି ଉଡାଇବା ସମୟରେ ଅନ୍ୟ ଗୁଡିକୁ କାଟିବା ପାଇଁ ସୂତାକୁ କାଚ ଗୁଣ୍ଡ ପ୍ରଲେପ ଦିଆଯାଇ ଧାରୁଆ କରାଯାଇଥାଏ । ମାଞ୍ଜା ସୂତା ପ୍ରସ୍ତୁତ ପାଇଁ ବହୁ ସାମଗ୍ରୀର ଆବଶ୍ୟକତା ପଡିଥାଏ । ବଡ ମାଛର ଫସା ଗୁଣ୍ଡ, ସାଗୁ, ମଇଦା, ବେଲ ଅଠା ଇତ୍ୟାଦି ସାମଗ୍ରୀ ମାଞ୍ଜାରେ ବ୍ୟବହୃତ ହୁଏ । ଏସବୁ ସାମଗ୍ରୀକୁ ପ୍ରଥମେ ରନ୍ଧାଯାଇ ସୂତାରେ ଲେପ ଦିଆଯାଏ । ଏହି ସୂତାକୁ କିଛି ସମୟ ଖରାରେ ଶୁଖାଯାଏ । ମାଞ୍ଜାସୂତାକୁ ନଟେଇରେ ଗୁଡାଯାଏ । ସୂତାର ଗୋଟିଏ ପାର୍ଶ୍ୱ ନଟେଇରେ ଓ ଅନ୍ୟ ପାର୍ଶ୍ୱ ଗୁଡିରେ ସଂଯୁକ୍ତ କରାଯାଏ । ପୂର୍ବେ ଅରଟ ସୂତା ଗୁଡି ଉଡାଇବାରେ ବ୍ୟବହୃତ ହେଉଥିଲା । କ୍ରମେ ଗୁଡି ଉଡାଇବା ପ୍ରତିଯୋଗିତାର ରୂପ ନେବାରୁ ମଜଭୁତ ଓ ଦାମୀ ସୂତାକୁ ଲୋକେ ପସନ୍ଦ କଲେ । ବଜାରରେ ଏବେ ଆଠରୁ ଦଶଟି ବ୍ରାଣ୍ଡର ମାଞ୍ଜା ସୂତା ସମସ୍ତଙ୍କୁ ସୁହାଇବା ଦରରେ ମିଳୁଛି । ଯେମିତିକି ଲୋଟସ, ଲିଲି, ବିଗବଣ, ଡ୍ରାଗନ, ଟାଇଗର ଟେନ,ମନୋକଟର ଆଦି ବ୍ରାଣ୍ଡର ସୂତାକୁ ପସନ୍ଦ କରୁଛନ୍ତି ଯୁବପିଢି । ଏସବୁ ସୂତାର ମୂଲ୍ୟ ୩୦ ରୁ ୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି । ଏବେ ବରେଲି ସୂତାର ଚାହିଦା ବଢିଛି । କେତେକ ବି ଘରେ ମାଞ୍ଜା ସୂତା ତିଆରି କରିବା ବଦଳରେ ବଜାରରୁ ମାଞ୍ଜା ସୂତା କିଣି ଆଣୁଛନ୍ତି । କେତେକ ଗୁଡି ଉଡାଳି ପ୍ରତିଯୋଗିତା ମନୋବୃତ୍ତି ନେଇ ସାଧାରଣ ସୂତା ବଦଳରେ ମାଞ୍ଜା ସୂତା ଓ ପ୍ଲାଷ୍ଟିକ ସୂତା ବ୍ୟବହାର କରୁଛନ୍ତି । ଗୁଡିର ସୂତାରେ କ୍ଷତିକାରକ କାଚଗୁଣ୍ଡ ଓ ଧାତବ ଗୁଣ୍ଡକୁ ମାଞ୍ଜା ଭାବେ ବ୍ୟବହାର କରୁଛନ୍ତି । ଗୁଡି ଉଡାଇବା ସମୟରେ ବ୍ୟବହାର ହେଉଥିବା ଚାଇନା ନାଇଲନ ସୂତା କିମ୍ବା ମାଞ୍ଜା ସୂତା ଯୋଗୁଁ ଆକାଶରେ ପକ୍ଷୀ ଉଡିବା ସମୟରେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି । ସେହିଭଳି ବେଳେବେଳେ ଗୁଡିସୂତା ଛିଣ୍ଡି ରାସ୍ତାରେ ଯାଉଥିବା ବ୍ୟକ୍ତିଙ୍କ ଶରୀରରେ ବାଜି ଦୁର୍ଘଟଣା ଘଟୁଛି । କିଛି ଅମାନିଆ ରାସ୍ତା ଉପରେ ଛିଡା ହୋଇ ଗୁଡି ଉଡାଉଛନ୍ତି ଯାହା ବଡ ବିପଦକୁ ଟାଣି ଆଣୁଛି । ୨୦୧୫ ରୁ ୨୦୨୨ ମଧ୍ୟରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ପ୍ରାୟ ୧୫ ଜଣ ଲୋକ ମାଞ୍ଜା ସୂତା ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି । ଆଗରୁ ମାଞ୍ଜା ସୂତାରେ ଗୁଡି ଉଡୁଥିଲା ଓ ପରସ୍ପରକୁ କାଟୁଥିଲା କିନ୍ତୁ କାହା ବେକ କାଟୁନଥିଲା । ସେ ସମୟରେ ଯେଉଁ ବେଲଟା ମାର୍କା ସୂତା ବ୍ୟବହାର ହେଉଥିଲା ତାହା ବେକରେ ଲାଗିଲେ ସୁତା ଛିଣ୍ଡି ଯାଉଥିଲା କିନ୍ତୁ କାହା ବେକ କଟୁନଥିଲା । ଏବେ କିନ୍ତୁ ବେକ କଟି ଯାଉଥିବା ବେଳେ ସୂତା ସହଜରେ ଛିଣ୍ଡୁ ନାହିଁ ।

ସେହିପରି ଏଭଳି କ୍ଷତିକାରକ ପ୍ଲାଷ୍ଟିକ ସୂତାର ବ୍ୟବହାର ହେତୁ ପରିବେଶ ମଧ୍ୟ ପ୍ରଦୂଷିତ ହେଉଛି । କାଚ କୋଟିଂ ମାଞ୍ଜା ମଣିଷଙ୍କ ସମେତ ପକ୍ଷୀ ଏବଂ ଜୀବଜନ୍ତୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ଅନୁଭବ କରି ଗତ ୨୦୧୬ ମସିହା ଡିସେମ୍ବର ୧୩ ତାରିଖରେ ଜାତୀୟ ସବୁଜ ପ୍ରାଧିକରଣ ( ଏନ.ଜି.ଟି) ଦେଶବ୍ୟାପୀ ଏହାକୁ ନିଷିଦ୍ଧ କରିଥିଲେ । ଜୀବନ ହାନି ଘଟାଉଥିବା ଚାଇନିଜ ବା ଭାରତୀୟ ମାଞ୍ଜାଦିଆ ସୂତା,ରେଜର ଧାର ପରି କାମ କରୁଥିବା କାଚ ବା ଧାତୁ ବୋଳା ସୂତା,ନାଇଲନ ଓ ପ୍ଲାଷ୍ଟିକ ସୂତା ବ୍ୟବହାର କରି ଗୁଡି ଉଡାଇବାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଓଡ଼ିଶାର ମାନ୍ୟବର ଉଚ୍ଚ ନ୍ୟାୟାଳୟ ୨୦୧୬ ମସିହାରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯାହାକି ୨୦୧୬ ଅଗଷ୍ଟ ୨୯ ତାରିଖରୁ ରାଜ୍ୟରେ କାର୍ଯ୍ୟ କରୁଛି । ଜନଗହଳିପୂର୍ଣ୍ଣ ଅଞ୍ଚଳ ତଥା ରାସ୍ତାଘାଟ ,ଘରର ଛାତ ଉପରେ,ଜଳାଶୟ ନିକଟରେ ଗୁଡି ନଉଡାଇବାକୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ସୁପ୍ରିମକୋର୍ଟ ଓ ଜାତୀୟ ଗ୍ରୀନ ଟ୍ରିବୁନାଲଙ୍କ ନିର୍ଦ୍ଦେଶ ପରେ ମଧ୍ୟ ରାଜ୍ୟରେ ଆଇନକୁ ଅବମାନନା କରି ଲୋକମାନେ ମାଞ୍ଜାଦିଆ ସୂତା ଲାଗିଥିବା ଗୁଡି ଉଡାଇ ଅନ୍ୟମାନଙ୍କର ଜୀବନ ପ୍ରତି ବିପଦ ସୃଷ୍ଟି କରୁଛନ୍ତି । ଜୀବନ ନାଶକାରୀ ସୂତା ବିକ୍ରିକୁ ନିଷେଧାଦେଶ ଥିବାରୁ ଯୁବକମାନେ ବିଭିନ୍ନ ସର୍ଚ୍ଚ ଆପ୍ଲିକେଶନରେ ମାଞ୍ଜାସୂତା ଅନଲାଇନରେ ମଗାଉଛନ୍ତି ।

କିଛିବର୍ଷତଳେ ରାଜଧାନୀରେ ଗୁଡି ଉଡାଉଥିବାବେଳେ ଛାତରୁ ପଡି ଜଣେ ଯୁବକର ମୃତ୍ୟୁ ହୋଇଥିଲା । ଏହାପରେ ଛାତ ଉପରେ ଗୁଡି ନଉଡାଇବା ପାଇଁ ସଚେତନ କରାଗଲା । ତଥାପି ଏ ସଂପର୍କୀୟ ଦୁର୍ଘଟଣା ଖବର ନଜରକୁ ଆସୁଛି । ବିମାନ ବନ୍ଦର ପରିସର ଅବା ଏହାର ଆଖପାଖରେ ପୁରୀ ବଡଦାଣ୍ଡରେ ଗୁଡି ନଉଡାଇବା ପାଇଁ ବାରଣ ଥିଲେ ମଧ୍ୟ କିଛି ଲୋକ ନିୟମ ଉଲ୍ଲଂଘନ କରି ଗୁଡି ଉଡାଉଛନ୍ତି । ଗୁଡି ଉଡା ଭାରତୀୟ ସଂସ୍କୃତି ଓ ପରମ୍ପରାର ଅଂଶବିଶେଷ । ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖିବାକୁ ହେଲେ ଗୁଡି ଉଡାଇବା ସମୟରେ କେତେକ ସାବଧାନତା ଅବଲମ୍ବନ କରିବାକୁ ହେବ । ଗୁଡି ଉଡାଇବା ପାଇଁ ସବୁଠାରୁ ସୁରକ୍ଷିତ ସ୍ଥାନ ଭାବେ ନଦୀ ପଠା,ଖୋଲା ପଡିଆକୁ ଚୟନ କରାଯିବା ଉଚିତ । କାହାର ଗୁଡି ଉଡା ଖୁସି, ଅନ୍ୟ କାହା ଜୀବନରେ ଦୁଃଖ ନଆଣୁ । କେବଳ ଆଇନକାନୁନ ଗୁଡି ଦୁର୍ଘଟଣାକୁ ରୋକି ପାରିବ ନାହିଁ । ଅବିଭାବକ ଓ ଗୁଡି ଉଡାଉଥିବା ବ୍ୟକ୍ତି ସଚେତନ ରହିଲେ ପଶୁ,ପକ୍ଷୀ,ମଣିଷ ଜୀବନ ସୁରକ୍ଷିତ ରହିବ ।

**ଭୁଷଳ,ଭୁବନ,ଢେଙ୍କାନାଳ**
**ମୋ-୯୪୩୭୭୨୯୩୮୪**

**ସେହିପରି ଏଭଳି କ୍ଷତିକାରକ ପ୍ଲାଷ୍ଟିକ ସୂତାର ବ୍ୟବହାର ହେତୁ ପରିବେଶ ମଧ୍ୟ ପ୍ରଦୂଷିତ ହେଉଛି । କାଚ କୋଟିଂ ମାଞ୍ଜା ମଣିଷଙ୍କ ସମେତ ପକ୍ଷୀ ଏବଂ ଜୀବଜନ୍ତୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ଅନୁଭବ କରି ଗତ ୨୦୧୬ ମସିହା ଡିସେମ୍ବର ୧୩ ତାରିଖରେ ଜାତୀୟ ସବୁଜ ପ୍ରାଧିକରଣ ( ଏନ.ଜି.ଟି) ଦେଶବ୍ୟାପୀ ଏହାକୁ ନିଷିଦ୍ଧ କରିଥିଲେ । ଜୀବନ ହାନି ଘଟାଉଥିବା ଚାଇନିଜ ବା ଭାରତୀୟ ମାଞ୍ଜାଦିଆ ସୂତା,ରେଜର ଧାର ପରି କାମ କରୁଥିବା କାଚ ବା ଧାତୁ ବୋଳା ସୂତା,ନାଇଲନ ଓ ପ୍ଲାଷ୍ଟିକ ସୂତା ବ୍ୟବହାର କରି ଗୁଡି ଉଡାଇବାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଓଡ଼ିଶାର ମାନ୍ୟବର ଉଚ୍ଚ ନ୍ୟାୟାଳୟ ୨୦୧୬ ମସିହାରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯାହାକି ୨୦୧୬ ଅଗଷ୍ଟ ୨୯ ତାରିଖରୁ ରାଜ୍ୟରେ କାର୍ଯ୍ୟ କରୁଛି ।**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଇଡି...

ପରବର୍ତ୍ତୀ ଶୁଣାଣି କରାଯିବ । ପୂର୍ବରୁ ସୁପ୍ରିମକୋର୍ଟ କହିଥିଲେ ଯେ କୋଲକାତା ହାଇକୋର୍ଟରେ ଏହି ମାମଲା ଶୁଣାଣି ହେବାବେଳେ ଯେଉଁଭଳି ସ୍ଥିତି ସୃଷ୍ଟି ହେଲା ତାହା ମଧ୍ୟ ଉଦ୍‌ବେଗଜନକ । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ମମତା ଓ ପଶ୍ଚିମବଙ୍ଗ ଅଧିକାରୀ ତଦନ୍ତରେ ହସ୍ତକ୍ଷେପ କରିଥିଲେ । କେନ୍ଦ୍ରୀୟ ସଂସ୍ଥା ପକ୍ଷରୁ ସଲିସେଟର ଜେନେରାଲ ତୁଷାର ମେହେଟ୍ଟା କହିଥିଲେ ଯେ ଆଇପ୍ୟାକ୍‌ର ସହପ୍ରତିଷ୍ଠାତା ପ୍ରତୀକ ଜେନଙ୍କ ବାସଭବନରୁ ମମତା ପ୍ରମାଣ ଚୋରି କରିଛନ୍ତି । ଏଥିରେ ପୋଲିସ ଅଧିକାରୀମାନେ ସହଯୋଗ କରିଛନ୍ତି । ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିଲମ୍ବିତ କରାଯାଉ । ଏହା ହୋହାଲ୍ଲାର ଶାସନ ବୋଲି ସେ ଯୁକ୍ତି ବାଢ଼ିଥିଲେ । ମମତାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ଶିବଲ ଯୁକ୍ତିବାଢ଼ି କହିଥିଲେ ଯେ ବିଧାନସଭା ନିର୍ବାଚନ ପୂର୍ବରୁ ଇଡି ତଦନ୍ତର କ'ଣ ଆବଶ୍ୟକତା ପଡ଼ିଲା ? ଫେବୃଆରୀ ୨୦୨୪ରେ କୋଇଲା ଦୁର୍ନୀତି ନେଇ ମାମଲା ରୁଜୁ ହୋଇଥିଲା । ୨୦୨୫ ଯାଏ ଇଡି କ'ଣ କରୁଥିଲା । ସମସ୍ତେ ଜାଣନ୍ତି ଆଇ-ପ୍ୟାକ୍ ପଶ୍ଚିମବଙ୍ଗ ନିର୍ବାଚନ ଲାଗି ଟିଏମ୍‌ସିକୁ ପରିଚାଳନା କରିଥାଏ । ନିର୍ବାଚନ ତଥ୍ୟ ହେଉଛି ଅତ୍ୟନ୍ତ ଗୋପନୀୟ ଯାହା ସେଠାରେ ରହିଥିଲା । ସେଥିରେ ଅନେକ ପ୍ରାର୍ଥୀଙ୍କ ସୂଚନା ରହିଥିଲା । ଯଦି ଏହି ତଥ୍ୟ ପ୍ରଘଟ ହୁଏ ତେବେ ସେମାନେ କିଭଳି ନିର୍ବାଚନ ଲଢ଼ିବେ । ପଶ୍ଚିମବଙ୍ଗ ସରକାର ଓ ଡିଜିପିଙ୍କ ପକ୍ଷରୁ ପକ୍ଷ ରଖି ଆଇନଜୀବୀ ଅଭିଶେକ୍ ସିଂହଭି କହିଥିଲେ ଯେ ଇଡି କୋଲକାତା ହାଇକୋର୍ଟରେ ହୋଇଥିବା ପ୍ରସଙ୍ଗକୁ ଉତ୍‌ଥାପନ କରିଛି । ଯାହା ଜାନୁଆରୀ ୯ ରେ ଘଟିଥିଲା । ସେମାନେ ଦୁଇଟି ଭିନ୍ନ ଭିନ୍ନ ଘୋଡ଼ା ଚଢୁଥିବାରୁ ଏହାକୁ କ୍ଷମା କରାଯାଇପାରିବ ନାହିଁ । ଅନେକ ସମୟରେ ଭାବପ୍ରବଣତାକୁ ଗୋଟିଏ ବାଟରେ ବୁଝିବାକୁ ପଡେ । କିନ୍ତୁ ଏହାକୁ ସବୁବେଳେ ବୁଝାଯାଇପାରିବ ନାହିଁ ।

## ସୁନ୍ଦରଗଡ଼ରେ...

ପୁଲିସ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ସହରର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳରେ ୧୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ଗୁଜବ ପ୍ରସାରକୁ ରୋକିବା ପାଇଁ ଆଜି ସନ୍ଧ୍ୟା ୬ଟାରୁ ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ଇଣ୍ଟରନେଟ୍ ସେବା ବନ୍ଦ ରଖିବାକୁ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି ନେଇଛି । ସହରରେ ଶାନ୍ତି ଫେରାଇ ଆଣିବା ପାଇଁ ଜିଲ୍ଲା ଏସପି ଅମ୍ରିତ ପାଲ୍ ସିଂ ଏକ ଶାନ୍ତି କମିଟି ବୈଠକ ଡାକିବାକୁ ପ୍ରକ୍ରିୟା ଆରମ୍ଭ କରିଥିବା ବେଳେ ଡିଆଇଜି ବ୍ରିଜେଶ ରାୟ ଜନସାଧାରଣଙ୍କୁ ଶାନ୍ତି ବଜାୟ ରଖିବା ସହ କୌଣସି ପ୍ରକାର ଗୁଜବରେ ବିଶ୍ୱାସ ନକରିବାକୁ ନିବେଦନ କରିଛନ୍ତି । ସହରରେ ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିଲେ ମଧ୍ୟ ଚାପା ଉତ୍ତେଜନା ଲାଗି ରହିଥିବା ବେଳେ ଘଟଣା ଘଟିଥିବା ରିଜେଣ୍ଟ ମାର୍କେଟ ସମେତ ସହର ବିଭିନ୍ନ ସମ୍ବେଦନଶୀଳ ସ୍ଥାନ, ବସଷ୍ଟାଣ୍ଡ, ମାର୍କେଟ ଓ ବିଭିନ୍ନ ଅଞ୍ଚଳରେ ପୁଲିସ୍ ପେଟ୍ରୋଲିଂ ଜାରି ରହିଛି ।

## କେନ୍ଦୁଝର...

ବାବଦ ବ୍ୟୟ ହେବ । ସହର ମଧ୍ୟରୁ ଯାତାୟତ ଭିଡ କମାଇବା ପାଇଁ କେନ୍ଦୁଝରରେ ବିଶ୍ୱସ୍ତରୀୟ ବାଇପାସ ରାସ୍ତା ନିର୍ମାଣ ହେବ । ସହର ବାହାରେ ପରିଧିରେ ଏକ ରିଙ୍ଗ ରୋଡ ଭାବେ କାର୍ଯ୍ୟ କରିବ ଯାହାକି ସହର ସୀମାକୁ ବିସ୍ତାର କରିବ । ଜାତୀୟ ରାଜପଥ ୨୦ ଏବଂ ଜାତୀୟ ରାଜପଥ ୪୯ ମଧ୍ୟରେ ସର୍ବାଧିକ ସଂକ୍ଷିପ୍ତ ଓ ସୁଦୃଢ ସଂଯୋଗ ପ୍ରଦାନ କରିବ । ୨୦ନଂ ଜାତୀୟ ରାଜପଥ ନେଙ୍କଡାଘର ଠାରୁ ଡିମ୍ବୋ-ନେଲୁଙ୍ଗ ଦେଇ ୯ କିଲୋମିଟର ୪୦୯ ମିଟର ଲମ୍ବର ଏହି ବାଇପାସ ରାସ୍ତା ଝାରବେଲଦାଠାରେ ଜାତୀୟ ରାଜପଥ ୪୯ ସହିତ ସଂଯୋଗ ହେବ । ୩ ଟି ପଂଚାୟତ ଦେଇ ଜାତୀୟ ରାଜପଥ ୨୦ ରୁ ୪୯ ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରିବ । ନୂତନ ବାଇପାସ ନିର୍ମାଣ ହେଲେ ଟ୍ରାଫିକ ସମସ୍ୟା ଅନେକ ପରିମାଣରେ ହ୍ରାସ ପାଇବା ସହିତ ଅଳ୍ପ ସମୟ ମଧ୍ୟରେ ଲୋକ ନିଜର ଗନ୍ତବ୍ୟ ପଥରେ ପହଞ୍ଚି ପାରିବେ । ଟ୍ରାଫିକ ସମସ୍ୟାର ସମାଧାନ ପାଇଁ କେନ୍ଦୁଝର ସହରର ଚାରିପାଖେ ୪ ଲେନ ରାସ୍ତା ଏବଂ ଉଭୟ ପାଶ୍ୱରେ ସର୍ଭିସ ରୋଡ ନିର୍ମାଣ କରାଯିବ । ଆଗାମୀ ଦିନରେ କେନ୍ଦୁଝର ରାଜ୍ୟର ଏକ ପ୍ରମୁଖ ଅର୍ଥନୈତିକ ହବ ହେବାକୁ ଯାଉଛି । ପାଟଣାରେ ପ୍ରସ୍ତାବିତ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ସଡକ ସଂଯୋଗକୁ ଅଧିକ ସୁଦୃଢ କରିବ । ଉଭୟ ପାଶ୍ୱର୍ରେ ସର୍ଭିସ ରୋଡ ସହିତ ଆକ୍ସେସ କଣ୍ଟ୍ରୋଲ ୪ ଲେନ ରାସ୍ତା ନିର୍ମାଣ ହେବ । ହାତୀଙ୍କ ଯାତାୟତ ପାଇଁ ଓ ଗଛ କାଟିବାର ଆବଶ୍ୟକତା ହ୍ରାସ କରିବା ପାଇଁ ୧୧୦୦ ମିଟର ଲମ୍ବା ଏଲିଫ୍ୟାଣ୍ଟ ଅଣ୍ଡରପାସ ନିର୍ମାଣ କରାଯିବ । ରାସ୍ତା ପାର୍ଶ୍ୱରେ ଯାତ୍ରୀ ଆଶ୍ରୟସ୍ଥଳ ସହିତ ୪ ଟି ବସ ବେ ଓ ୨ ଟି ଟ୍ରକ ଲେ-ବେ ନିର୍ମାଣ କରାଯିବ । କେନ୍ଦୁଝରର ସମୃଦ୍ଧ ଐତିହ କୁ ପ୍ରତିଫଳିତ କରୁଥିବା ଆଇକନିକ ସଂରଚନା ସହିତ ସେଗମେଣ୍ଟାଲ ବ୍ରିଜ ନିର୍ମାଣ ହେବ । ବାଇପାସ ରାସ୍ତା ନିର୍ମାଣ ହେଲେ କେନ୍ଦୁଝର ସହର ପାଇଁ ଏହା ରିଂ ରୋଡ ଭଳି କାମ ଦେବ । ଟେଣ୍ଡର ପକ୍ରୀୟା ଶେଷ ହେବା ପରେ ଏହି କାମ ପାଇଁ ଚୁକ୍ତି ହେବାର ୨୪ ମାସ ମଧ୍ୟରେ କାମ ସମାପ୍ତ ହେବ ଓ ରାସ୍ତା କାମ ପାଇଥିବା ସଂସ୍ଥା ରାସ୍ତାର ରକ୍ଷାବେକ୍ଷଣ କାର୍ଯ୍ୟ ୫ ବର୍ଷ ପର୍ଯ୍ୟନ୍ତ କରିବ ବୋଲି ଜଣାପଡିଛି । ସେହିପରି ୨୪ କୋଟି ଟଙ୍କା ବ୍ୟୟରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଜେଲ ରୋଡ-ଧୂର୍ପଦା ୨.୪ କିଲୋମିଟର ରାସ୍ତା ୪-ଲେନ ହେବ ଏବଂ ଏହି ରାସ୍ତା ମେଡିକାଲ କରିଡର ଭାବେ କାର୍ଯ୍ୟ କରିବ । କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରୁ ଧରଣୀଧର ମେଡିକାଲ କଲେଜ କୁ ଏହି ରାସ୍ତା ଦେଇ ବିନା ବାଧାରେ ଆମ୍ବୁଲାନ୍ସ ଗାଡି ଯାତାୟତ କରିପାରିବ । ସେହିପରି କେନ୍ଦୁଝରଗଡ ରେଳ ଷ୍ଟେସନର ବିସ୍ତାର ଓ ବିକାଶକୁ ଧ୍ୟାନରେ ରଖି ପୁରୁଣା ଜାତୀୟ ରାଜପଥ-୬ ଠାରୁ କେନ୍ଦୁଝରଗଡ ରେଳ ଷ୍ଟେସନ ପର୍ଯ୍ୟନ୍ତ ୨ କିଲୋମିଟର ରାସ୍ତା ପାଇଁ ୨୨ କୋଟି ଟଙ୍କା ବ୍ୟୟରେ ଏକ ସ୍ୱତନ୍ତ୍ର ୪ ଲେନ ଆପ୍ରୋଚ ରୋଡ ନିର୍ମାଣ ହେବ । ଫଳରେ ରେଳ ଷ୍ଟେସନକୁ ଯାତ୍ରୀମାନେ କମ ସମୟରେ ଯାତାୟତ କରିପାରିବେ ।

## ପାନୀୟଜଳ...

ସଚିବସ୍ତରୀୟ ବୈଠକରେ ମୁଖ୍ୟ ସଚିବ ଅନୁ ଗର୍ଗ ଏହା କହିଛନ୍ତି ।

ମୁଖ୍ୟ ସଚିବ ଶ୍ରୀମତୀ ଗର୍ଗଙ୍କ ଅଧ୍ୟକ୍ଷତାରେ ଗୁରୁବାର ସଚିବସ୍ତରୀୟ ବୈଠକ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ପ୍ରତି ମାସ ୧୬ ତାରିଖରେ ସମସ୍ତ ଜିଲ୍ଲାପାଳମାନଙ୍କ ସହିତ ଆଭାସୀ ମାଧ୍ୟମରେ ବିକାଶମୂଳକ କାର୍ଯ୍ୟ ଏବଂ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ଆଲୋଚନା ହେବ । କିନ୍ତୁ ଚଳିତ ମାସରେ ପୂର୍ବ ନିର୍ଦ୍ଧାରିତ ସରକାରୀ କାର୍ଯ୍ୟ ଥିବାରୁ ଜାନୁଆରୀ ୧୬ରେ ଏହି ବୈଠକ ନହୋଇ ଜାନୁଆରୀ ୨୨ରେ ଅନୁଷ୍ଠିତ ହେବ । ମାସର ପ୍ରତି ୩ୟ ମଙ୍ଗଳବାର ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ ତଥା ଏମଓୟୁ ସ୍ୱାକ୍ଷରିତ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସଂପର୍କିତ ବୈଠକ ଅନୁଷ୍ଠିତ ହେବା ନେଇ ବୈଠକରେ କୁହାଯାଇଛି । ରାଜ୍ୟରେ ବହୁ ପୁରୁଣା ଆଇନ୍ ରହିଛି । ଯେଉଁ ଆଇନଗୁଡ଼ିକର ସଂପ୍ରତି ଆବଶ୍ୟକତା ରହୁନାହିଁ, ସେସବୁକୁ ପ୍ରତ୍ୟାହାର କରିବା ପାଇଁ ସଚିବମାନଙ୍କୁ ତର୍ଜମା କରି ପ୍ରସ୍ତାବ ଦେବାକୁ ଆଇନ୍ ବିଭାଗ ପକ୍ଷରୁ ଉପସ୍ଥାପନ କରାଯାଇଥିଲା ।

ବୈଠକରେ ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ୧୫ ଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟସୂଚୀକୁ ବିଭିନ୍ନ ବିଭାଗମାନେ କିପରି କାର୍ଯ୍ୟକାରୀ କରୁଛନ୍ତି ଏବଂ ପଦକ୍ଷେପ ନେଇଛନ୍ତି ସେ ସଂପର୍କରେ ସମୀକ୍ଷା କରାଯାଇଥିଲା । ୨୦୨୫-୨୬ ବର୍ଷରେ ବିତ୍ତୀୟ ସ୍ଥିତି ସମୀକ୍ଷା ହୋଇଥିଲା । ବଜେଟ୍ ଅନୁମୋଦନ ଅନୁସାରେ ଗତ ଡିସେମ୍ବର ୨୦୨୫ ସୁଦ୍ଧା ବିଭିନ୍ନ ବିଭାଗର ଖର୍ଚ୍ଚ ସ୍ଥିତି ଅନୁଧ୍ୟାନ କରାଯାଇଥିଲା । କୃଷି ଓ ଆନୁଷଙ୍ଗିକ କ୍ଷେତ୍ର, ଭିତ୍ତିଭୂମି, ସାମାଜିକ କ୍ଷେତ୍ର ଓ ଅନ୍ୟ ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚ ସମୀକ୍ଷା ହୋଇଥିଲା । ବିଭିନ୍ନ ବିଭାଗର ସାମଗ୍ରିକ ଖର୍ଚ୍ଚରେ ଗତବର୍ଷ ଅପେକ୍ଷା ୧୦ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ କାର୍ଯ୍ୟକ୍ରମ ବାବଦକୁ ୧୫ ପ୍ରତିଶତ ବଢ଼ିଛି ।

ସେହପରି ବିଭିନ୍ନ ଉତ୍ସରୁ ରାଜସ୍ୱ ସଂଗ୍ରହ ଗତ ଆର୍ଥିକ ବର୍ଷ ତୁଳନାରେ ୭.୮୨ ପ୍ରତିଶତ ବୃଦ୍ଧି ପାଇଛି । ସଂପୃକ୍ତ ବିଭିନ୍ନ ବିଭାଗମାନଙ୍କୁ ସେମାନଙ୍କର ରାଜସ୍ୱ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆଗାମୀ ବଜେଟରେ କିପରି ନୂଆ ନୂଆ ପ୍ରସ୍ତାବ ଅଣାଯାଇପାରିବ, ସେ ସଂପର୍କରେ ସଚିବମାନଙ୍କୁ ପରାମର୍ଶ ଦିଆଯାଇଥିଲା । ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ ପା=ିର ଉପଯୋଗ ନେଇ ସ୍ୱତନ୍ତ୍ର ସମୀକ୍ଷା ଓ ଆଲୋଚନା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରତି ବିଭାଗୀୟ ସଚିବମାନଙ୍କୁ ନିଜ ନିଜ ବିଭାଗରେ ବଜେଟ୍ ଅନୁମୋଦନ ଅନୁସାରେ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ କାର୍ଯ୍ୟ ସାରିବା ଓ ଖର୍ଚ୍ଚ ସମୀକ୍ଷା କରିବାକୁ ମୁଖ୍ୟ ସଚିବ ଆବଶ୍ୟକ ନିର୍ଦ୍ଦେଶ ଦେଇଛନ୍ତି ।

ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଅନ୍ୟ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ସମେତ ଅନ୍ୟ ସମସ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଯୋଗ ଦେଇଥିଲେ ।

## ଇରାନରୁ...

ଥିବା ଲୋକଙ୍କୁ ଫେରାଇ ଆଣିବା ପାଇଁ ପଦକ୍ଷେପ ନିଆଯାଉଛି । ତେହେରାନରେ ଥିବା ଭାରତୀୟ ଦୂତାବାସ ଏବେ ବିଭିନ୍ନ ଅଞ୍ଚଳରେ ଥିବା ଭାରତୀୟ ଛାତ୍ରମାନଙ୍କ ନିକଟରେ ପହଞ୍ଚାଯାଉଛି ଓ ଯେଉଁମାନେ ଦେଶ ଛାଡ଼ିବାକୁ ଆଗ୍ରହୀ ସେମାନଙ୍କୁ ଆଣିବା ପାଇଁ ଯୋଜନା କରାଯାଉଛି । ଦୂତାବାସ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ଅଞ୍ଚଳକୁ ଯାଇ ଛାତ୍ରଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି । କାରଣ ଇଣ୍ଟରନେଟ୍ ଓ ଟେଲିଫୋନ୍ ସେବା ବନ୍ଦ ରହିଛି । ଭାରତୀୟମାନଙ୍କୁ ସୁରକ୍ଷିତ ଭାବେ ଆଣିବା ଏବେ ଏକ ବଡ ଚିନ୍ତା ହୋଇଛି । ଇରାନର ପ୍ରାୟ ୩୧ ପ୍ରଦେଶରେ ଭାରତୀୟମାନେ ରହିଛନ୍ତି । ଏପରିକି ସୀମାରେ ଯେଉଁଠି ରାଜନୈତିକ ପ୍ରତିବାଦ ଚାଲିଛି ସେଠାରେ ମଧ୍ୟ ଭାରତୀୟ ଅଛନ୍ତି । ଏହି ସଂଘର୍ଷରେ ପ୍ରାୟ ୩୪୨୮ ଲୋକ ମୃତ୍ୟୁବରଣ କଲେଣି ବୋଲି ପ୍ରତିବାଦକାରୀଙ୍କ ପକ୍ଷରୁ ଦାବି କରାଯାଉଛି । ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଭାରତୀୟ ସେଠାରେ ରହିଛନ୍ତି । ସେମାନଙ୍କୁ ଯେ କୌଣସି ବାଟରେ ଫେରି ଆସିବା ପାଇଁ କୁହାଯାଇଥିଲା । ଏବେ ଦୂତାବାସ ଏନେଇ ପଦକ୍ଷେପ ଆରମ୍ଭ କରିଛି ।

## ଶୀତ...

ଡିଗ୍ରୀ ଓ ଭୁବନେଶ୍ୱରରେ ୧୧.୮ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି ।

ଶୁକ୍ରବାର ପାଇଁ ଅନୁଗୁଳ, ଝାରସୁଗୁଡା, ଢେଙ୍କାନାଳ, ସୁନ୍ଦରଗଡ, ଖୋର୍ଦ୍ଧା, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡା ଜିଲ୍ଲାର ବହୁ ସ୍ଥାନରେ ଶୀତ ଲହରୀ ଜାରି ରହିବ । ଏହା ସହିତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, କଳାହାଣ୍ଡି, ସୁନ୍ଦରଗଡ, ମୟୂରଭଞ୍ଜ, କେନ୍ଦୁଝର, କନ୍ଧମାଳ, ଖୋର୍ଦ୍ଧା, ପୁରୀ ଓ ନୟାଗଡ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଆସ୍ତରଣ ରହିପାରେ ।

## ଜବତ...

ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି । ସେମାନଙ୍କ କହିବା କଥା ତାହା ହୋଇନଥିଲେ ଏପରି ବହୁ ପରିମାଣର ଚାଲାଣ କିପରି ହେଉଥାନ୍ତା ।

୨୦୨୪ ଅଗଷ୍ଟ ୨୮ରେ ସିଟି ଜିଏସ୍‌ଟି ବିଭାଗ ବିମାନବନ୍ଦରରେ ଚଢ଼ାଉ କରି ୮୬କେଜି ସୁନା ଓ ୨୦୦କେଜି ରୂପା ଜବତ କରିଥିଲା । ଯାହାର ମୂଲ୍ୟ ୧୦୦କୋଟିରୁ ଉର୍ଦ୍ଧ୍ୱ ହେବ । ମୁମ୍ବାଇରୁ ଭୁବନେଶ୍ୱରକୁ ୨ଟି ବିମାନରେ ସୁନା ଆସୁଥିବା ଜିଏସ୍‌ଟି ଅଧିକାରୀମାନେ ସୂଚନା ପାଇଥିଲେ । ବିମାନବନ୍ଦର ବାହାରେ ବିଜିସି, ଲଜିଷ୍ଟିକ୍ ଓ ନିୟୁକ୍ ଏୟାର ସର୍ଭିସ ଲଜିଷ୍ଟିକ୍ସର ଦୁଇଟି ଗାଡ଼ିରେ ୧୦ ଟ୍ରଙ୍କରେ ଏହି ସୁନା ଓ ରୂପା ଚାଲାଣ ହେଉଥିବା ବେଳେ ଚଢ଼ାଉ କରି ଜବତ କରାଯାଇଥିଲା । ସେହିବର୍ଷ ମେ ୮ ରେ ଦୁବାଇରୁ ଭୁବନେଶ୍ୱର ଆସୁଥିବା ୪ଜଣ ଯାତ୍ରୀଙ୍କ ମଳଦ୍ୱାରରୁ ୧୭ଟି କ୍ୟାପସୁଲରେ ଲୁଚାୟିତ ଭାବେ ଚାଲାଣ ହେଉଥିବା ୪କୋଟିରୁ ଉର୍ଦ୍ଧ୍ୱର୍ ଟଙ୍କାର ୩.୭୭କେଜି ତରଳ ସୁନା କେନ୍ଦ୍ରୀୟ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶକ ଅଧିକାରୀ ଜବତ କରିଥିଲେ । ସେହିଭଳି ସେହିବର୍ଷ ଏପ୍ରିଲ୍ ୧୯ ରେ ମୁମ୍ବାଇ ଚାଲାଣ ବେଳେ ଆୟକର ବିଭାଗ ଚଢ଼ାଉ କରି ଡୋମେଷ୍ଟିକ୍ କାର୍ଗୋ ଟର୍ମିନାଲରୁ ସାଢେ ୪କୋଟିରୁ ଉର୍ଦ୍ଧ୍ୱର ଟଙ୍କାର ୩.୮ କେଜି ସୁନା ଜବତ କରିଥିଲା । ଏପ୍ରିଲ ୧୭ ତାରିଖରେ ମଧ୍ୟ ବିପୁଳ ପରିମାଣର ସୁନା ଓ ରୂପା ଜବତ ହୋଇଥିଲା ।

୨୦୨୩ ମସିହାରେ ୩କେଜି ୫୩ ଗ୍ରାମ୍ ସୁନା, ୨୦୨୨ ମସିହାରେ ୨କେଜି ସୁନା ଏବଂ ୨୦୧୯ ରେ ୧୨.୯୩କେଜି ସୁନା ଜବତ ହୋଇଥିବା ଜଣାପଡ଼ିଛି । ଏହିପରି ଶହ ଶହ କୋଟି ଟଙ୍କାର ସୁନା, ରୂପା ସମେତ ନିଶାଦ୍ରବ୍ୟ ଚାଲାଣ କରି ଜାତୀୟ ଓ ଆନ୍ତର୍ଜାତୀୟ ମାଫିଆମାନେ ଭାରତରୁ ଉଚ୍ଚ ପରିମାଣର ଟଙ୍କା ସଂଗ୍ରହ କରିବାରେ ସମର୍ଥ ହେଉଛନ୍ତି । ଯାଞ୍ଚ ବେଳେ ବାରମ୍ବାର ଧରାପଡୁଥିଲେ ମଧ୍ୟ ଚୋରାଚାଲାଣ ଥମିବାର ନାଁ ଧରୁନାହିଁ । କାରଣ ସେମାନେ ଯାଞ୍ଚ ପ୍ରକ୍ରିୟାକୁ ଚକ୍‌ମା ଦେଇ ଚାଲାଣ କରିବାରେ ସମର୍ଥ ହେଉଛନ୍ତି । ଯଦି ସମର୍ଥ ହେଉନଥାନ୍ତେ ବାରମ୍ବାର ଚାଲାଣକାରୀମାନେ ଧରାପଡୁଥାନ୍ତେ କିପରି ? ମାଫିଆମାନେ ବିଭିନ୍ନ ଶୈଳୀରେ ଚାଲାଣ କରୁଥିବାରୁ ବହୁ ସମୟରେ ସେମାନେ ଧରାପଡୁନାହାନ୍ତି ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି ।

## ବିଜେଡିରୁ...

ଆସନାରୁ ୨୦୨୪ରେ ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ସେ ବିଜେଡିରେ ଯୋଗ ଦେଇଥିଲେ । ହେଲେ ତାଙ୍କ ବାପା ବିଜୟ ମହାପାତ୍ର ବିଜେଡିରେ ଯୋଗ ଦେଇନଥିଲେ । ତାଙ୍କ ବିରୋଧରେ ମଧ୍ୟ ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗ ଅଣାଯାଇଛି । ଅରବିନ୍ଦଙ୍କ ଉପରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ନେଇ ଏବେ ରାଜ୍ୟ ରାଜନୀତିରେ ବିଜୟ ମହାପାତ୍ର ସକ୍ରିୟ ହୋଇଥିବା ଏକ କାରଣ ବୋଲି ଅନୁମାନ କରାଯାଉଛି । ଦଳରୁ ନିଲମ୍ବନ ହେବାପରେ ଅରବିନ୍ଦ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଏ ଘଟଣା ତାଙ୍କୁ ଆଶ୍ଚର୍ଯ୍ୟ କରିଛି । ମୋତେ କାହିଁକି ନିଲମ୍ବନ କରାଗଲା ମୁଁ ଜାଣିନାହିଁ । ଦଳ ତରଫରୁ ମୋତେ କିଛି କୁହାଯାଇନାହିଁ । କୌଣସି ଦଳ ବିରୋଧୀ କାର୍ଯ୍ୟ କରିନାହିଁ । ଦଳରକୁ ଅସୁବିଧାରେ ପକାଇବା ଭଳି କାର୍ଯ୍ୟ କରିନି । କେବଳ ନିର୍ବାଚନମଣ୍ଡଳୀରେ ଲୋକଙ୍କ ପାଇଁ କାମ କରୁଥିଲି । କୌଣସି ମେଳିକୁ ଯାଇନି କି ଭୋଜି ଖାଇନି । ମୋ ବାପା ସ୍ୱତନ୍ତ୍ର ଓ ବରିଷ୍ଠ ନେତା । ସେ କ'ଣ କରିବେ ତାଙ୍କ କଥା ତାଙ୍କୁ ବିବାଦ ଭିତରକୁ ଟାଣିବାକୁ ଚାହୁଁନି ।

ବିଧାୟକ ସନାତନ ମହାକୁଡ କହିଛନ୍ତି ଯେ ମୁଁ କୌଣସି ଦଳ ବିରୋଧୀ କାର୍ଯ୍ୟ କରିନାହିଁ । ମୋ ଜିଲ୍ଲାର ବିକାଶ ନେଇ କହିଥିଲି । ଏ ବିଷୟରେ ଦଳର କାହା ସହ ଆଉ କଥା ହେବିନାହିଁ ବୋଲି ସେ କହିଛନ୍ତି । ଦୁଇ ବିଧାୟକଙ୍କ ନିଲମ୍ବନ ନେଇ ବିଜେଡିର ପୂର୍ବତନ ମନ୍ତ୍ରୀ ଅତନୁ ସର୍ବସାଚୀ ନାୟକ କହିଛନ୍ତି ଯେ ଦୁଇ ବିଧାୟକଙ୍କ ନିଲମ୍ବନ ସ୍ୱାଗତ ଯୋଗ୍ୟ । ବିଶ୍ୱାସଘାତକଙ୍କୁ ଦଳରେ ସ୍ଥାନ ନାହିଁ । ବିଜେଡି ଶୃଙ୍ଖଳିତ ଦଳ, ବୁଝାମଣା କରିବାର ପ୍ରଶ୍ନ ଉଠୁନାହିଁ । ସେହିଭଳି କ୍ୟାପ୍‌ଟେନ୍ ଦିବ୍ୟଶଙ୍କର ମିଶ୍ର କହିଛନ୍ତି ଯେ ଦଳକୁ ଦୁର୍ବଳ କରିବାର ଚେଷ୍ଟା କରିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି । ଯିଏ ଦଳ ବିରୋଧୀ ଷଡ଼ଯନ୍ତ୍ର କରିବ ଓ ଦଳକୁ ଦୁର୍ବଳ କରିବାକୁ ଚାହିଁବ ତା' ବିରୋଧରେ କଠୋର ପଦକ୍ଷେପ ହେବ । ଭାବିଚିନ୍ତି ଦଳର ନେତା ନିଷ୍ପତ୍ତି ନିଅନ୍ତି । ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ ସଭାପତିଙ୍କ ପାଖରେ ଏ ନେଇ କିଛି ଗୁଇନ୍ଦା ତଥ୍ୟ ଥାଇପାରେ । ଦଳର ସଭାପତିଙ୍କ ପାଖରେ କିଛି ତଥ୍ୟ ହୁଏତ ଥିବ । ସେ ବିଷୟରେ ମୁଁ ଜାଣିନାହିଁ ।

## ପାକ୍...

ମଧ୍ୟ ପ୍ରସ୍ତାବ ହେଉଛି । ଆମେ ଲମ୍ବା ଯୁଦ୍ଧ ଜିତିବାକୁ ଚାହୁଁଛୁ । ଆମେ ସ୍ୱଦେଶୀ ଅସ୍ତ୍ର ଉପରେ ଏବେ ଫୋକସ କରୁଛୁ । ଅପରେସନ୍ ସିନ୍ଦୂରରୁ ଆମେ ଅନେକ କିଛି ଶିକ୍ଷା କରିଛୁ । ଋଷ୍, ୟୁକ୍ରେନ୍ ଯୁଦ୍ଧ ଓ ଅପରେସନ୍ ସିନ୍ଦୂର ସମେତ ସାମ୍ପ୍ରତିକ ଯୁଦ୍ଧଗୁଡ଼ିକରୁ ଶିକ୍ଷା ଗ୍ରହଣ କରିସାରିଛୁ । ଆଧୁନିକ ସଂଘର୍ଷର ଅବଧି ପୂର୍ବାନୁମାନ ଯୋଗ୍ୟ ନୁହେଁ । ଜ୍ଞାନ କୌଶଳ ଦକ୍ଷତାରେ ଉନ୍ନତି ଆଣିପାରେ । କିନ୍ତୁ ଏହା ସୈନିକଙ୍କ ସ୍ଥାନ ନେଇପାରିବ ନାହିଁ ।


**AFFIDAVIT**

By virtue of an affidavit sworn before the Notary public Bhubaneswar, dated 09.01.26. I, Kundan Jena, Aged (73), W/o- Bula Jena, At/Po- Raghunathpur, Chandrasekharpur, Bhubaneswar, Dist- Khordha, Odisha- 754005. Declare that I have changed my name from **Kumud Jena** to **Kundan Jena**. Hanceforth she shall be known as **Kundan Jena** for all purpose.

Sd/- Kundan Jena

**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 02.01.2026 I Sarojini Pradhan W/o -Gopal Chandra Pradhan Resident Of Village - Mahulia P.O- Bhapur P.S- Fategarh Dist-Nayagarh,PIN- 752063 declare that I have changed my minor Son's name from Jjoti Ranjan Pradhan to Jyoti Ranjan Pradhan Henceforth, He shall be known as Jyoti Ranjan Pradhan for all purposes.

Sd/- Sarojini Pradhan

**AFFIDAVIT**

By virtue of an affidavit sworn before Executive Magistrate, Nayagarh Odisha on dated 13.01.2026 I,Anusaya Nayak W/o -Jagadish Nayak Resident Of Village-Barabati P.O- Barapalli P.S- Nayagarh Dist- Nayagarh,PIN-752070 declare that I have changed my name from Anusuya Nayak to Anusaya Nayak Henceforth, I shall be known as Anusaya Nayak for all purposes.

Sd/- Anusaya Nayak

**AFFIDAVIT FOR MINOR**

By virtue of an affidavit sworn before Executive Magistrate, Rairakhol, dated 9th January 2026. I, Sudam Basat, Address of Village- Kaing, PO-Ghosaramal, PS- Naktideul, Dist- Sambalpur, Odisha, 768106, declare that I have changed the name of my son from Sudam Basat to Badal Basat. Henceforth, she/he shall be known as Badal Basat for all purposes.

Sd/- Sudam Basat
(Name of the applicant)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ନଂ. EPC-CECONIIIBBS2025031, ତା.14.08.2025ରିଖ ର ଶୁଦ୍ଧିପତ୍ର ନଂ.02

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିରେ ନିମ୍ନବର୍ଣ୍ଣିତ ରୂପାନ୍ତରଣ କରାଯାଇଛି, ତଦନୁସାରେ ଯାହା ପ୍ରତି ଧ୍ୟାନ ଦେବା ଆବଶ୍ୟକ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ପ୍ରକାଶିତ ଅନୁଯାୟୀ (ଶୁଦ୍ଧିପତ୍ର ନଂ.01)- ତା.27.01.2026 ରିଖ 1200 ଘଣ୍ଟିକା, ପଢ଼ାଯିବା ଆବଶ୍ୟକ - ତା.16.02.2026 ରିଖ 1200 ଘଣ୍ଟିକା ।

ଅନ୍ୟ ସମସ୍ତ ନିୟମ ଏବଂ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ, ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ଅବଲୋକନ କରିବାକୁ ପରାମର୍ଶ ଦିଆଯାଉଛି ।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର

PR-232/CI/25-26

**ପୂର୍ବ ତଟ ରେଳପଥ**

ଟେଣ୍ଡର ନଂ.ELS-ANGL-OT-25-26-10

କାର୍ଯ୍ୟର ନାମ : ଦୁଇ ବର୍ଷ ନିମନ୍ତେ ଇଲେକ୍ଟ୍ରିକ୍ ଲୋକୋ ଶେଡ୍/ଅନୁଗୁଳ ଠାରେ ଇଲେକ୍ଟ୍ରିକ୍ ଲୋକୋମୋଟିଭ୍‌ରେ ସାଣ୍ଡର୍ସ (Sanders)ର ମରାମତି ଏବଂ ରକ୍ଷଣାବେକ୍ଷଣ ।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 34,49,296.48, EMD (ଟଙ୍କାରେ) : 69,000/-, ଶେଷ ହେବା ଅବଧି : 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ : ତା. 21.01.2026 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.02.2026 ରିଖ 1500 ଘଣ୍ଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଟେଣ୍ଡର ଦସ୍ତାବିଜ ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS), ଅନୁଗୁଳ

PR-1013/Q/25-26

C-2090

**OFFICE OF THE JAGATSINGHPUR MUNICIPALITY, JAGATSINGHPUR**

No. 120 Date. 12.01.2026

**INVITATION FOR BIDS NO. JSPURM / /2025 OPEN TENDER**

Executive Officer, Jagatsinghpur Municipality Invites Item Wise Rate tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1. | Name of the work | Providing Consultancy Services for "Preparation of DPR of Different Projects under Jagatsinghpur Municipality, in the District of Jagatsinghpur, Odisha." |
| 2. | No of work | 03 nos. |
| 4. | Availability of Bid document in Portal | 11 hours on dt. 16.01.2026 to 17.0 hours on dt. 27.01.2026 |
| 5. | Last date of receipt of tender in portal | 17.00 hours on dt. 27.01.2026 |
| 6 | Last date and time of receipt of Bid cost and EMD at Tender Portal | 16.00 hours on dt. 27.01.2026 |
| 7 | Date and time of opening of Bid | 11.30 hours on dt. 28.01.2026 |

Any Corrigendum / Addendum / Date of Extension, if any to the above tender would appear only on the website https://tendersodisha.gov.in.

Sd/- Executive Officer
Jagatsinghpur Municipality

**OFFICE OF THE PANCHAYAT SAMITI : RAIGHAR**

I-475

**Bid Identification No. 03/2025-26.**

| | | |
|---|---|---|
| 01. | Name of the Work. | Const, of Kalyan Mandap at Raighar Block. |
| 02 | No. of work. | 1 |
| 03 | Amount put to tender | Rs. 39,76,621.00 |
| 04 | Period of completion. | 12(Twelve) calendar Month. |
| 05 | Date of Tender paper available. | 19.01.2026 to 07.02.2026 (Tender Paper to be downloaded from e-tender odisha.gov.in |
| 06 | Last date of receipt Tender Paper. | 07.02.2026(During office hours) only upto 5.30PM. |
| 07 | Date of Opening Tender Paper. | 09.02.2026(Time 11.00 AM at Office Chamber of Block Development Officer, Raighar. |
| 08 | Details of Terms & Conditions of the Tender. | Bid documents consisting of the Schedule of quantities & the set of terms & conditions of contact & other necessary documents can be downloaded from the official website of e-procurement system of odisha. |
| 09 | Name & address of the Officer inviting Bid. | Block Development Officer, Raighar. |
| 10 | Const of Tender documents. | Rs.6000.00(Rupees Six Thousand) only. |
| 11 | Further details can be seen from the portal. | e-procurement system of odisha. |

Sd/- Block Development Officer,
Raighar

L-163

**ବିଜ୍ଞାପନ**

**ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା, ଓଡ଼ିଶା**

ଏତଦ୍ୱାରା ଖୋର୍ଦ୍ଧା ଜିଲ୍ଲାର କୃଷକ ଭାଇ ଭଉଣୀ ତଥା ଜନସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆସନ୍ତା ଜାନୁୟାରୀ ୧୭.୦୧.୨୦୨୬ ଠାରୁ ୨୧.୦୧.୨୦୨୬ ରିଖ ପର୍ଯ୍ୟନ୍ତ ସ୍ଥାନୀୟ ବିଡିଏ ପଡିଆ, ଟିଏଲସି ରାସ୍ତା, ଖୋର୍ଦ୍ଧାରେ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଆୟୋଜନ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ କୃଷି ବିଭାଗ, ଖୋର୍ଦ୍ଧା ତରଫରୁ ଅନୁଷ୍ଠିତ ହେବ । ଏହି ମେଳାରେ ଉନ୍ନତ ମାନର କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ ବିଭିନ୍ନ କୃଷି ଯନ୍ତ୍ରପାତି ପାଇଁ ସରକାରୀ ଆର୍ଥିକ ସହାୟତାର ସଚେତନତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠିଙ୍କ ନିମନ୍ତେ ବିଶେଷ ରିହାତି ଏବଂ ବିକ୍ରୟ ବ୍ୟବସ୍ଥା, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, କୃଷି ଓ ଆନୁଷଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକର ପ୍ରଚାର ଓ ପ୍ରସାର ଏବଂ ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରୀମ ତତ୍କାଳ ବୁକିଂ ବ୍ୟବସ୍ଥା ଅଛି । ତେଣୁ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଜନସାଧାରଣ ଓ କୃଷକ ଭାଇ ଭଉଣୀମାନଙ୍କୁ ଅନୁରୋଧ ଏହି ମେଳାରେ ବହୁ ସଂଖ୍ୟାରେ ଯୋଗଦାନ କରି ଏହାର ସୁବିଧା ନେବା ସହିତ ଉକ୍ତ କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିବେ।

ସ୍ୱା/- ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଖୋର୍ଦ୍ଧା

O-2014

**GOVERNMENT OF ODISHA : OFFICE OF THE SUPERINTENDING ENGINEER
RURAL WORKS DIVISION:KORAPUT**

**Bid Identification No: SERWKPT-ONLINE-09/2025-26**

PHONE:OFF: (06852):251263
email: eerwkoraput@yahoo.com
Dtd. 07.01.2026

Letter No. 150

| | | | |
|---|---|---|---|
| 1 | Name of the Work | : | Special Repair to Road Works for the year 2025-26. |
| 2 | Total Numbers of Works | : | 10 Nos. |
| 3 | Approximate Estimate Cost | : | Rs.16.95 to Rs.33.90 Lakhs (Approximately) |
| 4 | Class of Contractor | : | "B","C"& "D" Class |
| 5 | Period of Completion | : | 1 Months |
| 6 | Detail Projects | : | As per Annexure attached |

Other Details as follows :

| Procurement Officer | Bid Identification No. | No. of Works | Availability of tender online bidding | | Date & Time of Opening of Tender |
|---|---|---|---|---|---|
| | | | From | To | |
| Superintending Engineer R.W. Division, Koraput | SERWKPT-ONLINE-09/2025-26 | 10 (Ten) No's | 17.01.2026 at 11.00 A.M | 27.01.2026 upto 5.30 P.M. | 28.01.2026 at 11.30 A.M. |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.

Sd/- Executive Engineer,
Rural Works Division : Koraput

A-1279

**GOVERNMENT OF ODISHA : DEPARTMENT OF WATER RESOURCES,
OFFICE OF THE SUPERINTENDING ENGINEER, TITILAGARH IRRIGATION DIVISION, TITILAGARH
DIST : BALANGIR (ODISHA), PIN : 767042, E-mail ID : setid2024@gmail.com**

**e-Procurement Notice No. SETID-02/2025-26 dated. 12.01.2026**

**No. 43, / Dt. 12.01.2026**

| | | | |
|---|---|---|---|
| 1. | Type/Nature of work | : | Civil Work / Canal Works |
| 2. | Total No. of works | : | 01 (One) No. |
| 3. | Approx. value of works | : | Rs. 30.28 Lakh (Excluding GST) |
| 4. | Period of Completion | : | 04 (Four) Calendar Months. |
| 5. | Classification of bidders | : | 'C' & 'B' Class Contractor only. |

**Other Details**

| Officer inviting Bid | Mode of Tender | On-line bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Titilagarh Irrigation Division Titilagarh, Dist : Balangir Odisha, PIN : 767042 | Online in website www.tenders odisha.gov.in | 17.01.2026 from 10.00 A.M. | 30.01.2026 up to 5.00 P.M. | 23.01.2026 up to 5.00 P.M. | 31.01.2026 at 11.00 AM |

Sd/- (Er. Sivananda Seth) Superintending Engineer, Titilagarh Irrigation Division,
Titilagarh, Dist : Balangir

O-2051

**NATIONAL COMPETITIVE BIDDING THROUGH e-Procurement**

Tel. No.06752222092, e-mail id-eerwpuri@gmail.com

**TCN NO. TENDER ONLINE -17 OF 2025-26**

**No. 576, / Dt. 12.01.2026**

The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 1 No. of work for the year 2025-26 in the District of Puri.

| | | | |
|---|---|---|---|
| 1. | Total no. of works | : | 1 no. |
| 2 . | Tender cost of packages | : | Amount varies from Rs.12.61 lakh |
| 3. | Class of contractor | : | As per DTCN. |
| 4. | Period of completion | : | 1 (One) calendar month. |

5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid Identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Puri | Online-17 | 16.01.2026 at 11.00 A.M. | 22.01.2026 up to 5.00 P.M. | 21.01.2026 up to 01.30 P.M. | 27.01.2026 11.30 A.M. Office of the S.E., R.W Division, Puri |

6. Other details can be seen in the bidding documents, which is available in website **https://tendersodisha.gov.in**".

Sd/- Superintending Engineer
R.W. Division, Puri

C-2080

**Bhubaneswar Municipal Corporation**

Notice /RFP No. 1967 Dt. 13.01.2026
File No :

**REQUEST FOR PROPOSAL FOR
ADVERTISEMENT RIGHTS ON ADDITIONAL GOVERNMENT LAND
AT ALL THREE ZONES IN BMC**

**Bhubaneswar Municipal Corporation (BMC)** invites proposals from reputed agencies for participation in the RFP for Advertisement Rights on Additional Government Land across all three zones under **BMC** Interested agencies may participate in the tender and submit their proposals as per the terms and conditions of the RFP. The detailed Request for Proposal (RFP) document can be downloaded from the website of Bhubaneswar Municipal Corporation (www.bmc.gov.in) from **11:00 AM** on **13.01.2026** to **04:00 PM** on **30.01.2026**.The last date of receipt of technical and financial bids is **30.01.2026** till **4.00 PM** and the same would be opened on **30.01.2026** at **5.00 P.M.** The Pre-bid meeting is scheduled on 19.01.2026 at 04.00 P.M. in the 4th Floor, Conference Hall at BMC Office. Bids shall be submitted through registered/speed post or courier service at the address mentioned in the RFP. Please refer the RFP documents for further details.

BMC reserves the right to cancel this invitation and / or invite fresh Bid / RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.

Sd/- Deputy Commissioner (Revenue)
Bhubaneswar Municipal Corporation

**GOVERNMENT OF ODISHA, "e"-PROCUREMENT NOTICE
OFFICE OF THE NOTIFIED AREA COUNCIL, DASPALLA**

C-2092

Tender call Notice No. 154 Dt. 13.01.26
E-mail: nacdaspalla@gmail.com

**Bid Identification No. NAC-Daspalla/03/2025-26**

The Executive Officer, NAC, Daspalla, Dist - Nayagarh inviting percentage rate bid in online mode for the works as detailed in the Annexure from eligible contractors for construction of civil works as detailed in the table below :

| | | | |
|---|---|---|---|
| 1. | Nature of Work | : | As per D T C N |
| 2. | No of Work | : | 25 Nos. |
| 3. | Value of Work | : | Rs. 2,86,864/- to Rs. 12,19,067/- |
| 4. | Tender Cost | : | To be remitted online through a process as mentioned in DTCN. |
| 5. | Class of Contractor | : | D and C Class |
| 6. | Available of Bid Document in website | : | From Dt. 27.01.2026 11.00 AM |
| 7. | Last Date of availability tender in website | : | Dt. 06.02.2026 Up to 5.00 PM |
| 8. | Date and time of opening of Bid | : | Dt.07.02.2026 at 11.00 AM till completion |

9. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

Sd/- Executive Officer,
NAC, Daspalla



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

ଭୁବନେଶ୍ୱରରେ ତନେଇରା ପକ୍ଷରୁ ସିଜନ୍ ସେଲ୍

# ବଛା ବଛା ବୟନ ଓ ପୋଷାକ ଉପରେ ଫ୍ଲାଟ୍ ୪୦% ରିହାତି

ଭୁବନେଶ୍ୱର, (ସବ୍ୟୁ): ଟାଟା ପ୍ରଡକ୍ଟ ତନେଇରା ଏହାର ଭୁବନେଶ୍ୱରସ୍ଥିତ ନୂଆ ଷ୍ଟୋରରେ ଆରମ୍ଭ କରିଛି ସିଜନ୍ ସେଲ୍। ଏ ଅବସରରେ ଗ୍ରାହକ ସ୍ୱତନ୍ତ୍ର ମୂଲ୍ୟରେ ଭାରତର ସର୍ବୋତ୍ତମ ହସ୍ତତନ୍ତ ଶାଢ଼ି ଏବଂ ପୋଷାକ ମଧ୍ୟରୁ ନିଜ ମନ ପସନ୍ଦର ପ୍ରଡକ୍ଟ ପାଇପାରିବେ। ଏହି ସିଜନ୍ ସେଲ୍‌ର ଅଂଶବିଶେଷ ବ୍ୟାପକ ତଥା ବଛା ବଛା ରେଞ୍ଜ ଶାଢ଼ି, ଦୁର୍ଗା ଏବଂ ଦୁର୍ଗା ସେଟ୍ ଉପରେ ଫ୍ଲାଟ୍ ୪୦% ରିହାତି ଉପଲବ୍ଧ। ଏଥିସହିତ ଦୈନନ୍ଦିନ ବ୍ୟବହାର, ଉତ୍ସବ ଏବଂ ସ୍ୱତନ୍ତ୍ର ଅବସର ପାଇଁ କାଳଜୟୀ ବୟନ ଶୈଳୀକୁ ନିବେଶ କରିବାର ଏହା ପ୍ରକୃଷ୍ଟ ସମୟ। ରାଜଧାନୀରେ ଉପସ୍ଥିତି ବୃଦ୍ଧି ସହିତ ତନେଇରାର ଚନ୍ଦ୍ରଶେଖରପୁର ଷ୍ଟୋର ସହରରେ ବ୍ରାଣ୍ଡର ନୂତନ ସମ୍ପ୍ରସାରଣ। ଏହା ମାଧ୍ୟମରେ କମ୍ପାନୀ ଗୋଟିଏ ଛାତ ତଳେ ସର୍ବୋତ୍ତମ ଭାରତୀୟ ଏଥେନିକ୍ ୱିୟର୍‌ର ବ୍ୟାପକ ସମ୍ଭାର ଆଣିଛି। ବହୁବିଧ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଷ୍ଟୋର ବିବାହ, ଉତ୍ସବ ଏବଂ ପୂଜା, ୱାର୍କ ୱିୟର ଏବଂ ଦୈନନ୍ଦିନ ବ୍ୟବହାର ପାଇଁ ଆକର୍ଷଣୀୟ ସମ୍ଭାର ଉପଲବ୍ଧ କରାଉଛି। ଷ୍ଟୋରରେ ମଧ୍ୟ ଏକ ସମନ୍ୱିତ ୱେଡିଂ କୋଣ୍ ରହିଛି, ଯେଉଁଠି ବ୍ରାଇଡାଲ ଏବଂ ୱେଡିଂ ସେଲିବ୍ରେସନ୍ ପାଇଁ ସୂକ୍ଷ୍ମ



କାରୁକାର୍ଯ୍ୟପୂର୍ଣ୍ଣ ଶାଢ଼ି ଏବଂ ପୋଷାକ ଉପଲବ୍ଧ। ଶାଢ଼ି ବ୍ୟତୀତ ଷ୍ଟୋରରେ ମଧ୍ୟ ରହିଛି ବ୍ୟାପକ ରେଞ୍ଜ ରେଡି-ଟୁ-ୱିୟର ଆଉଟଫିଟ୍ ଯେପରି ବ୍ଲାଉଜ୍, କୁର୍ତ୍ତା ଏବଂ ଅନ୍- ଷ୍ଟିଚ୍‌ଡ ଦୂର୍ଗା ସେଟ୍। ସମସ୍ତ ପୋଷାକ ଶୁଦ୍ଧ ଏବଂ ପ୍ରାକୃତିକ ଫେବ୍ରିକ୍‌ରେ ପ୍ରସ୍ତୁତ। ସିଜନ୍ ସେଲ୍‌ର ଅଂଶବିଶେଷ ଗ୍ରାହକ ବିଭିନ୍ନ ବର୍ଗରେ ବଛା ବଛା ଷ୍ଟାଇଲକୁ ସ୍ୱତନ୍ତ୍ର ମୂଲ୍ୟରେ ପାଇପାରିବେ। ନିଜ ୱାର୍ଡରୋବରେ କାଳଜୟୀ ଶାଢ଼ି ଏବଂ ଅନ୍ୟାନ୍ୟ ପୋଷାକ ଯୋଡ଼ିବାର ଏହା ସୁବର୍ଣ୍ଣ ସୁଯୋଗ। ଉଚ୍ଚ ମାନ ପ୍ରତି ଅଙ୍ଗୀକାରବଦ୍ଧ ତନେଇରା ଜରି ସାର୍ଟିଫିକେସନ୍ ସହିତ ଏହାର ଜ୍ୟୋର୍ ସିଲ୍କ ଶାଢ଼ିରେ ସିଲ୍କ ମାର୍କ ସୁନିଶ୍ଚିତ କରେ। ବିଶ୍ୱସନୀୟତା ଏବଂ ପ୍ରକୃତ କାରିଗରୀକୁ ନେଇ ବ୍ରାଣ୍ଡ ପ୍ରତିଶ୍ରୁତିବଦ୍ଧତାର ଏହା ପ୍ରମାଣନ। ୫ଟି ମୁଖ୍ୟ ସ୍ତମ୍ଭ ଯଥା ବିଶ୍ୱାସ, ପ୍ରାମାଣିକତା, ଶୁଦ୍ଧତା,କାରିଗରୀ ଏବଂ ଭାରତୀୟ ବୟନର ବିବିଧ ପ୍ରଦର୍ଶନ ଆଦି ଉପରେ ନିର୍ମିତ ତନେଇରା ଗ୍ରାହକଙ୍କୁ ଭାରତୀୟ ବୟନର ଐତିହ୍ୟକୁ ଅର୍ଥପୂର୍ଣ୍ଣ ଆକ୍ସେସ୍ ପ୍ରଦାନ କରିଚାଲିଛି। ଏ ଅଫରକୁ ନେଇ ତନେଇରାର ବିଜନେସ୍ ମ୍ୟାନେଜର ସୁମିତ ଘୋଷ କହନ୍ତି, ଆମର ଧ୍ୟାନ ସର୍ବଦା ପ୍ରାମାଣିକତା ଏବଂ ହସ୍ତତନ୍ତର ଅନନ୍ୟ କ୍ରିଏସନ୍ ମାଧ୍ୟମରେ ଭାରତର ସମୃଦ୍ଧ ବୟନ ପରମ୍ପରାକୁ ପାଳନ କରିବା ଉପରେ ରହିଛି। ଏହି ସିଜନ୍ ସେଲ୍ ମାଧ୍ୟମରେ ଆମେ ଭୁବନେଶ୍ୱର ଗ୍ରାହକଙ୍କୁ ପ୍ରାମାଣିକତା ଏବଂ କାରିଗରୀ ଆଧାରରେ ପ୍ରସ୍ତୁତ ସର୍ବୋତ୍ତମ ଭାରତୀୟ ଶାଢ଼ି ଏବଂ ପୋଷାକର ବ୍ୟାପକ ସମ୍ଭାରକୁ ଦେଖିବାକୁ ଆମନ୍ତ୍ରଣ କରୁଛୁ। ତନେଇରା ଷ୍ଟୋରକୁ ଆସି ଗ୍ରାହକ ଭାରତର ସମୃଦ୍ଧ ବୟନକୁ ପାଳନ କରିବାର ଏକ ଅନନ୍ୟ ଶପିଂ ଯାତ୍ରାକୁ ଅନୁଭବ କରିପାରିବେ।

## ଗୋଲବାଇ ଗାଁ ଭିତରେ ହାତୀ ଲୋକେ ଭୟଭୀତ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଫରେଷ୍ଟ ଡିଭିଜନ ଅନ୍ତର୍ଗତ ଟାଙ୍ଗୀ ରେଞ୍ଜ ବର୍ତ୍ତମାନ ହାତୀ ଅଭୟାରଣ୍ୟ ଭାବେ ପରିଚିତ। ବର୍ଷ ବର୍ଷ ଧରି ଏହି ଅଞ୍ଚଳରୁ ଆଉ ହାତୀ ପଲ ଅନ୍ୟତ୍ର ଯାଉ ନାହାଁନ୍ତି। ଖାଦ୍ୟ, ଜଳ ଓ ରହିବାକୁ ଜଙ୍ଗଲ ମିଳିଯିବା ପରେ ହାତୀ ମାନେ ଏହି ବନାଞ୍ଚଳରେ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବା ସହିତ ଏବେ ଘଞ୍ଚ ଜଙ୍ଗଲ ନଥିବାରୁ ଖାଦ୍ୟ ଅନେଷଣରେ ଗାଁ ମୁହାଁ ହୋଇ ଧନ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ଏହି ରେଞ୍ଜ ଅଧିନସ୍ଥ ଖୋର୍ଦ୍ଧା ବ୍ଲକ ଗୋଲବାଇ ଗ୍ରାମ ମଧ୍ୟକୁ ଗୁରୁବାର ସକାଳୁ ଏକ ଦନ୍ତା ପଶି ଆସି ଗୋଟିଏ ଘର ଆଗରେ ଥିବା କଦଳୀ ଗଛ ଖାଉଥିବାର ଦେଖିବାକୁ ମିଳିଥିଲା। ପରେ ଉକ୍ତ ହାତୀଟି ନିକଟସ୍ଥ ଜଙ୍ଗଲକୁ ପଳାଇଥିଲା।

## ମାନବାଧିକାର ଓ ଅହିଂସା ପ୍ରତିବାଦ ଅଧିକାର ସୁନିଶ୍ଚିତ କରନ୍ତୁ ସରକାର

ଭୁବନେଶ୍ୱର, (ସବ୍ୟୁ): ଗତ ଡିସେମ୍ବର ୧୦ ତାରିଖରେ ଆନ୍ତର୍ଜାତୀୟ ମାନବାଧିକାର ଦିବସ ଅବସରରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରାକୃତିକ ସମ୍ପଦର



ସୁରକ୍ଷା ପାଇଁ ଚାଲିଥିବା ଗଣତାନ୍ତ୍ରିକ ଆନ୍ଦୋଳନ ସମୟରେ ହେଉଥିବା ମାନବାଧିକାର ଓ ସାମ୍ବିଧାନିକ ଆଇନର ଉଲ୍ଲଙ୍ଘନ ସମ୍ପର୍କରେ ଲୋକଶକ୍ତି ଅଭିଯାନ ଏବଂ ସିଭିଲ ସୋସାଇଟି ଫୋରମ୍ ଫର୍ ହ୍ୟୁମାନ ରାଇଟ୍ସ ପକ୍ଷରୁ ଏକ ଜନ ଶୁଣାଣି ଆୟୋଜିତ ହୋଇଥିଲା। ଏହି ଜନଶୁଣାଣିରେ ୯ ଜଣ ବିଶିଷ୍ଟ ବ୍ୟକ୍ତି ତଥା ଜୁରୀ ସଦସ୍ୟମାନେ ଶୁଣାଣି କରିଥିଲେ। ଏହି ଜୁରୀ ସଦସ୍ୟଙ୍କ ଦ୍ୱାରା ପ୍ରସ୍ତୁତ ସମ୍ପୂର୍ଣ୍ଣ ରିପୋର୍ଟ ଗୁରୁବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କମିଟିର ଅଧ୍ୟକ୍ଷ ପ୍ରଫେସର ମନୋରଞ୍ଜନ ମହାନ୍ତି ଏବଂ ଅନ୍ୟାନ୍ୟ ସଦସ୍ୟ ଜଷ୍ଟିସ ମନୋରଞ୍ଜନ ମହାନ୍ତି, ପ୍ରଫେସର ଡ଼.ସୁମିତ୍ରା ପଟେଲ, ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ବରିଷ୍ଠ ସାମ୍ବାଦିକ ସୁଧୀର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଏହି ରିପୋର୍ଟକୁ ଲୋକାର୍ପିତ କରିଥିଲେ। ବିଶେଷ କରି ସୁନ୍ଦରଗଡ଼, ନବରଙ୍ଗପୁର, କେନ୍ଦୁଝର, କୋରାପୁଟ ଓ ରାୟଗଡ଼ାରେ ଶିଳ୍ପ, ଖଣି ଖନନ ଓ ବିଭିନ୍ନ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଲୋକଙ୍କ କଥା ଓ ବ୍ୟଥାକୁ ଉପସ୍ଥାପିତ କରାଯାଇଛି। ଜୁରୀ ସଦସ୍ୟ ମାନେ ଓଡ଼ିଶା ସରକାରଙ୍କୁ କରିଥିବା ପ୍ରମୁଖ ସୁପାରିଶ ମଧ୍ୟରେ ତୁରନ୍ତ ନ୍ୟାୟିକ ତଦନ୍ତ କରାଯାଉ। ସାଧୀନ ମନିଟରିଂ ପରିବେଶ ଏବଂ ସାମାଜିକ ପ୍ରଭାବ ଆକଳନ ର ଯାଞ୍ଚ ପାଇଁ ଏକ ସାଧୀନ ପ୍ୟାନେଲ ଗଠନ କରାଯାଉ। ଏଫଆରଏ ଏବଂ ପେସା କାର୍ଯ୍ୟକାରିତା ହେବ। ଗ୍ରାମ ସଭାର ପ୍ରକୃତ ସହମତି ବିନା ସମ୍ମତିରେ ଯେ କୌଣସି ପ୍ରକଳ୍ପକୁ ତୁରନ୍ତ ବନ୍ଦ କରାଯାଉ। ନାରାୟଣପାଟଣା ଜମି ଆନ୍ଦୋଳନ, ପୋସ୍କୋ ଜିନ୍ଦଲ ପ୍ରତିରୋଧ ଆନ୍ଦୋଳନ ବେଳେ ହଜାରରୁ ଉର୍ଦ୍ଧ ବ୍ୟକ୍ତିଙ୍କ ନାମରେ ଥିବା ପୋଲିସ ମାମଲା ଗୁଡ଼ିକୁ ସରକାର ପ୍ରତ୍ୟାହାର କରିବାକୁ ଅନୁରୋଧ କରାଯାଇଛି।

## ପିସିସି ସଭାପତିଙ୍କ ପଶ୍ଚିମ ଓଡିଶାର ୪ ଜିଲ୍ଲାରେ ପଦଯାତ୍ରା ଓ ଜନସଭା

ଭୁବନେଶ୍ୱର, (ସବ୍ୟୁ): ଆଗାମୀ ୧୭ ରୁ ୨୦ ଜାନୁଆରୀ ପିସିସି ସଭାପତି ଭକ୍ତ ଚରଣ ଦାସ ପଶ୍ଚିମ ଓଡିଶା ଗସ୍ତକରି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ୧୭ ରେ ଝାରସୁଗୁଡାଠାରେ ଦିନ ୧୧.୩୦ ରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ପଦଯାତ୍ରା କରିବେ। ଦିନ ୧ ଟାରେ ଏମସିଏଲ ଅଡିଟୋରିଅମଠାରେ ସଭାରେ ଯୋଗଦାନ ଏବଂ ଅପରାହ୍ନ ୪ ରେ ତାଳପଟିଆ ଗ୍ରାମ ପାଖ ଜାତୀୟ ରାଜପଥ ୪୯ କଡ଼ରେ ପ୍ରଦୂଷିତ ପାଉଁଶ ପୋଖରୀ ପରିଦର୍ଶନ କରିବେ। ୧୮ ଜାନୁଆରୀରେ ସୁନ୍ଦରଗଡ଼ ଜିଲ୍ଲା ଦେଇ ରାଉଲକେଲା ଯାତ୍ରା ପୂର୍ବାହ୍ନ ୧୦.୩୦ ରେ ସୁନ୍ଦରଗଡ଼,ତଳସରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କରମଡ଼ିହିଠାରେ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହ ପଥପ୍ରାନ୍ତ ସଭା। ଦିନ ୧୧ ଟାରୁ ୧୧.୩୦ ବରଗାଁ ଏବଂ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀ କୁତ୍ରାଠାରେ ଦଳୀୟ କାର୍ଯ୍ୟକର୍ତ୍ତା ସଭା ହେବ। ୧୮ ଜାନୁଆରୀ ପୂର୍ବାହ୍ନରେ ରାଉଲକେଲାରେ ମହାତ୍ମା ଗାନ୍ଧୀ, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ ଓ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲା ପରେ ୧୨.୪୫ ରେ ବିଶ୍ରା ଛକରୁ କଂଗ୍ରେସ ଭବନକୁ ପଦଯାତ୍ରା ଏବଂ ରାଉରକେଲା କଂଗ୍ରେସ ଭବନଠାରେ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା ଏବଂ ତୃଣମୂଳ ସ୍ତରର ବିଜେପି ବିଜେଡି କାର୍ଯ୍ୟକର୍ତ୍ତାଙ୍କ କଂଗ୍ରେସ ଦଳରେ ମିଶ୍ରଣ ପର୍ବରେ ଯୋଗଦାନ କରିବେ। ଅପରାହ୍ନ ୪ ଟାରେ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିବେ। ପରେ ଏକ ସର୍ବଦଳୀୟ ସଭାରେ ଯୋଗଦାନ କରି ରାଉଲକେଲା ବାଣିଜ୍ୟ ସଙ୍ଗଠନ ପକ୍ଷରୁ ଆୟୋଜିତ ସଭାରେ ବ୍ୟକ୍ତବ୍ୟ ପ୍ରଦାନ କରିବେ। ୧୯ ଜାନୁଆରୀ ସୁନ୍ଦରଗଡ଼ ଅଭିମୁଖେ ଯାତ୍ରା। ରାଜଗାଙ୍ଗପୁର କରମଡ଼ିହି, ସବଡ଼େଗା ଓ ସୁନ୍ଦରଗଡ଼ରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ୨୦ ଜାନୁଆରୀରେ ବରଗଡ଼ରେ ଏକ ବିଶାଳ ଚାଷୀ ସମାବେଶରେ ଯୋଗଦାନ କରିବେ।

## ସାଇବର ଅପରାଧ ବିରୋଧୀରେ ପୁରୀ ସାଇବର ଥାନାର ସଫଳତା

ପୁରୀ (ସବ୍ୟୁ): ଡିଜିଟାଲ୍ ଯୁଗରେ ବଢ଼ୁଥିବା ସାଇବର ଅପରାଧ, ଅନଲାଇନ୍ ଠକେଇ, ନକଲି ସୋସିଆଲ୍‌ମିଡିଆଆକାଉଣ୍ଟ, ନକଲି ୱେବସାଇଟ୍ ଓ ଭୁଲ୍ ମୋବାଇଲ୍ ନମ୍ବର ମାଧ୍ୟମରେ ହେଉଥିବା ଅପରାଧକୁ ରୋକିବା ନେଇ ପୁରୀ ପୋଲିସ ପକ୍ଷରୁ ବ୍ୟାପକ ପ୍ରୟାସ କରା ଯାଇଛି। ପୁରୀ ସାଇବର ଥାନା ଦ୍ୱାରା ୨୦୨୫ ବର୍ଷରେ ଏକ ଦୃଢ଼, ସକ୍ରିୟ ଓ ପ୍ରଭାବଶାଳୀ କାର୍ଯ୍ୟବାହୀ କରାଯାଇଛି। ଗତ ବର୍ଷ ପୁରୀ ସାଇବର ଥାନାରେ ସମୁଦାୟ ୩୧ ଗୋଟି ସାଇବର ସଂପର୍କିତ ମାମଲା ରୁଜୁ ହୋଇଛି। ସମସ୍ତ ମାମଲାକୁ ଗୁରୁତ୍ୱ ସହିତ ତଦନ୍ତ କରାଯାଇ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ଅଭିଯୁକ୍ତମାନେ ଅନଲାଇନ୍ ଆର୍ଥିକ ଠକେଇ, ଡିଜିଟାଲ୍ ଓ ନକଲି ପରିଚୟ ମାଧ୍ୟମରେ ଲୋକମାନଙ୍କୁ ଠକିବା ସହିତ ଜଡିତ ଥିବା ଜଣାପଡ଼ିଛି। ପୋଲିସ ପକ୍ଷରୁ ମୋଟ ୫୮.୪୦ କୋଟି ଟଙ୍କା ଫ୍ରିଜ କରାଯାଇଛି। ସାଇବର ଅପରାଧ ଦ୍ୱାରା ହେଉଥିବା ଆର୍ଥିକ କ୍ଷତିକୁ ରୋକିବା ପାଇଁ ପୁରୀ ସାଇବର ଥାନା ତ୍ୱରିତ ପଦକ୍ଷେପ ଗ୍ରହଣ କରିଛି। ବର୍ଷ ୨୦୨୫ ମସିହାରେ ମୋଟ ୫୮.୪୦ କୋଟି ଟଙ୍କା ରାଶିକୁ ହୋଲ୍ଡ କରି ସେଭ୍ କରାଯାଇଛି। ଅନେକ ନିର୍ଦ୍ଦୋଷ ନାଗରିକଙ୍କୁ ବଡ଼ ଆର୍ଥିକ କ୍ଷତିରୁ ରକ୍ଷା କରାଯାଇଛି। ନକଲି ସୋସିଆଲ୍ ମିଡିଆ, ୱେବସାଇଟ୍ ଓ ମୋବାଇଲ୍ ନମ୍ବର ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବକ ସାଇବର ଅପରାଧୀମାନଙ୍କ ନେଟୱାର୍କକୁ ଭାଙ୍ଗିବା ଉଦ୍ଦେଶ୍ୟରେ ପୁରୀ ସାଇବର ଥାନା ଦ୍ୱାରା ୨୩୦ ଟି ନକଲି / ଅପରାଧିକ ସୋସିଆଲ୍ ମିଡିଆ ଆକାଉଣ୍ଟ ବ୍ଲକ୍, ୭୦ ଟି ନକଲି ୱେବସାଇଟ୍ ବ୍ଲକ୍, ୬୪ ଟି ନକଲି ମୋବାଇଲ୍ ନମ୍ବର ବ୍ଲକ୍ କରାଯାଇଛି। ଏହା ଫଳରେ ଭବିଷ୍ୟତରେ ଅନେକ ସମ୍ଭାବ୍ୟ ସାଇବର ଠକେଇକୁ ଅଟକାଯିବା ସମ୍ଭବ ହୋଇ ପାରିଛି। ଏସ୍‌ପି ପୁରୀ ପ୍ରତୀକ ସିଂଙ୍କ ଜଣାଇଛନ୍ତି ଯେ "ସାଇବର ଅପରାଧ ପୋଲିସ ପାଇଁ ଏକ ଗମ୍ଭୀର ଚ୍ୟାଲେଞ୍ଜ। ପୁରୀ ପୋଲିସ ସାଧାରଣ ଜନତାଙ୍କ ଆର୍ଥିକ ଓ ଡିଜିଟାଲ୍ ସୁରକ୍ଷା ପାଇଁ ପୂର୍ଣ୍ଣ ଭାବେ ପ୍ରତିବଦ୍ଧ। ସାଇବର ଅପରାଧ ଘଟିଲେ ତୁରନ୍ତ ଅଭିଯୋଗ କଲେ ଟଙ୍କା ରିକଭରିର ସମ୍ଭାବନା ବଢ଼ିଥାଏ। ଲୋକମାନେ ସଚେତନ ରୁହନ୍ତୁ ଓ ସନ୍ଦିଗ୍ଧ ଲିଙ୍କ୍, କଲ୍ ଓ ଓଟିପି ଠାରୁ ଦୂରେଇ ରୁହନ୍ତୁ।" ଡିଜିଟାଲ୍ ଅପରାଧ ହେଲ୍ପଲାଇନ୍ ପୁରୀ ପୋଲିସ ସମସ୍ତ ନାଗରିକଙ୍କୁ ଅନୁରୋଧ କରୁଛି ଯେ କୌଣସି ପ୍ରକାର ଡିଜିଟାଲ୍ / ସାଇବର ଅପରାଧ ଘଟିଲେ ତୁରନ୍ତ ହେଲ୍ପଲାଇନ୍ ନମ୍ବର ୮୨୮୦୪୯୧୩୦୦ ରେ ସମ୍ପର୍କ କରନ୍ତୁ। ପୁରୀ ସାଇବର ଥାନା ଆଗାମୀ ଦିନରେ ମଧ୍ୟ ସାଇବର ଅପରାଧ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରଖି ପୁରୀ ଜିଲ୍ଲାକୁ ଏକ ସୁରକ୍ଷିତ ଡିଜିଟାଲ୍ ଜିଲ୍ଲା ଭାବେ ଗଢ଼ି ତୋଳିବାକୁ ପ୍ରତିବଦ୍ଧ।

## ଅନ୍ତଃରାଷ୍ଟ୍ରୀୟ ଶାସ୍ତ୍ରୀୟ ଏକକ ନୃତ୍ୟ ମହୋତ୍ସବ



ଭୁବନେଶ୍ୱର, (ସବ୍ୟୁ): ପ୍ରାଜ୍ଞା ନୃତ୍ୟାୟନ୍ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ଚତୁର୍ଥ ଏକମ୍ ' ଅନ୍ତଃରାଷ୍ଟ୍ରୀୟ ଶାସ୍ତ୍ରୀୟ ଏକକ ନୃତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପଦ୍ମଶ୍ରୀ ଓଡିଶୀ ଡ୍ୟାନ୍ସ ଗୁରୁ ଶ୍ରୀମତୀ କୁମୁକୁମୁ ମହାନ୍ତି, ଓଡିଶୀ ଡ୍ୟାନ୍ସ ଗୁରୁ ଶ୍ରୀମତୀ ନିତା ବହିଦାର, ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀର, ଓଡିଶୀ ଡାନ୍ସ ଗୁରୁ ଡ଼ ମନୋରଞ୍ଜନ ପ୍ରଧାନ, ପୂର୍ବତନ ଦୂରଦର୍ଶନ କେନ୍ଦ୍ର ନିର୍ଦ୍ଦେଶକ ଓ ଓଡିଶୀ ଡ୍ୟାନ୍ସ ଗୁରୁ ଶ୍ରୀମତୀ ଦୀପ୍ତି ମିଶ୍ର.ଓଡିଶୀ ଡ୍ୟାନ୍ସ ଗୁରୁ ବିଚିତ୍ରା ନନ୍ଦ ସ୍ୱାଇଁ, ଗୁରୁ ଶ୍ରୀମତୀ ସ୍ୱୟଂ ପ୍ରାଜ୍ଞା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ଗୁରୁ ଦୁର୍ଗାଚରଣ ରଣବୀରଙ୍କୁ " ଦିନେଶ ପ୍ରାଜ୍ଞା ସମ୍ମାନ" ରେ ଓ ଆଇନଜୀବି ସୁବାସ ଚନ୍ଦ୍ର ସାହୁଙ୍କୁ "ପ୍ରାଜ୍ଞା ସନାତନ ସମ୍ମାନ" ରେ ସମ୍ମାନିତ କରାଯାଇଥିଲା। ଏହି ନୃତ୍ୟ ମୋହତ୍ସବ ରେ ପ୍ରାଜ୍ଞା ନୃତ୍ୟାୟନ୍ ର ୪୦ ଜଣ ନୃତ୍ୟ ଶିଳ୍ପୀ ଏକକ ନୃତ୍ୟ ପରବେଷଣ କରିଥିଲେ। ଏବଂ ସେମାନଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଏହା ସହିତ ଭାରତର କୋଣ ଅନୁକୋଣରୁ ଆସିଥିବା ୧୭ ଜଣ ନୃତ୍ୟ ଶିଳ୍ପୀଙ୍କୁ "ଏକମ୍ର ନୃତ୍ୟସମ୍ମାନ ରେ ସମ୍ମାନିତ କରାଯାଇଥିଲା

## ନୁଭୋକୋ କଂକ୍ରିଟୋ ଟ୍ରାଇ ସିଲ୍ଡର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ) : ଭିଷ୍ଟାସ୍ କର୍ପୋରେସନ୍ ଲିମିଟେଡ୍ ପକ୍ଷରୁ ନୁଭୋକୋ କଂକ୍ରିଟୋ ଟ୍ରାଇ ସିଲ୍ଡର ଶୁଭାରମ୍ଭ କରାଯାଇଛି। ଏହା ଏକ ଉନ୍ନତ ମାନର ରେଡି-ମିକ୍ସ କଂକ୍ରିଟ୍, ଯାହା ନିର୍ମାଣକୁ ଅଧିକ ମଜଭୁତ ଏବଂ ଦୀର୍ଘସ୍ଥାୟୀ କରିବା ପାଇଁ ତିଆରି ହୋଇଛି। ନୁଭୋକୋର ଏହି ବିଶେଷ 'ଥ୍ରୀ-ଇନ୍-ୱାନ୍' ସମାଧାନ ଘରକୁ ବାହାରର ଖରାପ ପାଗ ଓ ପରିବେଶର ପ୍ରଭାବରୁ ସମ୍ପୂର୍ଣ୍ଣ ସୁରକ୍ଷା ଦିଏ, ଯାହାଫଳରେ ଆପଣଙ୍କ ଘର ବହୁ ବର୍ଷ ଯାଏଁ ସୁରକ୍ଷିତ ରହେ। ନୁଭୋକୋ ଭିଷ୍ଟାସ୍ କର୍ପୋରେସନ୍ ଲିମିଟେଡ୍‌ର ମାର୍କେଟିଂ ମୁଖ୍ୟ ଚିରାଗ ଶାହ କହିଛନ୍ତି, "ନୁଭୋକୋ କଂକ୍ରିଟୋ ଟ୍ରାଇ ସିଲ୍ଡ ଗ୍ରାହକମାନଙ୍କୁ ନୂତନ ଜ୍ଞାନକୌଶଳ ମାଧ୍ୟମରେ ସର୍ବୋତମ ସୁରକ୍ଷା ଦେବା ପାଇଁ ଆମର ଏକ ପ୍ରୟାସ। ଆଜିକାଲି ଘର ବା କୋଠା ଶୀଘ୍ର ନଷ୍ଟ ହୋଇଯିବା ଏକ ବଡ଼ ଚିନ୍ତା। ଏହାର ସମାଧାନ ପାଇଁ ଆମେ 'ଟ୍ରାଇ ସିଲ୍ଡ' ଫର୍ମୁଲା ବ୍ୟବହାର କରିଛୁ, ଯାହା ନିର୍ମାଣର ଆୟୁଷ ବଢ଼ାଏ ଏବଂ ବାରମ୍ବାର ମରାମତି କରିବା ଖର୍ଚ୍ଚରୁ ରକ୍ଷା କରେ। ଏହା ବିଶେଷ କରି ବାଣିଜ୍ୟିକ କୋଠା, ହୋଟେଲ, ହସ୍ପିଟାଲ ଏବଂ ଶିକ୍ଷାନୁଷ୍ଠାନ ପାଇଁ ଅତି ଉତମ। ଏହି ଉତ୍ପାଦ ଗ୍ରାହକଙ୍କୁ ଏକ ମଜଭୁତ ଏବଂ ନିର୍ଭରଯୋଗ୍ୟ ସମାଧାନ ଦେବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରମାଣିତ କରେ।' ଏହି ଉତ୍ପାଦଟି ବିଶେଷ କରି ସେହି ସ୍ଥାନ ପାଇଁ ତିଆରି ହୋଇଛି, ଯେଉଁଠି ଖରାପ ପାଣି ଏବଂ ପରିବେଶ ଯୋଗୁଁ ଘର ଶୀଘ୍ର ନଷ୍ଟ ହୋଇଯାଏ। ଏହା ସମୁଦ୍ର କୂଳିଆ ଅଂଳର ଲୁଣା ପବନ, ବୋରେୱେଲ୍ ପାଣିର କ୍ଲୋରାଇଡ୍, ସହରର ପ୍ରଦୂଷଣ ଏବଂ ମାଟିତଳେ ଥିବା କ୍ଷତିକାରକ କେମିକାଲରୁ ଘରକୁ ରକ୍ଷା କରେ। ଏହି ସବୁ କାରଣ ଯୋଗୁଁ ସାଧାରଣତଃ ସିମେଂଟ ବା କଂକ୍ରିଟ୍ ଖାଇଯାଏ, କିନ୍ତୁ ଏହି ଉତ୍ପାଦ ଘରର ମଜଭୁତିକୁ ବହୁ ବର୍ଷ ଯାଏଁ ଅତୁଟ ରଖେ।

## ସେବା କ୍ଷେତ୍ରରେ ଉଦାହରଣ ସୃଷ୍ଟି କଲେ ପାରଳାଖେମୁଣ୍ଡି ବିଧାୟକ

ଭୁବନେଶ୍ୱର (ସବ୍ୟୁ): ପାରଳାଖେମୁଣ୍ଡିରେ ଯୁବ



ବିଧାୟକଙ୍କର କର୍ତ୍ତବ୍ୟ ନିଷ୍ଠା ଏବଂ ନିରନ୍ତର ଲୋକମାନଙ୍କ ସଂସ୍ପର୍ଶରେ ଆସି ଏକ ସ୍ୱତନ୍ତ୍ର ଭୂମିକା ନିର୍ବାହ କରୁଥିବାବେଳେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ ସମୟରେ ଅନେକ ଦିନରୁ ବିପର୍ଯ୍ୟସ୍ତ ଅବସ୍ଥାରେ ଅକାମୀ ହୋଇ ପଡି ରହିଥିବା ୬୦ଟି ଅକ୍ସିଜେନ୍ ପ୍ଲାଣ୍ଟ ଦେଖିବାକୁ ପାଇଥିଲେ। ନିଜସ୍ୱ ୫ଲକ୍ଷ ଟଙ୍କା ଖର୍ଚ୍ଚରେ ଏହାକୁ ପୁନରୁଦ୍ଧାର କରି ପୁଣି ଚଳଚଞ୍ଚଳ କରାଇଛନ୍ତି। ଏହା ଦ୍ୱାରା ଶତାଧିକ ରୋଗୀ ବାହାରକୁ ଯାଇ ଚିକିତ୍ସିତ ହେଉଥିବାର ଖବର ପାଇ ଦୁଃଖ ପ୍ରକାଶ କରି ନିଜେ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଏଥି ପାଇଁ ଜିଲ୍ଲା ଚିକିତ୍ସା ମୁଖ୍ୟ ଅଧିକାରୀ ଏବଂ ଚିକିତ୍ସାଳୟର କର୍ତ୍ତୃପକ୍ଷମାନେ ବିଧାୟକଙ୍କୁ ଖୁବ୍ ଅନୁରୋଧ କରିଥିଲେ। କାରଣ ଏଠାରେ କୁହାଯାଇପାରେ କି, ବିଧାୟକ ଙ୍କ ରୂପେଶ କୁମାର ପାଣିଗ୍ରାହୀଙ୍କର ତିନି ତିନୋଟି ମେଡିକାଲ କଲେଜ ଏବଂ ଚିକିତ୍ସାକ୍ଷେତ୍ରରେ ଅନେକ ଦକ୍ଷତା ଥିବାର ପରିପ୍ରକାଶ ପାଏ। ତେଣୁ ଏହାର ସାହାଯ୍ୟ ସହଯୋଗ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଚିକିତ୍ସାଳୟର କର୍ତ୍ତୃପକ୍ଷ ଅନୁରୋଧ କରିବାରୁ ବିଧାୟକ ଏହାର ମରାମତି କରି ବୁଦ୍ଧିଜିବୀ ମହଲରେ ଅନେକ ପ୍ରଶଂସାର ପାତ୍ର ହେବା ସହିତ ରୋଗୀଙ୍କ ମୁହଁରେ ହସ ଫୁଟାଇଛନ୍ତି।

## ସଂରକ୍ଷିତ ବର୍ଗ, ଅଣସଂରକ୍ଷିତ ବର୍ଗରେ ବୟସ ସୀମାର କୋହଳ ସୁବିଧା ପାଇବେନି

କଟକ, (ସବ୍ୟୁ): ସଂରକ୍ଷିତ ବର୍ଗର ପ୍ରାର୍ଥୀ ଅଣସଂରକ୍ଷିତ ବର୍ଗରେ ବୟସ ସୀମାକୁ ନେଇ ଥିବା କୋହଳ ସୁବିଧା ପାଇପାରିବେ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି। ସଂରକ୍ଷିତ ବର୍ଗର ପ୍ରାର୍ଥୀ ଅଣସଂରକ୍ଷିତ ପଦରେ ନିଯୁକ୍ତି ପାଇବାକୁ ହେଲେ ବା ସେହି ପଦରେ କୌଣସି ସୁବିଧା ନେବାକୁ ହେଲେ ଏଥିପାଇଁ ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ ଉଲ୍ଲେଖ ହୋଇଥିବା ଆବଶ୍ୟକ। ନଚେତ୍ ଏହି ସୁବିଧା ଜଣେ ସଂରକ୍ଷିତ ବର୍ଗର ପ୍ରାର୍ଥୀଙ୍କୁ ମିଳିପାରିବ ନାହିଁ ବୋଲି ହାଇକୋର୍ଟ ଆବେଦନକାରୀଙ୍କ ପିଟିସନ୍‌କୁ ଖାରଜ କରିବା ଅବସରରେ ସ୍ପଷ୍ଟ କରିଛନ୍ତି। ନିତାଶ କୁମାର ଦାସଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ପରିପ୍ରେକ୍ଷୀରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଏହି ରାୟ ଦେଇଛନ୍ତି। ନିତାଶ କୁମାର ଦାସ ନାମକ ଜଣେ ପ୍ରାର୍ଥୀ ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେସନ୍ ଲିମିଟେଡ୍ (ଓଏଚପିସି)ର ପ୍ରକାଶିତ ବିଜ୍ଞାପନ ଅନୁସାରେ 'ମ୍ୟାନେଜମେଣ୍ଟ ଟ୍ରେନି (ଏଚଆର)' ପଦ ପାଇଁ ଆବେଦନ କରିଥିଲେ। ଉକ୍ତ ବିଜ୍ଞାପନରେ ଏହି ପଦ ପାଇଁ ଅସଂରକ୍ଷଣ ଓ ଏସଟି ବର୍ଗରେ ନିଯୁକ୍ତି ପାଇଁ ପଦ ରହିଥିଲା। କିନ୍ତୁ ଏସଇବିସି ବର୍ଗ ପାଇଁ କୌଣସି ପଦ ନିର୍ଦ୍ଧାରିତ ହୋଇନଥିଲା।

## ଖୋର୍ଦ୍ଧାରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗଙ୍କ ଜନ ଶୁଣାଣି ଶିବିର ଏବଂ କ୍ୟାମ୍ପ କୋର୍ଟ

ଖୋର୍ଦ୍ଧା, (ସବ୍ୟୁ): ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ଓ ସୁରକ୍ଷା ଆୟୋଗଙ୍କ ଜନ ଶୁଣାଣି ଶିବିର ଜିଲ୍ଲାପାଳଙ୍କ ଜୟୀରାଜଗୁରୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଅଛି। ଏହି ଶିବିରରେ ଆୟୋଗ ର ଅଧ୍ୟକ୍ଷା ବବିତା ପାତ୍ର, ସଭ୍ୟା କସ୍ତୁରୀ ମିଶ୍ର ଏବଂ ସଭ୍ୟା ଚନ୍ଦନା ଦାସ ପ୍ରମୁଖ ଉପସ୍ଥିତ ରହି ଶିଶୁ ସୁରକ୍ଷା ସମ୍ପର୍କିତ ଅଭିଯୋଗର ଜନ ଶୁଣାଣି କରିଥିଲେ। ଏହି ଶିବିରରେ ୪୮ ଗୋଟି ଅଭିଯୋଗ ଗ୍ରହଣ କରାଯାଇଅଛି। ତନ୍ମଧ୍ୟରୁ ଗୋଟିଏ ଶିଶୁ ଚାଲାଣ, ୨ଗୋଟି ଯୌନ ଉତ୍ପିଡନ, ୧୧ ଗୋଟି ଆଧାର କାର୍ଡ, ୨ଗୋଟି ଭିନକ୍ଷମ ଭତା, ୨ ଗୋଟି ଜନ୍ମ ପ୍ରମାଣ ପତ୍ର, ନିଶା ନିବାରଣ ୧ଗୋଟି ଏବଂ ୨୯ ଗୋଟି ଆର୍ଥିକ ସହାୟତା ନିମନ୍ତେ ଗ୍ରହଣ କରାଯାଇ ଯଥା ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଛି। ଅପରାହ୍ନ ରେ କ୍ୟାମ୍ପ କୋର୍ଟ ମାଧ୍ୟମରେ ୨୦ ଗୋଟି ଶିକ୍ଷା ଅଧିକାର ଉଲଙ୍ଘନ ଅଭିଯୋଗର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଅଛି। ଏହି ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ପରିଚାଳନା କରିଥିଲେ। ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସମସ୍ତ କର୍ମକର୍ତ୍ତା ମାନେ ପରିଚାଳନାରେ ସହଯୋଗ କରିଥିଲେ।

## ୧.୧ ବିଲିୟନ ଆମେରିକୀୟ ଡଲାର ଉଦ୍ୟୋଗରେ ପରିଣତ ହୋଇଛି ସୋନାଲିକା

ଭୁବନେଶ୍ୱର, (ସବ୍ୟୁ): ଭାରତର ସବୁଠାରୁ ପ୍ରତିଷ୍ଠିତ କୃଷି ବ୍ରାଣ୍ଡ ମଧ୍ୟରୁ ଅନ୍ୟତମ ସୋନାଲିକା ଟ୍ରାକ୍ଟର, ଚାଷୀଙ୍କ ସହିତ ୩୦ ବର୍ଷର ବିଶ୍ୱସ୍ତ ସହଭାଗୀତାର ପାଳନ କରୁଛି। ତିନି ଦଶନ୍ଧି ପୂର୍ବେ ପଞ୍ଜାବର ହୋସିଆରପୁରରେ ଆରମ୍ଭ ହୋଇଥିବା ଏହି କମ୍ପାନୀ ଆଜି ୧.୧ ବିଲିୟନ ଆମେରିକୀୟ ଡଲାରର ବିଶ୍ୱ ଟ୍ରାକ୍ଟର ଉଦ୍ୟୋଗରେ ପରିଣତ ହୋଇଛି, ଯାହା ଫର୍ଚୁନ୍ ୫୦୦ ଭାରତର ସର୍ବବୃହତ କମ୍ପାନୀ ତାଲିକାରେ ସ୍ଥାନ ପାଇଛି। ସୋନାଲିକା ବର୍ତ୍ତମାନ ଭାରତର ନମ୍ବର ୧ ଟ୍ରାକ୍ଟର ରପ୍ତାନି ବ୍ରାଣ୍ଡ, ଭାରତରେ ତୃତୀୟ ବୃହତମ ଟ୍ରାକ୍ଟର ନିର୍ମାତା, ବିଶ୍ୱର ସର୍ବବୃହତ ଟ୍ରାକ୍ଟର ବଜାର ଏବଂ ବିଶ୍ୱ ସ୍ତରରେ ୫ମ ବୃହତମ ଟ୍ରାକ୍ଟର ବ୍ରାଣ୍ଡ ଭାବରେ ଠିଆ ହୋଇଛି। ସୋନାଲିକାର ଅଧ୍ୟକ୍ଷ ଏଲ୍.ଡି. ମିତଲଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି କମ୍ପାନୀ ଏକ ସରଳ କିନ୍ତୁ ଶକ୍ତିଶାଳୀ ବିଶ୍ୱାସ 'ଜିତନେକା ଦମ୍' ଉପରେ ନିର୍ମିତ ହୋଇଥିଲା ଯେ ଭାରତୀୟ ଚାଷୀମାନେ ଅଧିକ ଶକ୍ତି, ନିର୍ଭରଯୋଗ୍ୟତା, ମର୍ଯ୍ୟାଦା ଏବଂ ଅଂଚଳ-ନିର୍ଦ୍ଦିଷ୍ଟ ପ୍ରଯୁକ୍ତିବିଦ୍ୟା ପାଇବାକୁ ଯୋଗ୍ୟ। ତାଙ୍କ ପୁଅ ଡକ୍ଟର ଏ.ଏସ୍. ମିତଲ (ଉପସଭାପତି) ଏବଂ ଡକ୍ଟର ଦୀପକ ମିତଲ (ପରିଚାଳନା ନିର୍ଦ୍ଦେଶକ)ଙ୍କ ସହିତ, ସୋନାଲିକାରେ ଏକ କୃଷକ-ପ୍ରଥମ ପଦ୍ଧତି ଗ୍ରହଣ କରିଥିଲେ। ଉନ୍ନତ ଗବେଷଣା ଏବଂ ବିକାଶ କେନ୍ଦ୍ରର



ଅଭାବ ସତ୍ତ୍ୱେ, କମ୍ପାନୀ ଏକ ସାହସିକ ପ୍ରତିବଦ୍ଧତା କରିଥିଲା ଯେ ଟ୍ରାକ୍ଟରଗୁଡ଼ିକୁ ଭାରତର ବିବିଧ ଫସଲ, ମାଟି ଏବଂ ଅଂଚଳିକ ଆବଶ୍ୟକତା ଅନୁସାରେ ପ୍ରସ୍ତୁତ କରାଯିବ। ଏହି କୃଷକ-ପ୍ରଥମ ଦର୍ଶନ ଏବଂ ଋଣମୁକ୍ତ ରହିବାର ଏକ ଶୃଙ୍ଖଳିତ ନିଷ୍ପତି ସୋନାଲିକାର ଡିଏନଏକୁ ଗଢ଼ି ତୋଳିଥିଲା। ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି, ସୋନାଲିକା ଏହାର ହୋସିଆରପୁର ପ୍ଲାଂଟର ପ୍ରାରମ୍ଭିକ ଉତ୍ପାଦନ କ୍ଷମତାକୁ ବାର୍ଷିକ ୫୦,୦୦୦ ଟ୍ରାକ୍ଟର ୟୁନିଟ୍ ରୁ ୧ ଲକ୍ଷ ଟ୍ରାକ୍ଟର ୟୁନିଟ୍ କୁ ବୃଦ୍ଧି କରିଛି। ଆଜି, ସୋନାଲିକା ୨୦-୧୨୦ ଏଚପିରେ ୨,୦୦୦ ରୁ ଅଧିକ ମଡେଲ୍ ବିକଶିତ କରୁଛି, ଯାହା ଘରୋଇ ଏବଂ ବିଶ୍ୱ ବଜାର ଉଭୟକୁ ପୂରଣ କରୁଛି। କମ୍ପାନୀ ହୋସିଆରପୁର ଚାରିପାଖରେ ଏକ ସମୃଦ୍ଧ ଏମଏସଏମଇ ଇକୋସିଷ୍ଟମକୁ ମଧ୍ୟ ପୋଷଣ କରିଛି, ଯାହା ବଡ଼ ପରିମାଣରେ ନିଯୁକ୍ତି ସୃଷ୍ଟି କରୁଛି ଏବଂ ଏକ ବିଶ୍ୱସ୍ତରୀୟ ଶିଳ୍ପ ହବ୍ ସୃଷ୍ଟି କରିଛି। ଆଜି ସୋନାଲିକା ରପ୍ତାନିରେ ଏକ ଅଦ୍ୱିତୀୟ ୩୦% ବଜାର ଅଂଶୀଦାର ଅଟେ।

## ବଜାଜ୍ ଜେନେରାଲ୍ ଇନସ୍ୟୁରାନ୍ସ ଦ୍ୱାରା ଫେଟାଲ୍ ଫ୍ଲୋରିଶର ଶୁଭାରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଭାରତର ଅନ୍ୟତମ ଅଗ୍ରଣୀ ପ୍ରାଇଭେଟ୍ ଜେନେରାଲ୍ ଇନସ୍ୟୁରାନ୍ସ କମ୍ପାନୀ ବଜାଜ୍ ଜେନେରାଲ୍ ଇନସ୍ୟୁରାନ୍ସ ଲିମିଟେଡ୍ ଆଜି ଫେଟାଲ୍ ଫ୍ଲୋରିଶ୍ ଆରମ୍ଭ କରିଛି। ଏହା ଫେଟାଲ୍ ହେଲ୍ଥ ପାଇଁ ବିଶେଷ ଭାବରେ ପ୍ରସ୍ତୁତ କରାଯାଇଥିବା ଏକ ଅଗ୍ରଣୀ ଇନସ୍ୟୁରାନ୍ସ ରାଇଡର୍ ଅଟେ। ଏହି ଅନନ୍ୟ ସମାଧାନ ଉନ୍ନତ ଇନ୍-ୟୁଟେରୋ ପ୍ରକ୍ରିୟା ଏବଂ ଉଚ୍ଚ-ବିପଦପୂର୍ଣ୍ଣ ଗର୍ଭାବସ୍ଥା ପାଇଁ ଆର୍ଥିକ ସହାୟତା ପ୍ରଦାନ କରେ, ଯାହା ଏପର୍ଯ୍ୟନ୍ତ ପାରମ୍ପରିକ ମାଟର୍ନିଟି ଇନସ୍ୟୁରାନ୍ସର ପରିସର ବାହାରେ ରହିଥିଲା। ଏହି ରାଇଡରଟି କମ୍ପାନୀର ଫ୍ଲାଗଶିପ୍ ପ୍ରୋଡକ୍ଟ,ମାଇଁ ହେଲ୍ଥ କେୟାର ପ୍ଲାନ୍ ଏବଂ ହେଲ୍ଥ ଗାର୍ଡ ସହିତ ପ୍ରଦାନ କରାଯାଏ।

ଫେଟାଲ୍ ଫ୍ଲୋରିଶ୍ ପ୍ରିନାଟାଲ୍ କେୟାର୍ ରେ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ପୂରଣ କରିବା ପାଇଁ ଚିକିତ୍ସା ବିଶେଷଜ୍ଞତା ଏବଂ ଇନସ୍ୟୁରାନ୍ସ ଡିଜାଇନକୁ ଏକା ସହିତ ଆଣିଥାଏ। ମାଟର୍ନିଟି ପ୍ରୋଡକ୍ଟ ପାରମ୍ପରିକ ଭାବରେ ପ୍ରସବ ଏବଂ ପ୍ରସବ ପରବର୍ତ୍ତୀ ଚିକିତ୍ସା ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବା ବେଳେ ଏହି ରାଇଡରଟି ସବୁଠାରୁ ସମ୍ବେଦନଶୀଳ ଅବସ୍ଥାରେ ଗର୍ଭରେ ବଢ଼ୁଥିବା ଶିଶୁର ସୁରକ୍ଷା ଉପରେ ଧ୍ୟାନ ଦିଏ। ଗର୍ଭାବସ୍ଥା ଏବଂ ଭ୍ରୁଣର ବିକାଶ ସମୟରେ ଆବଶ୍ୟକୀୟ ସହାୟତା ପ୍ରଦାନ ରିପୋର୍ଟ ଅନୁଯାୟୀ, ଭାରତରେ ପ୍ରାୟ ୧୭% ମହିଳା ୩୫ ବର୍ଷ ବୟସ ପରେ ସନ୍ତାନ ଜନ୍ମ ଦେଉଥିବାରୁ ଗର୍ଭାବସ୍ଥା ସମ୍ବନ୍ଧିତ ଜଟିଳତା ବୃଦ୍ଧି ପାଉଛି। ଏହା ସହିତ, ଆମନିଓସେଂଟେସିସ୍, ଫେଟାଲ୍ ରିଡକ୍ସନ୍, ଫିଟୋସ୍କୋପିକ୍ ଲେଜର ସର୍ଜରୀ ଏବଂ ଇଂଟ୍ରାୟୁଟେରାଇନ୍ ଟ୍ରାନ୍ସଫ୍ୟୁଜନ୍ ପରି ପ୍ରକ୍ରିୟାଗୁଡ଼ିକ ଅଧିକ ବିପଦଜନକ ସମସ୍ୟାଗୁଡ଼ିକର ନିରାକରଣ ପାଇଁ ଅତ୍ୟାବଶ୍ୟକ ହୋଇପଡ଼ିଛି। ଏପର୍ଯ୍ୟନ୍ତ, ଏକ ସମର୍ପିତ ଇନସ୍ୟୁରାନ୍ସ ପ୍ରୋଡକ୍ଟ ନ ଥିବା କାରଣରୁ ପରିବାରମାନେ ପ୍ରାୟତଃ ଏହିସବୁ ଚିକିତ୍ସା ପାଇଁ ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରୁଥିଲେ।

## ଗ୍ରୀନଲାଣ୍ଡ,ଇରାନ ପ୍ରସଙ୍ଗରେ ଆଲୋଚନା ପାଇଁ ଜରୁରୀ ବୈଠକ



**ପ୍ୟାରିସ:** ଗ୍ରିନଲାଣ୍ଡ ଅଧିଗ୍ରହଣ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଉଦ୍ଦେଶ୍ୟ ଏବଂ ଇରାନରେ ଦେଶବ୍ୟାପୀ ବିକ୍ଷୋଭ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଉପରେ ଆଲୋଚନା କରିବା ପାଇଁ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ୍ ଗୁରୁବାର ପ୍ୟାରିସରେ ଏକ ଜରୁରିକାଳୀନ ପ୍ରତିରକ୍ଷା କ୍ୟାବିନେଟ୍ ବୈଠକ ଡକାଇଛନ୍ତି। ଏକ୍ସରେ ଏକ ବାର୍ତ୍ତାରେ ମାକ୍ରୋନ୍ କହିଛନ୍ତି ଯେ, ଫ୍ରାନ୍ସର ସାମରିକ କର୍ମଚାରୀଙ୍କ ଏକ ପ୍ରଥମ ଦଳ ଡେନମାର୍କ ଓ ଗ୍ରିନଲାଣ୍ଡ ଦ୍ୱାରା ଆୟୋଜିତ ଏକ ଅଭ୍ୟାସରେ ଅଂଶଗ୍ରହଣ କରିବାକୁ ଗ୍ରିନଲାଣ୍ଡ ଅଭିମୁଖେ ଯାଉଛନ୍ତି।

ଜର୍ମାନୀ, ନରୱେ ଓ ସ୍ୱିଡେନ୍ ସମେତ ସହଯୋଗୀ ଦେଶମାନେ କୋପେନହେଗେନ୍ ଓ ନୁକ୍କୁ ସମର୍ଥନ ପ୍ରଦର୍ଶନ କରି ଗ୍ରିନଲାଣ୍ଡରେ ସୈନ୍ୟ ମୁତୟନ କରିବା ଆରମ୍ଭ କରିଛନ୍ତି। ମାକ୍ରୋନ୍ ତାଙ୍କ ଏକ୍ସ ପୋଷ୍ଟରେ କହିଛନ୍ତି, ଡେନମାର୍କର ଅନୁରୋଧ କ୍ରମେ ମୁଁ ନିଷ୍ପତ୍ତି ନେଇଛି ଯେ, ଗ୍ରିନଲାଣ୍ଡରେ ଡେନମାର୍କ ଦ୍ୱାରା ଆୟୋଜିତ ମିଳିତ ସମରାଭ୍ୟାସରେ ଫ୍ରାନ୍ସ ଅଂଶଗ୍ରହଣ କରିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରିନଲାଣ୍ଡ ଦଖଲ କରିବାକୁ ଚାହୁଁଥିବା ବେଳେ ସହଯୋଗୀ ରାଷ୍ଟ୍ରଗୁଡ଼ିକଠାରୁ ମଧ ବିରୋଧର ସମ୍ମୁଖୀନ ହେବା ଦେଖାଯାଉଛି।

## ସୁପ୍ରିମକୋର୍ଟଙ୍କ ରାୟ ଟାଇଗର ଗ୍ଲୋବାଲ୍ ଗଣିବ

**ନୂଆଦିଲ୍ଲୀ:** ପୁଞ୍ଜିଲାଭ ଟିକସ ମାମଲାରେ ଆମେରିକୀୟ କମ୍ପାନି ଟାଇଗର ଗ୍ଲୋବାଲ୍କୁ ଆଜି ଶକ୍ତ ଧକ୍କା ଲାଗିଛି। ଫ୍ଲିପକାର୍ଟରେ ଥିବା ଅଂଶଧନକୁ ୧.୬ ବିଲିଅନ ଡଲାର ମୂଲ୍ୟରେ ୱାଲମାର୍ଟକୁ ଟାଇଗର ଗ୍ଲୋବାଲ ୨୦୧୮ ମସିହାରେ ବିକ୍ରି କରିଥିଲା। ଏ ବାବଦରେ ହୋଇଥିବା ପୁଞ୍ଜି ଲାଭ ଉପରେ ଟାଇଗର ଗ୍ଲୋବାଲ୍ ଭାରତରେ ନିଶ୍ଚିତ ଟିକସ ପ୍ରଦାନ କରିବ। ସୁପ୍ରିମକୋର୍ଟ ଆଜି ଏହି ରାୟ ପ୍ରଦାନ କରିଛନ୍ତି। ଆଜିର ଏହି ରାୟ ଆୟକର ବିଭାଗ ପାଇଁ ଏକ ବଡ଼ ବିଜୟ ଆଣିଛି। ଏଥିସହିତ ଅନ୍ତର୍ଜାତୀୟ ଟିକସ ରାଜିନାମାକୁ ନେଇ ଦୀର୍ଘଦିନ ହେଲା ଚାଲିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିଛି।

ସୁପ୍ରିମକୋର୍ଟ କହିଛନ୍ତି ଯେ ଭାରତ-ମରିସସ୍ ଟିକସ ରାଜିନାମା ଅଧୀନରେ ଟାଇଗର ଗ୍ଲୋବାଲ୍ ଟିକସ ଛାଡ଼ ଦାବି କରି ପାରିବ ନାହିଁ। ଉକ୍ତ କାରବାର ପାଇଁ ଗଠନ କରାଯାଇଥିବା ଢାଞ୍ଚା ଭାରତରେ ଟିକସ ଏଡ଼ାଇବା ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ୨୦୧୮ ମସିହାର ଅଂଶଧନ ବିକ୍ରି ବେଳେ ହୋଇଥିବା ପୁଞ୍ଜିଲାଭ ଭାରତରେ ଟିକସଯୋଗ୍ୟ। ଗୋଟିଏ ଦେଶ ଭିତରେ ଟିକସଯୋଗ୍ୟ ଆୟ ଉପରେ ଟିକସ ଲଗାଇବା ଅଧିକାର ସେହି ଦେଶର ରହିଛି। ତେଣୁ ଫ୍ଲିପକାର୍ଟର ଅଂଶଧନ ବିକ୍ରି ସମୟରେ ଟାଇଗର ଗ୍ଲୋବାଲ କରିଥିବା ପୁଞ୍ଜି ଲାଭ ଉପରେ ଏହି ସଂସ୍ଥା ଟିକସ ଦେବ। ଭାରତ ବାହାରେ ଏହି କାରବାର ଉପରେ ଟିକସ ଆଦାୟ ହେବା ଉଚିତ ବୋଲି ଟାଇଗର ଗ୍ଲୋବାଲ ପକ୍ଷରୁ କରାଯାଇଥିବା ଦାବିକୁ ସୁପ୍ରିମକୋର୍ଟ ଗ୍ରହଣ କରି ନଥିଲେ।

ସୁପ୍ରିମକୋର୍ଟଙ୍କ ଏହି ରାୟ ସୀମା ପାର ଆର୍ଥିକ କାରବାର ଉପରେ ଭାରତ ସରକାରଙ୍କ ଟିକସ ଲଗାଇବା ଅଧିକାରକୁ ଦୃଢ଼ କରିଛି। ଟିକସ ଅଧିକାରୀମାନେ ଦର୍ଶାଇଛନ୍ତି ଯେ ଚୁକ୍ତି ସୁବିଧାକୁ ଟିକସ ରିହାତି କ୍ଷେତ୍ରରେ ଅପବ୍ୟବହାର କରାଯିବା ଉଚିତ ନୁହେଁ। ବିଶେଷକରି ଭାରତୀୟ କମ୍ପାନିଙ୍କୁ ନେଇ ହେଉଥିବା ବଡ଼ କାରବାର କ୍ଷେତ୍ରରେ ଏପରି ହେବା ଉଚିତ ନୁହେଁ। ବିଚାରପତି ଜେବି ପାର୍ଦିୱାଲା ଏବଂ ବିଚାରପତି ଆର୍ ମହାଦେବନଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଭାରତ-ମରିସସ ଦ୍ୱୈତ ଟିକସ ଏଡ଼ାଇବା ରାଜିନାମା ଜରିଆରେ ଆମେରିକୀୟ କମ୍ପାନି ଟାଇଗର ଗ୍ଲୋବାଲ୍ ଉକ୍ତ କାରବାର କରିଥିବା ଦର୍ଶାଇବା ସହ ଟିକସ ରିହାତି ଦାବି କରି ଆସୁଥିଲା।


## ସତ ମାନିଲା ଲସ୍କର ମୁଖ୍ୟ କମାଣ୍ଡର: 'ଅପରେସନ୍ ସିନ୍ଦୁର ଥିଲା ବଡ଼ ଆକ୍ରମଣ

**ଇସଲାମାବାଦ:** ପାକିସ୍ତାନର ସବୁଠାରୁ ବଡ଼ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବା ଏବେ ସ୍ୱୀକାର କରିଛି ଯେ ଭାରତର "ଅପରେସନ୍ ସିନ୍ଦୁର" ସବୁଠାରୁ ବଡ଼ ଆକ୍ରମଣ ଥିଲା । ଲସ୍କର-ଏ-ତୈବାର ଶୀର୍ଷ କମାଣ୍ଡର ହାଫିଜ୍ ଅବଦୁଲ ରଉଫ୍ ମୁରିଦକେ ସ୍ଥିତ ମର୍କଜ-ଏ-ତୈବାରେ ୨୯ତମ ସମାବର୍ତ୍ତନ ଉତ୍ସବରେ ଭାରତର ଅପରେସନ ସିନ୍ଦୁରକୁ "ବଡ଼ ଆକ୍ରମଣ" ବୋଲି କହିଛି । ସ୍କର କମାଣ୍ଡର କହିଛି ଯେ, "ଅପରେସନ୍ ସିନ୍ଦୁର" ସବୁଠାରୁ ବଡ଼ ଆକ୍ରମଣ ଥିଲା, କିନ୍ତୁ ଆଲ୍ଲା ଆମକୁ ରକ୍ଷା କରିଥିଲେ"। ଲସ୍କର କମାଣ୍ଡରଙ୍କ ଏହି ସ୍ୱୀକାରୋକ୍ତି ପୁଣି ଥରେ ସ୍ପଷ୍ଟ କରିଛି ଯେ ଭାରତୀୟ ସେନାର ଆକ୍ରମଣ ଦ୍ୱାରା ପାକିସ୍ତାନରେ ଆତଙ୍କବାଦର ମୂଳ ଦୋହଲି ଯାଇଥିଲା ଏବଂ ସେଥିପାଇଁ ଶହବାଜ ସରକାର ଭୟଭୀତ ହୋଇପଡ଼ିଥିଲା ।ଏହି ଅପରେସନ୍ ଭାରତ ଦ୍ୱାରା ୬-୭ ମେ ମାସ ୨୦୨୫ ରେ କରାଯାଇଥିଲା । ଏପ୍ରିଲ୍ ୨୦୨୫ ରେ ପହଲଗାମ୍ (ଜମ୍ମୁ ଏବଂ କାଶ୍ମୀର) ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ ଏହି ଅପରେସନ୍ କରିଥିଲା, ଯେଉଁଥିରେ ପହଲଗାମରେ ଆତଙ୍କବାଦୀଙ୍କ ଦ୍ୱାରା ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା । ଏହି ପ୍ରତିଶୋଧମୂଳକ ଅପରେସନରେ, ଭାରତ ପାକିସ୍ତାନ ଏବଂ ପିଓକେରେ ୯ଟି ଆତଙ୍କବାଦୀ ଲକ୍ଷ୍ୟସ୍ଥଳ ଉପରେ ସଠିକ୍ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା, ଯେଉଁଥିରେ ଏଲ୍ଇଟି ମୁଖ୍ୟାଳୟ, ମର୍କଜ୍-ଏ-ତୈବା (ମୁରିଦକେ) ଏବଂ ବାହାୱଲପୁରରେ ଜୈଶ-ଏ-ମହମ୍ମଦ ଘାଟି ଅନ୍ତର୍ଭୁକ୍ତ । ଭାରତୀୟ ସୁରକ୍ଷା ଏଜେନ୍ସି ଅନୁଯାୟୀ, ମୁରିଦକେ ମୁଖ୍ୟ ମୁଦାସିର ଖାଡିଆନ୍ ଖାସ୍ (ଆବୁ ଜୁନ୍ଦଲ୍) ସମେତ ଅନେକ ଶୀର୍ଷ ଏଲ୍ଇଟି ଏବଂ ଜେଇଏମ୍ ଆତଙ୍କବାଦୀ ଏହି ଆକ୍ରମଣରେ ନିହତ ହୋଇଥିଲେ ।

# ବିବିଧତାକୁ ଶକ୍ତିରେ ପରିଣତ କରିଛି ଭାରତ: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ସଂସଦ ପରିସରରେ ଥିବା ସମ୍ବିଧାନ ସଦନର କେନ୍ଦ୍ରୀୟ ହଲରେ ରାଷ୍ଟ୍ରମଣ୍ଡଳ ବାଚସ୍ପତି ଏବଂ ପୀଠାସୀନ ଅଧିକାରୀମାନଙ୍କ ୨୮ତମ ସମ୍ମିଳନୀ (ସିଏସପିଓସି)କୁ ଉଦଘାଟନ କରିଛନ୍ତି। ଏହି ଅବସରରେ ମୋଦୀ କହିଥିଲେ ଯେ ଏକ ସଂସଦୀୟ ଗଣତନ୍ତ୍ରରେ ବାଚସ୍ପତିଙ୍କ ଭୂମିକା ଅନନ୍ୟ। ସେ କହିଥିଲେ ଯେ ବାଚସ୍ପତିଙ୍କୁ କହିବାକୁ ଅଧିକ ସୁଯୋଗ ମିଳେ ନାହିଁ, କିନ୍ତୁ ତାଙ୍କର ଦାୟିତ୍ୱ ହେଉଛି ଅନ୍ୟମାନଙ୍କ କଥା ଶୁଣିବା ଏବଂ ସମସ୍ତଙ୍କୁ କହିବାର ସୁଯୋଗ ପାଇବା ସୁନିଶ୍ଚିତ କରିବା। ଧୈର୍ଯ୍ୟ ହେଉଛି ବାଚସ୍ପତିମାନଙ୍କର ସବୁଠାରୁ ସାଧାରଣ ଗୁଣ, ଯେଉଁମାନେ ହସ ହସରେ କୋଳାହଳପୂର୍ଣ୍ଣ ଏବଂ ଅତ୍ୟଧିକ ଉତ୍ସାହିତ ସଦସ୍ୟମାନଙ୍କୁ ମଧ୍ୟ ସମ୍ଭାଳିଥାନ୍ତି ।

ଏହି ବିଶେଷ ଅବସରରେ ଅତିଥିମାନଙ୍କୁ ସ୍ୱାଗତ କରି ମୋଦୀ ସେମାନଙ୍କ ଉପସ୍ଥିତି ପ୍ରତି ସମ୍ମାନ ଜଣାଇଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଯେ, ପ୍ରତ୍ୟେକ ବ୍ୟକ୍ତି ଯେଉଁ ସ୍ଥାନରେ ବସିଛନ୍ତି ତାହା ଭାରତର ଗଣତାନ୍ତ୍ରିକ ଯାତ୍ରାରେ ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଉପନିବେଶବାଦୀ ଶାସନର ଶେଷ ବର୍ଷଗୁଡ଼ିକରେ, ଯେତେବେଳେ ଭାରତର ସ୍ୱାଧୀନତା ପାଖେଇ ଆସୁଥିଲା, ଦେଶର ସମ୍ବିଧାନ ପ୍ରସ୍ତୁତ କରିବା ପାଇଁ ସମ୍ବିଧାନ ସଭା ଏହି କେନ୍ଦ୍ରୀୟ ହଲରେ ଏକାଠି ହୋଇଥିଲା। ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ, ସ୍ୱାଧୀନତାର ୭୫ ବର୍ଷ ଧରି ଏହି ଭବନ ଭାରତର ସଂସଦ ଭାବରେ କାର୍ଯ୍ୟ କରିଥିଲା, ଯେଉଁଠାରେ ଦେଶର ଭବିଷ୍ୟତକୁ ଆକାର ଦେବାକୁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଏବଂ ବିତର୍କ ଅନୁଷ୍ଠିତ ହୋଇଥିଲା। ଶ୍ରୀ ମୋଦୀ ଆହୁରି କହିଛନ୍ତି ଯେ, ଭାରତ ଏବେ ଏହି ଐତିହାସିକ ସ୍ଥାନକୁ ସମ୍ବିଧାନ ସଦନ ଭାବରେ ନାମିତ କରିଛି ଏବଂ ଏହାକୁ ଗଣତନ୍ତ୍ର ପାଇଁ ଉତ୍ସର୍ଗ କରିଛି। ସେ ଉଲ୍ଲେଖ କରିଥିଲେ ଯେ, ନିକଟରେ ଭାରତ ସମ୍ବିଧାନ କାର୍ଯ୍ୟକାରୀ ହେବାର ୭୫ ବର୍ଷ ପୂର୍ତ୍ତି ପାଳନ କରିଥିଲା। ସମ୍ବିଧାନ ଗୃହରେ ସମସ୍ତ ସମ୍ମାନିତ ଅତିଥିଙ୍କ ଉପସ୍ଥିତି ଭାରତର ଗଣତନ୍ତ୍ର ପାଇଁ ଏକ ଅତ୍ୟନ୍ତ ସ୍ୱତନ୍ତ୍ର ମୁହୂର୍ତ୍ତ ବୋଲି ସେ କହିଥିଲେ ।



ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ ଯେ ଏଥରକୁ ମିଶାଇ ଭାରତରେ ଚତୁର୍ଥ ଥର ପାଇଁ ରାଷ୍ଟ୍ରମଣ୍ଡଳ ବାଚସ୍ପତି ଏବଂ ପୀଠାସୀନ ଅଧିକାରୀମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହେଉଛି। ଏହି ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁ ହେଉଛି ସଂସଦୀୟ ଗଣତନ୍ତ୍ରର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ। ଶ୍ରୀ ମୋଦୀ ସ୍ମରଣ କରାଇଥିଲେ ଯେ, ଯେତେବେଳେ ଭାରତ ସ୍ୱାଧୀନତା ପାଇଲା, ସେତେବେଳେ ଏକ ଆଶଙ୍କା ଥିଲା ଯେ ଏତେ ବିବିଧତାପୂର୍ଣ୍ଣ ଦେଶରେ ଗଣତନ୍ତ୍ର ବଞ୍ଚିପାରିବ ନାହିଁ। ସେ ଗୁରୁତ୍ୱାରୋପ କରିଥିଲେ ଭାରତ ଏହି ବିବିଧତାକୁ ଏହାର ଗଣତନ୍ତ୍ରର ଶକ୍ତିରେ ପରିଣତ କରିଛି। ଆଉ ଏକ ପ୍ରମୁଖ ଚିନ୍ତା ଥିଲା ଯେ ଯଦିବା ଭାରତରେ ଗଣତନ୍ତ୍ର କୌଣସି ପ୍ରକାରେ ବଞ୍ଚି ରହିବ, ବିକାଶ ସମ୍ଭବ ହେବ ନାହିଁ। "କିନ୍ତୁ ଭାରତ ପ୍ରମାଣିତ କରିଛି ଯେ ଗଣତାନ୍ତ୍ରିକ ପ୍ରତିଷ୍ଠାନ ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ଗଣତନ୍ତ୍ରକୁ ସ୍ଥିରତା, ଗତି ଏବଂ ବିସ୍ତୃତି ପ୍ରଦାନ କରେ" ପ୍ରଧାନମନ୍ତ୍ରୀ କହିଥିଲେ। ସେ ଦର୍ଶାଇଥିଲେ ଯେ ଆଜି ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା



ପ୍ରମୁଖ ଅର୍ଥନୀତିରେ ପରିଣତ ହୋଇଛି ଓ ୟୁପିଆଇ ମାଧ୍ୟମରେ ବିଶ୍ୱର ସର୍ବବୃହତ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ଭାରତରେ ରହିଛି। ଭାରତ ଏବେ ବିଶ୍ୱର ବୃହତ୍ତମ ଟୀକା ଉତ୍ପାଦକ, ଦ୍ୱିତୀୟ ବୃହତ୍ତମ ଇସ୍ପାତ ଉତ୍ପାଦକ, ତୃତୀୟ ବୃହତ୍ତମ ଷ୍ଟାର୍ଟଅପ୍ ଇକୋସିଷ୍ଟମ, ତୃତୀୟ ବୃହତ୍ତମ ବିମାନସେବା ବଜାର, ଚତୁର୍ଥ ବୃହତ୍ତମ ରେଳ ନେଟୱାର୍କ, ତୃତୀୟ ବୃହତ୍ତମ ମେଟ୍ରୋ ରେଳ ନେଟୱାର୍କ, ବୃହତ୍ତମ କ୍ଷୀର ଉତ୍ପାଦକ ଏବଂ ଦ୍ୱିତୀୟ ବୃହତ୍ତମ ଚାଉଳ ଉତ୍ପାଦକ।

ଶ୍ରୀ ମୋଦୀ ଗୁରୁତ୍ୱାରୋପ କରି କହିଥିଲେ ଯେ, "ଭାରତରେ ଗଣତନ୍ତ୍ରର ଅର୍ଥ ହେଉଛି ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ସେବା ପହଞ୍ଚାଇବା। ଭାରତ ଜନ କଲ୍ୟାଣର ଆତ୍ମା ସହିତ କାର୍ଯ୍ୟ କରେ, ନିଶ୍ଚିତ କରେ ଯେ ପ୍ରତ୍ୟେକ ବ୍ୟକ୍ତି କୌଣସି ଭେଦଭାବ ବିନା ଲାଭ ପାଆନ୍ତୁ। ଜନକଲ୍ୟାଣର ଏହି ମନୋଭାବ ସାମ୍ପ୍ରତିକ ବର୍ଷଗୁଡ଼ିକରେ ୨୫୦ ନିୟୁତ ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିଛି। ଭାରତରେ ଗଣତନ୍ତ୍ର ସଫଳତାର ସହ କାର୍ଯ୍ୟ କରୁଛି।"

୨୦ରୁ ଅଧିକ ରାଷ୍ଟ୍ରମଣ୍ଡଳ ସଦସ୍ୟ ଦେଶ ପରିଦର୍ଶନ କରିବାର ସୁଯୋଗ ତାଙ୍କୁ ମିଳିଛି ଓ ଅନେକ ଦେଶର ସଂସଦକୁ ସମ୍ବୋଧିତ କରିବାର ସୌଭାଗ୍ୟ ମଧ ମିଳିଛି ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ସେ ଯେଉଁଠାକୁ ଯାଇଛନ୍ତି, ସେ ବହୁତ କିଛି ଶିଖିଛନ୍ତି। ପ୍ରଧାନମନ୍ତ୍ରୀ କହିଥିଲେ ସେ ଯେକୌଣସି ଉତ୍କୃଷ୍ଟ ପ୍ରଥା ସହ ପରିଚିତ ହୁଅନ୍ତି ତାହାକୁ ସେ ଲୋକସଭା ବାଚସ୍ପତି ଏବଂ ରାଜ୍ୟସଭା ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କୁ ପ୍ରକାଶ କରନ୍ତି। ସେ ବିଶ୍ୱାସ ପ୍ରକାଶ କରିଥିଲେ ଯେ ଏହି ସମ୍ମିଳନୀ ଶିକ୍ଷଣ ଏବଂ ଅନୁଭବ ଆଦାନ ପ୍ରଦାନ ପ୍ରକ୍ରିୟାକୁ ଆହୁରି ସମୃଦ୍ଧ କରିବ। ନିଜର ଅଭିଭାଷଣ ଶେଷରେ, ସେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ମମତା ହଟାଅ ଅଭିଯାନ: ସିଙ୍ଗୁରକୁ ବ୍ୟବହାର କରିବ ବିଜେପି



**କୋଲକାତା:** ପଶ୍ଚିମବଙ୍ଗରେ ୨୦୨୬ ବିଧାନସଭା ନିର୍ବାଚନର କିଛି ମାସ ପୂର୍ବରୁ, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉତ୍ଥାନରେ ସାହାଯ୍ୟ କରିଥିବା ସିଙ୍ଗୁର ପୁଣି ଥରେ ଚର୍ଚ୍ଚାକୁ ଆସିଛି। ୨୦୦୮ ରେ ମମତାଙ୍କ ଆନ୍ଦୋଳନ ପରେ ଟାଟା ସିଙ୍ଗୁର ପ୍ରକଳ୍ପକୁ ଛାଡ଼ି ଗୁଜରାଟ ସ୍ଥାନାନ୍ତର ହେବାକୁ ବାଧ୍ୟ ହୋଇଥିଲା। ତେବେ ଟାଟାକୁ ପୁଣି ସିଙ୍ଗୁର ଫେରାଇ ଆଣିବ ବୋଲି ବିଜେପି ପ୍ରତିଶ୍ରୁତି ଦେଇଛି। ଜାନୁଆରି ୧୮ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସିଙ୍ଗୁରରେ ଏକ ରାଲିକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି, ଯେଉଁଠାରେ ପୂର୍ବରୁ ବିକ୍ଷୋଭ ପ୍ରଦର୍ଶନ କରିଥିବା କୃଷକମାନେ ଆଗ ଧାଡିରେ ବସିବେ।

ପ୍ରାୟ ଦୁଇ ଦଶନ୍ଧି ତଳେ, ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ ହୁଗୁଳି ନଦୀର ଠିକ୍ ପୂର୍ବ ଦିଗରେ ଏବଂ କୋଲକାତାଠାରୁ ପ୍ରାୟ ୪୦ କିଲୋମିଟର ଉତ୍ତରରେ ଥିବା ସିଙ୍ଗୁରର ଉର୍ବର ଚାଷ ଜମିରେ ଡେରା ପକାଇଥିଲେ। ୨୦୦୮ରେ ଏହି ଷ୍ଟ୍ରିଟ୍ ଫାଇଟର ସେଠାରେ ଟାଟା ନାନୋ ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ବିରୋଧରେ ଏକ ତୀବ୍ର ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏହି ଆନ୍ଦୋଳନ ତାଙ୍କୁ ବଙ୍ଗଳା ରାଜନୀତିର କେନ୍ଦ୍ରରେ ପହଞ୍ଚାଇଥିଲା ଏବଂ ଶେଷରେ ତାଙ୍କୁ ସିପିଆଇ(ଏମ୍) ସରକାରକୁ ହଟାଇବାରେ ସାହାଯ୍ୟ କରିଥିଲା। ଟାଟା ନାନୋ କାରଖାନାକୁ ପଶ୍ଚିମବଙ୍ଗର ସିଙ୍ଗୁରରୁ ଗୁଜୁରାଟର ସାନନ୍ଦକୁ ସ୍ଥାନାନ୍ତର କରିବାକୁ ପଡିଥିଲା।

ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାର କେନ୍ଦ୍ର

ବର୍ତ୍ତମାନ, ପ୍ରାୟ ୧୮ ବର୍ଷ ପରେ ଏବଂ ୨୦୨୬ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର କିଛି ମାସ ପୂର୍ବରୁ ସିଙ୍ଗୁରର ସେହି ଉର୍ବର ଜମି ପୁଣି ଏକ ରାଜନୈତିକ ପ୍ରତିଦ୍ୱନ୍ଦ୍ୱିତାର କେନ୍ଦ୍ରକୁ ଫେରିଛି। ଏଥର ବିଜେପି ଏହାକୁ ଯୁଦ୍ଧକ୍ଷେତ୍ର ଭାବେ ବାଛିଛି। ଦୀର୍ଘ ଦିନ ଧରି ପରିତ୍ୟକ୍ତ ଟାଟା ନାନୋ କାରଖାନା ପୁଣି ଥରେ କାହାଣୀର କେନ୍ଦ୍ରରେ ଥିବାରୁ ସିଙ୍ଗୁରକୁ ଏକ ବଞ୍ଚିତ ଶିଳ୍ପ ସୁଯୋଗ ଭାବରେ ଉପସ୍ଥାପନ କରି ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ବିଜେପି ପ୍ରସଙ୍ଗକୁ ଏକ ଓଲଟା ମୋଡ଼ ଦେବାକୁ ଚେଷ୍ଟା କରୁଛି। ଜାନୁଆରି ୧୮ ତାରିଖରେ ସିଙ୍ଗୁରର ସିଙ୍ଗେର ଭେରି ମୌଜାରେ ମୋଦୀ ଏକ ରାଲିକୁ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ରହିଛି। ବର୍ଷ ବର୍ଷ ଧରି ଫ୍ରିଜ୍ ହୋଇ ରହିଥିବା ଶିଳ୍ପ-ବନାମ ଜମି ବିତର୍କ ପୁନର୍ଜୀବିତ ହୋଇଛି। ଯଦି ବଙ୍ଗଳାରେ ବିଜେପି କ୍ଷମତାକୁ ଆସେ ତେବେ ଟାଟାକୁ ସିଙ୍ଗୁରକୁ ଫେରାଇ ଆଣିବ ବୋଲି ପ୍ରତିଶ୍ରୁତି ଦେଇଛି।

ନିର୍ବାଚନ ପ୍ରଚାରର ପ୍ରାରମ୍ଭିକ ଅଧ୍ୟାୟ

ବିଜେପି ପାଇଁ, ସିଙ୍ଗୁର ହେଉଛି ଏହାର ୨୦୨୬ ବିଧାନସଭା ନିର୍ବାଚନ ପ୍ରଚାରର ପ୍ରାରମ୍ଭିକ ଅଧ୍ୟାୟ। ଏହା ସିଙ୍ଗୁରକୁ ତୃଣମୂଳ କଂଗ୍ରେସର ଶାସନର ଅନ୍ତ ହେବ ବୋଲି ଦାବି କରିବାର ଆରମ୍ଭ ବିନ୍ଦୁ ଭାବରେ ଉପସ୍ଥାପନ କରୁଛି। ଟିଏମ୍ସି ପାଇଁ, ଏହା ଏକ ସଂଗ୍ରାମର ସ୍ମାରକ ଯାହା ଏହାକୁ କ୍ଷମତାକୁ ଆଣିଥିଲା। ମମତାଙ୍କ ପାଇଁ ଏହା ମଧ ଏକ ଚେତାବନୀ ଯେ ସିଙ୍ଗୁରକୁ ତାଙ୍କ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ବିଜେପି ବ୍ୟବହାର କରିବାକୁ ଚାହୁଁଛି। ଏହି କାରଣରୁ, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ଆଉ କିଛି ମାସ ବାକି ଥିବା ବେଳେ ସିଙ୍ଗୁର ଏକ ରାଜନୈତିକ ପ୍ରତୀକ ଓ ଯୁଦ୍ଧକ୍ଷେତ୍ରରେ ପରିଣତ ହୋଇଛି। ଏଥର ଏହା ହେଉଛି ଟିଏମ୍ସି ବନାମ ବିଜେପି ଲଢ଼େଇ।

## ସହଜ ହେବନି ହିନ୍ଦୁ, ମୁସ୍ଲିମ ଜମି କିଣାବିକା

**ଗୌହାଟୀ :** ଜମି ବିକା କିଣାକୁ ନେଇ ନିକଟରେ ଆସାମ ସରକାର ନେଇଥିବା ନିଷ୍ପତ୍ତି ଦେଶରେ ଏକ ନୂଆ ବିତର୍କକୁ ଜନ୍ମ ଦେଇଛି। ଏବେ ପ୍ରଶ୍ନ ଉଠୁଛି ଏକ ଖାସ ସମୁଦାୟ ନିମନ୍ତେ ସମ୍ପତ୍ତି କ୍ରୟ କରିବା ଆଗକୁ କଠିନ ହେବ। ଉଲ୍ଲେଖଯୋଗ୍ୟ ଯେ ହିମନ୍ତ ବିଶ୍ୱଶର୍ମା ସରକାର ରାଜ୍ୟର ଜନସଂଖ୍ୟା ଅର୍ଥାତ ଡେମୋଗ୍ରାଫିରେ ହେଉଥିବା ପରିବର୍ତ୍ତନକୁ ନିୟନ୍ତ୍ରିତ କରିବା ପାଇଁ ଭୂମି ହସ୍ତାନ୍ତରଣ ନିୟମରେ ପରିବର୍ତ୍ତନ କରିଛନ୍ତି। ଏଥିରେ ଆସାମରେ ହିନ୍ଦୁ ଓ ମୁସଲମାନ ସମୁଦାୟ ମଧ୍ୟରେ ସିଧା ଜମି ନେଣଦେଣ ହୋଇ ପାରିବନି।

ନୂଆ ଆଇନ ଅନୁସାରେ ଯଦି ଅଲଗା ଅଲଗା ଧର୍ମର ଲୋକେ ପରସ୍ପର ମଧ୍ୟରେ ଜମି କିଣାବିକା କରନ୍ତି ତେବେ ସେମାନଙ୍କୁ ଜିଲ୍ଲା ମାଜିଷ୍ଟ୍ରେଟ୍ ଙ୍କ ଔପଚାରିକ ମଞ୍ଜୁରୀ ନେବାକୁ ପଡିବ। ଏଥି ପାଇଁ ସରକାରଙ୍କ ତର୍କ ହେଲା ଅନେକ ଅଞ୍ଚଳରେ ସ୍ୱଦେଶୀ ଲୋକଙ୍କ ଜମି ଚାପ ଅଥବା ଆର୍ଥିକ ଦୟନିୟତା କାରଣରୁ ବିକ୍ରି ହେଉଛି। ଏଣୁ ଏହାକୁ 'ଲ୍ୟାଣ୍ଡ ଜିହାଦ' ମଧ କୁହାଯାଉଛି। ଏହି ଆଇନର ଉଦ୍ଦେଶ୍ୟ ହେଉଛି ବାଂଲାଦେଶୀ ଅନୁପ୍ରବେଶ ଓ ସୀମାବର୍ତ୍ତୀ ଜିଲ୍ଲା ମାନଙ୍କରେ ବଦଳୁଥିବା ଜନସଂଖ୍ୟା ସନ୍ତୁଳନକୁ ନିୟନ୍ତ୍ରିତ କରିବା। ଧୁବରୀ, ବାରପେଟା ଓ ନୌଗାଓଁ ଭଳି ଜିଲ୍ଲାମାନଙ୍କରେ ମୂଳ ନିବାସୀଙ୍କ ସଂଖ୍ୟା ହ୍ରାସକୁ ନଜରରେ ରଖି ସରକାର ଜିଲ୍ଲା ପ୍ରଶାସନକୁ ସବୁ ଅନ୍ତରଧାର୍ମିକ ହସ୍ତାନ୍ତରଣର ଗହନ ଯାଞ୍ଚ ନିର୍ଦ୍ଦେଶ ଦେଇଛନ୍ତି।

ଏଥିରେ ଜିଲ୍ଲା ମାଜିଷ୍ଟ୍ରେଟ୍ ଜମି ଡରେଇ ଧମକେଇ କିଣାବିକା ହେଉନିତ ଏହା ସୁନିଶ୍ଚିତ କରିବେ। ଏହା ଛଡା ଏହି କାରବାର ଯୋଗୁ ସ୍ଥାନୀୟ ଅଞ୍ଚଳର ସାମାଜିକ ଭିତ୍ତିଭୂମି ଉପରେ ଏହାର କୌଣସି ପ୍ରଭାବ ପଡୁଛି କି ତାହା ମଧ ସୁନିଶ୍ଚିତ କରିବେ। ତେବେ ଏହି ନିୟମ ଗୋଟିଏ ଧର୍ମର ଲୋକଙ୍କ ମଧ୍ୟରେ ଜମି କିଣାବିକା ହେଉଥିଲେ ଲାଗୁ ହେବ ନାହିଁ। ଏହି ପଦକ୍ଷେପର ବ୍ୟାପକ ପ୍ରଭାବ ପୂର୍ବୋତ୍ତରର ଅନ୍ୟ ରାଜ୍ୟଙ୍କ ଉପରେ ମଧ ପଡିବ ବୋଲି ଆକଳନ କରାଯାଉଛି। ଅନ୍ୟପଟେ ସରକାରଙ୍କ ଏହି ନିଷ୍ପତ୍ତିକୁ ରାଜନୈତିକ ଅଳିନ୍ଦରେ ମଧ ତୀବ୍ର ବିରୋଧ କରାଯାଉଛି। କଂଗ୍ରେସ ଓ ଏଆଇୟୁଡିଏଫ ଭଳି ବିରୋଧୀ ଦଳଙ୍କ କହିବା କଥା ହେଉଛି ନିଜ ସମ୍ପତ୍ତିକୁ ନିଜ ଇଚ୍ଛାରେ କାହାରିକୁ ବିକ୍ରି କରିବା ନାଗରିକର ମୌଳିକ ଅଧିକାର ଓ ଏଥିରେ ସରକାରଙ୍କ ହସ୍ତକ୍ଷେପ ଅସାମ୍ବିଧାନିକ। ବିରୋଧୀ ଏହାକୁ ସାମ୍ପ୍ରଦାୟିକ ଧ୍ରୁବୀକରଣ ବୋଲି ଅଭିଯୋଗ କରୁଛି। ଅନ୍ୟପଟେ ବିଶ୍ୱ ହିନ୍ଦୁ ପରିଷଧ ଭଳି ସଙ୍ଗଠନ ଏହି ଆଇନକୁ ସାରା ଦେଶରେ ଲାଗୁ କରିବାକୁ ଦାବି କରୁଛି। ଏଥିରେ ଆସାମ ସରକାରଙ୍କ କହିବା କଥା ହେଉଛି ରାଜ୍ୟର ସାଂସ୍କୃତିକ ପରିଚୟ ଓ ଭୌଗଳିକ ଐତିହ୍ୟର ସୁରକ୍ଷା ପାଇଁ ଏହା ଏକ ଅନିବାର୍ଯ୍ୟ ସୁରକ୍ଷା କବଚ। ଆଗାମୀ ସମୟରେ ବିହାର, ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ଭଳି ରାଜ୍ୟ ଆସାମ ରାସ୍ତାରେ ଚାଲିବେ କି ନା ତାହା ଦେଖିବାକୁ ରହିଲା।

## ସୈନିକଙ୍କ ସ୍ଥାନ ନେଇପାରିବ ନାହିଁ ପ୍ରଯୁକ୍ତିବିଦ୍ୟା

**ନୂଆଦିଲ୍ଲୀ:** ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି ଯେ, ଭାରତୀୟ ସେନା ସମସ୍ତ ପ୍ରକାର ଯୁଦ୍ଧର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି। ଭାରତୀୟ ସେନା ଦିବସ ୨୦୨୬ ଅବସରରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ସେନା ମୁଖ୍ୟ କହିଛନ୍ତି ଯେ, ସେନା ଭବିଷ୍ୟତର ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଛି ଏବଂ ଯୁଦ୍ଧ କ୍ଷମତା ବୃଦ୍ଧି ପାଇଁ ଜ୍ଞାନକୌଶଳ ଓ ସ୍ୱଦେଶୀକରଣକୁ ଏକୀକୃତ କରୁଛି। ସେନା ଦିବସ ଅବସରରେ ସେ ସୈନିକ, ବରିଷ୍ଠ ସୈନିକ, ଅଧିକାରୀ ଓ ସାଧାରଣ ନାଗରିକଙ୍କୁ ଶୁଭେଚ୍ଛା ଜଣାଇବା ସହ କର୍ତ୍ତବ୍ୟରତ ସମୟରେ ପ୍ରାଣବଳି ଦେଇଥିବା କର୍ମଚାରୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ରୁଷ୍-ୟୁକ୍ରେନ ଯୁଦ୍ଧ ଏବଂ ଅପରେସନ୍ ସିନ୍ଦୂର ସମେତ ସାମ୍ପ୍ରତିକ ଯୁଦ୍ଧଗୁଡ଼ିକରୁ ଶିକ୍ଷା ଗ୍ରହଣ କରି ସେନା ମୁଖ୍ୟ କହିଛନ୍ତି ଯେ ଆଧୁନିକ ସଂଘର୍ଷର ଅବଧି ପୂର୍ବାନୁମାନଯୋଗ୍ୟ ନୁହେଁ, ଯାହା ବର୍ଷ କିମ୍ବା ଦିନ ପର୍ଯ୍ୟନ୍ତ ଚାଲିପାରିବ। ସେ କହିଛନ୍ତି ଯେ ଜ୍ଞାନକୌଶଳ ଦକ୍ଷତାରେ ଉନ୍ନତି ଆଣିଥାଏ, କିନ୍ତୁ ଏହା ସୈନିକଙ୍କ ସ୍ଥାନ ନେଇପାରିବ ନାହିଁ। ସେନା ଆସନ୍ତା ଦୁଇ ବର୍ଷ (୨୦୨୬-୨୭) କୁ 'ନେଟୱାର୍କିଂ ଓ ଡାଟା ସେଣ୍ଟ୍ରିସିଟିର ବର୍ଷ' ଭାବରେ ପାଳନ କରିବ, ଯାହାର ଉଦ୍ଦେଶ୍ୟ ହେଉଛି ସଂଯୋଗ, ସୂଚନା ପ୍ରବାହ ଓ ସମନ୍ୱୟରେ ଉନ୍ନତି ଆଣିବା। ସେନା ସୁପର ସ୍ପେଶାଲିଷ୍ଟ କର୍ମଚାରୀ ଓ ନୂତନ ସାଂଗଠନିକ ଢାଞ୍ଚା ଆବଶ୍ୟକ କରେ ଏବଂ ଏହା ସମସ୍ତ ବିଭାଗ ଓ ସେବାରେ ଜାରି ରହିବ।

## ଇରାନରେ ଭୟଙ୍କର ସ୍ଥିତି: ମରଶରୀର ରଖିବାକୁ ନାହିଁ ସ୍ଥାନ !

**ତେହେରାନ:** ଇରାନରେ ସରକାର ବିରୋଧୀ ଆନ୍ଦୋଳନ ଏବଂ ହିଂସା ଦିନକୁ ଦିନ ଅତି ଭୟଙ୍କର ହେବାରେ ଲାଗିଛି। ଆନ୍ଦୋଳନକାରୀଙ୍କ ଉପରେ ଇରାନ ସରକାରଙ୍କ କାର୍ଯାନୁଷ୍ଠାନ ଫଳରେ ହଜାର ହଜାର ଲୋକଙ୍କର ଅକାଳରେ ମୃତ୍ୟୁ ହୋଇଯାଇଛି। ରାସ୍ତାରେ ସୁରକ୍ଷାକର୍ମୀ ଲୋକଙ୍କ ଉପରକୁ ସିଧାସଳଖ ଗୁଳି ଚଳାଉଛନ୍ତି। ଇରାନ ରାଜଧାନୀ ତେହେରାନରେ ଏବେ ହସ୍ପିଟାଲ ଗୁଡ଼ିକରେ ମରଶରୀର ପାଇଁ ଆଉ ଜାଗା ନାହିଁ। ରାସ୍ତାରୁ ବୁଲଡୋଜର ଲଗାଇ ମରଶରୀର ଗୁଡ଼ିକୁ ସଫା କରାଯାଉଛି।

ସବୁଠାରୁ ଦୁଃଖଦାୟକ ହେଉଛି ପରିବାରଗୁଡ଼ିକୁ ଗୁଳି ପାଇଁ ଟଙ୍କା ଦେବାକୁ ବାଧ କରାଯାଉଛି, ଯେଉଁ ଗୁଳିରେ ସେମାନଙ୍କ ପିଲାଙ୍କୁ ହତ୍ୟା କରାଯାଇଛି। ଏହା ହେଉଛି ଏବେ ଇରାନରେ ବାସ୍ତବ ସ୍ଥିତି। ଭାରତରେ ରହୁଥିବା କିଛି ଇରାନ



ନାଗରିକ ଇରାନରେ ସେମାନଙ୍କ ସମ୍ପର୍କୀୟ ଏବଂ ପରିବାର ସଦସ୍ୟଙ୍କ ପାଖରୁ ପାଇଥିବା ସୂଚନାରୁ ଏହା ଜଣାପଡ଼ିଛି। ତେହେରାନର ଜଣେ ବାସିନ୍ଦା ଅବଗିନେ ଖାକି ଯିଏ କି ଏବେ ଦକ୍ଷିଣ ଭାରତର ଏକ ସହରରେ ରହୁଛନ୍ତି ମଙ୍ଗଳବାର ସନ୍ଧ୍ୟାରେ ତାଙ୍କ ବାପା ମା'ଙ୍କ ସହ କଥା ହୋଇଥିଲେ। ସେମାନେ ସୁରକ୍ଷିତ ଥିବା କହିଛନ୍ତି। କିନ୍ତୁ ସେମାନଙ୍କ ଚାରି ପାଖରେ କେବଳ ମରଶରୀର ଦେଖି ସେମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଅବଗିନେ କହିଛନ୍ତି, ତେହରାନରେ ହସ୍ପିଟାଲ ଗୁଡ଼ିକରେ ମରଶରୀର ଭର୍ତ୍ତି ହୋଇଥିବା ତାଙ୍କ ବାପା କହିଛନ୍ତି। ପ୍ରଶାସନ ଏବେ ରାସ୍ତା ସଫା କରିବାପାଇଁ ବୁଲଡୋଜର ବ୍ୟବହାର କରୁଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ ହେଉଛି ମରଶରୀରଗୁଡ଼ିକୁ ସେମାନଙ୍କ ପରିବାର ସଦସ୍ୟଙ୍କୁ ଦେବାପାଇଁ ମଧ ୩,୬୦,୦୦୦ ଟଙ୍କା ଦାବି କରାଯାଉଛି। ଟଙ୍କା ନଦେଲେ ମରଶରୀର ଦିଆଯାଉନି। କିଛି ଅଧିକାରୀ ମଧ ଗୁଳିର ଟଙ୍କା ବି ମାଗୁଛନ୍ତି। ଖାକି କହିଛନ୍ତି, ଲୋକଙ୍କ ପାଇଁ ଏବେ ଅତ୍ୟନ୍ତ ସମସ୍ୟା ଉପୁଜିଛି। ସେମାନେ ବ୍ରେଡ୍ ଏବଂ ଅଣ୍ଡା ବି କିଣି ଖାଇପାରୁନାହାନ୍ତି। ମଙ୍ଗଳବାର ଇରାନ ସରକାର ଅନ୍ତର୍ଜାତୀୟ କଲ୍ ପାଇଁ ଅନୁମତି ଦେବାପରେ ଅବଗିନେ ଖାକି ତାଙ୍କ ପରିବାର ସଦସ୍ୟଙ୍କ ସହ ୩୦ ମିନିଟ୍ କଥା ହୋଇପାରିଥିଲେ।

## ଏୟାର ଇଣ୍ଡିଆ ବିମାନରେ ତ୍ରୁଟି, ସିଙ୍ଗାପୁର ଗଲେ ୧୯୦ ଯାତ୍ରୀ

**ନୂଆଦିଲ୍ଲୀ:** ଦିଲ୍ଲୀରୁ ସିଙ୍ଗାପୁର ଯାଉଥିବା ଏୟାର ଇଣ୍ଡିଆର ଏକ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା । ଫଳରେ ଏହାକୁ ଦିଲ୍ଲୀ ଫେରିବାକୁ ପଡିଥିଲା। ବିମାନରେ ୧୯୦ ଜଣ ଯାତ୍ରୀ ଥିଲେ।




ସୂତ୍ର ଅନୁଯାୟୀ, ଡ୍ରିମଲାଇନର ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। APU (ସହଯୋଗୀ ପାୱାର ୟୁନିଟ୍) ରେ ଅଗ୍ନିକାଣ୍ଡ ନେଇ ସତର୍କତା ସୂଚନା ମିଳିଥିଲା । ପରେ ବିମାନଟି ପ୍ରାୟ ଏକ ଘଣ୍ଟା ଧରି ଆକାଶରେ ଚକ୍କର କାଟିଥିଲା ଏବଂ ଦିଲ୍ଲୀ ଫେରିଆସିଥିଲା । ତା'ପରେ ଯାତ୍ରୀମାନଙ୍କୁ ଅନ୍ୟ ଏକ ବିମାନରେ ସିଙ୍ଗାପୁର ପଠାଯାଇଥିଲା।

ଏୟାର ଇଣ୍ଡିଆର ଜଣେ ମୁଖପାତ୍ର କହିଛନ୍ତି ଯେ, ଜାନୁଆରୀ ୧୪ ତାରିଖରେ ଦିଲ୍ଲୀରୁ ସିଙ୍ଗାପୁର ଯାଉଥିବା ବିମାନ AI ୨୩୮୦ର ପରିଚାଳନା କର୍ମଚାରୀମାନେ ଯାନ୍ତ୍ରିକ ସମସ୍ୟା ଯୋଗୁଁ ବିମାନକୁ ଫେରାଇ ଆଣିବାକୁ ନିଷ୍ପତ୍ତି ନେଇଥିଲେ । ବିମାନଟି ନିରାପଦରେ ଦିଲ୍ଲୀ ବିମାନବନ୍ଦରରେ ଅବତରଣ କରିଥିଲା । ଦିଲ୍ଲୀରେ ଗ୍ରାଉଣ୍ଡ ଟିମ୍ ଯାତ୍ରୀମାନଙ୍କୁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ଅନ୍ୟ ଏକ ବିମାନରେ ଯାତ୍ରୀମାନେ ସିଙ୍ଗାପୁର ଅଭିମୁଖେ ଯାତ୍ରା କରିଥିଲେ ବୋଲି ଏୟାର ଇଣ୍ଡିଆର ମୁଖପାତ୍ର କହିଛନ୍ତି । ତେବେ ହଠାତ ଉପୁଜିଥିବା ସମସ୍ୟା ଯୋଗୁଁ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ ।

# ଖଳିସାହି କ୍ରିକେଟ ଟୁର୍ଣ୍ଣାମେଣ୍ଟ: ତମାଣ୍ଡୋ ଚାମ୍ପିଅନ



ଖଣ୍ଡପଡ଼ା,୧୫।୧(ନି.ପ୍ର): ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ବଡ଼ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦଯାପିତ ହୋଇଯାଇଛି । ଖଳିସାହି ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ ଆନୁକୁଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ବାଙ୍କି ପାୱର କିଙ୍ଗଙ୍କୁ ୯ ୱିକେଟରେ ହରାଇ ତମାଣ୍ଡୋ କ୍ରିକେଟ କ୍ଲବ ଚାମ୍ପିଅନ ହୋଇଥିବା ଜଣାଯାଇଛି । ବାଙ୍କି ପାୱାର କିଙ୍ଗ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୧୮ ଓଭରରେ ସମସ୍ତ ୱିକେଟ ହରାଇ ୧୪୩ ରନ କରିଥିଲା । ଜବାବରେ ତମାଣ୍ଡୋ କ୍ରିକେଟ କ୍ଲବ ୧୧ ଓଭରରେ ଗୋଟିଏ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ବିଜୟୀ ଦଳର ଗିରୀଶ ନାୟକ ୩୧ ବଲରୁ ୬ ଟି ଛକା ଓ ୧୨ ଟି ଚୌକା ସହାୟତାରେ ୮୯ ରନ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ । ଦୀପକ ରଞ୍ଜନ ସାହୁ ଓ ରବିନ୍ଦ୍ର ନାରାୟଣ ମିଶ୍ର ଖେଳକୁ ପରିଚାଳନା କରିଥିଲେ । ଗୌରାଙ୍ଗ ଚରଣ ସେଠୀ ସ୍କୋର ବୋର୍ଡ ଦାୟି ଓ ଭାଷ୍ୟକାର ଭାବେ ଶ୍ରୀନିବାସ ଦଳେଇ ଦାୟି ତୁଲାଇଥିଲେ । ଟୁର୍ଣ୍ଣାମେଣ୍ଟ ଆୟୋଜକ କ୍ଲବର ସମ୍ପାଦକ ଶରତ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସାଇଁ, ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ, ବିଜେପି ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ପ୍ରମୁଖ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଚାମ୍ପିଅନ ଓ ରନର୍ସ ଅପ ଟିମକୁ ପୁରସ୍କାର ପ୍ରଦାନ କରିଥିଲେ ।ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବର ସଦସ୍ୟମାନେ ସକ୍ରୀୟ ସହଯୋଗ କରିଥିଲେ ।

# ସର୍ବ ଭାରତୀୟ ବେସାମରିକ କବାଡି, ହକି ପ୍ରତିଯୋଗିତା ପାଇଁ ଓଡିଶା ଖେଳାଳି ଚୟନ

ଭୁବନେଶ୍ୱର,୧୫।୧(ସବ୍ୟୁ): କବାଡି ଗ୍ରାଉଣ୍ଡ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସେକ୍ଟର-୪୨, ଚଣ୍ଡିଗଡ ଠାରେ ହେବାକୁ ଥିବା ସର୍ବ ଭାରତୀୟ ବେସାମରିକ କବାଡି ପ୍ରତିଯୋଗିତା ଆସନ୍ତା ୯ ଫେବୃୟାରୀ ୨୦୨୬ ଠାରୁ ୧୪ ଫେବୃୟାରୀ ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସେହିପରି ସିଜିଏସଏସଏସ, ଝିଲିମିଲ, ଏସବିଭି, ଅଶୋକ ନଗର, ଜିବିଏସଏସଏସ ଘୁମାନ ହେରା, ଆଇଏନଏ, ନୂଆଦିଲ୍ଲୀ ଠାରେ ହେବାକୁ ଥିବା ସର୍ବ ଭାରତୀୟ ବେସାମରିକ ହକି ପ୍ରତିଯୋଗିତା ଆସନ୍ତା ୧୭ ଫେବୃୟାରୀ ଠାରୁ ୨୮ ଫେବୃୟାରୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଖେଳାଳି ଚୟନ ପ୍ରକ୍ରିୟା (ପୁରୁଷ ଓ ମହିଳା) ଆସନ୍ତା ଜାନୁଆରୀ ୧୮(ରବିବାର), ସକାଳ ୧୦ ଟାରେ ପୋଖରୀପୁଟ ହକି ଷ୍ଟାଡିୟମ, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ କେବଳ ନିୟମିତ ସରକାରୀ ଚାକିରୀରେ ଥିବା କର୍ମଚାରୀମାନେ ଭାଗ ନେଇପାରିବେ । ଏହି ଖେଳରେ ଯେଉଁମାନେ ଭାଗ ନେବାକୁ ଚାହାଁନ୍ତି, ସେମାନେ ନିଜର ସେବା ପୁସ୍ତିକାର ପ୍ରଥମ ପୃଷ୍ଠା , ବିଭାଗ ବା ଅଫିସ ପରିଚୟ ପତ୍ର ସହ ଏକ ପାସପୋର୍ଟ ଫଟୋ ଏବଂ ନିଜର ବିଭାଗ ବା ଅଫିସରୁ "ନୋ ଅବଜେକସନ ସାର୍ଟିଫିକେଟ" ସାଙ୍ଗରେ ଆଣି ଉକ୍ତସ୍ଥାନରେ ନିର୍ଦ୍ଧାରିତ ସମୟରେ ପଞ୍ଜିକରଣ କରି ଚୟନ ପ୍ରକ୍ରିୟାରେ ଭାଗ ନେଇ ପାରିବେ । ଅଧିକ ବିବରଣୀ ପାଇଁ ହର ପ୍ରସାଦ ବିଶ୍ୱାଳ (୯୪୩୭୨୨୮୬୮୭), ଆନନ୍ଦ କୁମାର ସୋରେଙ୍ଗ (୭୬୦୮୯୫୭୧୪୭), ଦେବୀ ପ୍ରସାଦ ଦାସ(୯୪୩୮୫୦୬୧୬୮) ଏବଂ ଦେବରାଜ ନାୟକ (୯୧୭୮୩୨୧୯୦୧) ଙ୍କୁ ଯୋଗାଯୋଗ କରିପାରିବେ ବୋଲି ଓଡ଼ିଶା ସଚିବାଳୟ କର୍ମଚାରୀ ଆଥଲେଟିକ୍ ଆସୋସିଏସନ୍ ସଂପାଦକ ନୃସିଂହ ଚରଣ ପୃଷ୍ଟି ଜଣାଇଛନ୍ତି ।

## ୧୯ ବର୍ଷରୁ କମ୍ ବିଶ୍ୱକପ

# ଉଦଘାଟନୀ ମ୍ୟାଚରେ ଭାରତ ବିଜୟୀ



ବୁଲାୱାଓ,୧୫।୧(ଏଜେନ୍ସି): ୧୯ ବର୍ଷରୁ କମ ଦିନିକିଆ ପୁରୁଷ ବିଶ୍ୱକପ ବିଗୁଲ ବାଜିଛି । କ୍ୱିଇନ୍ସ ସ୍ପୋର୍ଟ୍ସ କ୍ଲବ୍ ବୁଲାୱାଓରେ ଖେଳାଯାଇଥିବା ବିଶ୍ୱକପର ପ୍ରଥମ ମ୍ୟାଚରେ ଭାରତ ୬ ୱିକେଟରେ ଆମେରିକାକୁ ଧରାଶାୟୀ କରି ଅଭିଯାନ ଆରମ୍ଭ କରିଛି । ଆୟୁଷ ମହାତ୍ରେଙ୍କ ଅଧିନାୟକତ୍ୱରେ ଭାରତ ବିଶ୍ୱକପ ରଣାଙ୍ଗନକୁ ଓହ୍ଲାଇଛି । ଏହି ମ୍ୟାଚରେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଆମେରିକା ୩୫.୨ ଓଭରରେ ୧୦୭ ରନ୍ କରି ଅଲଆଉଟ୍ ହୋଇଥିଲା । ହେନିଲ ପଟେଲ ସର୍ବାଧିକ ୫ ୱିକେଟ୍ ଅକ୍ତିଆର କରିଥିଲେ । ବର୍ଷାବାଧାପ୍ରାପ୍ତ ଏହି ମ୍ୟାଚରେ ଭାରତ ସମ୍ମୁଖରେ ୩୭ ଓଭରରେ ୯୬ ରନର ବିଜୟଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ଏହି ଲକ୍ଷ୍ୟକୁ ଭାରତ ୧୭.୨ ଓଭରରେ ୪ ୱିକେଟ୍ ହରାଇ ହାସଲ କରିନେଇଥିଲା ।

୯୬ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଭାରତ ପକ୍ଷରୁ ଆୟୁଷ ମହାତ୍ରେ ୧୯, ଚର୍ଚ୍ଚିତ ବୈଭବ ସୂର୍ଯ୍ୟବଂଶୀ ୨ ରନ, ବେଦାନ୍ତ ତ୍ରିବେଦୀ ୨, ଭିହାନ ମଲହୋତ୍ରା ୧୮, ଅଭିଜ୍ଞାନ କୁଣ୍ଡୁ ଅପରାଜିତ ୪୨ ତଥା କନିଷ୍କ ଚୌହାନ ୧୦ ରନ୍ କରି ମ୍ୟାଚ ଶେଷ କରିଥିଲେ । ଭାରତ ୧୭.୨ ଓଭରରେ ୯୯/୪ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା ।

୧୯ ବର୍ଷରୁ କମ୍ ବିଶ୍ୱକପର ୧୬ତମ ସଂସ୍କରଣ ଆରମ୍ଭ ହୋଇଛି । ଏହି ସଂସ୍କରଣରେ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ୨୩ ଦିନ ଧରି ମ୍ୟାଚ ଖେଳାଯିବ । ଉଦଘାଟନୀ ମୁକାବିଲାରେ ଭାରତ ୟୁଏସଇକୁ କଡ଼ା ଟକ୍କର ଦେଇ ବିଜୟରୁ ଅଭିଯାନ ଆରମ୍ଭ କରିସାରିଛି ।

# ନରମିଲା ବିସିବି, ହଟିଲେ ନଜମୁଲ

ଢ଼ାକା,୧୫।୧(ଏଜେନ୍ସି): ବାଂଲାଦେଶ କ୍ରିକେଟ ବୋର୍ଡ ଖେଳାଳିଙ୍କ ଚାପ ଆଗରେ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇଛି । ବୋର୍ଡର ଫାଇନାସ କମିଟି ଅଧ୍ୟକ୍ଷ ପଦରୁ ନଜମୁଲ ଇସଲାମ ହଟିଛନ୍ତି । କ୍ରିକେଟୱେଲ ଫେୟାର ଆସୋସିଏସନ୍ ଅଫ୍ ବାଂଲାଦେଶ ନଜମୁଲ ଇସ୍ତଫା ନଦେବା ପର୍ଯ୍ୟନ୍ତ ଦେଶର ସମସ୍ତ କ୍ରିକେଟକୁ ବହିଷ୍କାର କରାଯିବ ବୋଲି ଧମକ ଦେଇଥିଲେ । ନଜମୁଲ ଖେଳାଳିଙ୍କ ଯୋଗଦାନ ଓ ପାରିଶ୍ରମିକ ନେଇ ଅପମାନଜନକ ମତଦେବା ସହ ଟି-୨୦ ବିଶ୍ୱକପ୍ ଖେଳିବା ଲାଗି ଦଳ ଭାରତ ଯିବା ଉପରେ ପ୍ରଶ୍ନ ଉଠାଇଥିଲେ । ଦେଶର ତାରକା ଖେଳାଳି ତମିମ ଇକବାଲଙ୍କୁ ଭାରତର ଏଜେଣ୍ଟ ବୋଲି କହିଥିଲେ । ଏହି ସବୁ ଘଟଣାରେ ଖେଳାଳିମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ଏହାର ପ୍ରଭାବ ଦେଖିବାକୁ ମିଳିଛି । ବିପିଏଲର ମ୍ୟାଚ ଖେଳିବାକୁ ଖେଳାଳିମାନେ ପଡିଆକୁ ଆସିନଥିଲେ । ଏବେ ବିସିବି ତାଙ୍କୁ ବାହାର କରିବା ପରେ ଘଟଣା ନିୟନ୍ତ୍ରଣକୁ ଆସିଛି । କ୍ରିକେଟର ହିତକୁ ଆମେ ସର୍ବଦା ପ୍ରାଥମିକତା ଦେଇ ଆସିଛୁ । ବାଂଲାଦେଶ ଟି-୨୦ ବିଶ୍ୱକପ୍ ଖେଳିବା ପାଇଁ ଭାରତଗସ୍ତରେ ଆସିବ କି ନାହିଁ ତାହା ଏବେ ବି ସ୍ୱଷ୍ଟ ହୋଇନାହିଁ । ଅବଶ୍ୟ ଆଇସିସି ଶେଷ ମୁହୂର୍ତ୍ତରେ କୌଣସି କାରଣ ନଥାଇ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି କହିଛି ।

# ଖେଲୋ ଇଣ୍ଡିଆ ସଫ୍ଟ ଟେନିସ୍ : ଭାଗ ନେଲା ଓଡ଼ିଶା ଦଳ

ଭୁବନେଶ୍ୱର,୧୫।୧(ସବ୍ୟୁ): ଆନ୍ଧ୍ରପ୍ରଦେଶର ବିଜୟୱାଡା ଠାରେ ଅସ୍ମିତା ଖେଲୋ ଇଣ୍ଡିଆ ସଫ୍ଟ ଟେନିସ୍ ପ୍ରତିଯୋଗିତା ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତାରେ ଓଡ଼ିଶା ସଫ୍ଟ ଟେନିସ୍ ଦଳ ଅଂଶଗ୍ରହଣ କରିଛି । ରାଜ୍ୟ ଆସୋସିଏସନର ସାଧାରଣ ସମ୍ପାଦକ ମହମ୍ମଦ ଆଜମ ଉପସ୍ଥିତ ରହି ଖେଳାଳିଙ୍କୁ ଗସ୍ତ ପୂର୍ବରୁ ଶୁଭେଚ୍ଛା ଜଣାଇଥିଲେ । ଓଡ଼ିଶା ଦଳରେ ଅର୍ଚ୍ଚନା ମହାପାତ୍ର, ପ୍ରତୀକ୍ଷା ସିହ୍ନା, ଲୋପା ଲିପୋସୋ ସିଂ ଜାନୀ, ଆଶିକା ଆଦିଶ୍ରୀ, ଶ୍ରଦ୍ଧାଞ୍ଜଳି ମାର୍ଥା, ତନୁସ୍କା ନାୟକ, ମନୋସ୍ୱିନୀ ହରିଚନ୍ଦ୍ରନ ଏମଡି ଅମନ (କୋଚ), ଆରତୀ ପଣ୍ଡା ( ପରିଚାଳକ) ପ୍ରମୁଖ ଦଳ ସହ ବିଜୟୱାର୍ଡରେ ଅଛନ୍ତି ।

# ଚକାଆଖି କପ କ୍ରିକେଟ: ବାପୁଜୀ ସ୍ପୋର୍ଟିଂ ଚାମ୍ପିଅନ



ଚଣ୍ଡିଖୋଲ/ଚଡେଇଧରା, ୧୫।୧ (ସବ୍ୟୁ): ଯାଜପୁର ଜିଲ୍ଲାର ଅଗ୍ରଣୀ କ୍ରୀଡା ଅନୁଷ୍ଠାନ ଧର୍ମଶାଳା ବ୍ଲକ ରାମଚନ୍ଦ୍ରପୁରର ଚକାଆଖି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୯ତମ ରାଜ୍ୟ ସ୍ତରୀୟ ଚକାଆଖି କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପବିତ୍ର ମକର ସଂକ୍ରାନ୍ତି ତିଥିରେ ଉଦଯାପିତ ହୋଇଯାଇଛି । ଚିତାକର୍ଷକ ଫାଇନାଲ ମ୍ୟାଚରେ ଇଉନିୟନ ସ୍ପୋଟିଂ କ୍ଲବ କଟକକୁ ପରାସ୍ତକରି ଭୁବନେଶ୍ୱରର ବାପୁଜୀ ସ୍ପୋଟିଂ କ୍ଲବ ଚାମ୍ପିଅନ ହୋଇଛି । ରାମଚନ୍ଦ୍ରପୁର ହସ୍ପିଟାଲ ଗ୍ରାଉଣ୍ଡରେ ଆୟୋଜିତ ଏହି ଫାଇନାଲ ମ୍ୟାଚରେ ପ୍ରଥମେ ଇଉନିଅନ ସ୍ପୋର୍ଟିଂ କଟକ ଟସ ଜିତି ବ୍ୟାଟିଂର ନିଷ୍ପତି ନେଇ ନିର୍ଦ୍ଧାରିତ ୨୦ ଓଭର ଖେଳରେ ୨ ୱିକେଟ ହରାଇ ୧୯୫ରନ କରିଥିଲା । ଏହାର ଜବାବରେ ବାପୁଜୀ ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର ୧୯.୪ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ ହାସଲ କରିବା ସହିତ ଚଳିତ ବର୍ଷର ଚାମ୍ପିଅନ ହୋଇଥିଲା । ବାବୁଜୀ କ୍ଲବର ଅତୁର ୫୫ବଲରେ ସର୍ବାଧିକ ୮୩ରନ କରି ମ୍ୟାନ ଅଫ ଦି ମ୍ୟାଚ ଏବଂ ଜୟନ୍ତ କେବତଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ଘୋଷଣା କରାଯାଇଥିଲା । କ୍ଲବର ମୁଖ୍ୟ ଉପଦେଷ୍ଟା ସରୋଜକୁମାର ରାଉତଙ୍କ ଅଧକ୍ଷତାରେ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ଧର୍ମଶାଳା ବିଧାୟକ ହିମାଂଶୁଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ଚାମ୍ପିୟାନ ଟ୍ରଫି ପ୍ରଦାନ କରିଥିଲେ । ଏଥିରେ ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘ ସଭାପତି ଅଜାମ୍ବର ସାହୁ,କେଶବଚନ୍ଦ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଆଷୁତୋସ ପାଣି ଓ ଜିତେନ୍ଦ୍ର ଘୋଷ ଖେଳ ପରିଚାଳନା କରିଥିଲା ବେଳେ ଚକାଆଖି କ୍ଲବର ସଭାପତି ଅର୍ଜ୍ଜୁନଚରଣ କରଣ,ପ୍ରଫୁଲକୁମାର ଜେନା, ଭୋଳାନାଥ ସାହୁ,ମକରନ୍ଦ ସ୍ୱାଇଁ,କୁଶଧ୍ୱଜ ରାଉତ,ଶ୍ରୀଧର ପ୍ରଧାନ, ସୁବାଷ ସ୍ୱାଇଁ, ବଲ୍ଲଭ କରଣ, ଶାରତ, ବଳରାମ, ଅନି, ରୋହିତ,ସୁଶାନ୍ତ, ଆଲୋକ, ତପି, ଅନାମ, ବୁବୁନା, ଜନ, ଆଶୁତୋଷ, ଲିକୁନ, ରିଙ୍କୁ,ଚିକୁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।

# ସତ୍ୟନାରାୟଣ କପ କ୍ରିକେଟ: ଫାଇନାଲରେ ବିଶ୍ୱଭାରତୀ



ଚଣ୍ଡିଖୋଲ,୧୫/୧(ସବ୍ୟୁ): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକର ନିଶିମଳା ଖେଳ ପଡିଆରେ ଚାଲିଥିବା ୪୨ତମ ରାଜ୍ୟସ୍ତରୀୟ ସତ୍ୟନାରାୟଣ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶେଷ ପ୍ରଥମ ସେମିଫାଇନାଲ ମ୍ୟାଚ ଗୁରୁବାର ଦିନ ବିଶ୍ୱଭାରତୀ କଟକ ଓ ଯାଜପୁରର ଚନ୍ଦନପୁର କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସଂଘର୍ଷ ପୂର୍ଣ୍ଣ ଏହି ମ୍ୟାଚରେ ଯାଜପୁରର ଚନ୍ଦନପୁରକୁ ୫୩ ରନରେ ହରାଇ କଟକର ବିଶ୍ୱଭାରତୀ ଫାଇନାଲରେ ପହଞ୍ଚି ଥିଲା । କଟକ ବିଶ୍ୱଭାରତୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର ଖେଳରେ ୨୧୧ ରନ ହାସଲ କରିଥିଲେ । ଦଳ ପକ୍ଷରୁ ଜାହିର ୱାରସି ସର୍ବାଧିକ ୫୯ ବଲରେ ୧୦୬ ରନ କରିଥିଲେ । ଦ୍ୱିତୀୟ ପାଳିରେ ଚନ୍ଦନପୁରର ଟିମ ବ୍ୟାଟିଂ କରି ୨୦ ଓଭରରେ ୮ ଟି ୱିକେଟ ହରାଇ ୧୫୮ ରନ କରି ପରାଜୟ ବରଣ କରିଥିଲା । ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ତଥା ପ୍ରେସକ୍ଲବ ଚଣ୍ଡିଖୋଲର ସଭାପତି ବେଣୁଧର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେ ଖେଳକୁ ଉଦଘାଟନ କରିଥିଲେ । ବାହାଦୂତ କ୍ଲବ ସଭାପତି ରଞ୍ଜନକୁମାର ଜେନା,ସାମ୍ବାଦିକ ପ୍ରତାପକେଶରୀ ରାଉତରାୟ,ପ୍ରଶନ୍ନକୁମାର ବିଶ୍ୱାଳ,ବଟକୃଷ୍ଣ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଜାହିର ୱାସିରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ସତ୍ୟନାରାୟଣ ମହାନ୍ତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । କ୍ଲବର ପରିଚାଳକ ବିକାଶ କୁମାର ଦାସ, ସଭାପତି ପ୍ରୀତମ ନାୟକ, ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲା ବେଳେ ଯତିନ୍ଦ୍ର ପ୍ରସାଦ ନାୟକ ଓ ଇନ୍ତେକାମ ଆଲାମ ଖେଳ ପରିଚାଳନା କରିଥିଲେ । ଓମପ୍ରକାଶ ଜେନା, ଶକ୍ତିକାନ୍ତ ଜେନା, ଭବାନୀ ଶଙ୍କର ଜେନା, ପ୍ରସନ୍ନଜିତ ଖିଲାର ପ୍ରମୁଖ ସହଯୋଗ କରିଥିଲେ ।

# ବାବା ଲଙ୍କେଶ୍ୱର ଆନ୍ତଃଜିଲ୍ଲା କ୍ରିକେଟ: ଆଦର୍ଶ କ୍ରିକେଟ ଏକାଡେମୀ ଚାମ୍ପିଅନ

ଖଇରା,୧୫।୧(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ହାଇସ୍କୁଲ ପଡିଆରେ ଚାଲିଥିବା ବାବା ଲଙ୍କେଶ୍ୱର ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ୨୦୨୬ ବୁଧବାର ଦିନ ଉଦ୍ୟାପିତ ହୋଇଯାଇଛି। ରୋମାଞ୍ଚକର ଫାଇନାଲରେ ଆଦର୍ଶ କ୍ରିକେଟ ଏକାଡେମୀ ଉତ୍କଳିକା ସ୍ପୋର୍ଟିଂ ବାସୁଦେବପୁରକୁ ୫୫ରନରେ ପରାସ୍ତ କରି ବିଜୟ ଟ୍ରଫି ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି ଆଦର୍ଶ ଏକାଡେମୀ ୨୦ ଓଭରରେ ୬ ୱିକେଟ ହରାଇ ୨୭୫ରନ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ବିଶାଳ ଦାସମାତ୍ର ୩୮ବଲରୁ ବିସ୍ଫୋରକ ୮୮ରନ କରି ଅପରାଜିତ ରହିଥିଲେ। ୨୭୬ ରନର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲାଇଥିବା ଉତ୍କଳିକା ସ୍ପୋର୍ଟିଂ ୨୦ ଓଭରରେରେ ୯ ୱିକେଟ ହରାଇ ମାତ୍ର ୨୨୦ରନ କରି ପରାଜୟ ସ୍ୱୀକାର କରିଥିଲା। ଓସିଏ ପଯାନେଲ ଅମ୍ପାୟାର ସୁଧାଂଶୁ ଲେଙ୍କା ଓ ଅଶୋକ କୁମାର ରାଉତ ମ୍ୟାଚ ପରିଚାଳନା କରିଥିଲେ। କ୍ରିକେଟ କମିଟି ସଭାପତି ଅଭିମନ୍ୟୁ ରାଉଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟ ଅତିଥି ପଡିଆର ଉନ୍ନତିକରଣ ନୁତନ ଗୃହ ନିର୍ମାଣ ପାଇଁ ୮ ଲକ୍ଷ ଟଙ୍କା ର ଆର୍ଥିକ ଅନୁଦାନ ଘୋଷଣା କରିଥିଲେ। ଖଇରା ବ୍ଲକ ଅଧକ୍ଷ ଅଭିଲିପ୍ସା ସାହୁ, ଜିଲ୍ଲା ପରିଷଦ ସଭ୍ୟ ମାନସ କୁମାର ଦାଶ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ ମହାକୁଡ, ଆଇସିପିଏସ ଅଧ୍ୟକ୍ଷ ରାଜେଶ ମହାକୁଡ,ରାଧାକାନ୍ତ ରାଉଳ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଚାମ୍ପିଅନ ଟିମକୁ ଟ୍ରଫି ସହ ୩୦ହଜାର ଓ ରନର୍ସ ଅପ ଟିମକୁ କପ ସହ ୨୦ହଜାର ଟଙ୍କା ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ଆଦର୍ଶ ଏକାଡେମୀର ମୁକେଶ କୁମାର ଓ ମ୍ୟାନ ଅଫ ଦି ସିରିଜ ଭାବେ ଉତ୍କଳିକା ସ୍ପୋର୍ଟିଂର ଚନ୍ଦ୍ର ଶେଖର ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା। କମିଟି ସମ୍ପାଦକ ଶିବ ସୁନ୍ଦର ଦାସ ବିବରଣୀ ପାଠ ଓ ସୁଶାନ୍ତ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସ୍କୋରର ଭାବେ କମଳାକାନ୍ତ ବେହେରା,ହେମନ୍ତ ଓ ଦିନେଶ,ଭାସ୍ୟକାର ଭାବେ ଉଦୟ ଭାନୁ ପତି ଓ ସୁବାସ ସାର ଦାୟିତ୍ୱ ତୁଲାଇଥିଲେ ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

# କିଟ୍‌ରେ ଚେସ୍ ମହାକୁମ୍ଭ ଉଦ୍‌ଯାପିତ



ଭୁବନେଶ୍ୱର,୧୫।୧(ସବ୍ୟୁ): ଜାନୁଆରୀ ୧୪ ଓ ୧୫ତାରିଖ ଦୁଇ ଦିନ ଧରି କିଟ୍ ରେ ଚାଲିଥିବା ସାମାଜିକ ଏବଂ ଶିକ୍ଷାଗତ ଚେସ୍ (ସୋସିଆଲ୍ ଆଣ୍ଡ ଏଜୁକେସନାଲ୍ ଚେସ୍) ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଏହାକୁ ଅନ୍ତର୍ଜାତୀୟ ଚେସ୍ ଫେଡେରେସନ୍ (ଏଫ୍ଆଇଡିଇ)ର ଉପସଭାପତି ତଥା ଭାରତୀୟ ଗ୍ରାଣ୍ଡ ମାଷ୍ଟର ବିଶ୍ୱନାଥନ୍ ଆନନ୍ଦ ଗତକାଲି ଉଦ୍‌ଘାଟନ କରିଥିଲେ । ଆଜି ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଫିଡେ ସଭାପତି ଆର୍କାଡି ଭୋର୍କୋଭିଚ୍ ନିୟମିତ ଅଭ୍ୟାସ ଓ ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ କହିଲେ, ଯୁବ ଖେଳାଳିମାନଙ୍କୁ ଚେସ୍ ପାଇଁ ଦିନକୁ ଅତି କମରେ ଚାରି ଘଣ୍ଟା ଦେବା ସମୟ ଦେବାକୁ ପଡ଼ିବ । ଚେସ୍ ଧୈର୍ଯ୍ୟଶୀଳ, ନିଷ୍ପତ୍ତି ନେବାର ଦକ୍ଷତା ଓ ଦାୟିତ୍ୱବୋଧ ସୃଷ୍ଟି କରିଥାଏ । ସମାଜର ସମସ୍ତ ବର୍ଗରେ ଚେସ୍‌କୁ ପହଞ୍ଚାଇବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଫଳରେ ଏହାର ଲାଭ ଅଧିକ ଲୋକଙ୍କ ପାଖରେ ପହଞ୍ଚିପାରିବ ବୋଲି ସେ କହିଥିଲେ । ପରେ ଭୋର୍କୋଭିଚ୍ କିସ୍ କ୍ୟାମ୍ପସ ପରିଦର୍ଶନ କରି କିସ୍ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ । କିସ୍ ଭଳି ଏକ ସୁନ୍ଦର ଅନୁଷ୍ଠାନ ପ୍ରତିଷ୍ଠା କରିଥିବାରୁ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସେ ଉଚ୍ଚ ପ୍ରଶଂସା କରିଥିଲେ । ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ସେ କହିଲେ, ତୁମମାନଙ୍କୁ ଏକ ସୁନ୍ଦର ଓ ପରିପୂର୍ଣ୍ଣ କ୍ୟାମ୍ପସ ମିଳିଛି । ଏଠାରେ ଖୁସିରେ ରହି ଆଗକୁ ବଢ଼ିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ଚେସ୍ ଖେଳକୁ ତୃଣମୂଳସ୍ତର ଅର୍ଥାତ ବିଦ୍ୟାଳୟସ୍ତରରୁ ଛାତ୍ରଛାତ୍ରୀମାନେ ଆପଣାଇବାକୁ ସେ କହିଥିଲେ ।

ଫିଡେ ଉପ-ସଭାପତି ଓ ଲାଟଭିଆର ପୂର୍ବତନ ଅର୍ଥମନ୍ତ୍ରୀ ଦାନା ରେଜିନିସ୍ ଚେସ୍ ସହିତ ତାଙ୍କର ବ୍ୟକ୍ତିଗତ ଯାତ୍ରା ବିଷୟରେ ସୂଚନା ଦେବା ସହ କହିଲେ, ସେ ଆଠ ବର୍ଷ ବୟସରୁ ଏହି ଖେଳ ଆରମ୍ଭ କରିଥିଲେ ଏବଂ ସପ୍ତାହରେ ପ୍ରାୟ ଛଅ ଦିନ ଅଭ୍ୟାସ କରୁଥିଲେ । ଚେସ୍ ମାଧ୍ୟମରେ ବ୍ୟକ୍ତିଗତ ସ୍ଥିରତା, ଶୃଙ୍ଖଳା, ରଣନୈତିକ ଚିନ୍ତାଧାରା ଓ ମାନସିକ ଶକ୍ତି ପାଇଁ ସେ ବୃତ୍ତିଗତ ସଫଳତା ପାଇବା ସହ ତାଙ୍କର ମାନସିକ ସ୍ଥିରତା ଆସି ପାରିଛି ବୋଲି ଦାନା କହିଥିଲେ ।

ଏହି ଅବସରରେ ଫିଡେର ଏଜୁକେସନାଲ୍ ଚେସ୍ କମିଶନ ମୁଖ୍ୟ ଜେରି ନାଶ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ, ଜୀବନର ଜଟିଳ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବା ପାଇଁ ଚେସ୍ ହେଉଛି ଏକ ଶକ୍ତିଶାଳୀ ମାଧ୍ୟମ । ଏହି ସମ୍ମିଳନୀ ଶିକ୍ଷା ବ୍ୟବସ୍ଥା ଓ ସମାଜ ମଧ୍ୟରେ ଚେସ୍‌କୁ ଅର୍ଥପୂର୍ଣ୍ଣ ଭାବରେ ରଖିବା ପାଇଁ ବିଶ୍ୱ ଦୃଷ୍ଟିକୋଣକୁ ପ୍ରତିନିଧିତ୍ୱ କରୁଛି ।

କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କ୍ରୀଡ଼ାର ବୌଦ୍ଧିକ ଓ ସାମାଜିକ ଦୃଷ୍ଟିକୋଣ ଉପରେ ଗୁରୁତ୍ୱାରୋପ କରି କହିଲେ, ଚେସ୍ ମାନସିକ କ୍ଷମତାକୁ ତୀକ୍ଷଣ କରିବା ସହ ଜ୍ଞାନ-କେନ୍ଦ୍ରିକ ବୁଦ୍ଧିମତ୍ତାର ବିକାଶ କରିଥାଏ । ଶିକ୍ଷା, ଅନ୍ତର୍ଭୁକ୍ତି ଓ ସାମାଜିକ ଉନ୍ନତି ପାଇଁ ଚେସକୁ ଏକ ମାଧ୍ୟମ ଭାବରେ ପ୍ରୋତ୍ସାହିତ କରିବା ପାଇଁ କିଟ୍‌ର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସ୍ୱାଗତ ଭାଷଣ ଦେଇଥିବା ବେଳେ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି